ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୬/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, July 26/2024 | Page 20 | ₹ 7.00
୫୦ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 242 | ମୂଲ୍ୟ ₹୭/-

# କୃଷିକୁ ପ୍ରାଧାନ୍ୟ, ବଢ଼ିଲା ବଜେଟ ପରିମାଣ



**ଭୁବନେଶ୍ୱର,୨୫।୭(ଅନିଲ ଦାସ)**

୨୦୩୬ରେ ଓଡ଼ିଶା ରାଜ୍ୟ ଗଠନର ଏକ ଶହ ବର୍ଷ ପୂର୍ତ୍ତି ହେବ। ଆଗାମୀ ଦଶନ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ପ୍ରଥମକରି କ୍ଷମତାକୁ ଆସିଥିବା ଭାଜପା ସରକାର ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ କରିଥିବା ବଜେଟରେ ଏଭଳି ଝଲକ ଦେଖିବାକୁ ମିଳିଛି। ଏଥିରେ ଅନ୍ନଦାତା (କୃଷକ), ନାରୀ ଶକ୍ତି ,ସାମାଜିକ ନ୍ୟାୟ, ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥା, ସାବଲୀଳ ଜୀବନଯାପନ, ମୌଳିକ ନାଗରିକ ସୁବିଧା, ବିକଶିତ ଗାଁ, ବିକଶିତ ସହର, ବିକଶିତ ଓଡ଼ିଶା, ଶିଳ୍ପ, ରୋଜଗାର ଓ କର୍ମନିଯୁକ୍ତି, ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି ଏବଂ ଲୋକଙ୍କ ପାଇଁ ସରକାର ଆଦି ୧୦ଟି ଦିଗକୁ ଗୁରୁତ୍ୱ ଦିଆଯାଇଛି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୬୫ ହଜାର କୋଟିର ବଜେଟକୁ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ଉପସ୍ଥାପିତ କରିଛନ୍ତି। ଏଥିରେ ଅଭିବୃଦ୍ଧି, ବିକାଶ, ଭିତ୍ତିଭୂମି ଉନ୍ନୟନ ଓ ପୁଞ୍ଜିନିବେଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହି ବଜେଟର ଆକାର ୨୦୨୩-୨୪ ବଜେଟ ତୁଳନାରେ ୧୫ ପ୍ରତିଶତ ଅଧିକ ହୋଇଛି।

ବଜେଟରେ ବିଜେଡି ସରକାର ଅମଳର ବିଭିନ୍ନ ଯୋଜନାର ନାଁ ପରିବର୍ତ୍ତନ କରି ବ୍ୟୟବରାଦ କରିଛନ୍ତି। ଏଥିସହିତ ୧୯ଟି ନୂଆ ଯୋଜନା ପାଇଁ ବଜେଟରେ ଅର୍ଥ ବରାଦ କରାଯାଇଛି। ନିର୍ବାଚନ ସମୟରେ ଭାଜପା ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ସେସବୁ ପୂରଣ ପାଇଁ ମଧ୍ୟ ବଜେଟରେ ବ୍ୟୟ ବରାଦ ହୋଇଛି।

ଏହାସହିତ ରାଜ୍ୟ ସରକାର ମୋଟ ବଜେଟର ୧୬.୦୪% ଋଣ ଆଣି ନିଜର ନିର୍ବାଚନ ପ୍ରତିଶ୍ରୁତିକୁ ପୂରଣ କରିବେ ବୋଲି ଜଣାପଡ଼ିଛି। ଚଳିତ (୨୦୨୪-୨୫) ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଚଳିତବର୍ଷର ବଜେଟ ଆକାରରେ ୧୫.୨% ବୃଦ୍ଧି ହୋଇଛି। ଚଳିତ ଆର୍ଥିକ ବର୍ଷରେ ନିଜସ୍ୱ ଟିକସ ଓ ଅଣଟିକସ ବାବଦରେ ☞ପୃଷ୍ଠା-୪

| | |
|---|---|
| **ବଜେଟ ଆକାର** | • ୨.୬୫ ଲକ୍ଷ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୨୮.୬%<br>• ୨୦୨୩-୨୪ ବଜେଟ ଅଟକଳଠାରୁ ୧୫% ଅଧିକ |
| **କାର୍ଯ୍ୟକ୍ରମ ବ୍ୟୟ** | • ୧.୫୫ ଲକ୍ଷ କୋଟି ଟଙ୍କା<br>• ମୋଟ ବଜେଟ ଅଟକଳର ୫୮.୫%<br>• ୨୦୨୩-୨୪ ବଜେଟ ଅଟକଳଠାରୁ ୨୪ % ଅଧିକ |
| **ପୁଞ୍ଜିବିନିଯୋଗ** | • ୫୮.୧୯୫ କୋଟି ଟଙ୍କା<br>• ରାଜ୍ୟ ସକଳ ଘରୋଇ ଉତ୍ପାଦର ୬.୩%<br>• ମୋଟ ବଜେଟର ୨୨ % |

### ୧ ଟଙ୍କାର ଆୟ




- ୧.ନିଜସ୍ୱ ଟିକସ ୨୨.୬୪%
- ୨.ନିଜସ୍ୱ ଅଣ ଟିକସ ୨୧.୮୯%
- ୩.କେନ୍ଦ୍ରୀୟ ଟିକସରେ ଅଂଶୀଦାନ ୨୦.୮୪%
- ୪.କେନ୍ଦ୍ରରୁ ଅନୁଦାନ ୧୪.୨୫%
- ୫.ପୁଞ୍ଜି ଆୟ ୨୦.୩୮%

### ୧ ଟଙ୍କାର ବ୍ୟୟ




- ୧.ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ୧.୪୭%
- ୨.ରାଜ୍ୟରୁ ସ୍ଥାନାନ୍ତର ୩.୧୬%
- ୩.ପ୍ରଶାସନିକ ବ୍ୟୟ ୩୬.୮୮ %
- ୪.କାର୍ଯ୍ୟକ୍ରମ ବ୍ୟୟ ୫୮.୪୯%

### ବଦଳିଲା ଯୋଜନା ନାଁ

ବଜେଟରେ ବିଜେଡି ସରକାର ଅମଳର କେତେକ ଯୋଜନାର ନାମ ପରିବର୍ତ୍ତନ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନାଁ ପରିବର୍ତ୍ତନ ହୋଇ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ହୋଇଛି। ସେହିପରି ବିଜୁ ସେତୁର ନାଁ ବଦଳାଇ 'ସେତୁ ବନ୍ଧନ' ଯୋଜନା, ମୋ ସ୍କୁଲର ନାଁ ବଦଳାଇ 'ପଞ୍ଚସଖା ଶିକ୍ଷା ସେତୁ ଯୋଜନା', ଲକ୍ଷ୍ମୀ ଯୋଜନାର ନାମ ପରିବର୍ତ୍ତନ କରି 'ଗ୍ରାମାଞ୍ଚଳ ପରିବହନ' ଯୋଜନା, ଆମ ଓଡ଼ିଶା ନବୀନ ଓଡ଼ିଶାର ନାଁ ବଦଳାଇ 'ବିକଶିତ ଗାଁ ବିକଶିତ ଓଡ଼ିଶା', କାଳିଆ ଯୋଜନାର ନାଁ ବଦଳାଇ 'ସିଏମ୍ କିଷାନ' ଯୋଜନା, ବିଜୁ ପକ୍କାଘର ଯୋଜନା ପରିବର୍ତ୍ତେ 'ଅନ୍ତ୍ୟୋଦୟ ଗୃହ ଯୋଜନା' ଘୋଷଣା କରିଛନ୍ତି ।

# ଖଣି ଟିକସ ଲଗାଇପାରିବେ ରାଜ୍ୟ

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

**ନୂଆଦିଲ୍ଲୀ, ୨୫।୭(ପି.ଟି.)**

ସମ୍ବିଧାନ ଅନୁଯାୟୀ ଖଣି ଏବଂ ଖଣିଜ ପଦାର୍ଥ ରହିଥିବା ଜମି ଉପରେ ଟିକସ ଲଗାଇବାର ବୈଧାନିକ କ୍ଷମତା ରାଜ୍ୟଗୁଡ଼ିକର ରହିଛି। ସୁପ୍ରିମକୋର୍ଟ ଗୁରୁବାର ଦେଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାୟ କେନ୍ଦ୍ର ସରକାରଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ଖଣିଜ ପଦାର୍ଥ ଉପରେ ରୟାଲଟି ପ୍ରଦାନ ଟ୍ୟାକ୍ସ ନୁହେଁ ବୋଲି ୯ ଜଣିଆ ସାମ୍ବିଧାନିକ ପୀଠ ୮:୧ ସଂଖ୍ୟାଗରିଷ୍ଠତାରେ ରାୟ ଦେଇଛନ୍ତି। ସମ୍ବିଧାନର ତାଲିକା-୨ର ଏଣ୍ଟ୍ରି-୫୦ ଅନୁଯାୟୀ ଖଣିଜ ଅଧିକାର ଉପରେ ଟିକସ ବସାଇବା କ୍ଷମତା ପାର୍ଲାମେଣ୍ଟର ନାହିଁ। ତେବେ ପାର୍ଲାମେଣ୍ଟରେ ନୂଆ ଆଇନ ଅଣାଯାଇ ଖଣିଜ ବିକାଶ ସମ୍ପର୍କିତ ରାଜ୍ୟଗୁଡ଼ିକର ବ୍ୟବସ୍ଥାପିକା କ୍ଷେତ୍ର ଉପରେ ଅଙ୍କୁଶ ଲଗାଯାଇପାରିବ। ବର୍ତ୍ତମାନର ଏମ୍ଏମ୍‌ଡିଆର୍ (ଖଣି ଓ ଖଣିଜ ବିକାଶ ଓ ନିୟାମକ) ଆଇନରେ ଏଭଳି କୌଣସି କଟକଣା ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଓ ଅନ୍ୟ ୭ ବିଚାରପତି ସେମାନଙ୍କ ରାୟରେ କହିଛନ୍ତି। ୧୯୮୯ରେ ସୁପ୍ରିମକୋର୍ଟଙ୍କ ୭ ଜଣିଆ ସାମ୍ବିଧାନିକ ପୀଠ ରୟାଲଟିକୁ ଟିକସ ବୋଲି ରାୟ ଦେଇଥିଲେ, ଯାହା ଠିକ୍ ନ ଥିଲା ବୋଲି ସିଜେଆଇ ସଂଖ୍ୟାଗରିଷ୍ଠ ରାୟ ପାଠକରି କହିଛନ୍ତି। ତେବେ ୯ ଜଣିଆ ପୀଠର ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନା ଭିନ୍ନ ମତ ଦେଇଥିଲେ। ଖଣି ଏବଂ ଖଣିଜ ସମ୍ପଦ ଥିବା ଜମି ଉପରେ ଟିକସ ଲଗାଇବାର ବ୍ୟବସ୍ଥାପିକା କ୍ଷମତା ରାଜ୍ୟଗୁଡ଼ିକର ନ ଥିବା ଜଷ୍ଟିସ୍ ନାଗରତ୍ନା କହିଥିଲେ। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ଆଇନ, ୧୯୫୭ ଅନୁଯାୟୀ ଖଣିଜ ପଦାର୍ଥ ଉପରେ ଦିଆଯାଉଥିବା ରୟାଲଟିକୁ ଟ୍ୟାକ୍ସ ବିବେଚନା କରାଯିବ କି ନାହିଁ ଏବଂ ଏହି ଟ୍ୟାକ୍ସ ଲଗାଇବା କ୍ଷମତା କେବଳ କେନ୍ଦ୍ର ପାଖରେ ରହିଛି ନା ରାଜ୍ୟଗୁଡ଼ିକର ସେମାନଙ୍କ ଅଞ୍ଚଳ ମଧ୍ୟରେ ଥିବା ଖଣିଜ ଉପରେ ଟିକସ ଲଗାଇବା କ୍ଷମତା ରହିଛି, ତାହା ଉପରେ ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ପୀଠ ଉପରେ ଛଡ଼ାଯାଇଥିଲା। ଉକ୍ତ ପୀଠରେ ସିଜେଆଇ ଏବଂ ଜଷ୍ଟିସ୍ ନାଗରତ୍ନାଙ୍କ ସମେତ ଜଷ୍ଟିସ ହୃଷୀକେଶ ରାୟ, ଅଭୟ ଏସ୍ ଓକା, ଜେ.ବି. ପର୍ଡିୱାଲା, ମନୋଜ ମିଶ୍ରା, ଉଜ୍ଜଳ ଭୂୟାଁ, ସତୀଶ ଚନ୍ଦ୍ର ଶର୍ମା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହ ରହିଛନ୍ତି।

# ଆଜିଠୁ ପ୍ୟାରିସ୍ ଅଲିମ୍ପିକ୍ସ

## ପ୍ରଥମ ଥର ନଦୀରେ ହେବ ଉଦ୍‌ଘାଟନୀ ସମାରୋହ

**ପ୍ୟାରିସ୍,୨୫।୭(ପି.ଟି.)**

ପ୍ୟାରିସ୍ ପ୍ରସ୍ତୁତ। ବିଶ୍ୱର ୧୦,୫୦୦ରୁ ଊର୍ଦ୍ଧ୍ୱ ଆଥଲେଟ୍‌ଙ୍କ ସମାଗମରେ 'ସିଟି ଅଫ୍ ଲାଇଟ୍ସ' ହୋଇଉଠିଛି ଚଳଚଞ୍ଚଳ। ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହେବ ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସର ୩୩ତମ ସଂସ୍କରଣ। ବିଶ୍ୱର ପ୍ରଥମ ସହର ଭାବରେ ପ୍ୟାରିସ୍ ତୃତୀୟ ଥର ପାଇଁ ଅଲିମ୍ପିକ୍ସ ଆୟୋଜନ କରିବାକୁ ଯାଉଛି। ଦୀର୍ଘ ୧୦୦ ବର୍ଷ ପରେ ପ୍ୟାରିସ୍‌କୁ ଅଲିମ୍ପିକ୍ସ ପ୍ରତ୍ୟାବର୍ତ୍ତନ କରିଥିବାରୁ ଏହାକୁ ସ୍ମରଣୀୟ କରିବା ପାଇଁ ଆୟୋଜକମାନେ ପ୍ରତିଶ୍ରୁତିବଦ୍ଧ। ଏଥର ନିଆରା ଢଙ୍ଗରେ ହେବ ଉଦ୍‌ଘାଟନୀ ସମାରୋହ। ପୂର୍ବରୁ ଷ୍ଟାଡିୟମରେ ଏହି ମେଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଏଥର ସିନ୍ ନଦୀରେ ଦେଖିବାକୁ ମିଳିବ ଉଦ୍‌ଘାଟନୀ ଝଲକ। ଏଥିରେ ଫ୍ରାନ୍ସର କଳା, ସଂସ୍କୃତି, ଭାସ୍କର୍ଯ୍ୟ ପ୍ରତିଫଳିତ ହେବା ସହ ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ। ୯୦ଟି ଡଙ୍ଗାରେ ଆଥଲେଟମାନଙ୍କ ପରେଡ୍ ଅନୁଷ୍ଠିତ ହେବ। ପ୍ରାୟ ୬ କି.ମି. ଯାଏ ଏହି ପରେଡ ହେବାକୁ ଥିବାବେଳେ ସିନ୍ ନଦୀର ଉଭୟ ପାର୍ଶ୍ୱରେ ୩ ଲକ୍ଷ ୨୦ ହଜାର ଦର୍ଶକ ପରେଡ୍‌ର ମଜା ଉଠାଇବେ। ଅଷ୍ଟରଲିଜ୍ ବ୍ରିଜ୍ ନିକଟରୁ ଆରମ୍ଭ ହୋଇ ପରେଡ୍ ଇଫେଲ ଟାୱାରର ଟ୍ରକାଡେରୋ ଗାର୍ଡେନ୍ସରେ ଶେଷ ହେବ। ବର୍ଷା ହେବାର ସମ୍ଭାବନା ଥିଲେ ମଧ୍ୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ଆରମ୍ଭ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପ୍ୟାରିସ ସମୟ ସନ୍ଧ୍ୟା ୭.୩୦ ତଥା ଭାରତୀୟ ସମୟ ରାତି ୧୧.୦୦ରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆରମ୍ଭ ହେବ। କିମ୍ବଦନ୍ତୀ ଫୁଟବଲର ଜିନେଡିନ ଜିଡାନ୍ ଅଲିମ୍ପିକ୍ସ ମଶାଲରେ ଅଗ୍ନି ସଂଯୋଗ ସହ ଏହି ସମାରୋହ ଆରମ୍ଭ ହେବ। ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

ତାଲିବାନ୍ ଶାସନରେ ଲିଙ୍ଗଗତ ବିଭେଦ










**ବାଂଲାଦେଶ ହିଂସା: ସ୍ୱଦେଶ ଫେରିଛନ୍ତି ୬,୭୦୦ ଭାରତୀୟ**

ବାଂଲାଦେଶରେ ସଂରକ୍ଷଣ ବିରୋଧୀ ହିଂସା ଯୋଗୁ ୬, ୭୦୦ରୁ ଅଧିକ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାଂଲାଦେଶର ଶେଖ୍ ହାସିନା ସରକାରଙ୍କ ସହଯୋଗରେ ଏତେ ସଂଖ୍ୟାରେ ଭାରତୀୟ ଫେରିବା ସମ୍ଭବ ହୋଇପାରିଥିବା ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସୂଚନା ଦେଇଛନ୍ତି।

## ବହିର୍ବ୍ୟାପାରରେ ରାଜ୍ୟଗୁଡ଼ିକ ହସ୍ତକ୍ଷେପ ନ କରନ୍ତୁ

**ନୂଆଦିଲ୍ଲୀ, ୨୫।୭**

ରାଜ୍ୟ ସରକାର ନିଜ ସାମ୍ବିଧାନିକ ଅଧିକାର କ୍ଷେତ୍ର ବାହାରେ କୌଣସି ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର କହିଛି। କେରଳ ସରକାର ନିଜ ସାମ୍ବିଧାନିକ କ୍ଷମତା ବାହାରେ ଜଣେ ବ୍ୟୁରୋକ୍ରାଟ୍‌ଙ୍କୁ ବହିର୍ବ୍ୟାପାର ସଚିବ ନିଯୁକ୍ତ କରିବା ଘଟଣାରେ ମନ୍ତ୍ରଣାଳୟ ଉପରୋକ୍ତ ପ୍ରତିକ୍ରିୟା ଦେଇଛି। ସମ୍ବିଧାନର ସପ୍ତମ ଅନୁଚ୍ଛେଦ ତାଲିକା-୧-କେନ୍ଦ୍ର ତାଲିକାର ବିଷୟ ୧୦ରେ ସ୍ପଷ୍ଟ ଭାବେ ଲେଖାଅଛି ବହିର୍ବ୍ୟାପାର ଏବଂ ବାହାର ଦେଶ ସହ ସମ୍ପର୍କ ରଖିବା ବିଷୟ କେବଳ କେନ୍ଦ୍ର ସରକାରଙ୍କ ବିଶେଷ ଅଧିକାର। ଏହା ସମବର୍ତ୍ତୀ କିମ୍ବା ରାଜ୍ୟ ବିଷୟ ନୁହେଁ। ତେଣୁ ରାଜ୍ୟଗୁଡ଼ିକ ସେମାନଙ୍କ ସାମ୍ବିଧାନିକ କ୍ଷମତା କ୍ଷେତ୍ର ବାହାରେ କୌଣସି ବିଷୟରେ ହସ୍ତକ୍ଷେପ ନ କରିବାକୁ ବହିର୍ବ୍ୟାପାର ସଚିବ ରଣଧୀର ଜୟସ୍ୱାଲ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୫ ତାରିଖରେ କେରଳ ସରକାର ଶ୍ରମ ଓ ଦକ୍ଷତା ବିକାଶ ସଚିବ କେ. ବାସୁକୀଙ୍କୁ ଅତିରିକ୍ତ ଭାବେ ବହିର୍ବ୍ୟାପାର ସହଯୋଗ ଦାୟିତ୍ୱ ଦେଇଥିଲେ। ସରକାରଙ୍କ ଏଭଳି ପଦକ୍ଷେପ ଅସାମ୍ବିଧାନିକ ବୋଲି ଭାଜପା ନେତା ପି.ପି. ଚୌଧରୀ ଅଭିଯୋଗ କରିଥିଲେ।

# ପୁଣେରେ ବର୍ଷା ବିଘାତ, ୬ ମୃତ

- ସମସ୍ତ ସ୍କୁଲ, କଲେଜ ବନ୍ଦ
- ବିମାନ ଚଳାଚଳ ବାଧାପ୍ରାପ୍ତ

## ଉଦ୍ଧାର କାର୍ଯ୍ୟରେ ସେନା ନିୟୋଜିତ

**ପୁଣେ, ୨୫।୭**

ଲଗାଣ ବର୍ଷା ଓ ବନ୍ୟାରେ ମହାରାଷ୍ଟ୍ରର ପୁଣେ ସହର ଗମ୍ଭୀର ଭାବେ ପ୍ରଭାବିତ ହୋଇଛି। ସେହିପରି ରାଜ୍ୟର ମୁମ୍ବାଇ ଓ ପାଲଘରରେ ଲଗାଣ ବର୍ଷାର ପ୍ରଭାବ ପଡ଼ିଛି। ବର୍ଷା ଯୋଗୁ ମହାରାଷ୍ଟ୍ରରେ ପ୍ରବାହିତ ଅଧିକାଂଶ ନଦୀ ଓ ହ୍ରଦଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେବେ ପୁଣେ ସହରର ଅଧିକାଂଶ ଅଞ୍ଚଳରେ ଜଳବନ୍ଦୀ ଓ ବନ୍ୟାସ୍ଥିତି ଦେଖାଯାଇ ଜନଜୀବନ ପ୍ରଭାବିତ ହୋଇଛି। ସହରର ରାସ୍ତାଠୁ ଆରମ୍ଭ କରି ରେଳ ଟ୍ରାକ୍ ପର୍ଯ୍ୟନ୍ତ ଚାରିଆଡ଼େ ଜଳମଗ୍ନସ୍ଥିତି ସୃଷ୍ଟି ହୋଇଛି। ପୁଣେ ମେଟ୍ରୋ ଷ୍ଟେଶନରେ ବନ୍ୟା ପାଣି ପ୍ରବେଶ କରିଛି। ସେହିପରି ପୁଣେର ବାର୍ଭି ବ୍ରିଜ୍ ବନ୍ୟା ଜଳରେ ବୁଡ଼ି ଯାଇଛି।

ଜଳବନ୍ଦୀ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ପୁଣେରେ ଭାରତୀୟ ସେନାର ଅନେକ କଣ୍ଟିଜେଣ୍ଟ ନିୟୋଜିତ ହୋଇଛନ୍ତି। ସର୍ବାଧିକ ପ୍ରଭାବିତ



ପୁଣେରେ ଜଳବନ୍ଦୀ ହୋଇ ରହିଥିବା ଲୋକମାନଙ୍କୁ ଉଦ୍ଧାର କରାଯାଉଛି।

ଏକତାଗଡ଼ସ୍ଥିତ ସିଂହଗଡ଼ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ପାଇଁ ଭାରତୀୟ ସେନାର ୨ଟି କଣ୍ଟିଜେଣ୍ଟ ନିୟୋଜିତ ହୋଇଛନ୍ତି। ଏହାବ୍ୟତୀତ ଜାତୀୟ ବିପର୍ଯ୍ୟୟ ସୁରକ୍ଷା ବଳ(ଏନ୍‌ଡିଆର୍‌ଏଫ୍), ଦମକଳ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି।

ଯଦି ଆବଶ୍ୟକ ପଡ଼େ ଜଳବନ୍ଦୀ ଥିବା ଲୋକଙ୍କୁ ଆକାଶମାର୍ଗରେ ସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି।

ଲଗାତର ବର୍ଷା ଓ ଜଳବନ୍ଦୀସ୍ଥିତି ଯୋଗୁ ଗୁରୁବାର ସହରରେ ୬ ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ବିଜୁଳି ଆଘାତରେ ୩ ଜଣ ପ୍ରାଣ ହରାଇଛନ୍ତି। ଲଗାଣ ବର୍ଷାରେ ପୁଣେର ୧୫ଟି ଆବାସିକ କଲୋନୀ ଜଳମଗ୍ନ ହୋଇଥିବାବେଳେ ସହରର ବିଜୁଳି ଏବଂ ପାଣି ସେବା ଠପ୍ ହୋଇଛି। ଲଗାଣ ବର୍ଷା ଓ ବନ୍ୟା ଆଶଙ୍କା ଯୋଗୁ ଲୋକମାନଙ୍କୁ ଘରୁ ବାହାରିବାକୁ ବାରଣ କରାଯାଇଛି। ସ୍ଥିତିକୁ ଦେଖି ରାଜ୍ୟ ସରକାର ପୁଣେ ସହରର ସମସ୍ତ ସ୍କୁଲ୍ ଓ କଲେଜକୁ ଗୁରୁବାର ବନ୍ଦ ରଖିଛନ୍ତି।

ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁ ମୁମ୍ବାଇରେ ବିମାନ ସେବା ପ୍ରଭାବିତ ହୋଇଛି। ମୁମ୍ବାଇକୁ ଯାଉଥିବା କିଛି ଉଡ଼ାଣ ବାତିଲ ହେବା ସହ ଅନ୍ୟ କିଛି ଉଡ଼ାଣର ମାର୍ଗ ବଦଳିଥିବା ଏୟାର ଇଣ୍ଡିଆ, ଇଣ୍ଡିଗୋ, ସ୍ୱାଇସ୍ ଜେଟ ସମେତ ବିଭିନ୍ନ ଏୟାରଲାଇନ୍ସ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଆଡ୍‌ଭାଇଜରି ଜାରି କରାଯାଇଛି।

## ରାଷ୍ଟ୍ରପତି ଭବନର ଦରବାର, ଅଶୋକା ହଲ୍ ନାମ ବଦଳିଲା

**ନୂଆଦିଲ୍ଲୀ, ୨୫।୭**

ରାଷ୍ଟ୍ରପତି ଭବନର ଦରବାର ହଲ୍ ଓ ଅଶୋକା ହଲ୍‌ର ନାମ ପରିବର୍ତ୍ତନ କରାଯାଇ ଯଥାକ୍ରମେ ଗଣତନ୍ତ୍ର ମଣ୍ଡପ ଓ ଅଶୋକ ମଣ୍ଡପ ରଖାଯାଇଛି। ଭାରତୀୟ ସଂସ୍କୃତି ଏବଂ ନୈତିକତାକୁ ପ୍ରତିଫଳିତ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଥିବା ନେଇ ଗୁରୁବାର ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣତଃ ପ୍ରାଚୀନ ଭାରତୀୟ ଶାସକ ଏବଂ ବ୍ରିଟିଶ୍ କୋର୍ଟ ଓ ସଭା ସହ ସମ୍ବନ୍ଧିତ ଥିବା ଦରବାର ଦେଶ ସ୍ୱାଧୀନତା ହେବା ପରେ ନିଜ ପ୍ରାସଙ୍ଗିକତା ହରାଇଛି। ସେହିପରି ପ୍ରାଚୀନ କାଳରୁ ଭାରତୀୟ ସମାଜରେ ଗଣତନ୍ତ୍ରର ଏକ ସ୍ୱତନ୍ତ୍ର ପରିଚୟ ରହିଥିବାରୁ 'ଗଣତନ୍ତ୍ର ମଣ୍ଡପ'ର ନାମକୁ ଏହି ବିଜ୍ଞପ୍ତିରେ ଯଥାର୍ଥ ଦର୍ଶାଯାଇଛି। ଅନ୍ୟପକ୍ଷରେ 'ଅଶୋକା ହଲ୍' ଇଂରାଜୀକରଣର ଛାପକୁ ଦର୍ଶାଉଥିବା ବେଳେ ଏହାର ନାମ ପରିବର୍ତ୍ତନ କରି ଅଶୋକ ମଣ୍ଡପ କରିବା ଦ୍ୱାରା ଶାନ୍ତି ଓ ଏକତାର ପ୍ରତୀକ ସମ୍ରାଟ ଅଶୋକଙ୍କ ମୂଲ୍ୟକୁ ବଜାୟ ରଖାଯାଇପାରିଛି। ଭାରତୀୟ ଧାର୍ମିକ ପରମ୍ପରାରେ ମଣ୍ଡପର ଗଭୀର ମହତ୍ତ୍ୱ ଥିବା ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

## ଶିକ୍ଷକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ୯ମ ଗିରଫଦାରି

**ଜୟପୁର, ୨୫।୭**

ରାଜସ୍ଥାନର '୨୦୨୨ ବରିଷ୍ଠ ଶିକ୍ଷକ ଦ୍ୱିତୀୟ ଶ୍ରେଣୀ ପ୍ରତିଯୋଗିତାମୂଳକ ପରୀକ୍ଷା ପେପର ଲିକ୍' ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗୁରୁବାର ୯ମ ଅଭିଯୁକ୍ତଙ୍କୁ ଗିରଫ କରିଛି। ମାମଲାରେ ଅଭିଯୁକ୍ତ ଅନୀତା ମୀନାଙ୍କୁ ଗିରଫ କରି ଇଡି ଜୟପୁରର ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ) କୋର୍ଟଙ୍କ ସମ୍ମୁଖରେ ହାଜର କରିଥିଲା। କୋର୍ଟ ଅନୀତାଙ୍କୁ ୨ ଦିନ ପାଇଁ ଇଡି ହାଜତକୁ ପଠାଇଛନ୍ତି। ଏହି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଅନୀତା ମୁଖ୍ୟ ଅଭିଯୁକ୍ତ ଅନିଲ କୁମାର ମୀନାଙ୍କୁ ସକ୍ରିୟ ଭାବେ ସାହାଯ୍ୟ କରିଥିଲେ। ସେଥିପାଇଁ ସେ ଅନିଲଙ୍କଠାରୁ ବିପୁଳ ପରିମାଣର ନଗଦ ଅର୍ଥ ମଧ୍ୟ ପାଇଥିବା ନେଇ ଇଡି ବୟାନ ଜାରି କରିଛି।

# ଘରୋଇକରଣ ନିଯୁକ୍ତି ସୁଯୋଗ ଛଡ଼ାଇନେଉଛି: ବିରୋଧୀ

**ନୂଆଦିଲ୍ଲୀ, ୨୫।୭(ପି.ଟି.)**

ସରକାର ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ଘରୋଇକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ହ୍ରାସ ପାଉଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରତିକୂଳ ପ୍ରଭାବ ସମସ୍ୟାକୁ ଆହୁରି ଗମ୍ଭୀର କରିଥିବା ଲୋକ ସଭାରେ ବିରୋଧୀ ସଦସ୍ୟମାନେ କହିଛନ୍ତି। ନିମ୍ନ ସଦନରେ ଗୁରୁବାର ବଜେଟ ଆଲୋଚନାରେ ଭାଗନେଇ ଶିବସେନା (ୟୁବିଟି) ସଦସ୍ୟ ଅରବିନ୍ଦ ସାୱନ୍ତ କହିଥିଲେ, ଦେଶରେ କିପରି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାକୁ ଯାଉଛି, ସରକାର ତାହାର ସ୍ପଷ୍ଟ ସୂଚନା ଦିଅନ୍ତୁ। ଯୁବତୀଯୁବକ ଇଣ୍ଟର୍ନଶିପ୍ ନୁହେଁ, ନିଯୁକ୍ତି ଚାହାନ୍ତି। ସରକାର ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ କରିସାରିଲେଣି।



ରଭନୀତ ସିଂ ବିଟ୍ଟୁ



ଚରଣଜିତ ସିଂ ଚନ୍ନି

ଘରୋଇକରଣ ଯୁବବର୍ଗଙ୍କଠାରୁ ନିଯୁକ୍ତି ସୁଯୋଗ ଛଡ଼ାଇ ନେଇଥିବା ସାୱନ୍ତ କହିଥିଲେ। ବ୍ୟାଙ୍କ, ବୀମା ଓ ଅନ୍ୟାନ୍ୟ ସେକ୍ଟରରେ ପୂରାଦମ୍‌ରେ ଏଆଇର ଉପଯୋଗ ହେବା ପରେ ନିଯୁକ୍ତି ସ୍ଥିତି ଆହୁରି ସଙ୍ଗିନ ହୋଇଯିବ। ବଜେଟରେ ସରକାର ଯୁବବର୍ଗଙ୍କ ପାଇଁ ଯେଉଁ ଘୋଷଣା କରିଛନ୍ତି, ତାହା ସାମୟିକ ପଦକ୍ଷେପ। ପୂର୍ବରୁ ସରକାର ବର୍ଷକୁ ୨ କୋଟି ନିଯୁକ୍ତି ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ଏବେ ଆଗାମୀ ୫ ବର୍ଷରେ ୧ କୋଟିଙ୍କୁ ଇଣ୍ଟର୍ନଶିପ୍ ଯୋଗାଇବେ ବୋଲି କହୁଥିବା ସମାଜବାଦୀ ପାର୍ଟି ସଦସ୍ୟ ରାଜୀବ ରାୟ କହିଥିଲେ।

ପୂର୍ବାହ୍ନରେ ବଜେଟ ବିତର୍କ ବେଳେ କଂଗ୍ରେସ ଏମ୍‌ପି ଚରଣଜିତ ସିଂ ଚନ୍ନି ଏବଂ ଭାଜପା ସଦସ୍ୟ ରଭନୀତ ସିଂ ବିଟ୍ଟୁଙ୍କ ମଧ୍ୟରେ କଥା କଟାକଟିରୁ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ। ଫଳରେ ଗୃହକୁ ୨ ଥର ମୁଲତବୀ ରଖିବାକୁ ପଡ଼ିଥିଲା। ଚନ୍ନି ଗୃହରେ ବିଟ୍ଟୁଙ୍କ ଜେଜେ ତଥା ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂ ହତ୍ୟା ପ୍ରସଙ୍ଗ ଉଠାଇବାରୁ ଉଭୟଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ରେଳ ରାଷ୍ଟ୍ରମନ୍ତ୍ରୀ ଥିବା ବିଟ୍ଟୁ କଂଗ୍ରେସ ନେତା ଚନ୍ନିଙ୍କ ସମେତ ସୋନିଆ ଗାନ୍ଧୀଙ୍କ ଉପରେ କେତେକ ବ୍ୟକ୍ତିଗତ ମନ୍ତବ୍ୟ ଦେବାରୁ ଗୃହରେ ଉତ୍ତେଜନା ଦେଖାଦେଇଥିଲା।

## ଏନ୍‌ଇଇଟି-ୟୁଜି ସଂଶୋଧିତ ଫଳ ପ୍ରକାଶିତ

**ନୂଆଦିଲ୍ଲୀ, ୨୫।୭**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଗୁରୁବାର ଏନ୍‌ଇଇଟି-ୟୁଜିର ସଂଶୋଧିତ ଫଳାଫଳ ପ୍ରକାଶ କରିଛି। ଚଳିତ ବର୍ଷ ମେ' ୫ରେ ଅନୁଷ୍ଠିତ ଏହି ପରୀକ୍ଷାରେ ପଦାର୍ଥ ବିଜ୍ଞାନର ଗୋଟିଏ ପ୍ରଶ୍ନର ୨ଟି ଉତ୍ତରକୁ ଠିକ୍ ଦର୍ଶାଯାଇ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଯେକୌଣସି ଗୋଟିଏ ଉତ୍ତର ଦେଇଥିବା ଛାତ୍ରୀଛାତ୍ରଙ୍କୁ ୪ ନମ୍ବର ଦେଇଥିଲା। ତେବେ କେବଳ ଗୋଟିଏ ଉତ୍ତର ଠିକ୍ ବୋଲି ଆଇଆଇଟି ଦିଲ୍ଲୀ ରିପୋର୍ଟ ଦେବା ପରେ ସଂଶୋଧିତ ଫଳ ପ୍ରକାଶ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଥିଲେ। ପରୀକ୍ଷାର୍ଥୀ ଏନ୍‌ଟିଏର ଅଫିସିଆଲ ୱେବ୍‌ସାଇଟ୍ nta.ac.inରେ ସେମାନଙ୍କ ସଂଶୋଧିତ ଫଳାଫଳ ଦେଖିପାରିବେ। ସୂଚନାଯୋଗ୍ୟ, ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ରର ପଦାର୍ଥବିଜ୍ଞାନ ବିଭାଗର ୨୯ ନମ୍ବର ପ୍ରଶ୍ନର ୨ଟି ସମ୍ଭାବ୍ୟ ଠିକ୍ ଉତ୍ତର ରହିଥିବା ଜଣେ ଛାତ୍ର ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ପ୍ରକୃତରେ କେଉଁ ଉତ୍ତର ଠିକ୍ ଆଇଆଇଟି ଦିଲ୍ଲୀ ଏକ ୩ ଜଣିଆ ବିଶେଷଜ୍ଞ କମିଟି ଗଠନ କରି ରିପୋର୍ଟ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଏନ୍‌ଇଇଟି-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇ ଏହାକୁ ବାତିଲ କରିବା ସହ ସାନି ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ୪୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଏର ହୋଇଥିଲା। ତେବେ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ଅସାଧୁ ଉପାୟ ଅବଲମ୍ବନ ସମ୍ପର୍କରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଦର୍ଶାଇ ସାନି ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଥିଲେ।

# ଦେଶର ଏକତା ପାଇଁ ନୂଆ ପିଢ଼ିକୁ ଦାୟିତ୍ୱ ଦେଲି: ବାଇଡେନ୍

**ହାରିସ୍ ଶାସନ କରିବାକୁ ଅଯୋଗ୍ୟ: ଟ୍ରମ୍ପ୍**

**ୱାଶିଂଟନ, ୨୫।୭**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଡେମୋକ୍ରାଟିକ୍ ପ୍ରାର୍ଥିତ୍ୱ ଦୌଡ଼ରୁ ଓହରିଯିବା ଏବଂ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିବାର କାରଣ ସମ୍ପର୍କରେ କହିଛନ୍ତି, ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧି ରଖିବା ଏବଂ ନୂଆ ପିଢ଼ିକୁ କ୍ଷମତା ହସ୍ତାନ୍ତର ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରାର୍ଥିତ୍ୱ ଦୌଡ଼ରୁ ଓହରିଯିବା ପରେ ପ୍ରଥମ ଥର ପାଇଁ ବାଇଡେନ୍ ଆମେରିକା ଜନସାଧାରଣଙ୍କୁ ସମ୍ବୋଧନ କରି ଏହା କହିଛନ୍ତି। ସେ



ଜୋ ବାଇଡେନ୍

ଦୀର୍ଘବର୍ଷ ହେଲା ରାଜନୀତିରେ ରହିଛନ୍ତି ଓ ପବ୍ଲିକ୍ ଲାଇଫ୍ ସମ୍ପର୍କରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ତେବେ ନୂଆ ସ୍ୱର ଏବଂ ଯୁବ ସ୍ୱର ଉତ୍ତୋଳନ ହେବା ବର୍ତ୍ତମାନର ସମୟର ଆବଶ୍ୟକତା ବୋଲି ଭାବପ୍ରବଣ ରାଷ୍ଟ୍ରପତି ଓଭାଲ ଅଫିସ୍‌ରେ ଉଦ୍‌ବୋଧନ ଦେଇ କହିଥିଲେ।

ଅନ୍ୟପକ୍ଷରେ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ହାରିସ୍‌ଙ୍କୁ କଡ଼ା ସମାଲୋଚନା କରିଛନ୍ତି। ହାରିସ୍ ଜଣେ କଠୋରପନ୍ଥୀ ବାମପନ୍ଥୀ ପାଗଳ। ତାଙ୍କ ହାତକୁ କ୍ଷମତା ଗଲେ ଦେଶ ଧ୍ୱଂସ ହୋଇଯିବ ବୋଲି ଟ୍ରମ୍ପ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ହାରିସ ଡେମୋକ୍ରାଟିକ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଯାଉଥିବାବେଳେ ୭୮ ବର୍ଷୀୟ ଟ୍ରମ୍ପ୍ ପ୍ରଥମ ଥର ପାଇଁ ଏକ ସଭାକୁ ଉଦ୍‌ବୋଧନ ଦେବା ଅବସରରେ ତାଙ୍କ ଉପରେ ଜୋର୍‌ଦାର ବର୍ଷିଛନ୍ତି। ସୂଚନାଯୋଗ୍ୟ, ଗତ ରବିବାର ରାଷ୍ଟ୍ରପତି ବାଇଡେନ୍ ଡେମୋକ୍ରାଟିକ୍ ପ୍ରାର୍ଥିତ୍ୱ ଦୌଡ଼ରୁ ଓହରିଯିବା ସହ ହାରିସ୍‌ଙ୍କୁ ତାଙ୍କ ରାଜନୈତିକ ଉତ୍ତରାଧିକାରୀ ଭାବେ ଉପସ୍ଥାପନ କରିଥିଲେ।

# ମହିଳା ସଶକ୍ତୀକରଣ: ୨୯ରୁ କଂଗ୍ରେସର ଆନ୍ଦୋଳନ

**ନୂଆଦିଲ୍ଲୀ, ୨୫।୭(ପି.ଟି.)**

ମହିଳାମାନଙ୍କ ରାଜନୈତିକ ଓ ଅର୍ଥନୈତିକ ସଶକ୍ତୀକରଣ ସମେତ ସାମାଜିକ ନ୍ୟାୟ ଓ ସୁରକ୍ଷା ଅଧିକାର ପାଇଁ ଅଖିଳ ଭାରତ ମହିଳା କଂଗ୍ରେସ ଆସନ୍ତା ୨୯ ତାରିଖରୁ ଦେଶବ୍ୟାପୀ ଆନ୍ଦୋଳନ ଚଳାଇବ। କଂଗ୍ରେସ ମହିଳା ଶାଖା ସଭାନେତ୍ରୀ ଅଲକା ଲାମ୍ବା ଗୁରୁବାର ଏଆଇସିସି ମୁଖ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି। ଦିଲ୍ଲୀର ଯନ୍ତରମନ୍ତରରୁ ଆନ୍ଦୋଳନ ଆରମ୍ଭ ହୋଇ ପ୍ରତ୍ୟେକ ରାଜ୍ୟର ରାଜଧାନୀ, ବଡ଼ ସହର ଓ ଜିଲାରେ ଅନୁଷ୍ଠିତ ହେବ। ମହିଳାମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ



ଅଲକା ଲାମ୍ବା

ଜାରି ରହିବ ବୋଲି ଲାମ୍ବା କହିଛନ୍ତି।

ଆନ୍ଦୋଳନରେ ୩ଟି ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ଦାବି ରହିବ। ମହିଳାମାନଙ୍କ ରାଜନୈତିକ ସଶକ୍ତୀକରଣ ଏବଂ ଭାଗୀଦାରିତା ପାଇଁ ମହିଳା ସ୍ଥାନ ସଂରକ୍ଷଣ ଆଇନ ତୁରନ୍ତ ଲାଗୁ କରାଯାଉ। ଏଥିସହ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ମହିଳାମାନଙ୍କ ପାଇଁ ସଂରକ୍ଷଣ ଓ ଭାଗୀଦାରିତାକୁ ସୁନିଶ୍ଚିତ କରାଯାଉ ବୋଲି ଲାମ୍ବା କହିଛନ୍ତି। ଦରଦାମ୍ ବୃଦ୍ଧି ଏବଂ ବେରୋଜଗାରି ଯୋଗୁ ଅତିଷ୍ଠ ହୋଇପଡ଼ିଥିବା ମହିଳାମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସଶକ୍ତ କରାଯିବା ଦ୍ୱିତୀୟ ଦାବି ରହିଛି। କଂଗ୍ରେସ ଗତ ନିର୍ବାଚନ ସମୟରେ ଏହାର ଇସ୍ତାହାରର ନାରୀ ନ୍ୟାୟ ଅଧୀନରେ ମହାଲକ୍ଷ୍ମୀ ଯୋଜନା ଲାଗୁ କରାଯିବ ବୋଲି ପ୍ରସ୍ତାବ ଦେଇଥିଲା। କଂଗ୍ରେସ କ୍ଷମତାକୁ ଆସିଥିଲେ ଏହି ଯୋଜନାରେ ମହିଳାମାନଙ୍କୁ ବ୍ୟାଙ୍କ ଆକାଉଣ୍ଟକୁ ବର୍ଷକୁ ୧ ଲକ୍ଷ ଅର୍ଥାତ୍ ମାସକୁ ୮,୫୦୦ ଟଙ୍କା ପଠାଯାଇଥାନ୍ତା। ମହିଳାମାନଙ୍କୁ ମାସିକ ୮,୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବାକୁ ଲାମ୍ବା ଦାବି କରିଛନ୍ତି। ତୃତୀୟରେ ମହିଳାଙ୍କୁ ସାମାଜିକ ନ୍ୟାୟ ଓ ସୁରକ୍ଷା ଅଧିକାର ଯୋଗାଇଦେବାକୁ ଦାବି ହୋଇଛି। ଦେଶରେ ମହିଳା ବିରୋଧୀ ହିଂସା ବଢ଼ିଚାଲିଛି। ନିକଟରେ ମଧ୍ୟପ୍ରଦେଶର ରେୱାରେ ୨ ଜଣ ମହିଳାଙ୍କୁ ଜିଅନ୍ତା ପୋତିଦେବା ଘଟଣା ଦେଶକୁ ଲଜ୍ଜିତ କରିଥିଲା। ନ୍ୟୁ ମୁମ୍ବାଇରେ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ତେଣୁ ମହିଳାମାନଙ୍କ ସୁରକ୍ଷା ଓ ସାମାଜିକ ନ୍ୟାୟ ଅଧିକାର ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ଲାମ୍ବା କହିଛନ୍ତି।

**ଫୁର୍‌ସତ**

## ଭାରତର ୫ ବିପଦପୂର୍ଣ୍ଣ ରନ୍‌ୱେ



**ନୂଆଦିଲ୍ଲୀ:** ନେପାଳ ବିମାନ ଦୁର୍ଘଟଣାରେ ବୁଧବାର ୧୮ ଜଣଙ୍କ ଜୀବନ ଚାଲିଯିବା ପରେ ବିମାନବନ୍ଦରର ରନ୍‌ୱେକୁ ନେଇ ପ୍ରଶ୍ନ ଉଠିଛି। ଏହି ପରିପ୍ରେକ୍ଷୀରେ ଭାରତରେ ଥିବା ୫ ବିପଜ୍ଜନକ ରନ୍‌ୱେ ଫୋକସ୍‌କୁ ଆସିଛି। ଅତୀତରେ ସେଥିମଧ୍ୟରୁ ୨ଟିରେ ବଡ଼ ବିମାନ ଦୁର୍ଘଟଣା ଘଟିସାରିଛି। ସାଧାରଣତଃ ପାହାଡ଼ପର୍ବତ ଘେରା ଅଞ୍ଚଳରେ ଟେବୁଲ୍-ଟପ୍ ରନ୍‌ୱେ ରହିଥାଏ। ଏଭଳି ରନ୍‌ୱେରୁ ଉଡ଼ାଣ କରିବା ପରେ ବିମାନ ଗୋଟିଏ ପଟକୁ ଢଳିଯିବା ସହ ଦୁର୍ଘଟଣାଗ୍ରସ୍ତ ହେବାର ଆଶଙ୍କା ରହିଥାଏ। ଶିମ୍‌ଲା, କାଲିକଟ୍, ମାଙ୍ଗାଲୋର, ଲେଙ୍ଗ୍‌ପୁଇ(ମିଜୋରାମ) ଓ ପାକ୍ୟୋଙ୍ଗ୍ (ସିକିମ୍)ସ୍ଥିତ ବିମାନବନ୍ଦର ଏହି ଶ୍ରେଣୀର ପର୍ଯ୍ୟାୟଭୁକ୍ତ। ୨୦୧୦ ମେ' ୨୨ରେ କର୍ଣ୍ଣାଟକର ମାଙ୍ଗାଲୁରୁରୁ ଦୁବାଇ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୫୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହାର ୧୦ ବର୍ଷ ପରେ ୨୦୨୦ ଅଗଷ୍ଟ ୭ରେ ଦୁବାଇରେ ଫସିଥିବା କୋଭିଡ୍ ସଂକ୍ରମିତ ଭାରତୀୟଙ୍କୁ 'ବନ୍ଦେ ଭାରତ ମିଶନ'ରେ ଫେରାଇ ଆଣିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ କେରଳର କୋଝିକୋଡ୍ ଏୟାରପୋର୍ଟ ରନ୍‌ୱେରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୯ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୬୯ ବର୍ତ୍ତି ଯାଇଥିଲେ।

ପର୍ତ୍ତୁଗାଲର ମାଡେରିଆ ଏୟାରପୋର୍ଟରେ ମଧ୍ୟ ଏକ ଟେବୁଲ-ଟପ୍ ରନ୍‌ୱେ ରହିଛି। ୧୯୭୭ରେ ଉକ୍ତ ରନ୍‌ୱେରେ ଏୟାର ପର୍ତ୍ତୁଗାଲ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩୧ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

## ଏଟିଏମ୍ ଭିତରେ ସିଲେଇ ଦୋକାନ

**ନୂଆଦିଲ୍ଲୀ:** ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଏକ ଏଟିଏମ୍ ମଧ୍ୟରେ ସୁରକ୍ଷା ପାଇଁ ନିୟୋଜିତ ଜଣେ ସିକ୍ୟୁରିଟି ଗାର୍ଡ କିଛି ପୋଷାକ ସିଲେଇ କରୁଥିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଏଟିଏମ୍‌ର ଗୋଟିଏ ପାର୍ଶ୍ୱରେ ଟଙ୍କା ଉଠାଇବା ମେଶିନ୍ ଥିବାବେଳେ ଅନ୍ୟପଟେ ଗାର୍ଡ ଜଣକ ନିଜ ୟୁନିଫର୍ମ ପିନ୍ଧିଥିବା ସହ ଏକ ସିଲେଇ ମେଶିନ୍ ଲଗାଇଛନ୍ତି। ଭିଡିଓରେ ସେ ଏଟିଏମ୍ ମଧ୍ୟରେ କିଛି ପୋଷାକ ସିଲେଇ କରୁଥିବା ନଜର ଆସୁଛନ୍ତି। ଉକ୍ତ ଗାର୍ଡଜଣକ ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି ବୋଲି ସୋସିଆଲ ମିଡିଆ ୟୁଜର୍ସମାନେ କହିଛନ୍ତି। ଏଟିଏମ୍‌କୁ ବ୍ୟବହାର କରି ସେ ତାଙ୍କ ପାର୍ଶ୍ୱ ବ୍ୟବସାୟ ଆରମ୍ଭ କରିଥିବା ନେଇ ଅନେକ ୟୁଜର୍ସ ମଜାଳିଆ ଢଙ୍ଗରେ କମେଣ୍ଟ କରିଛନ୍ତି।



## ଟ୍ରୋଲର୍ସଙ୍କୁ ଜବାବ ଦେଲେ ଧନୁଷ

**ଚେନ୍ନାଇ:** ତାମିଲ ଅଭିନେତା ଧନୁଷ ଗତ ବର୍ଷ ଚେନ୍ନାଇର ବହୁ ପ୍ରତିଷ୍ଠିତ ପୋଏସ୍ ଗାର୍ଡେନ ଅଞ୍ଚଳରେ ଏକ ନୂତନ ବିଳାସପୂର୍ଣ୍ଣ ବଙ୍ଗଳା କିଣିଥିଲେ। ଧନୁଷଙ୍କ ଏହି ଘରର ମୂଲ୍ୟ ପ୍ରାୟ ୧୫୦ କୋଟି ଟଙ୍କା ରହିଥିବା ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି। ତେବେ ମହଙ୍ଗା ଏବଂ ବିଳାସପୂର୍ଣ୍ଣ ବଙ୍ଗଳା କିଣିଥିବାରୁ କେତେଜଣ ସୋସିଆଲ ମିଡିଆ ୟୁଜର୍ସ ଧନୁଷଙ୍କୁ ଟ୍ରୋଲ୍ କରିଥିଲେ। ଗୁରୁବାର ଧନୁଷ ଏକ କାର୍ଯ୍ୟକ୍ରମରେ ଏହାର ଜବାବ ରଖିଛନ୍ତି।

ଧନୁଷ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ରୟାନ୍'ର ଅଡିଓ ଲଞ୍ଚ୍ ଇଭେଣ୍ଟରେ ଯୋଗଦେଇ କହିଛନ୍ତି, "ଯଦି ମୁଁ ଜାଣିଥାନ୍ତି ପୋଏସ୍ ଗାର୍ଡେନ ଅଞ୍ଚଳରେ ଘର କିଣିବା ଏତେ ବଡ଼ ପ୍ରସଙ୍ଗ ହୋଇଯିବ, ତେବେ ଏହା ବଦଳରେ ମୁଁ ଏକ ଛୋଟ ଆପାର୍ଟମେଣ୍ଟ କିଣିଥାନ୍ତି। କ'ଣ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ପୋଏସ୍ ଗାର୍ଡେନରେ ଘର କିଣି ପାରିବ ନାହିଁ। କିଛି ବ୍ୟକ୍ତି ବୋଧହୁଏ ଗରିବ ପରିବାରରେ ଜନ୍ମ ହୋଇଥିବା ଲୋକ ସବୁବେଳେ ଗରିବ ହୋଇ ରୁହନ୍ତୁ ବୋଲି ଚାହାନ୍ତି।" ବହୁ ସଂଘର୍ଷ କରିବା ସହ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଦୀର୍ଘ ୨୦ ବର୍ଷ ଧରି କାର୍ଯ୍ୟ କରିବା ପରେ ଯାଇ ସେ ଚେନ୍ନାଇର ପ୍ରତିଷ୍ଠିତ ପୋଏସ୍ ଗାର୍ଡେନ ଅଞ୍ଚଳରେ ଘର କିଣି ପାରିଥିବା ଧନୁଷ କହିଛନ୍ତି।






ଶୁକ୍ରବାର ଓଡ଼ିଶା ହାଇକୋର୍ଟର ୭୭ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ଗୁରୁବାର ହାଇକୋର୍ଟ ବିଲ୍ଡିଂକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

# ୧ ଟଙ୍କାରେ ପ୍ରଧାନମନ୍ତ୍ରୀ ଫସଲ ବୀମା

## କୃଷକଙ୍କ ପଞ୍ଜୀକରଣ ଅବଧି ବୃଦ୍ଧି କଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୨୫।୭ (ଅସମାପିକା ସାହୁ)**

ଚଳିତ ବର୍ଷ ଖରିଫ ଋତୁରେ ୮ଟି ଫସଲ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌-ଏଫ୍‌ବିୱାଇ)ରେ କୃଷକମାନଙ୍କୁ ସାମିଲ କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି କରିଛନ୍ତି। ଏଥିପାଇଁ କୃଷକଙ୍କ ପଞ୍ଜୀକରଣ ଅବଧି ଆସନ୍ତା ୩୧ ତାରିଖକୁ ବୃଦ୍ଧି କରାଯାଇଛି। ଗତ ଖରିଫ ଋତୁରେ ଜିଲା ପ୍ରଶାସନର ସକ୍ରିୟ ସହଯୋଗରେ ରେକର୍ଡ ସଂଖ୍ୟକ ପଞ୍ଜୀକରଣ ହୋଇଥିଲା। ଚଳିତବର୍ଷ ମଧ୍ୟ ରାଜ୍ୟ ସରକାର ୨ ହେକ୍ଟର ପର୍ଯ୍ୟନ୍ତ ଜମିର ବୀମା ପାଇଁ ଚାଷୀଙ୍କ ଭାଗ ବହନ କରିବେ ଏବଂ ଆବେଦନର ବୈଧତା ପାଇଁ ଚାଷୀଙ୍କୁ ମାତ୍ର ୧ ଟଙ୍କା ଦେବାକୁ ପଡିବ। ଏହି ଯୋଜନାରେ କୃଷକଙ୍କ ପଞ୍ଜୀକରଣ ବୃଦ୍ଧି ପାଇଁ ଯଥାସମ୍ଭବ ପ୍ରୟାସ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ଖରିଫ ଋତୁରେ ଅତି କମ୍‌ରେ ୨୦ ପ୍ରତିଶତରୁ ଅଧିକ ଅଞ୍ଚଳ ଏବଂ କୃଷକମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ଜାଲିଆତି ବୀମା ବିଷୟରେ ସୂଚନା ଦେଇ ପାଢ଼ୀ ଉଲ୍ଲେଖ କରିଛନ୍ତି ଯେ, ଏହି ମାମଲାରେ ସରକାରୀ ଜମିରେ କୃଷିବୀମା, ଅଣଚାଷ ଜମି ଏବଂ ଜଣେ ଅନ୍ୟର ଜମିରେ ବୀମା କରୁଥିବା ଭଳି ଅନେକ ଅସାଧୁ ବ୍ୟକ୍ତି ନଜରକୁ ଆସିଛନ୍ତି। ତେଣୁ ପ୍ରକୃତ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏଭଳି ସମସ୍ତ ଅସାଧୁ ବ୍ୟକ୍ତି ଓ ସେମାନଙ୍କ ସହଯୋଗୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସମସ୍ତ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି।

# ପୋଖରୀରେ ବୁଡ଼ିଯାଇ ଭଉଣୀଭାଇ ମୃତ

**ଖଲ୍ଲିକୋଟ,୨୫।୭ (ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଦପଲ୍ଲୀ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ମରେଇନୂଆଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଦୁଇ ଶିଶୁ ଭଉଣୀଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ବର୍ଷୀୟା ଶିଶୁକନ୍ୟା ଉଦ୍ଧାର ହୋଇଛି। ଉଦ୍ଧାର ଶିଶୁଟି ଡାକ୍ତରଖାନାରେ ସୁସ୍ଥ ଅଛି।

ଗୁରୁବାର ସକାଳେ ମରେଇ ନୂଆଗାଁର ରାଜେନ୍ଦ୍ର ଶବରଙ୍କ ୬ ବର୍ଷର ପୁଅ ସୁଦୀପ, ୩ ବର୍ଷର ଝିଅ ରୋଶନୀ ଏବଂ ସେହି ଗ୍ରାମର ବାରି ଶବରଙ୍କ ୨ ବର୍ଷର ଝିଅ ଐଶ୍ୱର୍ଯ୍ୟା ଦାଣ୍ଡରେ ଖେଳୁଥିଲେ। ଖେଳି ଖେଳି ସେମାନେ ଘର ନିକଟସ୍ଥ ପୋଖରୀ ଆଡ଼େ ଚାଲିଯାଇ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ବିଲକୁ କାମ କରିବାକୁ ଚାଲି ଯାଇଥିବାରୁ କେହି ଏହା ଜାଣିପାରି ନ ଥିଲେ। କିଛି ସମୟ ପରେ ୨ ବର୍ଷୀୟା ଐଶ୍ୱର୍ଯ୍ୟା ପାଣିରେ ଭାସୁଥିବା ପୋଖରୀ ନିକଟ ଦେଇ ଯାଉଥିବା ଲୋକେ ଦେଖି ତାକୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଅନ୍ୟପଟେ ବିଲରୁ ଫେରିବା ପରେ ରାଜେନ୍ଦ୍ର ତାଙ୍କର ୨ ପିଲାଙ୍କୁ ନ ଦେଖି ପୂର୍ବାହ୍ଣ ପ୍ରାୟ ୧୧ଟାରେ ଗାଁ ଲୋକଙ୍କ ସହାୟତାରେ ଉକ୍ତ ପୋଖରୀକୁ ଯାଇ ଖୋଜାଖୋଜି କରିଥିଲେ। ପାଣି ଭିତରୁ ଗୁରୁତର ଅବସ୍ଥାରେ ସୁଦୀପ ଓ ରୋଶନୀଙ୍କୁ ଉଦ୍ଧାର ପରେ ଖଲ୍ଲିକୋଟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଅଝିଅଙ୍କୁ ହରାଇ ରାଜେନ୍ଦ୍ର ଓ ତାଙ୍କ ପରିବାର ଲୋକଙ୍କ କାନ୍ଦବୋବାଳିରେ ମେଡିକାଲ ପରିସର ଫାଟି ପଡ଼ିଥିଲା। ଖବରପାଇ ଖଲ୍ଲିକୋଟ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ୨ ମୃତଦେହକୁ ଜବତ କରିବା ସହ ନଂ.୧୬/୨୦୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସାପ କାମୁଡ଼ାରେ ଭଉଣୀ ଭାଇଙ୍କ ଜୀବନ ଗଲା

**ସଇଁତଲା,୨୫।୭ (ରାଖାଲ ପ୍ରସାଦ ଶତପଥୀ)**



ମନିକା ଓ ଭାବଗ୍ରାହୀ

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବିବିନା ପଞ୍ଚାୟତର ଜାମପଦର ଗ୍ରାମରେ ସାପ କାମୁଡ଼ାରେ ଗୋଟିଏ ପରିବାରର ଭଉଣୀ ଭାଇଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ ହେଲେ ଭାବଗ୍ରାହୀ ସାଗର (୯) ଓ ମନିକା ସାଗର(୬) । ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ଜାମପଦର ଗ୍ରାମର ବିକାଶ ସାଗର ସ୍ତ୍ରୀ ହେମଲତା , ପୁଅ ଭାବଗ୍ରାହୀ ଓ ଝିଅ ମନିକା ସହ ରହୁଥିଲେ। ବୁଧବାର ରାତିରେ ପରିବାରର ସମସ୍ତେ ଖାଇ ସାରି ଶୋଇଥିଲେ। ତେବେ ରାତି ପ୍ରାୟ ୨ଟା ସମୟରେ ଭାବଗ୍ରାହୀ ଓ ମନିକା ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କ ମୁହଁରୁ ଫେଣ ବାହାରୁଥିବା ଦେଖି ପରିବାର ଲୋକେ ସେମାନଙ୍କୁ ସଙ୍ଗେ ସଙ୍ଗେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଭାବଗ୍ରାହୀ ଜାମପଦର ଗ୍ରାମସ୍ଥିତ ସରକାରୀ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ବେଳେ ମନିକା ସଇଁତଲାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ଶ୍ରେଣୀର ଛାତ୍ରୀ ଥିଲେ। ଏ ସମ୍ପର୍କରେ ଖବର ପାଇ ଅଞ୍ଚଳର ସ୍ନେକ ରେସକ୍ୟୁ ଟିମ୍‌ ବିକାଶଙ୍କ ଘର ଭିତରୁ ତିନି ଫୁଟ ଲମ୍ବର ଏକ ଚିତି ସାପ ଉଦ୍ଧାର କରିଥିବା ଜଣାଯାଇଛି। ସଇଁତଲା ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତହସିଲଦାରଙ୍କୁ ଲିଖିତ ଭାବରେ ରିପୋର୍ଟ ପ୍ରଦାନ କରିଥିବା ଜଣାଯାଇଛି। ବଲାଙ୍ଗୀର ଉପଜିଲାପାଳ ଓ ସଇଁତଲା ବିଡିଓ ବିନୟ ଭୋଇ ସନ୍ଧ୍ୟା ସମୟରେ ଜାମପଦର ଗାଁକୁ ଯାଇ ମୃତକଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। ବଲାଙ୍ଗୀର ଭୀମଭୋଇ ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଗ୍ରାମ ନିକଟସ୍ଥ ଲାନ୍ଥନଦୀ କୂଳରେ ସେମାନଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ପଶ୍ଚିମବଙ୍ଗରୁ ଆଳୁ ପରିବହନ ବନ୍ଦ

**ଜଳେଶ୍ୱର, ୨୫।୭(ରବିନାରାୟଣ ପାତ୍ର)**

ପଶ୍ଚିମବଙ୍ଗ ସରକାର ନିଜ ରାଜ୍ୟରେ ଆଳୁ ଆବଶ୍ୟକତାକୁ ଲକ୍ଷ୍ୟ କରି ଅନ୍ୟ ରାଜ୍ୟକୁ ପରିବହନ ଉପରେ ଗତ ୬ଦିନ ତଳେ ରୋକ ଲଗାଇଛନ୍ତି। ପଶ୍ଚିମବଙ୍ଗରେ ଥିବା ସମସ୍ତ ଶୀତଳଭଣ୍ଡାରରୁ ଆଳୁ ବାହାରି ପାରୁନାହିଁ। ଫଳରେ ବାଲେଶ୍ୱର ଜିଲା ଜଳେଶ୍ୱର ବଜାରରେ ଆଳୁ କିଲୋ ପ୍ରତି ମୂଲ୍ୟ ୫୦ ଟଙ୍କା ଛୁଇଁଛି। ୨୦୧୪ ମସିହା ପରିସ୍ଥିତି ଉପୁଜିବାକୁ ଯାଉଥିବାରୁ ଏହାର ସମାଧାନ ଲାଗି ଉଭୟ ରାଜ୍ୟ ପ୍ରଶାସନିକ ଆଲୋଚନା କରାଯିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟଥା ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଯାଉଥିବା ଅନ୍ୟ ସମସ୍ତ ଜିନିଷର ପରିବହନକୁ ବନ୍ଦ କରାଯିବ ବୋଲି ଉପାନ୍ତରେ ପ୍ରସ୍ତୁତି ଚାଲିଛି । ପଶ୍ଚିମବଙ୍ଗ ରାଜ୍ୟ ସରକାର ଗତ ୨୦ତାରିଖରୁ ଅନ୍ୟ ରାଜ୍ୟକୁ ଆଳୁର ରପ୍ତାନୀ ଉପରେ ରୋକ ଲଗାଇଛନ୍ତି। ତାଙ୍କ ରାଜ୍ୟରେ ଆଳୁ କିଲୋଗ୍ରାମ ପ୍ରତି ୨୦ଟଙ୍କାରେ ବିକ୍ରି କରିବାକୁ ଆଳୁ ବ୍ୟବସାୟୀ ମହାସଂଘକୁ ପଶ୍ଚିମବଙ୍ଗ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଉପାନ୍ତରେ ଥିବା ତନଖି ଫାଟକ ଓ ଥାନାଗୁଡିକୁ ଅନ୍ୟ ରାଜ୍ୟକୁ ନ ଛାଡିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ୬ଦିନ ହେଲାଣି ପଶ୍ଚିମବଙ୍ଗ ଆଳୁ ମହାସଂଘ ରପ୍ତାନୀ ବନ୍ଦ ରଖିଛି। ଫଳରେ ଓଡିଶା, ଝାଡଖଣ୍ଡ, ଛତିଶଗଡ, ବିହାର, ଆସାମ ରାଜ୍ୟକୁ ଆଳୁ ପରିବହନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି ବୋଲି ପଶ୍ଚିମବଙ୍ଗ ଆଳୁ ମହାସଂଘ ପକ୍ଷରୁ ସୂଚନା ମିଳିଛି । ଗୁରୁବାର ପଶ୍ଚିମବଙ୍ଗର ପ୍ରଶାସନିକ ଅଧିକାରୀ ଓ ବ୍ୟବସାୟୀ ମହାସଂଘ ମଧ୍ୟରେ ଆରମବାଗଠାରେ ଆଲୋଚନା କରାଯାଇଛି। ଅନ୍ୟପକ୍ଷରେ ଆଳୁ ପରିବହନ ବନ୍ଦ ହୋଇଥିବାରୁ ଜଳେଶ୍ୱର ଅଞ୍ଚଳର ବ୍ୟବସାୟୀମାନେ ଗଡବେତା, ଚନ୍ଦ୍ରକଣା, ବର୍ଦ୍ଧମାନ ଅଞ୍ଚଳରୁ ଆଳୁକୁ ଚୋରାରେ ଆଣି କିଲୋ ପ୍ରତି ୫୦ଟଙ୍କାରେ ବିକ୍ରି କରୁଥିବା ବେଳେ ଗ୍ରାମାଞ୍ଚଳରେ ୬୦ଟଙ୍କା ଛୁଇଁଛି।

ସୂଚନାଯୋଗ୍ୟ, ଜଳେଶ୍ୱରକୁ ପ୍ରତିଦିନ ୮୦ଟନ୍‌ ଆଳୁ ବିକ୍ରି ପାଇଁ ଆସୁଥିବା ବେଳେ ଓଡ଼ିଶାକୁ ପ୍ରତିଦିନ ୧୨ହଜାର ଟନ୍‌ ଆଳୁ ଆସୁଥିବା ଜଣାଯାଇଛି। ଓଡ଼ିଶାକୁ ଆଳୁ ପରିବହନ ହେଉ ନ ଥିବାରୁ ଶୁକ୍ରବାରଠାରୁ ଆଳୁର ମୂଲ୍ୟ ଅଧିକ ହେବା ସମ୍ପର୍କରେ ସ୍ଥାନୀୟ ବ୍ୟବସାୟୀମାନେ ଆକଳନ କରୁଛନ୍ତି। ୨୦୧୪ ମସିହା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଯଥାଶୀଘ୍ର ରାଜ୍ୟ ସରକାର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି । ଅନ୍ୟଥା ଓଡ଼ିଶାରୁ ପଶ୍ଚିମବଙ୍ଗ ଯାଇଥିବା ବିଭିନ୍ନ ଜିନିଷର ପରିବହନ ଉପରେ ଉପାନ୍ତ ଅଞ୍ଚଳରେ ରୋକ ଲଗାଯିବ ବୋଲି ସ୍ଥାନୀୟ ଲୋକେ ସଜବାଜ ହେଉଥିବା ଜଣାଯାଇଛି।

# ଆଜି ନୂଆଦିଲ୍ଲୀ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ

## ନୀତି ଆୟୋଗ ବୈଠକରେ ଯୋଗଦେବେ

**ଭୁବନେଶ୍ୱର, ୨୫।୭(ସୁନିତ୍‌ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସନ୍ଧ୍ୟାରେ ଦିଲ୍ଲୀ ଯାତ୍ରା କରିବେ। ଶନିବାର ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ନୀତି ଆୟୋଗର ବୈଠକ ହେବ। ଏହି ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବାପରେ ପ୍ରଥମ ଥର ଲାଗି ନୀତି ଆୟୋଗ ବୈଠକରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ଏହି ବୈଠକରେ ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ମିଳିଛି। ଏଥିସହ ମୁଖ୍ୟମନ୍ତ୍ରୀ ନିଜର ଦିଲ୍ଲୀ ଯାତ୍ରା ଅବସରରେ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହି ଥିବା ସୂଚନା ମିଳିଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କୁମାର ଉତ୍ସବ, ସ୍ଥାନ: କସ୍ତୁରବା ନାରୀ ମହଲ, ୟୁନିଟ୍-୧, ସମୟ: ସକାଳ ୯ଟା।
- ଫିଲ୍ମ ସୋସାଇଟି ଫର ଭୁବନେଶ୍ୱର ପକ୍ଷରୁ ଚିଲଡ୍ରେନ ଫିଲ୍ମ ଫେଷ୍ଟିଭାଲର ୨ୟ ଏଡିଶନ, ସ୍ଥାନ: ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଏକ୍ସଆଇଏମ୍‌ବି ପାଖ, ସମୟ: ପୂର୍ବାହ୍ନ ୧୦ଟା।
- ଇନକମ୍ ଟ୍ୟାକ୍ସ ଗ୍ୟାଜେଟେଡ୍ ଅଫିସର୍ସ ଆସୋସିଏଶନ ଓ ଇନକମ୍ ଟ୍ୟାକ୍ସ ଏମ୍ପ୍ଲଏମେଣ୍ଟ ଫେଡେରେଶନ ପକ୍ଷରୁ ସଂଯୁକ୍ତ ଦ୍ୱିବାର୍ଷିକ ସମ୍ମିଳନୀ, ସ୍ଥାନ: ଆକ୍ୱା ଲନ୍, କଟକ-ପୁରୀ ବାଇପାସ୍ ରୋଡ, ସମୟ: ପୂର୍ବାହ୍ନ ୧୦ଟା।
- ସାଇ ଇଣ୍ଟରନ୍ୟାଶନାଲ ମଡେଲ ୟୁନାଇଟେଡ ନେଶନ୍ସ କନଫରେନ୍ସ, ସ୍ଥାନ: ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତ ଛାତ୍ର ସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦।

## କଟକ

- ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ନ୍ୟାୟ ସଂଗ୍ରହାଳୟରେ କ୍ୟାଫେଟେରିଆ ଉଦ୍‌ଘାଟନ, ସ୍ଥାନ: ବାରବାଟୀ ଦୁର୍ଗ ପରିସର, ସମୟ: ସକାଳ ୯ଟା ୩୦।
- ତୁଳସୀପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପକ୍ଷରୁ ଶିଶୁ ମହୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ତୁଳସୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ଦ୍ୱିତୀୟ ସ୍ମୃତି ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ: ପୂର୍ବାହ୍ନ ପୂର୍ବାହ୍ନ ୧୦ଟା ୩୦।
- ଜଷ୍ଟିସ୍ ବୀରକିଶୋର ରାୟ ମେମୋରିଆଲ କମିଟି ପକ୍ଷରୁ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ୍ ବୀରକିଶୋର ରାୟଙ୍କ ୬୭ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ହାଇକୋର୍ଟ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୨୦।
- ଓଡ଼ିଶା ହାଇକୋର୍ଟ ପକ୍ଷରୁ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ୍ ବୀର କିଶୋର ରାୟଙ୍କ ୬୭ତମ ଶ୍ରାଦ୍ଧୋତ୍ସବ ଓ ୭୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଓଡ଼ିଶା ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା୧୫।

## ପୁରୀ

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳନ, ସ୍ଥାନ: ରାମକୃଷ୍ଣ ଶିକ୍ଷାକେନ୍ଦ୍ର, ଟାଙ୍ଗୀ, ସମୟ: ପୂର୍ବାହ୍ନ ୧୦ଟା।
- ପେନସନ ଅଦାଲତ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାଇକ ଏକାଡ଼େମୀ ପକ୍ଷରୁ ୨୫ତମ କାର୍ଗିଲ ବିଜୟ ଦିବସ ପାଳନ, ସ୍ଥାନ: ଗୌଡ଼କାଶୀପୁର, ଇନ୍‌ଫୋଭ୍ୟାଲି-୨, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଓୟୁଏଟିର ପକ୍ଷରୁ କାରଗିଲ ବିଜୟ ଦିବସ, ସ୍ଥାନ: ଶହୀଦ ପାର୍କ, ସିନେମା ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- କାର୍‌ଗିଲ ବିଜୟ ଦିବସ ପାଳନ ଉତ୍ସବ, ସ୍ଥାନ: ନିଉଇଣ୍ଡିଆ ସାହି ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- କାର୍‌ଗିଲ ବିଜୟ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଆଇ ଲଭ୍ ପଏଣ୍ଟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀ ଲକ୍ଷ୍ମୀ ନାରାୟଣଙ୍କ ମନ୍ଦିରରେ ଶ୍ରୀ ସୁକ୍ତ ପାଠ ଏବଂ ପୂଜାର୍ଚ୍ଚନା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଜିଲାପାଳଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ, ସ୍ଥାନ: ହାଟଡିହୀ, ସମୟ: ପୂର୍ବାହ୍ନ ୧୦ ଟ ୩୦।
- ସମୀକ୍ଷକଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ କୀର୍ତ୍ତନ, ସ୍ଥାନ: ବଞ୍ଚୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଡାକ୍ତରଖାନା ପରିସର, ସମୟ: ସକାଳ ୯ଟା।
- ଜାଳେଣୀ ଗ୍ୟାସ ବ୍ୟବହାରର ସୁରକ୍ଷିତ ଉପାୟ ସମ୍ପର୍କିତ କର୍ମଶାଳା, ସ୍ଥାନ: ଉଦଳା କଲେଜ ସଭାଗୃହ.ସମୟ: ପୂର୍ବାହ୍ନ ୧୧ଟା ୩୦।

## ବ୍ରହ୍ମପୁର

- କାରଗିଲ ଦିବସ ଅବସରରେ ମଶାଲ ଶୋଭାଯାତ୍ରା, ସ୍ଥାନ: ଜଗଦଲପୁର, ସମୟ: ସକାଳ ୭ଟା।
- ଏଆଇଡିଏସ୍‌ଓ ଗଞ୍ଜାମ ଜିଲାର ଦାବିପତ୍ର ପ୍ରଦାନ, ସ୍ଥାନ: ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ନେଇ ପ୍ରଶାସନକୁ ଭେଟିବ ମାନବ ଅଧିକାର ସୁରକ୍ଷା ମଞ୍ଚ, ସ୍ଥାନ: ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ମଞ୍ଚର ଆଲୋଚନା ସଭା, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ସମୟ: ଅପରାହ୍ନ ୫ଟା ୩୦।

## ଗଞ୍ଜାମ

- କାରଗିଲ ଦିବସ ପାଳନ, ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳୀ, ସ୍ଥାନ: ଆସିକା ତାଲୁକା ଛକ, ସମୟ : ସକାଳ ୯ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ଲାୟନ୍ସ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୧ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ବେଲଗୁଣ୍ଠା, ସମୟ:ପୂର୍ବାହ୍ନ ୧୧ଟା ୩୦ ମି।
- ଦକ୍ଷକାଳୀ ମନ୍ଦିର ଉନ୍ନତୀକରଣ ପାଇଁ ବୈଠକ, ସ୍ଥାନ: ବୁଗୁଡ଼ା କାଳୀ ମନ୍ଦିର ପରିସର,ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ସ୍ୱାଧୀନତା ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୌଶଳ ରଥ ଦ୍ୱାରା ସଚେତନତା, ସ୍ଥାନ: ୟୁଜିଏମଆଇଟି, ଆଇଟିଆଇ ଏବଂ ଜିସିଡି ହାଇସ୍କୁଲ, ଇଏମଆରଏସ ବାରିଖୋଲା, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା ୩୦ରୁ ମଧ୍ୟାହ୍ନ ୧, ୨ ଟାରୁ ଅପରାହ୍ନ ୪ ଟା, ଅପରାହ୍ନ ୪ଟା ୩୦ରୁ ୬ ଟା ।
- ରାମଚରିତ ମାନସ ମହାଯଜ୍ଞ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ରୁ ରାତି ୮ଟା ୩୦ ।
- ଭେଟେରାନ ସୋଲଜର୍ସ ଆସୋସିଏଶନ ପକ୍ଷରୁ କାରଗିଲ ବିଜୟ ଦିବସ ଉପଲକ୍ଷେ କ୍ୟାଣ୍ଡେଲ ରାଲି, ସ୍ଥାନ: ଆଜାଦ ହିନ୍ଦ ୟୁଥ ଆସୋସିଏଶନ ପରିସର,ରାୟଗଡା, ସମୟ: ସନ୍ଧ୍ୟା ୭ଟା ୩୦ ।

## ନବରଙ୍ଗପୁର

- ବିଭିନ୍ନ ବିଦ୍ୟାଳୟରେ ଦକ୍ଷତା ବିକାଶ ଦିବସ, ସ୍ଥାନ: ଡାବୁଗାଁ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ବିଭାଗ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସଫେଇ ବ୍ୟବସ୍ଥା ଉପରେ ଆଲୋଚନା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ଆଧାର ପରିଚାଳନା କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଜାଗୃତି ଗୃହର ଜିଲାସ୍ତରୀୟ ପରିଚାଳନା କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ଦୈନନ୍ଦିନ ଜୀବନ ଯାପନ ପାଇଁ ସୌର ଶକ୍ତିର ଆବଶ୍ୟକତା ଉପରେ କର୍ମଶାଳା, ସ୍ଥାନ : ସଦ୍‌ଭାବନା ସମ୍ମିଳନୀ ଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- କାରଗିଲ୍ ବିଜୟ ଦିବସର ୨୫ ତମ ପୂର୍ତ୍ତି ଉତ୍ସବ, ସ୍ଥାନ:କାଲିମେଳା, ସମୟ: ଅପରାହ୍ନ ୩ଟା।
- କାରଗିଲ ବିଜୟ ଦିବସ ପାଳନ, ସ୍ଥାନ: ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାରଗିଲ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ : କଚେରୀ ଛକ ସ୍ଥିତ ଶହୀଦ ସ୍ତମ୍ଭ, ସମୟ : ସକାଳ ୮ଟା।
- ଶିକ୍ଷା ସପ୍ତାହରେ ଦକ୍ଷତା ଓ ଡିଜିଟାଲ ଜ୍ଞାନ କାର୍ଯ୍ୟକ୍ରମ, ସ୍ଥାନ : ଜିଲାର ବିଭିନ୍ନ ସରକାରୀ ବିଦ୍ୟାଳୟର ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ, ମହାନଦୀ କ୍ଲବ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦।
- ଜିଲା କୃଷକ ସୁରକ୍ଷା ସଂଗଠନର ବୈଠକ, ସ୍ଥାନ : ସମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ଭାଜପାର ସମୀକ୍ଷା ବୈଠକ, ସ୍ଥାନ : ରେଢ଼ାଖୋଲ ଭାଜପା କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ୨୬ ତମ ହକି ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବାଣ୍ଡିଝରନ ଖେଳ ପଡିଆ, ସମୟ : ଅପରାହ୍ନ ୨ଟା।
- ହୀରାଖଣ୍ଡ ପଶ୍ଚିମଓଡ଼ିଶା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ କାରଗିଲ ବିଜୟ ଦିବସ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ସନ୍ତରଣ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍ ଦ୍ୱିତୀୟ ଦିନ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ସକାଳ ୭ଟା ।
- କାରଗିଲ ବିଜୟ ଦିବସ ପାଳନ, ସ୍ଥାନ: ଜିଲା ପୂର୍ବତନ ସୈନିକ ସଂଘ କାର୍ଯ୍ୟାଳୟ, ଲାଲଟିକ୍ରା, ବଲାଙ୍ଗୀର, ସମୟ: ସକାଳ ୯ଟା।
- ସୈନିକ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଲୋଇସିଂହା ଅଗ୍ରସେନ ଭବନ, ଲୋଇସିଂହା, ସମୟ: ପୂର୍ବାହ୍ନ୧୧ଟା ।

## ରାଉରକେଲା

- ଆର୍‌ଏମସି ପକ୍ଷରୁ ଯୁଗ୍ମ ଜନଶୁଣାଣୀ, ସ୍ଥାନ: କୋଏଲନଗର, ସମୟ: ସକାଳ ୮ଟା ୩୦।
- କାରଗିଲ ବିଜୟ ଦିବସ ପାଳନ, ସ୍ଥାନ: ପାନପୋଷ କାଳି ମନ୍ଦିର ନିକଟ ନଦୀକୂଳ, ସମୟ: ପୂର୍ବାହ୍ନ ୧୦ଟା ।
- ସାଂସ୍କୃତିକ ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ,ସ୍ଥାନ: ବାସନ୍ତୀ କଲୋନୀ,ସମୟ: ମଧ୍ୟାହ୍ନ ୧୨ଟା।
- ବହ୍ନକନ୍ୟା ମାଳତୀ ଚୌଧୁରୀଙ୍କ ୧୨୦ତମ ଜନ୍ମଜୟନ୍ତୀ, ସ୍ଥାନ: ଜଗଦା ନବଜୀବନ ମଣ୍ଡଳ, ସମୟ: ଅପରାହ୍ନ ୫ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷାର ସରଳତାକୁ ନେଇ ଆଲୋଚନାଧି, ସ୍ଥାନ: ନ୍ୟାସନାଲ କ୍ଲବ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼

- ନେଚୁରାଲ ଡାଇ ଇମରସନ୍ ପ୍ରୋଗ୍ରାମ, ସ୍ଥାନ: ଇମ୍ପେରିୟଲ କଲେଜ, ବରଗଡ଼, ସମୟ: ସକାଳ ୯ଟା।
- ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼,ସରକାରୀ ଉଚ୍ଚ ପ୍ରାଥମିକ ବୈତାଳୀ, ଝାରବନ୍ଧ, ଅମଠି ପ୍ରାଥମିକ ବିଦ୍ୟାଳୟ, ଝାରବନ୍ଧ, ଶାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ଭଟଲି, ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଡିଦା, ଅମ୍ବାଭୋନା, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ ଜିଜିଗୋଭ୍ ପ୍ରଶିକ୍ଷଣ, ସ୍ଥାନ: ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା, ସମୟ: ଅପରାହ୍ନ ୨ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବରପାଲି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।

## କଳାହାଣ୍ଡି

- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କାର୍‌ଗିଲ ବିଜୟ ଦିବସ ଉପଲକ୍ଷେ ମଶାଲ ଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲା ପ୍ରେସ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରିଜର୍ଭ ପୋଲିସ ଦେବଗଡ଼, ସମୟ: ସକାଳ ୮ଟା।
- ମ୍ୟାଲେରିଆ ବିଲୋପ, ଅନ୍ୟ ଭେକ୍ଟର ଦ୍ୱାରା ହେଉଥିବା ରୋଗ ରୋକିବା ଏବଂ ଶିଶୁ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଟାସ୍କ ଫୋର୍ସ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କନଫରେନସ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ କୀଟନାଶକ ବିଲୋପ ଲାଗି ମିଳିତ ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୁରଡ ଓ ଅପୂର୍ବ ଉଚ୍ଚ ବିଦ୍ୟାଳୟ, ସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ମାଣ୍ଡିଆ ଚାଷ କୃଷି ଉତ୍ପାଦନ ବୃଦ୍ଧି ସମ୍ପର୍କିତ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଚାଷୀମାନଙ୍କୁ ନେଇ ଦକ୍ଷତା ବୃଦ୍ଧି ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆଣ୍ଟି ଡେଙ୍ଗୁ ମାସ ପାଳନ ଲାଗି ଜିଲାସ୍ତରୀୟ ସମ୍ବେଦନଶୀଳ ବୈଠକ, ସ୍ଥାନ: ଜିଲାପାଳ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ, ସ୍ଥାନ: ଅମରପାଲି ୟୁପି ସ୍କୁଲ,ବୀରମହାରାଜପୁର ବ୍ଲକ୍, ସମୟ:ଅପରାହ୍ନ ୨ଟା।
- ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ପାଳନ, ସ୍ଥାନ: କୁମାରକେଲି ୟୁପି ସ୍କୁଲ, ଉଲୁଣ୍ଡା ବ୍ଲକ, ସମୟ: ଅପରାହ୍ନ ୩ଟା।
- ଦୁର୍ଗୁରିପାଲି ତାରିଣୀ ମନ୍ଦିରରେ ମହା ଆଳତୀ ଦୀପ ଓ ସ୍ୱତନ୍ତ୍ର ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ସନ୍ତୋଷି ମନ୍ଦିର, ସମୟ: ସକାଳ ୭ଟା।
- ମୁସଲମାନ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳ ବଜାର ଓ ହଟଲି ପଡ଼ା ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଅଡିଟୋରିୟମ୍, ସମୟ: ଅପରାହ୍ନ ୫ଟା ୩୦।
- ରାଜସ୍ୱମନ୍ତ୍ରୀଙ୍କ ସହ ସହରବାସୀଙ୍କ ଆଲୋଚନା, ସ୍ଥାନ: ସହରସ୍ଥିତ ସର୍କିଟ ହାଉସ ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।

## ଜଗତସିଂହପୁର

- ପାରାଦୀପ ମିଳିତ ଟ୍ରେଡ ୟୁନିୟନ କୋ-ଅର୍ଡିନେଶନ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ବନ୍ଦର ପ୍ରଶାସନିକ ଭବନ ସମ୍ମୁଖ, ପାରାଦୀପ, ସମୟ: ସକାଳ ୯ଟା।
- ବନ ମହୋତ୍ସବ, ସ୍ଥାନ: ଏରସମା ବ୍ଲକ ଜପା ଗ୍ରାମର ଗାଦିବ୍ରହ୍ମ ବିଦ୍ୟା ପୀଠ ପରିସର, ସମୟ: ଅପରାହ୍ନ ୪ଟା।
- ପାରାଦୀପ ସାହିତ୍ୟ ସଂସଦ ପକ୍ଷରୁ ଦେବଯାନୀ ସାହୁଙ୍କ ଇଂଲିଶ୍ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ୱାର୍କର୍ସ ୟୁନିୟନ ପରିସର, ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ସମୂହ ଭଜନ ସମାରୋହ ଓ ମହାପ୍ରସାଦ ସେବନ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିର, ଷଣ୍ଢକୁଦ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଶହୀଦ ଦିବସ ପାଳନ, ସ୍ଥାନ: କଣ୍ଡିଆ ଶହୀଦ ସ୍ମୃତି ସ୍ତମ୍ଭ, ରାଜକନିକା, ସମୟ: ସକାଳ ୮ଟା।
- ସିରିଡି ସାଇ ମନ୍ଦିର ପ୍ରତିଷ୍ଠା ଦିବସ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ମଧୁବନ, ଆଳି, ସମୟ: ସକାଳ ୮ଟା।
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ ଅବସରରେ ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ପାଳନ, ସ୍ଥାନ: ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ସୈନିକ ସଂଘ ପକ୍ଷରୁ କାର୍ଗିଲ ବିଜୟ ଦିବସ, ସ୍ଥାନ: ତିନିମୁହାଣୀ ଛକ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ସମୀକ୍ଷା ବୈଠକ, ଗ୍ରାମପଞ୍ଚାୟତର ମାସିକିଆ ବୈଠକ,ଘର ଘର ଜଳ ଯୋଜନା ଓ ବାହ୍ୟ ମଳ ତ୍ୟାଗ ମୁକ୍ତ ପଞ୍ଚାୟତ ଗଠନକୁ ନେଇ ସ୍ୱତନ୍ତ୍ର ଗ୍ରାମସଭା, ସ୍ଥାନ: ଭୋଟକା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବ୍ୟାସନଗର ପୌର ପରିଷଦରେ ସମୀକ୍ଷା ବୈଠକ,ସ୍ଥାନ : ବ୍ୟାସନଗର ପୌର ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ଓ ସାମାଜିକ ସ୍ତରରେ ନିଜର ପ୍ରାଧାନ୍ୟକୁ ବୃଦ୍ଧି କରିପାରିବେ। ଗୃହ ସମସ୍ୟା ସମାଧାନ ସାଙ୍ଗକୁ ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଅଫିସରେ ଅନ୍ୟମାନଙ୍କ କଥା ଭଲ ଲାଗିବ ନାହିଁ। କୃତ୍ତିକା ନକ୍ଷତ୍ର ରାଜନୈତିକ କ୍ଷେତ୍ର, ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ନିକଟସ୍ଥ ବ୍ୟକ୍ତିଙ୍କୁ ମନ ବୁଝିଲା ଭଳି କଥା କହି ଆପଣେଇ ନେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ସାଙ୍ଗକୁ ସକାଳୁ ଯାହା କରିବେ ସଫଳତା ପାଇବେ। ମୃଗଶିରା ନକ୍ଷତ୍ର ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ଯୋଜନାରମ୍ଭ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ।

**ମିଥୁନ** ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁଙ୍କ ନିକଟରେ ପ୍ରକାଶ କରି ଆଶ୍ୱସ୍ତି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ନିଷ୍ପତ୍ତିର ଶେଷ ପର୍ଯ୍ୟାୟରେ ସବୁ କିଛି ଶେଷ ସମୟରେ ଓଲଟ ପାଲଟ ହୋଇଯିବ। ଆରଦ୍ରା ନକ୍ଷତ୍ର ସକାଶେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଅଘାତ ଦେଇପାରେ।

**କର୍କଟ** ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ସତର୍କରେ କାମ କରିବା ଭଲ ହେବ। ପୁନର୍ବସୁ ନକ୍ଷତ୍ର ପରିସ୍ଥିତିରେ ପଡ଼ି ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିବେ। ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ଦୈନନ୍ଦିନର ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଶେଷ ଅସୁବିଧା ରହିବ ନାହିଁ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ରେ ଅଟଳ ରହି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବିବାଦୀୟ ଘଟଣା କିଛିଏ ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବ। ଉତ୍ତରାଫାଲଗୁନୀ ନକ୍ଷତ୍ର ବ୍ୟବସାୟକୁ ଆଗକୁ ବଢ଼ାଇବାପାଇଁ କୌଣସି ପଦକ୍ଷେପ ଗ୍ରହଣ କରିବେ।

**କନ୍ୟା** କୌଣସି ବିବାଦୀୟ ପରିସ୍ଥିତିରେ ପକ୍ଷଭୁକ୍ତ ହୋଇ ମଧ୍ୟସ୍ଥତା କଲେ ସମାଲୋଚିତ ହେବେ। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସକାଶେ ପ୍ରତିକୂଳ ପ୍ରଭାବ ପଡିପାରେ। ତର୍କବିତର୍କ କାରଣରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ହସ୍ତା ନକ୍ଷତ୍ର ସକାଶେ ନିର୍ମାଣ, କର୍ମାରମ୍ଭ ତଥା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ।

**ତୁଳା** ସ୍ୱାର୍ଥସାଧନ ପରିପେକ୍ଷୀରେ ମିତ୍ରମାନେ ଈର୍ଷାପରାୟଣ ହୋଇ ଆପଣଙ୍କ ପ୍ରତିଷ୍ଠା ଓ ପ୍ରଶଂସାକୁ ଅଣଦେଖା କରିପାରନ୍ତି। ଅପରିଣାମଦର୍ଶୀ ଭାବରେ କୌଣସି କ୍ଷେତ୍ରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚିତ୍ରା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ସହ ଆଜିର ଭ୍ରମଣ ବେଶ୍ ଉପଭୋଗ୍ୟ ହୋଇପାରେ।

**ବିଛା** ଆଜି ଯାହା କରିବାକୁ ମନସ୍ଥ କରିଛନ୍ତି ସେଥିରେ ନିଶ୍ଚିତ ଉପକୃତ ହେବେ। ଲେଖା ପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। ଜ୍ୟେଷ୍ଠା ନକ୍ଷତ୍ରର ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ପାରିବାରିକ ସ୍ତରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ଅନ୍ୟମାନଙ୍କ ସାହାଯ୍ୟର ପ୍ରତିଶ୍ରୁତିରୁ ମନ ହାଲୁକା ରହିପାରେ। ଅପରାହ୍ନରେ ସାମୟିକ ଭାବରେ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ନିଜ ପରିସରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ମକର** ସମ୍ପର୍କୀୟଙ୍କ ସହୃଦୟତାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଶୀର୍ଷକୁ ଯାଇପାରିବେ। ଶ୍ରବଣା ନକ୍ଷତ୍ର ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ବୟସ୍କ ବ୍ୟକ୍ତିଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ହଠାତ୍ ନିଜର ପ୍ରିୟ ବନ୍ଧୁଙ୍କ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଜମିଜମା, ଯାନବାହନ, ବାଣିଜ୍ୟ, ବ୍ୟବସାୟ ସମସ୍ୟା କ୍ରମଶଃ ଜଟିଳ ହେବାର ଆଶଙ୍କା ଦେଖାଦେବ। ଧନିଷ୍ଠା ନକ୍ଷତ୍ର ସଭାସମିତିକୁ ଆହୂତ ହୋଇପାରନ୍ତି।

**ମୀନ** ସହକର୍ମୀ କିମ୍ବା ବନ୍ଧୁଙ୍କ ବଦାନ୍ୟତାରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କେତେକ କ୍ଷେତ୍ରରେ ଅଜଣା ଭୟରେ ଆତଙ୍କିତ ହୋଇ କୌଣସି କାର୍ଯ୍ୟାରମ୍ଭ କରିପାରିବେ ନାହିଁ। ପରିବାରରେ ଛୋଟଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ। କଳା, ସାହିତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶଂସାର ପାତ୍ର ହେବେ।

ଆଜି ଜୁଲାଇ ୨୬ ତାରିଖ, ଅନ୍ତର୍ଜାତୀୟ ହେନ୍ତାଳ ଦିବସ, କାର୍‌ଗିଲ୍ ବିଜୟ ଦିବସ, ଓଡ଼ିଶା ଉଚ୍ଚନ୍ୟାୟାଳୟର ପ୍ରତିଷ୍ଠା ଦିବସ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ତିରୋଧାନ ଦିବସ, ଶ୍ରାବଣ କୃଷ୍ଣ ଷଷ୍ଠୀ ଶୁକ୍ରବାର। ରାଶିନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୨୪ମି.ଗତେ ଘ.୦୬।୧୬ମି. ମଧ୍ୟେ, ଘ.୦୭।୦୭ମି. ଗତେ ଘ.୦୮।୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୫ମି. ଗତେ ଘ.୧୧।୫୩ମି. ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### କୃଷିକୁ ପ୍ରାଧାନ୍ୟ, ...

୧.୧୮ଲକ୍ଷ କୋଟି ଟଙ୍କା, କେନ୍ଦ୍ରୀୟ ଟିକସରୁ ରାଜ୍ୟଅଂଶ ଓ କେନ୍ଦ୍ରୀୟ ଅନୁଦାନକୁ ମିଶାଇ ମୋଟ ୯୩ ହଜାର କୋଟି ଟଙ୍କା, ଋଣ ଓ ଅଗ୍ରିମର ପୁନଃଭରଣା ବାବଦରେ ୫୦୫କୋଟି ଟଙ୍କା ସଂଗ୍ରହ କରିବେ ବୋଲି ଅଟକଳ କରିଛନ୍ତି। ଏଥିସହିତ ମୋଟ ବଜେଟ ଅଟକଳର ୧୬.୦୪% ଅର୍ଥାତ୍ ୪୩,୪୯୫କୋଟି ଟଙ୍କା ଋଣ ଆଣିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ରାଜସ୍ୱ ବଳକା ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୨.୯୬ ପ୍ରତିଶତ ହେବ। ବିତ୍ତୀୟ ନିଅଣ୍ଟ ୩.୫ ପ୍ରତିଶତ ରହିବା ସହ ବର୍ଷ ଶେଷର ଋଣଭାର ଜିଏସ୍‌ଡିପିର ୧୩.୫୬ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ରାଜ୍ୟ ଉପରେ ଏ ପର୍ଯ୍ୟନ୍ତ ୯୬ ହଜାର ୩୧୦ କୋଟି ଟଙ୍କା ଋଣ ରହିଛି। ମୁଣ୍ଡପିଛା ଋଣ ୨୦ ହଜାର ୭୩୬ ଟଙ୍କା ରହିଛି। ରାଜ୍ୟ ସରକାର ବିଭିନ୍ନ ଯୋଜନା ବାବଦରେ ଖର୍ଚ୍ଚ ତୁଲାଇବା ପାଇଁ ଆବଶ୍ୟକ ପଡ଼ିଲେ ଖୋଲାବଜାରରୁ ୧୬,୪୦୧ କୋଟି ଟଙ୍କା ଋଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଜିଏସ୍‌ଡିପି ଅଭିବୃଦ୍ଧି ୮% ରହିବ ବୋଲି ଆକଳନ କରାଯାଇଛି।

ଏହିବଜେଟରେ ପ୍ରଶାସନିକ ଖର୍ଚ୍ଚ ବାବଦରେ ୯୭,୭୨୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ୧,୫୫ ହଜାର କୋଟି, ବିପର୍ଯ୍ୟୟ ପରିଚାଳନା ପାଇଁ ୩ ହଜାର ୯୦୦ କୋଟି ଏବଂ ରାଜ୍ୟ ସରକାରଙ୍କ ହସ୍ତାନ୍ତର ବାବଦରେ ୮,୩୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି 'ସମୃଦ୍ଧ କୃଷକ ଯୋଜନା'ରେ ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ଟଙ୍କା ଦେବା ପାଇଁ ଅତିରିକ୍ତ ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ସୁଭଦ୍ରା ଯୋଜନାରେ ୧୦ହଜାର କୋଟି ଟଙ୍କାର ଅର୍ଥ ବରାଦ କରି ମହିଳାମାନଙ୍କୁ ୫୦ହଜାର ଟଙ୍କାର ଭାଉଚର ଦେବା ପାଇଁ ବଜେଟରେ ବ୍ୟବସ୍ଥା ହୋଇଛି। ସେହିପରି 'ମାଧେ ସିଂହ ହାତ ଖର୍ଚ୍ଚ' ନାଁରେ ନୂଆ ଯୋଜନାରେ ୧୫୬କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଅନୁସୂଚିତ ଜନଜାତି ବର୍ଗର ଅଷ୍ଟମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରୁଥିବା ଓ ନବମ ଓ ଏକାଦଶରେ ନାମ ଲେଖାଉଥିବା ପିଲାଙ୍କୁ ବାର୍ଷିକ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା, ଅକ୍ଷୟ ଶକ୍ତି ବିକାଶ ଯୋଜନା, ଯୁବଶକ୍ତି ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ଯୋଜନା, ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ, ସବୁ ଆଦିମ ଜନଜାତିଙ୍କ ବସ୍ତିକୁ ସବୁଦିନିଆ ରାସ୍ତା ପାଇଁ ପିଏମ ଜନମନ ଯୋଜନା, ଅତିରିକ୍ତ ସୌରଶକ୍ତି ପ୍ରୋତ୍ସାହନ ଆଦି ଯୋଜନା ବଜେଟରେ ଘୋଷଣା କରିଛନ୍ତି। ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଓ ପିଏମ୍ ସୂର୍ଯ୍ୟଘର ଯୋଜନା ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମଧୁବାବୁ ପେନ୍‌ସନ ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ୮୦ ବର୍ଷରୁ ଊର୍ଦ୍ଧ୍ୱ, ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ମାସିକ ୩ ହଜାର ୫ ଟଙ୍କା ଭତ୍ତା ଦେବା ପାଇଁ ବଜେଟରେ ବ୍ୟୟବରାଦ କରାଯାଇଛି। ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରିକଳ୍ପନା ଜରୁରୀ। ଓଡ଼ିଆ ଅସ୍ମିତା ହିଁ ଓଡିଶାବାସୀଙ୍କ ପରିଚୟ। ମହାପ୍ରଭୁ ଜଗନ୍ନାଥଙ୍କ ବିନା ଓଡ଼ିଆ ଜାତିର ପରିକଳ୍ପନା କରାଯାଇପାରିବ ନାହିଁ। ସେଥିପାଇଁ ପ୍ରଥମ କ୍ୟାବିନେଟରେ ଶ୍ରୀମନ୍ଦିର ପାଇଁ ୫ ଶହ କୋଟିର କର୍ପସ ପାଣ୍ଠି ହୋଇଛି।

୨୦୨୩ରେ କୃଷି ବଜେଟ ୨୪, ୮୨୯ କୋଟି ଥିବା ବେଳେ ଚଳିତ ବର୍ଷ ଏହାକୁ ୩୩, ୯୧୯ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ୩୬% ଅଧିକ। ଚଳିତ ବର୍ଷ ରାଜ୍ୟ ସରକାର ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ କିଣିବେ। ଧାର୍ଯ୍ୟ ଏମ୍‌ଏସ୍‌ପିଠାରୁ ୮ଶହ ଟଙ୍କା ଅଧିକ ଦିଆଯିବ। ଚାଷୀମାନଙ୍କ ପାଇଁ ନୂଆ ଯୋଜନା ସିଏମ୍ କିଷାନ କାର୍ଯ୍ୟକାରୀ ହେବ। ରାଜ୍ୟରେ ସିଏମ୍ କିଷାନ ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ସକାଶେ ବଜେଟରେ ୧୯୩୫ କୋଟି ବ୍ୟୟବରାଦ କରାଯାଇଛି। ବଜେଟରେ ଚାଷୀଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା ଘୋଷଣା। ସମୃଦ୍ଧ କୃଷକ ଯୋଜନା ପାଇଁ ବଜେଟରେ ୫ ହଜାର କୋଟି ବ୍ୟୟବରାଦ କରାଯାଇଥିବା ବେଳେ ଶ୍ରୀଅନ୍ନ ଅଭିଯାନ ପାଇଁ ୬୪୯ କୋଟି, ସୁଭଦ୍ରା ଯୋଜନା ପାଇଁ ୧୦ ହଜାର କୋଟି ବ୍ୟୟବରାଦ କରାଯାଇଛି। ରାଜ୍ୟରେ ଆସିବ ରାଜ୍ୟ ସମବାୟ ନୀତି। ମହାନଦୀ ନବୀକରଣ ପାଇଁ ବୈଷୟିକ କମିଟି ଗଠନ ହେବା ସହ ଡ୍ୟାମ୍ ସୁରକ୍ଷା ଉନ୍ନତୀକରଣ ଯୋଜନା ପାଇଁ ୨ଶହ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସବଡିଭିଜନ ସ୍ତରରେ ଶୀତଳ ଭଣ୍ଡାର ସ୍ଥାପନ କରାଯିବାକୁ ଯୋଜନା ରହିଛି। ଆଗାମୀ ୨ ବର୍ଷ ମଧ୍ୟରେ ବ୍ଲକ ସ୍ତରରେ ମଧ୍ୟ ଶୀତଳ ଭଣ୍ଡାର ନିର୍ମାଣ କରାଯିବ। ଚଳିତ ବର୍ଷ ଜଳ ସମ୍ପଦ ବିଭାଗ ନିମନ୍ତେ ବ୍ୟୟ ବରାଦକୁ ୨୫% ବୃଦ୍ଧି କରାଯାଇଛି। ୨୦୨୭ ସୁଦ୍ଧା ରାଜ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି କରାଯିବାକୁ ଲକ୍ଷ୍ୟ ରହିଛ।। ମହିଳା ଓ ଶିଶୁ ବିକାଶ ପାଇଁ ବଜେଟରେ ୧୭, ୯୪୨ କୋଟି ବ୍ୟୟବରାଦ କରାଯାଇଛି। ଅନାଥ ଶିଶୁଙ୍କ ପାଇଁ ବଜେଟରେ ନୂଆ ଯୋଜନା 'ଯଶୋଦା' ଆରମ୍ଭ କରାଯିବ। ଏହି ଯୋଜନାରେ ଅନାଥ ଶିଶୁଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଯଶୋଦା ଯୋଜନା ପାଇଁ ବଜେଟରେ ୮୩ କୋଟିର ବ୍ୟୟ ବରାଦ କରାଯାଇଛି।

ରାଜ୍ୟର ଆଦିବାସୀ ଗ୍ରାମଗୁଡ଼ିକର ବିକାଶର ଆହ୍ୱାନକୁ ମୁକାବିଲା କରିବାକୁ 'ଆଦର୍ଶ ଆଦିବାସୀ ଗ୍ରାମ କାର୍ଯ୍ୟକ୍ରମ' ଶୁଭାରମ୍ଭ କରିବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ୫୦୦ ଗାଁକୁ ଆଦର୍ଶ ଗାଁରେ ପରିଣତ କରାଯିବ। ଦକ୍ଷତା ବିକାଶ ଓ ଆୟ ସୃଷ୍ଟିକାରୀ ଯୋଜନା ମାଧ୍ୟମରେ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଅନୁସୂଚିତ ଜାତି ସଂପ୍ରଦାୟ ମଧ୍ୟରେ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା କାର୍ଯ୍ୟକାରୀ କରାଯିବ। ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଆରମ୍ଭ ହେବ। ଏଥିପାଇଁ ବଜେଟରେ ୨୪୬୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ କଟକ ଏସସିବି ମେଡିକାଲ କଲେଜ ପୁନଃବିକାଶ କାର୍ଯ୍ୟ ପାଇଁ ୧ ହଜାର କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି। ଚଳିତ ବର୍ଷ ଯାଜପୁର ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଥିବା ବେଳେ ଆସନ୍ତା ବର୍ଷ ଫୁଲବାଣୀ ଓ ୨୦୨୬-୨୭ରେ ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବାକୁ ଯୋଜନା ହୋଇଛି। ମୋ ସ୍କୁଲ ନାଁ ପରିବର୍ତ୍ତନ କରାଯାଇ ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ। ଏହି ଅଭିଯାନ ପାଇଁ ବଜେଟରେ ୩୩୨ କୋଟି ବ୍ୟୟ ବରାଦ କରାଯାଇଛି।

ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ନୂଆ ଷ୍ଟାଡିୟମ ପାଇଁ ୯୫୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ନିମ୍ନ ଆୟକାରୀ ପରିବାରକୁ ଘର ଯୋଗାଇବାକୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ ହେବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଉନଥିବା ହିତାଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ପାଇବେ। ଗ୍ରାମାଞ୍ଚଳରେ ସହରାଞ୍ଚଳ ସୁବିଧା ମିଳିବ। ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ନାଁରେ ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏଥି ପାଇଁ ବଜେଟରେ ୧ ହଜାର କୋଟି ବ୍ୟୟ ବରାଦ କରାଯାଇଛି। ୨୦୨୭ ସୁଦ୍ଧା ଭୁବନେଶ୍ୱର-ତ୍ରିଶୂଳିଆ ମେଟ୍ରୋ ରେଳ କାର୍ଯ୍ୟକ୍ଷମ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟରୁ ତ୍ରିଶୂଳିଆ ଯାଏ ଚାଲିବ। ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୬୨୫୬ କୋଟିର ବ୍ୟୟବରାଦ କରାଯାଇଛି। ମେଟ୍ରୋ ପ୍ରକଳ୍ପ ପାଇଁ ଚଳିତ ବଜେଟରେ ୧ ହଜାର କୋଟି ବ୍ୟୟ ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ମାଗଣା ବିଜୁଳି ପାଇଁ ସହାୟତା ବାବଦରେ ଏକ କିଲୋୱାଟ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୩୦ ହଜାର ଟଙ୍କା ରିହାତି ପ୍ରଦାନ କରିବେ। ସେହିପରି ୨ କିଲୋୱାଟ ପାଇଁ ୬୦ ହଜାର, ୩ କିଲୋୱାଟ ପାଇଁ ୭୮ ହଜାର ଟଙ୍କା ରିହାତି ମିଳିବ। ଏଥିରେ ଅତିରିକ୍ତ ସହାୟତା ଦେବାକୁ ରାଜ୍ୟର ସୌରଶକ୍ତି ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରିବେ। ମେକ୍ ଇନ୍ ଓଡ଼ିଶା ନାମକୁ ବଦଳାଯାଇ ଉତ୍କର୍ଷ ଉତ୍କଳ ନାମରେ ନାମିତ କରାଯାଇଛି। ଉତ୍କର୍ଷ ଉତ୍କଳ ସମ୍ମିଳନୀ ମାଧ୍ୟମରେ ୨୦୨୯ ସୁଦ୍ଧା ରାଜ୍ୟକୁ ଅଢ଼େଇ ଲକ୍ଷ କୋଟି ଘରୋଇ ପୁଞ୍ଜି ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ୨ ବିଲିୟନ ଡଲାରରୁ ଅଧିକ ବିଦେଶୀ ପୁଞ୍ଜି ନିବେଶ ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି।

### ଆଜିଠୁ ପ୍ୟାରିସ୍ ...

ପୂର୍ବରୁ ୧୯୦୦ ଓ ୧୯୨୪ରେ ପ୍ୟାରିସ୍ ସଫଳତାର ସହ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ କରିଥିଲା। ଉଦ୍‌ଘାଟନୀ ସମାରୋହରେ ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ଓ ଟେବୁଲ ଟେନିସ ଖେଳାଳି ଅଚନ୍ତ ଶରଥ କମଲ ତ୍ରିରଙ୍ଗା ବାହକ ହେବେ।

# ଭିଜିଲାନ୍ସ ଜାଲରେ ଲୋୟର ସୁକତେଲ୍ ମୁଖ୍ୟ ନିର୍ମାଣ ଯନ୍ତ୍ରୀ

## ୩୪ ପ୍ଲଟ୍ ସମେତ ବିପୁଳ ସମ୍ପତ୍ତି ଠାବ

- ଭୁବନେଶ୍ୱରରେ ୨ ଆଲିଶାନ୍ କୋଠା, ପୁରୀରେ ଦୁଇ ଫ୍ଲାଟ୍
- ଘରୁ ମିଳିଲା ୨.୩୪ ଲକ୍ଷ, ଚଢ଼ାଉ ଜାରି


ସୁନୀଲ କୁମାର ରାଉତ

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର)/ ଢେଙ୍କାନାଳ, (ରତନ ନାୟାର)/ ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)

ବଲାଙ୍ଗୀର ଲୋୟର ସୁକ୍‌ତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭିଜିଲାନ୍ସର ୯ଟି ଟିମ୍ ସୁନୀଲଙ୍କ ଘର ସମେତ ଭୁବନେଶ୍ୱର, ବଲାଙ୍ଗୀର, ପୁରୀ, ଅନୁଗୋଳ, କଟକର ୯ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏହି ସ୍ଥାନ ମଧ୍ୟରେ ସୁନୀଲଙ୍କ କଟକ ଗୁରୁଡିଝାଟିଆସ୍ଥିତ ପୈତୃକ ଘର, ଅନୁଗୋଳ କିଶୋରନଗରସ୍ଥିତ ପୁଅଙ୍କ ଘର, ଢେଙ୍କାନାଳ ଜିଲା ସଦର ଥାନା ସପ୍ତଶଯ୍ୟା ପଡା ଗ୍ରାମରେ ଥିବା ହରେକୃଷ୍ଣ ନର୍ସରି ଓ ୮ ଏକର ବିଶିଷ୍ଟ ଫାର୍ମ ହାଉସ, ନୟାପଲ୍ଲୀସ୍ଥିତ ସମ୍ପର୍କୀୟଙ୍କ ଘର, ବଲାଙ୍ଗୀରସ୍ଥିତ ବାସଭବନ ଓ ଅଫିସ ଚାମ୍ବର ଆଦି ରହିଛି। ତେବେ ଚଢ଼ାଉ ସମୟରେ ଭିଜିଲାନ୍ସ ସୁନୀଲଙ୍କ ବିପୁଳ ସମ୍ପତ୍ତି ଠାବ କରିଛି। କଟକ, ଭୁବନେଶ୍ୱର, ପୁରୀ ଓ ଢେଙ୍କାନାଳରେ ମୋଟ୍ ୩୪ଟି ପ୍ଲଟ୍ ରହିଛି। ୩୪ଟି ପ୍ଲଟ୍ ମଧ୍ୟରୁ ଭୁବନେଶ୍ୱରରେ ୫, ପୁରୀରେ ୩, କଟକରେ ୧୯ ଓ ଢେଙ୍କାନାଳରେ ୭ ପ୍ଲଟ୍ ରହିଛି। ସେହିପରି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାରସ୍ଥିତ ପ୍ଲଟ୍ ନଂ.୯୦ରେ ଥିବା ଗୋଟିଏ ୩ ମହଲା କୋଠା, ନୟାପଲ୍ଲୀ ନୀଳକଣ୍ଠ ନଗରସ୍ଥିତ ପ୍ଲଟ୍ ନଂ. ୪୯୪ରେ ଥିବା ଗୋଟିଏ ଦୁଇ ମହଲା କୋଠା, ପୁରୀ ଜିଲା ଶ୍ରୀକ୍ଷେତ୍ର ଭକ୍ତ ନିବାସ ବ୍ଲକ୍-ଜେ ଗ୍ରାଉଣ୍ଡ ଫ୍ଲୋର୍‌ରେ ଥିବା ୨ ବିଏଚ୍‌କେ ଫ୍ଲାଟ୍ (ନଂ.୦୦୨), ପୁରୀ ଭିଆଇପି ରୋଡ୍‌ସ୍ଥିତ କ୍ରୀଷ୍ଟାଧାମ ଆପାର୍ଟମେଣ୍ଟରେ ଏକ ୱାନ୍ ବିଏଚ୍‌କେ ଫ୍ଲାଟ୍ (ନଂ.ସି/୧୦୪) ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ଏଥିସହ ତାଙ୍କ ଘରୁ ୨ ଲକ୍ଷ ୩୪ ହଜାର ୧୨୦ ଟଙ୍କା, ୧୭୬ ଗ୍ରାମର ସୁନା ଅଳଙ୍କାର, ୫୦୦ ଗ୍ରାମର ରୁପା ଅଳଙ୍କାର ଠାବ ହୋଇଛି। ସେହିପରି ୩୭ ଲକ୍ଷ ୩୬ ହଜାର ୫୯୭ ଟଙ୍କାର ଗୋଟିଏ ଟ୍ରକ୍ (ଟାଟା ଏଲ୍‌ପିଟି), ୨ଟି ବେନାମୀ ଚାରିଚକିଆ ଯାନ (ହ୍ୟୁଣ୍ଡାଇ କ୍ରେଟା/ମହିନ୍ଦ୍ରା ଥର୍) ଓ ୪ଟି ବାଇକ ଏବଂ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣକୁ ହିସାବ କରାଯାଇଛି। ଢେଙ୍କାନାଳ ଫାର୍ମ ହାଉସରେ ଗୋଟିଏ ୨ ମହଲା ବିଶିଷ୍ଟ କୋଠାଘର ରହିଥିବାବେଳେ ସେଥିରେ ବହୁ ମୂଲ୍ୟ ଟଙ୍କାର ଜିନିଷପତ୍ର ରହିଛି। ସେହିପରି ୭୧ ଗୋରୁ ଓ ବଡ଼ କୁକୁଡା ଫାର୍ମ ରହିଛି।

ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୯ ଟିମ୍‌ରେ ୨ ଅତିରିକ୍ତ ଏସ୍‌ପି, ୮ ଡିଏସ୍‌ପି, ୬ ଇନ୍ସପେକ୍ଟର, ୧୦ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଚଢ଼ାଉ ଜାରି ରହିଥିବାବେଳେ ସୁନୀଲଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ସୁନୀଲ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ତାଙ୍କ ସମୟରେ ଗତ ଜାନୁୟାରୀ ୩ରେ ୨୭୨୩ କୋଟି ଟଙ୍କାରେ ନିର୍ମିତ ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟରେ ସୁନୀଲ ଦୁର୍ନୀତି କରିଥିବା ସନ୍ଦେହ କରାଯାଉଥିବାରୁ ଏ ଦିଗକୁ ମଧ୍ୟ ଭିଜିଲାନ୍ସ ଅଧିକାରୀମାନେ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହେଉଛି।


ଭୁବନେଶ୍ୱର ନୀଳାଦ୍ରି ବିହାରଠାରେ ଥିବା ସୁନୀଲ କୁମାର ରାଉତଙ୍କ ୩ ମହଲା ବିଶିଷ୍ଟ ଘର।

# ୨୮ରେ ନିଷ୍କାସନ ହେବ ହୀରାକୁଦ ଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ



ସମ୍ବଲପୁର,୨୫।୭(ବି.ଶଙ୍କର)

ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ବର୍ଷା ଯୋଗୁ କ୍ରମାଗତଭାବେ ଜଳସ୍ତର ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ୨୮ତାରିଖରେ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଏ ନେଇ ବୁର୍ଲା ସ୍ଥିତ ମହାନଦୀ ଅବବାହିକା ଭାରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ତଥା ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା ଗୁରୁବାର ପ୍ରେସ୍ ବିବୃତି ଜରିଆରେ ସୂଚିତ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ୨୮ ତାରିଖ ପରମ୍ପରାନୁସାରେ ସକାଳ ୯ଟାରେ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେବ। ତେଣୁ ମହାନଦୀ ଓ ତା'ର ଶାଖା ନଦୀଗୁଡିକର ଜଳସ୍ତର ବୃଦ୍ଧି ପାଇବ। ସେଥିପାଇଁ ବନ୍ଧର ତଳମୁଣ୍ଡରେ ଥିବା ଜିଲାର ଜିଲାପାଳମାନଙ୍କୁ ସତର୍କତା ଜାରି କରାଯାଇଛି। ଏହି ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି କୁହାଯାଇଛି। ବନ୍ୟାଜଳ ନିଷ୍କାସନ ସମୟରେ ହୀରାକୁଦ ଡ୍ୟାମ୍‌ର ବାମ ସ୍ପିଲ୍‌ୱେଠାରେ ସାଇରନ ବଜାଇବାର ବ୍ୟବସ୍ଥା ହୋଇଛି। ଏହି ସାଇରନ ୨ମିନିଟ୍ ନିରବଚ୍ଛିନ୍ନଭାବେ ବାଜିବ। ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା ହୀରକୁଦ ଜଳଭଣ୍ଡାର ଜଳସ୍ତର ୬୦୫.୯୭ଫୁଟ ରହିଥିଲା। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ଲକ୍ଷ ୧୪ହଜାର ୭ଶହ ୪୨ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଥିଲା। ସେହିପରି ପାୱାର ଚ୍ୟାନେଲ, ଶିଳ୍ପ, କେନାଲ ଜରିଆରେ ପ୍ରତି ସେକେଣ୍ଡରେ ୩୭ ହଜାର ୮ଶହ ୨୦ କ୍ୟୁସେକ ଜଳ ନିଷ୍କାସନ ହେଉଛି। ତେବେ ୨୮ତାରିଖରେ କେତୋଟି ଗେଟ୍ ଖୋଲାଯିବ ସେ ନେଇ ପରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି।

# ମୌସୁମୀରେ ଯାତ୍ରୀ ସୁରକ୍ଷାକୁ ଭାରତୀୟ ରେଳପଥର ଗୁରୁତ୍ୱ

ଭୁବନେଶ୍ୱର, ୨୪।୭
(ଅନୁରାଧା ମହାରଣା)



ମୌସୁମୀ ସମୟରେ ଯାତ୍ରୀ ସେବା ଓ ସୁରକ୍ଷା ଦୃଷ୍ଟିରୁ ଭାରତୀୟ ରେଳପଥରେ ରେଳ ବ୍ରିଜ୍ ଏବଂ ଟ୍ରାକ୍ ଯାଞ୍ଚର ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିଯୁକ୍ତ ଅଧିକାରୀ ରେଲ୍‌ୱେ ଟ୍ରାକ୍‌ର ନିରୀକ୍ଷଣ କରୁଛନ୍ତି। ନିୟମିତ ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସହିତ ସାଙ୍କେତିକ ପ୍ରଣାଳୀର ଠିକ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ମୌସୁମୀ ସମୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ୟାର୍ଡ ଡ୍ରେନ୍ ସଫାକରିବା, ସମ୍ବେଦନଶୀଳ ସ୍ଥାନରେ ପୂର୍ବରୁ ସଜାଗ ରହିବା ସହ ପଏଣ୍ଟ ଏବଂ ଟ୍ରାକ୍ ସର୍କିଟର ମିଳିତ ଯାଞ୍ଚ ଟ୍ରାକ୍ ଏବଂ ସିଗ୍‌ନାଲ ଅଧିକାରୀଙ୍କ ଦ୍ୱାରା ଜାରି ରହିଛି। ସମ୍ବେଦନଶୀଳ ରେଳ ଧାରଣାଠାରେ ପାଟ୍ରୋଲିଂ ବ୍ୟବସ୍ଥା, ଜଗୁଆଳି ନିୟୋଜନ, ପ୍ରବଳ ବର୍ଷା ହେଲେ ଟ୍ରାକ୍‌ର ସ୍ୱତନ୍ତ୍ର ପାଟ୍ରୋଲିଂ ଭଳି ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରାଯାଉଛି। ବୁଧବାର ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ୨୪ ଘଣ୍ଟା ଖୋଲା ରହୁଥିବା ପୂର୍ବତଟ ରେଳପଥ କଣ୍ଟ୍ରୋଲ ଅଫିସ କ୍ରମାଗତଭାବେ ପାଣିପାଗ ବିଭାଗ, ଆପାତ ପ୍ରବନ୍ଧକ କକ୍ଷ ଏବଂ ବନ୍ୟା ପ୍ରବଣ ଅଞ୍ଚଳରେ ନିଯୁକ୍ତ ଥିବା କର୍ମଚାରୀଙ୍କ ସହ ଆଲୋଚନା କରି ପରିସ୍ଥିତିର ଅନୁଧ୍ୟାନ କରୁଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ସହ ସମନ୍ୱୟ ରକ୍ଷା ପୂର୍ବକ ପାଣିକୁ ରେଳଧାରଣା କଡ଼ରୁ ହଟାଇବା ବ୍ୟବସ୍ଥା କରାଯାଉଛି। ଡ୍ରେନ ଓ ପୋଲଗୁଡିକରୁ ପଟୁମାଟି ସହ ଅନ୍ୟ ବାଧକକୁ ସଫା କରାଯାଉଛି। ଆବଶ୍ୟକସ୍ଥଳେ ରେଳଧାରଣାକୁ ସୁରକ୍ଷା ଦେବା ପାଇଁ ନଦୀ ଓ ଜଳ ଗଚ୍ଛିତ ଅଞ୍ଚଳରୁ ପାଣି କଢ଼ାଯିବାର ବ୍ୟବସ୍ଥା କରାଯିବ। ବ୍ରିଜ୍ ପିଲାରଗୁଡ଼ିକରେ ବିପଦ ସଙ୍କେତ ଚିହ୍ନକୁ ମଧ୍ୟ ନାଲି ଉଜ୍ଜଳ କରାଯାଇଛି, ଯାହା ଦ୍ୱାରା ରେଳପଥର ପ୍ରହରୀ ଓ ନିରାପତ୍ତା କର୍ମଚାରୀମାନେ ଠିକ ଭାବେ ଦେଖିପାରିବେ। ସେହିପରି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିରାପତ୍ତା ସାମଗ୍ରୀ ଯଥା ବାଲାଷ୍ଟପଥର, ବାଲିବସ୍ତା, ପାଉଁଶ ବସ୍ତା, ଖଣିମାନଙ୍କରେ ଅବ୍ୟବହୃତ ମାଟି ଆଦି ଗଚ୍ଛିତ ରଖାଯାଇଛି। ଇଞ୍ଜିନିୟରିଂ ରିଲିଫ୍ ଭ୍ୟାନ ସହ ନିରାପତ୍ତା ସମଗ୍ରୀକୁ ମଧ୍ୟ ପ୍ରସ୍ତୁତି ରଖାଯାଇଛି। ଏହା ସହିତ ସିମେଣ୍ଟ କଂକ୍ରିଟ କ୍ରିବ୍ ଏବଂ ପୋଲମାନଙ୍କରେ ବ୍ୟବହୃତ ଗାର୍ଡ଼ରକୁ ମଧ୍ୟ ପ୍ରସ୍ତୁତ କରି ରଖାଯାଇଛି। ଆବଶ୍ୟକସ୍ଥଳେ ଏଗୁଡ଼ିକୁ ସ୍ଥାନାନ୍ତର କରାଯାଇପାରିବ ବୋଲି ସୂଚନା ଦିଆଯାଇଛି।

# ବାଇକ୍-ଟ୍ରାକ୍ଟର ଧକ୍କା, ୨ ଛାତ୍ର ମୃତ

## ଟିଉଶନ ସାରି ଦାଦାଙ୍କ ସହ ବାଇକ୍‌ରେ ଫେରୁଥିଲେ

ବଲଙ୍ଗା,୨୫।୭(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ଅରେଇସାହି ଗାଁ ମୁଣ୍ଡରେ ଗୁରୁବାର ବାଇକ୍- ଟ୍ରାକ୍ଟର ଧକ୍କାରେ ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଡ଼ଚାନ୍ଦପୁର ଗ୍ରାମର କ୍ରିଷ୍ଣା ପରିଡ଼ା(୯) ଓ ଆଦିତ୍ୟ ପରିଡ଼ା(୬)। ଦୁହେଁ ଟିଉଶନ ସାରି ଦାଦାଙ୍କ ସହିତ ବାଇକ୍‌ରେ ଫେରୁଥିବାବେଳେ ଏପରି ଘଟଣା ଘଟିଥିଲା। ଏଥିରେ ଉତ୍ତେଜିତ ଲୋକେ ଘଟଣାସ୍ଥଳରେ ୨ ଘଣ୍ଟା ରାସ୍ତାରୋକୋ କରିଥିଲେ। ଖବରପାଇ ବଲଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିଛନ୍ତି। ତେବେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, ଗଡ଼ଚାନ୍ଦପୁର ଗ୍ରାମର ତୁଷାରକାନ୍ତି ପରିଡ଼ା ଗୁରୁବାର ତାଙ୍କ ୨ ପୁତୁରା କ୍ରିଷ୍ଣା ଓ ଆଦିତ୍ୟଙ୍କୁ ଖଣ୍ଡାୟତପାଟଣା ଗ୍ରାମରୁ ବାଇକ୍‌ରେ ନେଇ ଘରକୁ ଫେରୁଥିଲେ। ଅରେଇସାହି ଗାଁ ମୁଣ୍ଡରେ ତାଙ୍କ ବାଇକ୍ ସହ ଟ୍ରାକ୍ଟରର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁହେଁ ଟ୍ରାକ୍ଟର ଚକା ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଦ୍ୱାରା ସାକ୍ଷୀଗୋପାଳ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ୨ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ।

# ଦେବପ୍ରସାଦ ଦାଶଙ୍କ ଉପରୁ ନିଲମ୍ବନ ଉଠିଲା

## ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ନିଯୁକ୍ତି

ଭୁବନେଶ୍ୱର,୨୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଦେବ ପ୍ରସାଦ ଦାଶଙ୍କ ଉପରୁ ଦୀର୍ଘ ୬ବର୍ଷ ପରେ ନିଲମ୍ବନ ପ୍ରତ୍ୟାହାର କରାଯାଇଛି। ଓଡ଼ିଶା ସରକାରଙ୍କ ସେବା ନିୟମ ଉଲ୍ଲଂଘନ ନ କରିବାକୁ ସର୍ତ୍ତ ରଖି ରାଜ୍ୟ ସରକାର ତାଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇଛନ୍ତି। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଲମ୍ବନ ଉଠାଯିବା ପରେ ତାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୮ ମେ' ୨୮ରେ ତାଙ୍କୁ ତତ୍କାଳୀନ ରାଜ୍ୟ ସରକାର ନିଲମ୍ବନ କରିଥିଲେ। ସେତେବେଳେ ସେ ଏସ୍‌ଏସ୍‌ଇପିଡି ବିଭାଗରେ ଯୁଗ୍ମ ସଚିବ ପଦବୀରେ ଥିଲେ।


ଦେବ ପ୍ରସାଦ ଦାଶ

# ୫ଦିନ ଲାଗି ରହିବ ବର୍ଷା

ଭୁବନେଶ୍ୱର, ୨୫।୭
(ଅନୁରାଧା ମହାରଣା)

ମୌସୁମୀ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଏପରି ବର୍ଷା ଲାଗି ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଶୁକ୍ରବାର ପାଇଁ ୨୨ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଜିଲାଗୁଡିକ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ସୋନପୁର, ବୌଦ୍ଧ, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, ଯାଜପୁର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଜିଲା ରହିଛି। ସେଥିମଧ୍ୟରୁ ୧୦ ଜିଲା ବରଗଡ଼, ସମ୍ବଲପୁର, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ଏସବୁ ଜିଲାର ଗୋଟିଏ ବା ଦୁଇଟି ସ୍ଥାନରେ ୧୨ରୁ ୨୦ ସେମି ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ୟେଲୋ ୱାର୍ନିଂ ଜାରି ହୋଇଥିବା ଅନ୍ୟ ୧୨ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ପ୍ରବଳ ବର୍ଷା ନେଇ ୨୭ ତାରିଖରେ ୭ ଜିଲା, ୨୮ ତାରିଖରେ ୫ ଜିଲା ଏବଂ ୨୯ ତାରିଖରେ ୫ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

# ବନ୍ଦ ଘରୁ ବାପା, ଝିଅଙ୍କ ମୃତଦେହ ଜବତ

## ଝିଅକୁ ମାରି ବାପାଙ୍କ ଆତ୍ମହତ୍ୟା ସନ୍ଦେହ

ନୟାଗଡ଼,୨୫।୭(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପୋଲିସ ଗୁରୁବାର ନୟାଗଡ଼ ଦେବୋତ୍ତର କଲୋନୀର ୪/୧ ବନ୍ଦ ଘର ଭିତରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବାପା ଓ ଝିଅଙ୍କ ମୃତଦେହ ଜବତ କରିଛି। ପୁଲକ ବିଶ୍ୱାଳ(୩୯)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଥିବା ବେଳେ ତାଙ୍କ ୫ ବର୍ଷର ଝିଅ ପଲକଙ୍କ ମୃତଦେହକୁ ଖଟ ଉପରୁ ଜବତ କରାଯାଇଛି। ନିଜ ଝିଅକୁ ହତ୍ୟା କରିବା ପରେ ପୁଲକ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘରର ଗ୍ରୀଲ ଓ କବାଟ ଭଙ୍ଗାଯାଇଥିଲା। ଏହି ଦୁଃଖଦ ଘଟଣା ଗତ ୨୨ ତାରିଖରେ ଘଟିଥିବା ଅନୁମାନ କରାଯାଉଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପାରିବାରିକ ଅଶାନ୍ତିରୁ ଏପରି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୪)ରୁଜୁ କରି ମୃତଦେହ ଦ୍ୱୟକୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ପୁଲକ ବିଶ୍ୱାଳ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ନୟାଗଡ଼ ସହରର ଦେବୋତ୍ତର କଲୋନୀର ୪/୧ରେ ଗତ ୧୦ ବର୍ଷ ତଳେ ଘର ନିର୍ମାଣ କରି ସ୍ତ୍ରୀ କିରଣବାଳା ଓ ଝିଅ ପଲକଙ୍କ ସହ ସେ ରହି ଆସୁଥିଲେ। ସେ ଚାକିରିରୁ ଅବସର ନେଲା ପରେ ବିଦ୍ୟୁତ୍ ବିଭାଗରେ କାମ କରୁଥିଲେ। ଏହାପରେ ସେ ଚାକିରି ଛାଡ଼ି ଘରେ ରହୁଥିଲେ। ୨୦୨୩ ଅକ୍ଟୋବରରେ ତାଙ୍କ ସ୍ତ୍ରୀ କିରଣବାଳାଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀଙ୍କ ମୃତ୍ୟୁ ପରେ ପୁଲକ ଭାଙ୍ଗି ପଡିଥିଲେ। ଝିଅର ଲାଳନ ପାଳନ ପାଇଁ ଗତ ପ୍ରାୟ ୩ ମାସ ତଳେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଦିଘିରି ଗାଁର ଶକୁନ୍ତଳା ସ୍ୱାଇଁଙ୍କୁ ବିବାହ କରିଥିଲେ। ଅନ୍ୟପକ୍ଷେ ଝିଅ ପୁଲକଙ୍କ ଭବିଷ୍ୟତ ପାଇଁ ବାପା ଓ ମାମୁ ଅକ୍ଷୟ କୁମାର ପରିଡ଼ାଙ୍କ ମଧ୍ୟରେ ଏକ ନିଷ୍ପତ୍ତି ପତ୍ର ୨୫।୧୧।୨୦୨୩ରେ ସ୍ୱାକ୍ଷରିତ ହୋଇଥିଲା। ନିଷ୍ପତ୍ତି ଅନୁସାରେ ପଲକଙ୍କ ନାମରେ ୪ ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ ରହିବ। ପୁଣି ପଲକଙ୍କ ସୁନା ଅଳଙ୍କାର ବ୍ୟାଙ୍କରେ ଲକର ଖୋଲାଯାଇ ରଖାଯିବ। ଲକର ବାବଦ ଖର୍ଚ୍ଚ ବାପା ଓ ମାମୁ ବହନ କରିବେ। ପଲକଙ୍କୁ ମାମୁ ଘର ଲୋକେ ନେବା ଆଣିବା କରିବାକୁ ସେହି ପତ୍ରରେ ଉଲ୍ଲେଖ ରହିଥିଲା।

ଗତ ସୋମବାର ପୁଲକଙ୍କ ଦ୍ୱିତୀୟ ସ୍ତ୍ରୀ ଶକୁନ୍ତଳା ବାପ ଘରକୁ ଯାଇଥିଲେ। ଘରେ ବାପ ଓ ଝିଅ ରହିଥିଲେ। ସ୍ତ୍ରୀ ବାପ ଘରକୁ ଯିବା ଦିନ ପୁଲକ ଝିଅକୁ ମାରି ନିଜେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବୁଧବାର ରାତିରେ ଶକୁନ୍ତଳା ଭାଇ ଦୀପକଙ୍କ ସହ ଦେବୋତ୍ତର କଲୋନୀକୁ ଆସିଥିଲେ। ଘରର କବାଟ ବାଡେଇଥିଲେ ମଧ୍ୟ ପୁଲକ ଫିଟାଇ ନ ଥିଲେ। ଏପରି କି ତାଙ୍କ ଫୋନ ସୁଇଚଅଫ୍ ଥିଲା। ସନ୍ଦେହ ହେବାରୁ ଦୀପକ ଭଉଣୀଙ୍କୁ ଅନ୍ୟତ୍ର ଛାଡି ଥାନାରେ ସେହି ରାତିରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗ୍ରୀଲ ତାଲା ଓ କବାଟ ଭାଙ୍ଗି ଘର ଭିତରକୁ ଯାଇ ମୃତଦେହ ଠାବ କରିଥିଲେ। ଗୁରୁବାର ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ନୟାଗଡ଼ ଏସ୍‌ଡିପିଓ, ନୟାଗଡ଼ ଟାଉନ ଥାନା ଆଇଆଇସି ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଅନୁରୂପ ଭାବେ ତଦନ୍ତ କରିଛି।

ଏନେଇ ଦୀପକ କୁହନ୍ତି, ମୋ ଭଉଣୀଙ୍କୁ ଧରି ଭିଣୋଇଙ୍କ ଘରକୁ ବୁଧବାର ରାତିରେ ଆସିଥିଲି। କବାଟ ଭିତର ପଟୁ ଲକ୍ ଥିବାବେଳେ ଭିଣୋଇଙ୍କ ଫୋନ ବନ୍ଦ ଥିଲା। ବାରିପଟକୁ ଯାଇ ଦେଖିଲି ଝିଅର ପାଦ ଦେଖାଯାଉଛି, ହେଲେ ଡାକିଲେ ଶୁଣୁନି। ଦିଲ୍ଲୀରେ ରହୁଥିବା ଭିଣୋଇଙ୍କ ବଡ଼ଭାଇଙ୍କ ସହ କଥା ହୋଇ ପୋଲିସକୁ ଖବର ଦେଇଥିଲି। କବାଟ ଭଙ୍ଗା ଯିବା ପରେ ଛାତ କଡାରେ ଲୁଗା ବାନ୍ଧି ଭିଣୋଇ ଝୁଲୁଥିଲେ। ଝିଅ ଖଟ ଉପରେ ପଡିଥିଲା। ଭଉଣୀ ଭିଣୋଇଙ୍କ ମଧ୍ୟରେ ବିବାଦ କି କଳହ ନ ଥିଲା। ହସ ଖୁସିରେ ସଂସାର ଚାଲିଥିଲା। ଭିଣୋଇ କାହିଁକି ଆତ୍ମହତ୍ୟା କଲେ ବୁଝାପଡୁନି। ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର କୁହନ୍ତି, ମୃତ୍ୟୁର ପ୍ରକୃତ କାରଣ ଜଣାପଡିନି। ତେବେ ପାରିବାରିକ କଳହ ମୃତ୍ୟୁର କାରଣ ହୋଇଥାଇ ପାରେ ବୋଲି ସନ୍ଦେହ ସୃଷ୍ଟି କରାଯାଉଛି। ତେବେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।



ମୃତ ପୁଲକ ଓ ଝିଅ ପଲକ।

ବୈଦ୍ୟନାଥ
ପ୍ରାକୃତିକ ପ୍ରତିକାର ପାଇଁ ମାର୍ଗଦର୍ଶିକା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ରୁମା ଅଏଲ୍, ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍‌ସୁଲ୍ |
| କୋଷ୍ଠକାଠିନ୍ୟ | କବ୍ଜ-ହର୍, ବୈଦ୍ୟନାଥ ତ୍ରିଫଳା ଚୂର୍ଣ୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶର ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଡାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଡି ଗୁଗ୍ଗୁଲୁ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :
CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300 KEONJHAR: 9438153708 MALKANGIRI: 9556935213

ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। **–ଶ୍ରୀଅରବିନ୍ଦ**



# ତାଲିବାନ୍ ଶାସନରେ ଲିଙ୍ଗଗତ ବିଭେଦ



ଗର୍ଡନ ବ୍ରାଉନ

ଆଜକୁ ତିନି ବର୍ଷ ପୂର୍ବେ ଆଫଗାନିସ୍ତାନରେ ତାଲିବାନ୍ କ୍ଷମତାକୁ ଫେରିଥିଲା। ତା’ ପରଠାରୁ ସେଠାରେ ଝିଅମାନେ ମାଧ୍ୟମିକ ବିଦ୍ୟାଳୟରେ ପଢ଼ିପାରିନାହାନ୍ତି। ସେମାନଙ୍କ ପାଇଁ ମୌଳିକ ଶିକ୍ଷାର ଅତ୍ୟଧିକ ଆବଶ୍ୟକତା ରହିଥିଲେ ବି ତାଲିବାନ୍ ଶାସନରେ ସେମାନଙ୍କ ଅଧିକାର କ୍ରମଶଃ ହ୍ରାସ ପାଇଆସିଛି। ଯଦିଓ ନିକଟରେ କାତାରରେ ଅନୁଷ୍ଠିତ ମିଳିତ ଜାତିସଂଘର ଏକ ବୈଠକ ତାଲିବାନ୍‌କୁ ଆଲୋଚନାକୁ ଆଣିବାରେ ସଫଳ ହୋଇଥିଲା, ତଥାପି ବାଳିକା ଅଧିକାର ତାହାର ଏଜେଣ୍ଡାରେ ରଖାଯାଇ ନ ଥିଲା। ତାଲିବାନ୍ ଜିଦି ଧରିଛି ଯେ, ସେମାନେ ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ପରାମର୍ଶ ଗ୍ରହଣ କରିବେ ନାହିଁ। ଅନ୍ତର୍ଜାତୀୟ ଆଇନର ଖୋଲା ଉଲ୍ଲଂଘନ କରି ତାଲିବାନ୍ ମିଳିତ ଜାତିସଂଘର ଅନ୍ତର୍ଜାତୀୟ ଆଇନର ସାଧନ, ମାନବ ଅଧିକାରର ବୈଶ୍ୱିକ ଘୋଷଣାନାମା ଏବଂ ଶିଶୁ ଅଧିକାର ସମ୍ମିଳନୀକୁ ଅଣଦେଖା କରିଛି।

ଏଭଳି ଭୁଲ୍ କାର୍ଯ୍ୟର ଏକମାତ୍ର ସମାଧାନ ହେଉଛି ତାଲିବାନ୍ ଅନ୍ତର୍ଜାତୀୟ ସମ୍ପ୍ରଦାୟର ଚିନ୍ତାଧାରା ପ୍ରତି ଧ୍ୟାନ ଦେବା ଦରକାର। ତାଲିବାନ୍‌ର ନିୟମ ଉଲ୍ଲଂଘନ କାର୍ଯ୍ୟକୁ ନିନ୍ଦା କରୁଥିବା ଜାତିସଂଘର କଥା ତାହା ଶୁଣୁ ନ ଥିଲେ ମଧ୍ୟ ଅନ୍ୟ ସାଥୀ ମୁସଲମାନ ଦେଶଗୁଡ଼ିକର ଚାପକୁ ହୁଏତ ଗ୍ରହଣ କରିପାରେ। ସେହି ଦେଶଗୁଡ଼ିକ ମଧ୍ୟରୁ ଅନେକେ ଚେତାବନୀ ଦେଇଛନ୍ତି ଯେ, ଦେଶର ଅଧା ଜନସଂଖ୍ୟାଙ୍କ ସାମର୍ଥ୍ୟ ବିକାଶକୁ ମନା କରିବା ହିଁ ଆଫଗାନିସ୍ତାନର ଭବିଷ୍ୟତକୁ ବିପଦରେ ପକାଇବ। ଆଫଗାନିସ୍ତାନ ଝିଅମାନେ ଡାକ୍ତର, ନର୍ସ, ଶିକ୍ଷକ, ଇଞ୍ଜିନିୟର, ଉଦ୍ୟୋଗୀ ଏବଂ ଅଧିକ କିଛି ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ଏକ ଶକ୍ତିଶାଳୀ ଏବଂ ଆର୍ଥିକ ଦୃଷ୍ଟିରୁ ସକ୍ଷମ ତଥା ସ୍ୱାଧୀନ ଆଫଗାନିସ୍ତାନର ପୁନଃ ନିର୍ମାଣରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଚାହୁଁଛନ୍ତି। ସେମାନଙ୍କୁ ସେହି ସୁଯୋଗରୁ ବଞ୍ଚିତ କରିବାର କୌଣସ କାରଣ ନାହିଁ। ତାଲିବାନ୍ ଶିକ୍ଷା ନୀତି ମହିଳା ଓ ଝିଅମାନଙ୍କର କ୍ଷତି କରୁଛି। ହ୍ୟୁମାନ ରାଇଟ୍ସ ୱାଚ୍ ଅନୁଯାୟୀ, ଏହି ନୀତି ଆଫଗାନିସ୍ତାନର ୩୪ଟି ପ୍ରଦେଶରେ ବାଳକମାନଙ୍କ ଶିକ୍ଷା ମାନରେ ମଧ୍ୟ ଉଲ୍ଲେଖନୀୟ ହ୍ରାସ ଘଟାଇଛି। ଝିଅମାନଙ୍କୁ ଶିକ୍ଷାରୁ ବାଦ୍ ଦେବାର ପରିଣାମ ଅତ୍ୟନ୍ତ ଦୁଃଖଦାୟକ। ଏହା ବାଧ୍ୟତାମୂଳକ ବିବାହକୁ ବଢ଼ାଇଦେଇଛି। ନିକଟରେ ଜାତିସଂଘ ମହିଳା ରିପୋର୍ଟର ତଥ୍ୟରୁ ଜଣାପଡ଼ିଛି ଯେ, ବାଲ୍ୟ ବିବାହ ହାର ୨୫% ବୃଦ୍ଧି ପାଇଛି ଏବଂ ସେମାନଙ୍କ ପାଇଁ ଶିକ୍ଷା ବନ୍ଦ କରାଯିବା ହିଁ ଏହାର ପ୍ରମୁଖ କାରଣ ବୋଲି ଦର୍ଶାଇଛି। ଅନ୍ୟସବୁ କ୍ଷେତ୍ରରେ, ଝିଅମାନଙ୍କର ଅଧିକାରକୁ ଯୋଜନାବଦ୍ଧ ଭାବେ ଯେଭଳି ଉଲ୍ଲଂଘନ କରାଯାଇଛି ତାହା ଜୀବନ ଏବଂ ମୃତ୍ୟୁର କାରଣ ପାଲଟିଛି। ମାନସିକ ଚାପ, ବିଷାଦ ଏବଂ ଆତ୍ମହତ୍ୟା ଉଦ୍ୟମ ବୃଦ୍ଧି ପାଉଛି। ମାତୃ ମୃତ୍ୟୁହାର ବିପଦ ବଢ଼ିଛି, ଯେଉଁଥିରେ ଜନ୍ମ ସମୟରେ ଯୁବତୀମାନେ ମୃତ୍ୟୁମୁଖରେ ପଡୁଛନ୍ତି ଏବଂ ଏହି



ମୃତ୍ୟୁହାର ଅତିକମ୍‌ରେ ୨୫% ବୃଦ୍ଧି ପାଇଛି। ସାରା ବିଶ୍ୱରୁ ସଂଗୃହୀତ ତଥ୍ୟ ଏହା ପ୍ରମାଣ କରିଛି ଯେ, ଯୁବତୀମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍କୁଲ ଶିକ୍ଷା ଶିଶୁ ମୃତ୍ୟୁହାର (୫ ବର୍ଷରୁ କମ୍) ଅଧାରୁ ଅଧିକ ହ୍ରାସ କରିପାରିବ। ଏଣୁ ଶିଶୁ ମୃତ୍ୟୁ ଯେଭଳି ବୃଦ୍ଧି ପାଉଛି ତାହାକୁ ରୋକିବାକୁ ଆମେ ପ୍ରସ୍ତୁତ ହେବା ଉଚିତ।

ଏଭଳି କଠୋର ଆଚରଣ କେବଳ ପିଲାମାନଙ୍କ ଶିକ୍ଷା କ୍ଷେତ୍ରରେ ସୀମିତ ହୋଇ ରହିନାହିଁ। ତାଲିବାନ୍ ମଧ୍ୟ ସ୍କୁଲ ଶିକ୍ଷୟିତ୍ରୀ, ପ୍ରଶାସନିକ ସେବା ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟ କରୁଥିବା ମହିଳାମାନଙ୍କ ଉପରେ କଟକଣା ଜାରି କରିଛି। ଏହା ଆଫଗାନ୍ ନାଗରିକ ସମାଜର କ୍ଷମତା ହ୍ରାସ କରିଛି। ଜାତୀୟ ଏବଂ ଅନ୍ତର୍ଜାତୀୟ ଏନ୍‌ଜିଓ ସହ କାମ କରିବାରେ ମହିଳାଙ୍କ ଅଧିକାରକୁ ରଦ୍ଦ କରିବା ପରେ ଏଭଳି ଅନେକ ସଂଗଠନକୁ ଦେଶରେ କାମ କରିବା ସହ ମୌଳିକ ସେବା ଯୋଗାଇବା ଅସମ୍ଭବ ହୋଇଯାଇଛି।

ଏହିସବୁ ପ୍ରତିବନ୍ଧକର ପୁନର୍ବିଚାର ଉପରେ ଆଫଗାନିସ୍ତାନର ଭବିଷ୍ୟତ ନିର୍ଭର କରେ। ପ୍ରତିବର୍ଷ ଗୋଟିଏ ଦେଶ ତା’ ପିଲାଙ୍କୁ ଯୋଗାଇ ଦେଉଥିବା ଅତିରିକ୍ତ ସ୍କୁଲ ଶିକ୍ଷା ଯୋଗୁ ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦରେ ୧୮% ପର୍ଯ୍ୟନ୍ତ ଲାଭ ମିଳିବ ବୋଲି ଆଶା କରାଯାଏ। ଆଫଗାନିସ୍ତାନ ଝିଅମାନଙ୍କ ଶିକ୍ଷାରେ ୧ ଡଲାର ଖର୍ଚ୍ଚ କଲେ ଏହା ଭବିଷ୍ୟତ ଆୟରେ ୨.୮୦ ଡଲାର ସୃଷ୍ଟି କରିପାରିବ। ଯଦି ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ଯୋଗ ନ ଦିଅନ୍ତି, ତେବେ ଆଫଗାନିସ୍ତାନ ତାହାର ଦଶନ୍ଧି ବ୍ୟାପୀ ଯୁଦ୍ଧର କ୍ଷତି ଓ ଗମ୍ଭୀର ଦାରିଦ୍ର୍ୟ ମଧ୍ୟରୁ କେବେ ବି ମୁକୁଳିପାରିବ ନାହିଁ। ଜନସଂଖ୍ୟାର ପାଖାପାଖି ଅଧା ପୂର୍ବଭଳି ମାନବୀୟ ସହାୟତାର ଆବଶ୍ୟକତାକୁ ଚାହିଁ ରହିବେ। ତେବେ ସାହସୀ ଆଫଗାନ୍ ଝିଅମାନେ ‘ଏଜୁକେଶନ କ୍ୟାନ୍ ନଟ୍ ୱେଟ୍’ର ଅଭୂତପୂର୍ବ # ଆଫଗାନ୍ ଗର୍ଲସ ଭଏସ୍ ଅଭିଯାନର ସମର୍ଥନ ପାଇ ତାଲିବାନ୍ ଶାସନର ଲିଙ୍ଗଗତ ବିଭେଦ ଶେଷ କରିବା ପାଇଁ ଦାବି କରି ବାହାରକୁ ବାହାରିଛନ୍ତି। ବେଆଇନ ଭାବେ ଗୁପ୍ତରେ ସ୍କୁଲ ଚଳାଇବା, ସ୍ଥାନୀୟ ଅଞ୍ଚଳରେ ଘରେ ସ୍କୁଲ ଶିକ୍ଷା ଦେବା ଏବଂ ରିମୋଟ୍ ଲର୍ନିଂ ଆଦି ସାହାଯ୍ୟ କରିପାରେ। ୨୦୨୩ରେ,‘ଏଜୁକେଶନ କ୍ୟାନ୍ ନଟ୍ ୱେଟ୍’ ଗୋଷ୍ଠୀ ଆଧାରିତ ଶିକ୍ଷା କାର୍ଯ୍ୟକ୍ରମରେ ନିବେଶ କରିଛି ଓ ଏହା ମାଧ୍ୟମରେ ପାଖାପାଖି ୨ ଲକ୍ଷ ବାଳିକା ବାଳକଙ୍କ ନିକଟରେ ପହଞ୍ଚିପାରିଛି।

କିନ୍ତୁ ଶିକ୍ଷା ପାଇଁ ଝିଅମାନେ ଅତ୍ୟଧିକ ଦାବି କରୁଛନ୍ତି। ଏହାସତ୍ତ୍ୱେ ତୃଣମୂଳସ୍ତରରେ ଥିବା ଆମ ସହଯୋଗୀମାନେ ବିଶେଷକରି ହେଲ୍‌ମାଣ୍ଡ ଏବଂ କାନ୍ଦାହାର ପରି ତାଲିବାନ୍ ଗଡ଼ରେ ଧର୍ମଗୁରୁଙ୍କ ପ୍ରତିରୋଧ ବିରୋଧରେ ସଂଘର୍ଷ କରୁଛନ୍ତି। ଏହି କର୍ତ୍ତୃପକ୍ଷଙ୍କୁ କହିବା ଆବଶ୍ୟକ ଯେ ଝିଅମାନଙ୍କ ପାଇଁ ସମ୍ପୂର୍ଣ୍ଣ ସୁବିଧା ନ ଆସିବା ପର୍ଯ୍ୟନ୍ତ ଆଫଗାନିସ୍ତାନ ଶିକ୍ଷା ପାଇଁ ଆର୍ଥିକ ସହାୟତା ପାଇବ ନାହିଁ। ଏହି ସମୟରେ, ଆମେ ଅବଶିଷ୍ଟ ବିଶ୍ୱରୁ ସୁବିଧାରେ ଅନ୍‌ଲାଇନ ଏବଂ ରେଡିଓ ପାଠ୍ୟକ୍ରମ ବିସ୍ତାର କରି ଆଫଗାନିସ୍ତାନ ଝିଅମାନଙ୍କ ନିକଟରେ ପହଞ୍ଚିବା ପାଇଁ ଅଧିକ କିଛି କରିପାରିବା। ଅର୍ଥାତ୍ ଅନ୍‌ଲାଇନ ପାଠ୍ୟକ୍ରମ ଏବଂ ସେମାନଙ୍କ ପାଠ୍ୟକ୍ରମ ଉପଲବ୍ଧ କରାଇବା ପାଇଁ ଅଧିକ ବିଶ୍ୱବିଦ୍ୟାଳୟ ଏବଂ ବିଦ୍ୟାଳୟକୁ କାର୍ଯ୍ୟରେ ଲଗାଇବାକୁ ହେବ। ତାଲିବାନ୍ ନେତୃତ୍ୱ ଉପରେ ଚାପ ପକାଇବାକୁ ଅନ୍ୟସବୁ ଉପାୟ ମଧ୍ୟ ଅଛି। ଆମେ ଜାଣୁ ଯେ ସମସ୍ତ ତାଲିବାନ୍ ସେମାନଙ୍କ ଝିଅ, ଭଉଣୀ ଏବଂ ପତ୍ନୀଙ୍କ ପ୍ରତି ସାମ୍ପ୍ରତିକ ଭେଦଭାବ ସହ ସହମତ ନୁହନ୍ତି। ଅନ୍ୟ ଦେଶଗୁଡ଼ିକ ନିଜ ଘରୋଇ ଆଇନଗତ ଢାଞ୍ଚା ମାଧ୍ୟମରେ ତାଲିବାନ୍ ଶାସନ ଉପରେ ଅଧିକ ଚାପ ପକାଇପାରିବେ। ବାଳିକା ଅଧିକାରକୁ ଅଧିକ ପ୍ରତିରୋଧ କରୁଥିବା ତାଲିବାନ୍ ନେତାମାନଙ୍କ ଉପରେ କଟକଣା ଲଗାଇ ଏହା କରାଯାଇପାରିବ। ମୁଖ୍ୟତଃ ମୁସଲମାନ ଦେଶଗୁଡ଼ିକର ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଲିବାନ୍ ଏବଂ ପାଶ୍ଚାତ୍ୟ ଦେଶ ମଧ୍ୟରେ ମଧ୍ୟସ୍ଥ ଭାବରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଆସୁଥିବା କାତାରର ବୈଦେଶିକ ମନ୍ତ୍ରଣାଳୟ ଏହି ନିଷେଧାଦେଶକୁ ଶେଷ କରିବାକୁ ଚାପ ପକାଇଛି। ସାଉଦି ଲୋକମାନେ ତାଲିବାନ୍‌କୁ ସମାଲୋଚନା କରି କହିଛନ୍ତି ଯେ, ଆଫଗାନିସ୍ତାନ ମହିଳାମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଆଇନଗତ ଅଧିକାର ପ୍ରଦାନ କରିବାରେ ବିଫଳ ହୋଇଛି। ଏହା ମଧ୍ୟରେ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିକ୍ଷା ଅଧିକାର, ଯାହା ଆଫଗାନିସ୍ତାନରେ ସୁରକ୍ଷା, ସ୍ଥିରତା, ବିକାଶ ଏବଂ ସମୃଦ୍ଧିକୁ ଆଗକୁ ନେବ। ସଂଯୁକ୍ତ ଆରବ ସଂଘ ଆଫଗାନିସ୍ତାନର ଏହି ନୀତିକୁ ‘ଇସ୍‌ଲାମ ଶିକ୍ଷାର ଉଲ୍ଲଂଘନ’ ଦର୍ଶାଇ ଏବଂ ଏହାକୁ ଶୀଘ୍ର ପରିବର୍ତ୍ତନ କରାଯିବା ଉଚିତ୍ ବୋଲି କହିଛି।

ଇସ୍‌ଲାମିକ ଶିକ୍ଷା ପ୍ରକୃତରେ ଝିଅଙ୍କ ଶିକ୍ଷାକୁ ସମର୍ଥନ କରେ– ‘ଇକ୍ରା’ ଅର୍ଥାତ୍ ପଢ଼ିବା ହେଉଛି କୋରାନର ପ୍ରଥମ ଶବ୍ଦ– ଏବଂ ବାକି ମୁସଲମାନଦେଶଗୁଡ଼ିକ ଏହାକୁ ପ୍ରୋତ୍ସାହିତ କରନ୍ତି। ସୁନ୍ନି ଇସ୍‌ଲାମରେ ଥିବା ୬ଟି କାନୋନିକାଲ ଟିଚିଂ ବା ଶିକ୍ଷା ମଧ୍ୟରୁ ଅଲ–ତିର୍‌ମିଦ୍ଧି, ହଦିଥ ୭୪ରେ କୁହାଯାଇଛି ଯେ, ପ୍ରତ୍ୟେକ ମୁସଲମାନ ପାଇଁ ଜ୍ଞାନ ଅନ୍ୱେଷଣ ବାଧ୍ୟତାମୂଳକ, ଯାହା ପୁରୁଷ ଏବଂ ମହିଳାଙ୍କ ଶିକ୍ଷା ପ୍ରତି ଧର୍ମର ଗଭୀର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଥାଏ। ଆଫଗାନିସ୍ତାନ ଝିଅମାନଙ୍କୁ ଏହି ପ୍ରତିବଦ୍ଧତାରୁ ବାଦ୍ ଦିଆଯିବା ଉଚିତ୍ ନୁହେଁ। ସେମାନେ ଏବଂ ସର୍ବତ୍ର ଝିଅଙ୍କ ଅଧିକାରର ସମର୍ଥକମାନେ ଜାଣିବା ଆବଶ୍ୟକ ଯେ, ଏହା ଏମିତି ଏକ ଲଢ଼ାଇ ଯାହାକୁ ଏବେ ବି ଜିତାଯାଇପାରିବ।

**ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ୍**
**ବୈଶ୍ୱିକ ଶିକ୍ଷା ପାଇଁ ଜାତିସଂଘର ସ୍ୱତନ୍ତ୍ର ରାଷ୍ଟ୍ରଦୂତ**

# ଭଙ୍ଗା ପୋଲର ଆତ୍ମକଥା



ପ୍ରଣତି ଆଚାର୍ଯ୍ୟ ମିଶ୍ର

ମୁଁ ହେଉଛି ଭଙ୍ଗା ପୋଲ। ନାମକରଣ ହେବା ପରେ ପରେ ମୁଁ ଭାଙ୍ଗିଗଲି, ସେଥିପାଇଁ ମୋତେ ମୋ ନାମରେ କେହି ଜାଣନ୍ତି ନାହିଁ। ଦିନେ ଦିବାଲୋକରେ ସମସ୍ତଙ୍କ ସାମ୍ନାରେ, ତଳେ ପଡ଼ିଗଲି। ମୁଁ ନିଜେ ପଡ଼ି ନ ଥିଲି, ଯୋଜନା କରି ମୋ ସହ ଏପରି କରାଗଲା। ଏହା ମୋର ନୁହେଁ, ନିର୍ମାତାମାନଙ୍କ ପତନ। ମୋତେ ବାରମ୍ବାର ଅଭିଯୋଗ କରାଯାଉଛି ଯେ ମୁଁ ହଠାତ୍ ଖସିପଡ଼ିଛି। ସତ କଥା ହେଉଛି, ମୋ ପତନର ଗାଥା, ନିର୍ମାଣ ପୂର୍ବରୁ ହିଁ ମୂଳଦୁଆରେ ଲିପିବଦ୍ଧ ଥିଲା। ଏଠାରେ ମୋତେ ଦେଖ! ବଞ୍ଚିବା ପାଇଁ ଅନେକ ପ୍ରୟାସ କଲି ହେଲେ, ବନ୍ୟା ସହ୍ୟ କରିବା କ୍ଷମତା ନ ଥିଲା।। ଚାପ ବଢ଼ିବା ପରେ ଭୁଶୁଡ଼ି ପଡ଼ିବା ଶ୍ରେୟ ହେଲା। ମୋ ସହିତ ଅନେକ ନିରୀହ (ଗୋଡ଼ି,ବାଲି, ସିମେଣ୍ଟ, ଛଡ଼ ଇତ୍ୟାଦି ) ପ୍ରାଣ ହରାଇଛନ୍ତି। ଏଥିପାଇଁ ମୋତେ ସମାଲୋଚନା କରାଯାଉଛି। ବାସ୍ତବତା ହେଉଛି ଉଭୟ ‘ଖସି ପଡ଼ିଥିବା’ ଓ ‘ମରିଥିବା’ ମଣିଷ ନ ଥିଲେ। ଏହି ପୋଲ ଭୁଶୁଡ଼ି ପଡ଼ିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ‘ପତନ’ରେ କିଏ ଓ କେତେ ଖସିପଡ଼ିଛନ୍ତି ତାହା ସେମାନେ ଦେଖି ନ ଥିଲେ। ସମସ୍ତେ କେବଳ ଆଲୋଚନା ପର୍ଯ୍ୟାଲୋଚନା କରିବାରେ ବ୍ୟସ୍ତ। ଏହା ସାମୂହିକ ଅବନତିର ଦୃଶ୍ୟ ବୋଲି କେହି ଦେଖୁନାହାନ୍ତି। ଆମେ ପଡ଼ି ମଧ୍ୟ ଅନ୍ୟମାନଙ୍କୁ ବଞ୍ଚାଉଛୁ। ଏହା ଏକ ନୂଆ ପ୍ରକାରର କୌଶଳ। ମୁଁ ଏକୁଟିଆ ପଡ଼ି ନ ଥିଲି। ମୋର ଅନ୍ୟ ସମକାଳୀନ ଭାଇମାନେ ମଧ୍ୟ ପଡ଼ିଗଲେ। ଭଲ ବଜେଟ ସହ ସେମାନଙ୍କୁ ମଧ୍ୟ ନିର୍ମାଣ କରାଯାଇଥିଲା। ଯେଉଁମାନେ ଆମକୁ ତିଆରି କରନ୍ତି ସେମାନେ ବିପୁଳ ପରିମାଣର ଟଙ୍କାରେ ବୁଡ଼ି ଯାଆନ୍ତି ଏବଂ ଆମେ ତଳବିହୀନ ପାଣିରେ ବୁଡ଼ି ଯାଉ। ଖସି ପଡ଼ି ଆମେ ଅପରାଧ କରିନାହୁଁ, ବରଂ ସରକାରୀ କର୍ମଚାରୀ, ଅଧିକାରୀ ଓ ଠିକାଦାରଙ୍କ ପାପକୁ ପଦାରେ ପକାଇଛୁ। ତଥାପି ଆମକୁ ନିନ୍ଦା କରାଯାଉଛି।

ଦୁର୍ନୀତିଗ୍ରସ୍ତମାନେ ମୋ ଉପରେ ଡେଉଁଥିଲେ। ଛାତିରେ ପଥର ରଖି ସବୁ କିଛି ସହିଗଲି। ଅସହାୟଙ୍କୁ ନିଜ ପ୍ରିୟଜନଙ୍କ ସହ ପରିଚିତ କରାଇଲି। ଯୁବକମାନଙ୍କୁ ସେମାନଙ୍କ ଚାକିରି କ୍ଷେତ୍ରରେ ଏବଂ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ସମୟରେ ସେମାନଙ୍କ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବାକୁ ଚେଷ୍ଟା କଲି। ଏହା ପଡ଼ିବାର ଠିକ୍ ପୂର୍ବର ଘଟଣା। ବିନା ଭେଦଭାବରେ ସମସ୍ତଙ୍କୁ ନଦୀ ପାର କରାଇଥିଲି। ତଥାପି ମୋତେ ଉଚିତ ଗୁରୁତ୍ୱ ମିଳିଲା ନାହିଁ। ଅବଶ୍ୟ କେତେଜଣ ବରିଷ୍ଠ ଲେଖକ ନିଜ ଲେଖନୀ ମାଧ୍ୟମରେ ବାରମ୍ବାର ସମସ୍ତଙ୍କୁ ଚେତାବନୀ ଦେଉଥିଲେ, ‘ପୋଲ ପାର କରିବାକୁ ହେଲେ ନଦୀରେ ବୁଡିବା ନିଶ୍ଚିତ। ଏସବୁ ଶୁଣିବା ପରେ ବି ମୋର ପ୍ରଯୋଜକମାନେ ସମ୍ବେଦନଶୀଳ ନ ଥିଲେ। ମୋ ପାଖରେ ଅନ୍ୟ କୌଣସି ଉପାୟ ନ ଥିଲା, ଯଦି ବୁଡ଼ିଯିବା ହିଁ ଏକମାତ୍ର ବିକଳ୍ପ, ତେବେ ମୁଁ କାହିଁକି ବିଦ୍ରୋହ କରିବି? ତେଣୁ ପ୍ରଥମ ବର୍ଷାରେ ମୁଁ ମୁକ୍ତିର ମାର୍ଗ ଦେଖିଲି। ଆଗକୁ ଆହୁରି ଅନେକ ପୋଲ ନିର୍ମାଣ କରାଯିବ ଓ ଭୁଶୁଡ଼ି ପଡ଼ିବ। ଏବେ ନୂଆ ନୂଆ ସରକାର ଆସିଛନ୍ତି ତେଣୁ ବ୍ରିଜ୍ ଧୋଇବା ଏବେଠାରୁ ଖବର ହେବ ନାହିଁ। ତଥାପି ପ୍ରଶ୍ନ ଉଠୁଛି ଯେ ଇଂରେଜମାନେ ନିର୍ମାଣ କରିଥିବା ପୋଲ ଏବେବି ଜୀବିତ। ହେଲେ ମୋ ଉପରେ ଅସୁରକ୍ଷିତ ପୋଲ ବୋଲି ବୋର୍ଡ ବାଡେଇ ଆଧୁନିକ ଇଞ୍ଜିନିୟର, ଅଧିକାରୀ ଓ ଜନନେତା ଜନସାଧାରଣଙ୍କ ବିଶ୍ୱାସର ପାତ୍ର। ମୁଁ ଭୁଶୁଡ଼ି ପଡିବାରେ କେହି ଦାୟୀ ନୁହେଁ। ମୁଁ ସରକାରଙ୍କୁ ଏକ ବଡ଼ ଧାର୍ମିକ ସଙ୍କଟରୁ ରକ୍ଷା କରିଛି। ଠିକାଦାରମାନେ ବ୍ୟବସ୍ଥା ଉପରେ ଆସ୍ଥା ହରାଇ ନାହାନ୍ତି। ସରକାରୀ କାର୍ଯ୍ୟରେ ଏହି ପରି ଦୃଶ୍ୟମାନ ଆଗକୁ ମଧ୍ୟ ଜାରି ରହିବ। ମୁଁ ଚାହୁଁଛି ଯେ ସମସ୍ତେ ଟିକେ ଧ୍ୟାନ ଦିଅନ୍ତୁ। ଶେଷ କଥା। ମୁଁ ଓ ନେତାଙ୍କ ମଧ୍ୟରେ ସମାନତା କଥା କେବେ କହନ୍ତୁନାହିଁ। ସେମାନେ ଦୁର୍ନୀତିରେ ଲିପ୍ତ ଅଛନ୍ତି, ଲୋକ ଦେଖାଣିଆ ଇସ୍ତଫା ଦିଅନ୍ତି ଓ ବେଳେ ବେଳେ ଓହରି ଯାଆନ୍ତି। ଯେତେବେଳେ ମୁଁ ଦୁର୍ନୀତିରେ ସମ୍ପୃକ୍ତ ବୋଲି ଜଣାପଡ଼େ, ମୁଁ ମରିଯାଏ। ଏହା ହେଉଛି ଏକ ପୋଲ ହେବା ଏବଂ ମଣିଷ ହେବା ମଧ୍ୟରେ ମୌଳିକ ପାର୍ଥକ୍ୟ।

**ମୋ:୯୪୩୭୬୪୨୯୪୭**

## ଏଇ ଭାରତରେ

ଅମୃତସରର ୧୮ ବର୍ଷୀୟା ରୁହାନି ବର୍ମା ପ୍ଲାଷ୍ଟିକ୍ ଓ ଅନ୍ୟ ବର୍ଜ୍ୟର ପୁନଃ ଉପଯୋଗ କରି ଏକ କାର୍ବନ ନେଗେଟିଭ (କାର୍ବନ ନିର୍ଗମନ କମ୍ କରିପାରୁଥିବା) ଟଏଲେଟ ନିର୍ମାଣ କରିଛନ୍ତି। ଏଥିରେ ୪,୦୦୦ ବର୍ଜ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍ ଲାଗିଛି। ଏହା ଭାରତର ପ୍ରଥମ କାର୍ବନ ନେଗେଟିଭ ଟଏଲେଟ। ରୁହାନି ସ୍କୁଲରେ ପଢ଼ିବାବେଳେ ପ୍ଲାଷ୍ଟିକ୍‌ବ୍ୟାଗ୍ ସଂଗ୍ରହ କରି ସେଥିରୁ ଲେଗୋ ବ୍ରିକ୍ସ ବା ଇଟା ଓ ଫ୍ଲାଟ୍ ସିଟ୍ ତିଆରି କରିବା ପାଇଁ ପଠାଉଥିଲେ। ପରେ ସେସବୁକୁ ବ୍ୟବହାର କରି ଏହି ଟଏଲେଟ ନିର୍ମାଣ କରିଛନ୍ତି। ଏହାର ନିର୍ମାଣ ଲାଗି ଆର୍କିଟେକ୍ଟ ସୁଧୀର ରାଓଙ୍କ ସହଯୋଗ ନେଇଛନ୍ତି। ଉକ୍ତ ଟଏଲେଟ ଶତ ପ୍ରତିଶତ ରିସାଇକେଲଯୋଗ୍ୟ। ସେ ଏହାକୁ ଅମୃତସର ବିମାନବନ୍ଦରରେ ସ୍ଥାପନ କରିଛନ୍ତି ଓ ‘ସ୍ୱଚ୍ଛ ଶୌଚାଳୟ: ଭାରତର ପ୍ରଥମ ପରିବେଶ ଉପଯୋଗୀ ଟଏଲେଟ’ ବୋଲି ବୋର୍ଡରେ ଲେଖାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୨୬ ଜୁଲାଇ ୧୯୭୫

- ଜାତିସଂଘ ସନନ୍ଦ ଆଡହକ କମିଟିରେ ଥିବା ୪୨ ଜଣ ସଭ୍ୟଙ୍କ ମଧ୍ୟରେ ଭାରତ ଗୋଟିଏ ସଭ୍ୟ ରହିଛି ବୋଲି ଜାତିସଂଘ ସାକ୍ରେଟାରୀ ଜେନେରାଲ କୁଟ ୱାଲ୍‌ଡହ୍ୟୁମ ପ୍ରକାଶ କରିଛନ୍ତି।
- ଆମେରିକା ପ୍ରେରିତ ଆପୋଲୋ ମହାକାଶଯାନ ତିନି ଜଣ ମହାକାଶଚାରୀଙ୍କ ସହ ନିରାପଦରେ ଭୂପୃଷ୍ଠକୁ ଫେରିଆସିଛି।
- ମେକ୍ସିକୋ ଓ କ୍ୱିଇଟ୍ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ କରାଯିବ ବୋଲି ମେକ୍ସିକୋ ବହିର୍ବ୍ୟାପାର ବିଭାଗ ପକ୍ଷରୁ ଘୋଷଣା।

# ଅସ୍ତମିତ ଅସ୍ମିତା



ହରିଶଙ୍କର ମିଶ୍ର

ଯଦୁବଂଶ ଧ୍ୱଂସ ମୂଳରେ ଥିଲା କୋକୁଆ। ବାସ୍ତବରେ କୋକୁଆର ସ୍ୱରୂପ କେହି ଦେଖି ନ ଥିଲେ। କୋକୁଆ କୌଣସି ଜୀବ ବା ଜୀବାଣୁ ନ ଥିଲା। ଜନମୁଖରେ କେବଳ କୋକୁଆ ଶୁଭୁଥିଲା। ପରସ୍ପର ମଧ୍ୟରେ କୋକୁଆ କୋକୁଆ ଶବ୍ଦ ସହ ଗଣ୍ଡଗୋଳ ଏପରି ବ୍ୟାପକ ହେଲା ଯେ ସମ୍ପୂର୍ଣ୍ଣ ଯଦୁ କୁଳ ଧ୍ୱଂସ ହୋଇଗଲା। ଠିକ୍ ସେହିପରି ଗତ ସାଧାରଣ ନିର୍ବାଚନରେ ‘ଅସ୍ମିତା’ ଶବ୍ଦଟି ଏତେ ପ୍ରଭାବଶାଳୀ ହେଲା ଯେ ଦୀର୍ଘ ଚବିଶ ବର୍ଷର ଶାସନକୁ ରାଜ୍ୟରେ ପରାଜୟର ସ୍ୱାଦ ଦେଇ ଲୋକ ସଭାର ସଭ୍ୟ ସଂଖ୍ୟା ଶୂନ ହୋଇଗଲା। ଯଦି ଅସ୍ମିତାର ସ୍ୱରୂପ ଓ ଏହାର ପ୍ରୟୋଗ ସମ୍ପର୍କରେ ପ୍ରଶ୍ନ କରାଯାଏ, ତେବେ ତା’ର ଉତ୍ତର ପାଇଁ ଅନେକ ପ୍ରଶ୍ନ ମଧ୍ୟ ସୃଷ୍ଟି ହେବ। କିଛିଦିନ ଧରି ରାଜନୈତିକ ବ୍ୟକ୍ତିଙ୍କ ଠାରୁ ସାମାଜିକ ଗଣମାଧ୍ୟମରେ ଓ ସଭାସମିତିରେ ଏହି ଶବ୍ଦର ଢେର ପ୍ରୟୋଗ ଚାଲିଛି। ପ୍ରତ୍ୟେକ କଥାରେ ସେଇ ଅସ୍ମିତାର ଉଚ୍ଚାରଣ । କିନ୍ତୁ ଅସ୍ମିତା କାହାକୁ କୁହନ୍ତି ତା’ର ତର୍ଜମା ହେଉନାହିଁ। ଅସ୍ମିତାର ଆଭିଧାନିକ ଅର୍ଥ ହେଉଛି ‘ଅହଂବର୍ଜିତ ସ୍ୱାଭିମାନ’। ବିବେକାନୁମୋଦିତ ସ୍ୱାଭିମାନ ହିଁ ଅସ୍ମିତା। ଏହା ସତ୍ୟ ଯେ ଆମେ ଯଦି ଆମ ରାଜ୍ୟର ଅତୀତଠାରୁ ଆଜି ପର୍ଯ୍ୟନ୍ତ ଅନେକ ଆଲୋଚିତ ଓ ଅନାଲୋଚିତ ତଥ୍ୟକୁ ତର୍ଜମା କରିବା ତେବେ ଏହା ନିଶ୍ଚିତ ହେବ ଯେ ଆମର କଳୁଷିତ ଲୋକଚରିତ୍ର ପାଇଁ ଆମେ ଆମ ଅସ୍ମିତାକୁ ହତ୍ୟା କରିସାରିଛେ କିମ୍ବା ଅସ୍ମିତା ଆମ ପାଇଁ ଅସ୍ତମିତ ହୋଇଯାଇଛି। ସେଇ ଅସ୍ତମିତ ଅସ୍ମିତାର ପୁନଃ ଉଦୟ । ମୃତ ଅସ୍ମିତାର ପୂର୍ବଜନ୍ମ ପାଇଁ ଆମେ କାୟ ମନ ବାକ୍ୟ ଓ ବିବେକର ପୁନଃ ଜାଗରଣ କରିପାରିଲେ ହୁଏତ ସେଇ ଅସ୍ମିତା କିଛି ମାତ୍ରାରେ ଜାଗରଣ ହୋଇପାରେ।

ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ଓଡ଼ିଶା ହିଁ ପାଇଥିଲା। କିନ୍ତୁ ରାଜ୍ୟର ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ପଡ଼ୋଶୀ ରାଜ୍ୟକୁ ଟେକି ଦିଆଗଲା। ବିଖଣ୍ଡିତ ରାଜ୍ୟ ପାଇବା ସତ୍ତ୍ୱେ ଆମେ ଓଡ଼ିଶାର ଗଜପତି କପିଳେନ୍ଦ୍ର ଦେବ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପ୍ରକାଣ୍ଡ ଭୂଖଣ୍ଡର ଅଧିକାରୀ ଥିଲେ ବୋଲି ଦମ୍ଭୋକ୍ତି ଦେଖାଇବା କେଉଁ ଅସ୍ମିତା? ନଅଙ୍କ ଦୁର୍ଭିକ୍ଷ ବେଳେ ଛତରରେ ନ ଖାଇ ଏବଂ ସରକାରୀ ସହାୟତାକୁ ପ୍ରତ୍ୟାଖ୍ୟାନ କରି ମୃତ୍ୟୁକୁ ଶ୍ରେୟମଣି ଛତରଖିଆ ହୋଇ ନ ଥିବା ଏଇ ଜାତିର ଦାୟାଦ ଯଦି ନିଜ ଆତ୍ମୀୟଙ୍କ ଶବଦାହ ପାଇଁ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ନିଏ ଏବଂ ଏକାଧିକ ରୋଜଗାରକ୍ଷମ ପୁଅଙ୍କ ମାତାପିତା ପୁଅମାନେ ପଚାରୁନାହାନ୍ତି ବୋଲି ସତ୍ୟପାଠ ଦାଖଲ କରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୁଅନ୍ତି ତେବେ ଆମର ଅସ୍ମିତା କାହାକୁ କହିବା। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଯଦି ଆମର ଚାଷଜମିକୁ ବିଦେଶୀ କମ୍ପାନୀକୁ ଟେକିଦେଇ ତା’ ଅଧୀନରେ ଚପରାସୀ ପଦବୀରେ ନିଯୁକ୍ତି ପାଇଁ ଆନ୍ଦୋଳନ କରିବା ବୋଧହୁଏ ଆମ ଅସ୍ମିତା। ଅନେକ ଲୋକଙ୍କ ଆତ୍ମବଳିଦାନ ଓ ଦୀର୍ଘଦିନର ସଂଗ୍ରାମ ପରେ ଆମଦେଶ ସ୍ୱାଧୀନ ହେଲା। ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ କାରାବରଣ କରିଥିଲେ, ସେମାନଙ୍କୁ ସରକାରୀ ପେନ୍‌ସନ ମିଳିଲା। କିନ୍ତୁ ଅନେକ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ



ତାହା ଗ୍ରହଣ କରି ନ ଥିଲେ। ମାତ୍ର ଅନେକ ବ୍ୟକ୍ତି ଜେଲ ଯାଇଥିବା ପ୍ରମାଣ ନ ଥିବା ସତ୍ତ୍ୱେ ପେନ୍‌ସନ ପ୍ରାପ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରଦତ୍ତ ପ୍ରମାଣ ପତ୍ର ଆଧାରରେ ପେନ୍‌ସନ ପାଇଲେ। ଏହାପରେ ସଂଗ୍ରାମରେ ସଂଶ୍ଳିଷ୍ଟ ହୋଇଥିବା ଦାବିକରି କିଛି ବ୍ୟକ୍ତି ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଇଁ ଦାବି ଓ ଆନ୍ଦୋଳନ କରିବା ଏବଂ କିଛି ବ୍ୟକ୍ତି ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ଭାବରେ ସରକାରୀ ସୁବିଧା ଦାବି କରିବା କ’ଣ ଆମ ଜାତି ବା ରାଜ୍ୟର ଅସ୍ମିତା? ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା ଯାହା କି ବହୁ ମତରେ ଅଗ୍ରାହ୍ୟ ହୋଇଥିଲା। କିନ୍ତୁ ଶାସକ ଦଳର ଦୁଇଜଣ ସଦସ୍ୟଙ୍କ ବିପରୀତ ଆଚରଣରେ ସେ ମର୍ମାହତ ହୋଇ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଏବଂ ପୁରୀ ତାଳଚେର ପାସେଞ୍ଜର ଗାଡ଼ିର ତତ୍କାଳୀନ ତୃତୀୟ ଶ୍ରେଣୀ ଡବାରେ ନିଜ ଲୁଗାପଟା ନେଇ ଢେଙ୍କାନାଳର ବାଜି ରାଉତ ଛାତ୍ରାବାସକୁ ଚାଲିଗଲେ। ଜୀବଦ୍ଦଶାରେ ସେ ରାଜନୀତିକୁ ଫେରି ନ ଥିଲେ। ଏବେ ଆମେ ଅସ୍ମିତା କାହାକୁ କହିବା?

ଆଖୁ, ଝୋଟ, କପାଚାଷରେ ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇଥିବା ଆମ ରାଜ୍ୟରେ ଉତ୍ପାଦିତ ହେଉଥିବା ବାରିପଦା ଗଞ୍ଜି, କୋଣାର୍କ ଝୋଟ କଳ, ଓଟିଏମ୍ ଲୁଗା, ନୂଆ ପାଟଣାର ଖଣ୍ଡୁଆ ପାଟ, ଖୋର୍ଦ୍ଧା ଲୁଙ୍ଗି ଗାମୁଛା ଏକଦା ଦେଶରେ ପ୍ରସିଦ୍ଧିଲାଭ କରିଥିବା କୋଣାର୍କ ଟିଭି,ଏଚ୍‌ଏମ୍‌ଟି ଘଣ୍ଟା, ଅଏଲ ଓଡ଼ିଶା,ଏକାଧିକ ଚିନିକଳ ବନ୍ଦ କରି ବା କରାଇ ଆମ ରାଜ୍ୟର କୁଶଳୀ କାରିଗରମାନଙ୍କୁ ପଡ଼ୋଶୀ ରାଜ୍ୟକୁ କର୍ମ ସଂସ୍ଥାନ ପାଇଁ ବାଟ ସଫା କରିବା ଏବଂ ଏ ସମସ୍ତ ଜିନିଷ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବା ବୋଧହୁଏ ଆମର ଅସ୍ମିତା। ଦେଶ ସ୍ୱାଧୀନ ପରେ ଆମ ରାଜ୍ୟର ଉତ୍ପାଦିତ ଲୁଣ ପଡ଼ୋଶୀ ରାଜ୍ୟରେ ବ୍ୟବହୃତ ହେଉଥିଲା। ଏହା ଅନେକଙ୍କ ପାଇଁ ଜୀବିକାର୍ଜନର ମାଧ୍ୟମ ମଧ୍ୟ ହୋଇଥିଲା। ଏବେ ସେ ଦେଶୀଲୁଣ ବିଲୁପ୍ତ ହୋଇଯାଇଛି। ଏବେ ଆମରି ଲୁଣ ଆମେ କମ୍ପାନୀ ପ୍ରସ୍ତୁତ ଆୟୋଡିନ ଲୁଣ ଭାବରେ ଉଚ୍ଚ ଦରରେ କିଣିବାକୁ ବାଧ ହେଉଥିବା ବୋଧହୁଏ ଆମର ଅସ୍ମିତା। ଆମ ରାଜ୍ୟରେ ଅନେକ ଚିର ସ୍ମରଣୀୟ ଲେଖକଙ୍କର ଲେଖନୀ ନିଃସୃତ ଚମ୍ପୂ, ଛାନ୍ଦ ରାଗ ରାଗିଣୀରେ ଭରପୂର କାଳଜୟୀ କବିତା ଏବେ ଅବଲୁପ୍ତ। ତା’ର ସ୍ଥାନ ନେଇଛି ରସ ଗନ୍ଧହୀନ ଗୀତିକବିତା ଏବଂ ଲେଖକଙ୍କ ଧନ ବା କ୍ଷମତା ବଳ ଆଧାରରେ ତା’ର ମାନଦଣ୍ଡ ମଧ୍ୟ ଉନ୍ନତ ହୋଇଯାଉଛି। ଏଠାରେ ଆମେ ଅସ୍ମିତା କାହାକୁ କହିବା? ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବିଳମ୍ବରେ ହେଲେ ବି ସ୍ୱୀକୃତ ହୋଇଛି। କିନ୍ତୁ ପର ପିଢ଼ିଙ୍କ ସୂଚନା ବା ଗବେଷଣା ପାଇଁ ସ୍ମାରକୀ ନିର୍ମାଣ ଏଯାବତ୍ ହୋଇପାରି ନାହିଁ। ତେଣୁ ଶେଷରେ ଏତିକି କୁହାଯାଇପାରେ ଯେ ଅସ୍ମିତା ଜାଗରଣ ପରିବର୍ତ୍ତେ ତା’ର ସମାଧି ଉପରେ ଠିଆହୋଇ ଆମର ଅସ୍ମିତା ଅସ୍ମିତା ଚିତ୍କାର କେବଳ ଓଡ଼ିଆଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ଦିଷ୍ଟ ଏଥିରେ ସନ୍ଦେହ ନାହିଁ

**୧୧୩– ଗୁଣ୍ଡିଚା ବିହାର, ପୁରୀ**
**ମୋ– ୭୯୭୮୭୮୫୪୭୮**

## ଚିରନ୍ତନୀ

ଷଡ଼ ଦର୍ଶନ ସକଳ ଗ୍ରନ୍ଥ
ସବୁ ଧରମର ପରମ ଅର୍ଥ
ଅତୀତର ପ୍ରିୟ କେଉଁ ଶାରଦୀୟ
ଗୋଧୂଳି ଅରୁଣ ପରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି !
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | | 8 | 1 | 5 |
| | | | 5 | | | | | 2 |
| | | | | 8 | | 9 | | |
| | | | 3 | | | 6 | | |
| 9 | 8 | | | | | | | |
| | 6 | | | | 7 | | | |
| 1 | | | 7 | | | | 5 | 8 |
| 4 | 2 | | | 6 | | 7 | | 9 |
| | 7 | 5 | 9 | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 6 | 4 | 7 | 9 | 5 | 2 |
| 9 | 5 | 4 | 1 | 2 | 3 | 8 | 6 | 7 |
| 6 | 7 | 2 | 5 | 8 | 9 | 3 | 1 | 4 |
| 2 | 9 | 6 | 8 | 7 | 5 | 1 | 4 | 3 |
| 8 | 3 | 7 | 4 | 6 | 1 | 2 | 9 | 5 |
| 1 | 4 | 5 | 3 | 9 | 2 | 7 | 8 | 6 |
| 4 | 6 | 9 | 2 | 3 | 8 | 5 | 7 | 1 |
| 5 | 2 | 8 | 7 | 1 | 6 | 4 | 3 | 9 |
| 7 | 1 | 3 | 9 | 5 | 4 | 6 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶରେ ଦୁର୍ନୀତି ବାଧକ

ମହାଶୟ,

ପ୍ରତିଦିନ ଅନେକ ହଜାର କୋଟି ଟଙ୍କାର ଦୁର୍ନୀତି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହା ସମାଜର ଆର୍ଥିକ ସ୍ଥିତି ,ପ୍ରଗତିକୁ ପ୍ରଭାବିତ କରିବା ସହ ଦେଶର ଛବିକୁ ଅନ୍ତର୍ଜାତୀୟ ସ୍ତରର କଳୁଷିତ କରୁଛି । ଦୁର୍ନୀତି ଠାରୁ ନିଜକୁ ଦୂରେଇ ରଖିଲେ ସମ୍ଭବତଃ ଆମେ ଦେଶର ବିକାଶକୁ ଚରମ ଶିଖରରେ ପହଞ୍ଚିପାରିବା। ଖରାଦିନେ ନଦୀ ଶୁଖିଲା ଓ ଜଳସଂକଟ, ବର୍ଷାଦିନେ ବନ୍ୟା ଚିନ୍ତାର କାରଣ ହେଉଛି। ଏହାର ନିରାକରଣ ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ଜରୁରୀ। ନୂଆ ନଦୀବନ୍ଧନିର୍ମାଣ କରାଗଲେ ଜଳସଂକଟ ଦୂର ହେବା ସହ ବନ୍ୟା ନିୟନ୍ତ୍ରଣ ହୋଇପାରିବ। ଅରଣ୍ୟ ସମ୍ପଦର ସୁରକ୍ଷା ଓ ଖଣିଜ ସମ୍ପଦର ଠିକ ବିନିଯୋଗ କରି ଶିଳ୍ପାୟନର ବିକାଶ ଓ ପ୍ରଗତିରେ ଆତ୍ମନିର୍ଭରଶୀଳ ହେବା ଲାଗି ଚେଷ୍ଟିତ ହେବା ଆବଶ୍ୟକ। ଭାରତକୁ ବିଶ୍ୱର ସର୍ବଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବାପାଇଁ ଦେଶରେ ଶାସକମାନେ ନିର୍ମଳ ଭାବମୂର୍ତ୍ତି ଏବଂ ଦେଶ ପ୍ରତି ଆନ୍ତରିକତା ରଖିବା ଆବଶ୍ୟକ ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ଜୁଲାଇ ୧୪ ତାରିଖ ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶିତ ‘ଧର୍ମୀୟ ସ୍ୱାଧୀନତା’ ଶୀର୍ଷକ ଲେଖାରେ ଆକାର ପଟେଲ ଉଲ୍ଲେଖ କରିଛନ୍ତି ଯେ, ସମ୍ବିଧାନ ସଭାରେ ଓଡ଼ିଶାର ୨୬ ବର୍ଷୀୟ ସଦସ୍ୟ ଲୋକନାଥ ମିଶ୍ର ଭାରତର ସମ୍ବିଧାନର ଧାରା ୨୫ (ମୌଳିକ ଅଧିକାର)ରେ ଅନ୍ତର୍ଭୁକ୍ତ ଧର୍ମ ପ୍ରଚାର ଅଧିକାରକୁ ମୌଳିକ ଅଧିକାର ଭାବେ ଉପସ୍ଥାପିତ କରିବା ପ୍ରସ୍ତାବକୁ ବିରୋଧ କରିଥିଲେ। ତେବେ ଆଲେଖ୍ୟରେ ଲୋକନାଥଙ୍କ ବୟସକୁ ଭୁଲ୍ ଦର୍ଶାଯାଇଛି ଏବଂ ସେ ପୁରୀର ବୋଲି ତାଙ୍କ ପୁତ୍ର ଆଡ୍‌ଭୋକେଟ ଜ୍ୟୋତି ପ୍ରକାଶ ମିଶ୍ର ଇମେଲ ଯୋଗେ ଜଣାଇଛନ୍ତି।

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓର୍‌ମାସ୍‌ର ୧୩ ଚୁକ୍ତି ସ୍ୱାକ୍ଷରିତ, ନିଯୁକ୍ତି ପାଇବେ ୧୭,୨୭୨

**ଭୁବନେଶ୍ୱର, ୨୫।୭(ଅସମାପିକା ସାହୁ)**


ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ରବି ନାରାୟଣ ନାଏକ, ବିଭିନ୍ନ ସଂସ୍ଥା ଓ ବିଭାଗୀୟ ଅଧିକାରୀମାନେ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି(ଓର୍‌ମାସ୍‌) ପକ୍ଷରୁ ଗୁରୁବାର ଦକ୍ଷତା ବିକାଶ ତାଲିମ ପାଇଁ ୧୩ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ଏସ୍‌ଆଇଆର୍‌ଡି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅଧୀନରେ ଥିବା ୧୦ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ସହ ଏହି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହିତ ଦକ୍ଷତା ବିକାଶ ଦିଗରେ ରାଜ୍ୟରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି। ଏହାଦ୍ୱାରା ୧୭,୨୭୨ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ଅନେକ ଯୁବପିଢ଼ି ଆତ୍ମସ୍ୱାଭିମାନର ସହ ନିଯୁକ୍ତିର ସୁଯୋଗ ପାଇବେ ଏବଂ ଓଡ଼ିଶାର ସାମଗ୍ରିକ ବିକାଶ ହେବ। ଏଥିପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଉତ୍ପାଦିତ ହେଉଥିବା ଦ୍ରବ୍ୟଗୁଡ଼ିକର ପ୍ରକ୍ରିୟାକରଣ କରି ସେସବୁର ବୈଶ୍ୱିକ ବଜାର ଚାହିଦା ସୃଷ୍ଟି କରିବା ପାଇଁ ମନ୍ତ୍ରୀ ଓର୍‌ମାସ୍ ଓ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓର୍‌ମାସ୍ ନିର୍ଦ୍ଦେଶିକା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପୁନମ୍ ଟି. ଗୁହା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରାରମ୍ଭିକ ତଥ୍ୟ ରଖିଥିଲେ। ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ବିଭାଗରେ ଚାଲିଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଓ ନିଯୁକ୍ତି ସୁଯୋଗ ସଂକ୍ରାନ୍ତରେ ହେଉଥିବା ବିଭିନ୍ନ ଉଦ୍ୟମ ବିଷୟରେ ଆଲୋଚନା କରିଥିଲେ।

## ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ପରେ ଓର୍‌ମାସ୍ ନିର୍ଦ୍ଦେଶିକା ୧୦ଟି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ବୁଝାମଣା ପତ୍ର ଅନୁସାରେ, ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା କ୍ୟାପ୍‌ଟିଭ୍ ଏବଂ ଅତିରିକ୍ତ ଧାର୍ଯ୍ୟ ଲକ୍ଷ୍ୟ ବର୍ଗରେ ଆସନ୍ତା ଦୁଇବର୍ଷ ମଧ୍ୟରେ ଓଡ଼ିଶାର ମୋଟ ୧୭,୨୭୨ଜଣ ବେରୋଜଗାର ଯୁବପିଢ଼ିଙ୍କୁ ଜେନେରାଲ୍ ଡ୍ୟୁଟି ଆସିଷ୍ଟାଣ୍ଟ, ରିଟେଲ ଓ ସିଲାଇ ମେଶିନ ଅପରେଟର ଆଦି ଟ୍ରେଡ୍‌ରେ ମାଗଣା ତାଲିମ ପ୍ରଦାନ ପରେ ନିଯୁକ୍ତି ସୁଯୋଗ ଯୋଗାଇଦେବେ। ଏହି ପ୍ରକଳ୍ପ ପାଇଁ ମୋଟ ୧୨୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

# ଚା' ପିଉଥିଲେ, ମାଡ଼ିଗଲା ପିକ୍‌ଅପ୍: ୩ ମୃତ

**ଅମରପାଲି/ଉଲୁଣ୍ଡା, ୨୫।୭ (ପୀତାମ୍ବର ସାହୁ/ ଉରୁକ୍ରମ ପାଣ୍ଡିଆ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା କୁତମେଣ୍ଡା ମେଟାକାନୀ ମନ୍ଦିର ସମ୍ମୁଖ ରାସ୍ତାକଡ଼ରେ ଥିବା ଟି-ଷ୍ଟଲରେ ଗୁରୁବାର ଚା' ପିଉଥିବା ୪ଜଣଙ୍କ ଉପରେ ଏକ ପିକ୍‌ଅପ ମାଡ଼ିଯିବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ମୃତକମାନେ ହେଲେ ଉଲୁଣ୍ଡା ଥାନା ଚଡ଼ାଇପଙ୍କ ପଞ୍ଚାୟତ ଅଇଁଲାଛାଟ ଗ୍ରାମର ରାଜା କୁମ୍ଭାର(୧୯), ନାରାୟଣଟିକ୍ରାର ଦେବାନନ୍ଦ ସୁରଜାଲ (୨୮) ଓ ଉଲୁଣ୍ଡା ପଞ୍ଚାୟତ ମାଟଖାଇ ବଲପାଲିର ସୁଶାନ୍ତ ସାହୁ(୨୦)। ଗୁରୁତର ଅଇଁଲାଛାଟ ଗ୍ରାମର କରନ କୁମ୍ଭାର (୨୦ )ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟାର ଉଲୁଣ୍ଡା ମେଟାକାନି ମନ୍ଦିର ସମ୍ମୁଖ ରାସ୍ତାପାର୍ଶ୍ୱ ଟି-ଷ୍ଟଲରେ କେତେଜଣ ଯୁବକ ଚା' ପିଉଥିଲେ। ଏହି ସମୟରେ ସୋନପୁର ପଟରୁ ଦ୍ରୁତଗତିରେ ଆସୁଥିବା ମାକ୍ସ ପିକ୍‌ଅପ ହଠାତ୍ ସେମାନଙ୍କ ଉପରେ ମାଡିଯାଇଥିଲା। ଏହା ସହିତ ରାସ୍ତାପାର୍ଶ୍ୱରେ ଥିବା ୩ଟି ବାଇକ ଓ ଏକ ଅଟୋକୁ ମଧ୍ୟ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଗାଡିକୁ ନେଇ ଫେରାର ହୋଇଯାଇଥିଲେ। ଏହାକୁ ନେଇ ମୃତକଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ ଉଲୁଣ୍ଡା ଥାନା ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଖବର ପାଇ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ ଓ ଉଲୁଣ୍ଡା ଥାନା ଅଧିକାରୀ ପଞ୍ଚାନନ ନାଏକ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟି ନାହିଁ। ଉଲୁଣ୍ଡା ପୋଲିସ ମୃତଦେହ ଜବତ କରିଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

# ହାତୀ ଆକ୍ରମଣ: ୫ ଜୀବନ ଗଲା

## ମା'ପୁଅ ମୃତ, ଝିଅ ଗୁରୁତର

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଟାଙ୍ଗୀ/ନିରାକାରପୁର, ୨୫।୭(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ଏପରିକି ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ଗୁରୁବାର ଏହି ବନାଞ୍ଚଳ ଅଧୀନ ଓଲସିଂହ ପଞ୍ଚାୟତ ଡମଣଭୂମି ଗ୍ରାମ ଆଦିବାସୀସାହିରେ ହାତୀ ଆକ୍ରମଣରେ ମା'ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ଆଦିବାସୀସାହିର ରିନା ପାତ୍ର ଓ ତାଙ୍କ ପୁଅ ବିଶ୍ୱଜିତ୍। ଝିଅ ଗେଲି ପାତ୍ରଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ସନ୍ଧ୍ୟାରେ ରିନାଙ୍କ ସମେତ ତାଙ୍କ ଝିଅପୁଅ ଘର ବାରିପଟ ବାରଣ୍ଡାରେ ବସିଥିଲେ। ଏହି ସମୟରେ ଏକ ହାତୀ ସେଠାରେ ପହଞ୍ଚି ହଠାତ୍ ସେମାନଙ୍କୁ ଆକ୍ରମଣ କରିଥିଲା। ପରେ ଗୁରୁତର ଅବସ୍ଥାରେ ପରିବାର ଲୋକେ ଏବଂ ଗ୍ରାମବାସୀ ପହଞ୍ଚି ରିନା ଓ ତାଙ୍କ ଝିଅପୁଅଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ରିନା ଓ ବିଶ୍ୱଜିତ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଖବରପାଇ ବନ କର୍ମଚାରୀ ଗ୍ରାମରେ ପହଞ୍ଚିଥିବା ବେଳେ ଜଣଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ୧୬ନମ୍ବର ଜାତୀୟ ରାଜପଥର ଗୟାବନ୍ଧ ଛକଠାରେ ରାସ୍ତା ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନ ଥିବା ବେଳେ ରାସ୍ତାରୋକୋ ଜାରି ରହିଥିବା ଜଣାପଡ଼ିଛି।

## କଚାଡ଼ି ମାରିଲା | ୨ ଝିଅ ଅନାଥ ହୋଇଗଲେ

**କେନ୍ଦୁଝର, ୨୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ)/ ଢେଙ୍କିକୋଟ(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ସଦର ରେଞ୍ଜ ଜଙ୍ଗିରା ସେକ୍ସନରେ ଗତ ୧୫ ଦିନ ହେବ ହାତୀପଲ ଉତ୍ପାତ କରୁଛନ୍ତି। ବୁଧବାର ରାତିରେ ୧୦ଟିକିଆ ହାତୀପଲରୁ ଅଲଗା ହୋଇ ବୁଲୁଥିବା ଏକ ଦନ୍ତା ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହୁଣ୍ଡା ପଞ୍ଚାୟତ ହୁଣ୍ଡା ଗ୍ରାମର ମହେଶ୍ୱର ଜୁଆଙ୍ଗ (୪୫) ଓ ଗୁରୁତର ଗ୍ରାମର ଶତ୍ରୁଘ୍ନ ପରିଡ଼ା(୪୮)। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ସହ ଗୁରୁତରଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ମହେଶ୍ୱର ରାତିରେ ଶୌଚହେବାକୁ ପାଖ ଜଙ୍ଗଲକୁ ଯାଇଥିଲେ। ସେଠାରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ହାତୀ ସିନ୍ଦୁରିଆ ନାଳ ଡେଇଁ ନିକଟ ଝୁମୁକାପଶି ଗ୍ରାମକୁ ଯାଇ ପାଚିଲା ପଣସ ଖାଇଥିଲା। ଏହା ଦେଖି ଗାଁ ଲୋକଙ୍କ ସହ ଶତ୍ରୁଘ୍ନ ହୋହାଲ୍ଲା କରି ଘଉଡ଼ାଉଥିଲେ। ହାତୀ ବୁଲିପଡ଼ି ତାଙ୍କୁ ଆକ୍ରମଣ କରିଥିଲା। ହାତୀର ଦାନ୍ତ ଶତ୍ରୁଘ୍ନଙ୍କ ପେଟ ତଳେ ପଶିଯିବାରୁ ଗୁରୁତର ହୋଇଥିଲେ। ଫରେଷ୍ଟ ଗାର୍ଡ ନୀଳିମା ମଲ୍ଲିକ ପହଞ୍ଚି ମୃତାହତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଶତ୍ରୁଘ୍ନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପଣ୍ଡାପଡ଼ା ଥାନାରେ ଏକ ମାମଲା(ନଂ. ୨୦/୨୦୨୪)ରୁଜୁ ହୋଇଛି। ପୋଲିସ ମହେଶ୍ୱରଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ମହେଶ୍ୱରଙ୍କ ସ୍ତ୍ରୀ ରଜନୀ ୫ ବର୍ଷ ପୂର୍ବେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ବର୍ତ୍ତମାନ ମହେଶ୍ୱରଙ୍କ ମୃତ୍ୟୁ ପରେ ୨ ଝିଅ ମଞ୍ଜରୀ ଜୁଆଙ୍ଗ (୧୪) ଓ ସଞ୍ଜୁ ଜୁଆଙ୍ଗ(୧୩) ଅନାଥ ହୋଇଯାଇଛନ୍ତି। ସଦର ରେଞ୍ଜ ଅଧିକାରୀ ଅଜିତ ଦାଶ କହିଛନ୍ତି, ମହେଶ୍ୱରଙ୍କ ୨ କନ୍ୟା ସନ୍ତାନ ଅଛନ୍ତି। ଏଣୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଡିଏଫ୍‌ଓ ଧନରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ପରେ କ୍ଷତିପୂରଣ ରାଶି ବାବଦ ଅବଶିଷ୍ଟ ୫ ଲକ୍ଷ ୪୦ହଜାର ଟଙ୍କା କାଗଜପତ୍ର ପ୍ରସ୍ତୁତ ପରେ ପ୍ରଦାନ କରାଯିବ। ଆହତଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ପଠାଯାଇଛି। ଉକ୍ତ ଅଞ୍ଚଳରେ ୧୦ ହାତୀ ଉପଦ୍ରବ ଚଳାଇଛନ୍ତି। ଦଳରୁ ୨ ଦନ୍ତା ଅଲଗା ହୋଇ ଏଣେ ତେଣେ ବୁଲୁଛନ୍ତି। ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବରଙ୍କ ସହ ଆଲୋଚନା କରି ହାତୀ ସାଥୀ ନିଯୁକ୍ତି ଦିଆଯିବ। ନିଜର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ୨ ଜଣଙ୍କୁ ଦଳି ଦେଲା

**ବଣାଇଁ, ଲହୁଣୀପଡା, ୨୫।୭(ପ୍ରଦୀପ ତ୍ରିପାଠୀ/ ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲାର ୨ ପୃଥକ୍ ଜାଗାରେ ହାତୀ ଆକ୍ରଣରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଣାଇଁ ବନଖଣ୍ଡ ତାମଡା ରେଞ୍ଜ ଅଧୀନ ଜାମୁଦର ଗ୍ରାମର କୁଦୁରାଇ ମଣ୍ଡାରୀ (୫୦) ଓ ଚାନ୍ଦିପୋଷ ଥାନା ବାଙ୍କୀ ପଞ୍ଚାୟତ ରାଣୀବେର୍ଣ୍ଣା ଗ୍ରାମର ରାଜୁ ବାଗେ (୬୦)। ସୂଚନାଯୋଗ୍ୟ, କୁଦୁରାଇ ଗୁରୁବାର ଭୋରୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ହାତୀ ହାବୁଡରେ ପଡି ଯାଇଥିଲେ। ହାତୀ ତାଙ୍କୁ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବନାଞ୍ଚଳ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତକଙ୍କ ସମ୍ପର୍କୀୟଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ମିଳିବ ବୋଲି ସହକାରୀ ବନ ସଂରକ୍ଷକ ସମୀର ତିର୍କୀ ପ୍ରକାଶ କରିଛନ୍ତି। ତୁରନ୍ତ ତାଙ୍କ ପରିବାରକୁ ଅନୁକମ୍ପା ରାଶିରୁ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସେହିପରି ବୁଧବାର ରାତିରେ ରାଜୁ ଘରକୁ ଆସୁଥିବା ବେଳେ ଏକ ଜଙ୍ଗଲୀ ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ତାଙ୍କୁ ପାଦରେ ଦଳି ଦେଇଥିଲା। ବାଙ୍କୀ ରେଞ୍ଜର ସେତୁ ରଞ୍ଜନୀ ଗମାଙ୍ଗଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର କ୍ଷିତି ଭୂଷଣ ମାହାନ୍ତ, ବନରକ୍ଷୀ କୃଷ୍ଣ ଚନ୍ଦ୍ର ଠାକୁର ଓ ଶଙ୍କର ସୋନାଙ୍କ ସମେତ ବନ କର୍ମଚାରୀ ଏବଂ ଚାନ୍ଦିପୋଷ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ରାଜୁଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଚନ୍ଦିପୋଷ ପୋଲିସ ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ ହୋଇଛି। ବନ ବିଭାଗ ତରଫରୁ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ସରକାରୀ ନିୟମ ଅନୁଯାୟୀ ହାୟତା ପ୍ରଦାନ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଅନୈତିକ ସମ୍ପର୍କକାରୀଙ୍କୁ ୨୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା, ୨୫।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳରେ ୨୦୨୧ରେ ନାବାଳକଙ୍କ ସହ ହୋଇଥିବା ଅନୈତିକ ସମ୍ପର୍କ ମାମଲାର ଶୁଣାଣି ଶେଷ ହୋଇଛି। ଗୁରୁବାର ପ୍ରକାଶ ପାଇଥିବା ଏହି ମାମଲା ନଂ. ୩୨୯/୨୧ରେ ଦୋଷୀ ସାବ୍ୟସ୍ତ ଗୁହାଳକଣି ଗ୍ରାମର ସୌଦାଗର ସାହୁଙ୍କୁ ୨୦ ବର୍ଷ ଜେଲ ହୋଇଛି। ୫୦ ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୨ ବର୍ଷ ଜେଲଦଣ୍ଡ ହେବ ବୋଲି ରାୟରେ ପ୍ରକାଶ ପାଇଛି। ଏଥିସହ କେନ୍ଦ୍ରାପଡ଼ା ଜିଲାର ଆଡ୍‌ହକ ଏଡିଜେ ତଥା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ପୀଡିତ ନାବାଳକଙ୍କୁ କ୍ଷତିପୂରଣ ବାବଦ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରିଚାଳନାକାରୀ ସ୍ପେଶାଲ ପିପି ମନୋଜ ସାହୁ ସୂଚନା ଦେଇଛନ୍ତି, ଥାନାରେ ଏହି ମାମଲା ୨୦୨୧ ଜୁଲାଇ ୧୬ରେ ହୋଇଥିଲା। ଏହିଦିନ ପୀଡିତ ନାବାଳକ ଘରେ ଥିବା ସମୟରେ ଲୁଡୁ ଖେଳିବା ପାଇଁ ତାଙ୍କୁ ସୌଦାଗର ନିକଟସ୍ଥ ଗୁହାଳ ଘରକୁ ଡାକି ନେଇଥିଲେ। ସେଠାରେ ଅନୈତିକ ସମ୍ପର୍କ ସ୍ଥାପନ କରି ପଳାଇଥିଲେ। ଏହି ଘଟଣାକୁ ପୀଡିତ ଘରେ ଜଣାଇବାରୁ ମା' ଏ ସମ୍ପର୍କରେ ସୌଦାଗରଙ୍କୁ ସତ୍ୟାସତ୍ୟ ବୁଝିବାକୁ ପଚାରିଥିଲେ। ମାତ୍ର ସୌଦାଗର ତାଙ୍କୁ ମାଡ଼ ମାରିବା ସହ ପୀଡିତଙ୍କ ବଡ଼ ଭଉଣୀଙ୍କୁ ଖରାପ ଭାଷାରେ ଗାଳିଗୁଳଜ କରିଥିଲେ। ଏ ନେଇ ମାମଲା ପରେ ସୌଦାଗରଙ୍କୁ ଗିରଫ କରାଯାଇଥିବା ସ୍ପେଶାଲ ପିପି ସାହୁ ସୂଚନା ଦେଇଛନ୍ତି।


ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ
ଭୁବନେଶ୍ୱର - 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର ତୃତୀୟ ମହଲାରେ ଥିବା ଏକଜିକ୍ୟୁଟିଭ ଲବି ଏବଂ ସମ୍ମିଳନୀ କକ୍ଷ ର (ସିଭିଲ୍ କାର୍ଯ୍ୟ) ନବୀକରଣ ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲରେ ଆବେଦନର ଶେଷ ତାରିଖ **ଅଗଷ୍ଟ ୨, ୨୦୨୪, ସମୟ ୧୪:୦୦** ଅଟେ।
**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଊଣା ହିଡ଼ ଯେଉଁଠି**
**ଜଳ ପଡେ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା। ଯେଉଁଠି ଗଡାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡି ଆସିଥାଏ। ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଊଣା ଭାତରେ ଦି'ଗୁଣାବଳ**
**ଭରା ପେଟ ରସାତଳ।**

ବଞ୍ଚିବା ପାଇଁ ଖାଦ୍ୟର ଆବଶ୍ୟକତା ଦେଖାଦେଇଥାଏ। ଅପେକ୍ଷାକୃତ କମ ଖାଦ୍ୟ ବା ଭାତ ଖାଉଥିବା ଲୋକର ସ୍ୱାସ୍ଥ୍ୟ ଭଲ ରହୁଥିବାବେଳେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଗ୍ରହଣ କରିବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ହୋଇଥାଏ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶୃଙ୍ଖଳିତ ଆହାର ନିତାନ୍ତ ପ୍ରୟୋଜନ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
**TP WESTERN ODISHA DISTRIBUTION LIMITED**
Corporate Office : Burla, Dist.-Sambalpur, Pin-768017 (Odisha)
Website : **www.tpwodl.com**

**NOTICE INVITING TENDER**

**T.Notice No. TPWODL/HS/O/SU/ 017** **Date : 24.07.2024**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**RC for Supply of Smartphones, Music Players and Solar Lamps at TPWODL, Odisha.**

Interested bidders to submit Tender Participation Fee and Authorization Letter through email on or before **2nd August 2024,** 15:00Hrs after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website : **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Chief-Contracts and Stores**



**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ, ଢ଼େଙ୍କାନାଳ, ସା/ପୋ/ଜିଲ୍ଲା: ଢ଼େଙ୍କାନାଳ, ପିନ୍-୭୫୯୦୦୧, ମୋ.: ୯୪୩୭୨୮୫୩୫୮

**ଦଖଲ ନୋଟିସ୍**
[ପରିଶିଷ୍ଟ-୪(ରୁଲ ୮(୧)] (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୮ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

**୧)** ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ **ଦଖଲ** ନେଇଛନ୍ତି। **୨)** ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ନିମ୍ନଦର୍ଶିତ ଦଖଲ ତାରିଖ ସୁଦ୍ଧା ବକେୟା ଦେୟ ତତ୍‌ସହିତ ପରିଶୋଧ ତାରିଖ ଯାଏ ଚୁକ୍ତିହାରରେ ପରବର୍ତ୍ତୀ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ଏବଂ ଦେୟ ।

୩) ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଚଷାଗୁରୁଜାଙ୍ଗ ଶାଖା /** ଆକାଉଣ୍ଟ ନଂ.: ୦୫୪୪୦୩୭୫୦୨୦୦୦୦୧ (ଗୃହ ଋଣ) ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ଦୋଳଗୋବିନ୍ଦ ପ୍ରଧାନ,** ପିତା: ବାସୁଦେବ ପ୍ରଧାନ / ଜାମିନ୍‌ଦାର: **ଶ୍ରୀ ପୁରୁଷୋତ୍ତମ ବେହେରା,** ପିତା: ଋଷିବର ବେହେରା, ଉଭୟଙ୍କ ଠିକଣା- ସା/ପୋ: ଚଷାଗୁରୁଜାଙ୍ଗ, ଭାୟା/ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୧୯ | ଶ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚଷାଗୁରୁଜାଙ୍ଗ, ଖାତା ନଂ.: ୧୯୦, ପ୍ଲଟ୍ ନଂ.: ୨୩୯୪, କ୍ଷେତ୍ର: ଏକର୦.୧୫ ଡିସିମିଲି, କିସମ: ଘରବାରି | ୧୦.୦୭.୨୦୨୪ ସୁଦ୍ଧା ଟ.୭,୫୭,୦୯୨/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୬.୦୪.୨୦୨୪ / ୨୪.୦୭.୨୦୨୪ |
| **ହାତୁରା ଶାଖା /** ଆକାଉଣ୍ଟ ନଂ.: ୦୫୨୮୦୩୭୫୦୨୦୦୦୦୧ (ମିଆଦୀ ଋଣ) ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) **ଶ୍ରୀ ନିରଞ୍ଜନ ସାହୁ,** ପିତା: ଇନ୍ଦ୍ରମଣି ସାହୁ, ୨) **ଶ୍ରୀ ଅଭୟ କୁମାର ସାହୁ,** ପିତା: ଇନ୍ଦ୍ରମଣି ସାହୁ, ଉଭୟଙ୍କ ଠିକଣା- ସା: ଜୟପଙ୍ଗା, ପୋ: ହାତୁରା, ଜିଲ୍ଲା: ଢ଼େଙ୍କାନାଳ, ପିନ୍-୭୫୯୦୨୦ / **ଜାମିନ୍‌ଦାର: ଶ୍ରୀ ସୁରେଶ ଚନ୍ଦ୍ର ସାହୁ,** ପିତା: କୃତିବାସ ସାହୁ, ସା/ପୋ: ମହିଧରପୁର, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୦୨୨ | ନିରଞ୍ଜନ ସାହୁ ଏବଂ ଅଭୟ କୁମାର ସାହୁଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜୟପଙ୍ଗା, ଖାତା ନଂ.: ୧୫୦, ପ୍ଲଟ୍ ନଂ.: ୬୧୨/୯୮୮, କ୍ଷେତ୍ର: ଏକର୦.୦୩ ଡିସିମିଲି, କିସମ: ଘରବାରି | ୧୦.୦୭.୨୦୨୪ ସୁଦ୍ଧା ଟ.୧,୮୦,୬୬୭/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୬.୦୪.୨୦୨୪ / ୨୩.୦୭.୨୦୨୪ |
| **ବାବନ୍ଧ ଶାଖା /** ଆକାଉଣ୍ଟ ନଂ.: ୦୫୦୮୦୩୩୩୧୧୦୪୦୧୪ (ମିଆଦୀ ଋଣ) ଋଣଗ୍ରହୀତା: **ଶ୍ରୀ ବିଷ୍ଣୁ ପ୍ରସାଦ ବେହେରା,** ପିତା: ବାସୁଦେବ ବେହେରା/ ଜାମିନ୍‌ଦାର ଏବଂ ବନ୍ଧକଦାତା: **ଶ୍ରୀ ବାସୁଦେବ ବେହେରା,** ପିତା: ବିକଳ ବେହେରା, ଉଭୟଙ୍କ ଠିକଣା- ସା: ଏକଘରିଆ, ପୋ: ବଳରାମପ୍ରସାଦ, ଜିଲ୍ଲା: ଢ଼େଙ୍କାନାଳ, ପିନ୍-୭୫୯୦୧୯ | ବାସୁଦେବ ବେହେରାଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଳରାମପ୍ରସାଦ, ଖାତା ନଂ.: ୯୮୮/୪୬୪, ପ୍ଲଟ୍ ନଂ.: ୩୩୩୫, ୩୩୩୬, ୩୩୩୭ ଏବଂ ୩୩୩୮, ଯଥାକ୍ରମେ କ୍ଷେତ୍ର: ଏକର୦.୦୮ ଡିସିମିଲି, ଏକର୦.୦୬ ଡିସିମିଲି, ଏକର୦.୧୦ ଡିସିମିଲି ଏବଂ ଏକର୦.୦୮ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୩୨ ଡିସିମିଲି,** କିସମ: ଘରବାରି | ୧୦.୦୭.୨୦୨୪ ସୁଦ୍ଧା ଟ.୧୫,୨୯,୯୬୯/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୬.୦୪.୨୦୨୪ / ୨୩.୦୭.୨୦୨୪ |
| **ବାବନ୍ଧ ଶାଖା /** ଆକାଉଣ୍ଟ ନଂ.: ୦୫୦୮୦୩୭୨୭୨୦୦୦୧୫ (ମିଆଦୀ ଋଣ) ଋଣଗ୍ରହୀତାମାନେ: ୧) **ଶ୍ରୀମତୀ ବନିତା ସାମଲ** (ସ୍ୱ ସୁମନ୍ତ କୁମାର ମାଝୀଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ସ୍ୱ ସୁମନ୍ତ କୁମାର ମାଝୀ, ୨) **ମିସ୍ ସୁଶ୍ରୀ ସ୍ୱାଗତିକା ମାଝୀ** (ସ୍ୱ ସୁମନ୍ତ କୁମାର ମାଝୀଙ୍କ ଆଇନଗତ ଉତ୍ତରାଧିକାରୀ), ଅଭିଭାବକ ଶ୍ରୀମତୀ ବନିତା ସାମଲଙ୍କ ଦ୍ୱାରା ପ୍ରତିନିଧିତ୍ୱ, ୩) **ମାଷ୍ଟର ସାଇ ସନ୍ନିତ ମାଝୀ** (ସ୍ୱ ସୁମନ୍ତ କୁମାର ମାଝୀଙ୍କ ଆଇନଗତ ଉତ୍ତରାଧିକାରୀ), ଅଭିଭାବକ ଶ୍ରୀମତୀ ବନିତା ସାମଲଙ୍କ ଦ୍ୱାରା ପ୍ରତିନିଧିତ୍ୱ / **ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ:** ୧) **ଶ୍ରୀ ମାଟିଆ ମାଝୀ,** ପିତା: ମାଧବ ମାଝୀ, ୨) **ଶ୍ରୀ କାଠି ମାଝୀ,** ପିତା: ମାଧବ ମାଝୀ, ୩) **ଶ୍ରୀ ଜଟାଧାରୀ ମାଝୀ,** ପିତା: ମାଧବ ମାଝୀ, ୪) **ଶ୍ରୀମତୀ କସ୍ତୁରୀ ମାଝୀ,** ସ୍ୱାମୀ: ମାଧବ ମାଝୀ, ସମସ୍ତଙ୍କ ଠିକଣା- ସା: ଭିଙ୍ଗିରା, ପୋ: ଗରିଧାରୀପ୍ରସାଦ, ଜିଲ୍ଲା: ଢ଼େଙ୍କାନାଳ, ପିନ୍-୭୫୯୦୨୫ | ମାଧବ ମାଝୀଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭିଙ୍ଗିରା, ଖାତା ନଂ.: ୮୯, ପ୍ଲଟ୍ ନଂ.: ୭୪୨, କ୍ଷେତ୍ର: ଏକର୦.୧୨ ଡିସିମିଲି, କିସମ: ଘରବାରି | ୧୦.୦୭.୨୦୨୪ ସୁଦ୍ଧା ଟ.୧୧,୨୭,୩୯୪/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୬.୦୪.୨୦୨୪ / ୨୩.୦୭.୨୦୨୪ |

ତାରିଖ: ୨୫.୦୭.୨୦୨୪
ସ୍ଥାନ: ଢ଼େଙ୍କାନାଳ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ



## କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ୩୩,୯୧୯ କୋଟି

- ୨୦୨୪-୨୫ କୃଷି ବଜେଟରେ ୩୩,୯୧୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ଗତବର୍ଷର ଆବଣ୍ଟନ ତୁଳନାରେ ୩୬% ଅଧିକ।
- ସମୃଦ୍ଧ କୃଷକ ଯୋଜନା ପାଇଁ ୫,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।
- ମୁଖ୍ୟମନ୍ତ୍ରୀ-କିଷାନ ପାଇଁ ୧,୯୩୫ କୋଟି ଟଙ୍କା।
- ଶ୍ରୀ ଅନ୍ନ ଅଭିଯାନ ପାଇଁ ୬୪୯ କୋଟି ଟଙ୍କା।
- ଫସଲ ବିବିଧତା କାର୍ଯ୍ୟକ୍ରମ ଲାଗି ୫୪୭ କୋଟି।
- ଆଳୁ, ପନିପରିବା ଓ ମସଲା ବିକାଶ ପାଇଁ ୩୨୬ କୋଟି।
- କୃଷି ଯନ୍ତ୍ରପାତି, ଉପକରଣ ଓ ଡିଜେଲ ପମ୍ପସେଟ୍‌କୁ ଲୋକପ୍ରିୟ କରାଇବା ପାଇଁ ୩୧୦ କୋଟିର ବ୍ୟୟବରାଦ।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ କୃଷି ଉଦ୍ୟୋଗର ପ୍ରୋତ୍ସାହନ ସକାଶେ ୧୦୦ କୋଟି ଟଙ୍କା।
- କୃଷି ଗବେଷଣା, ଶିକ୍ଷା ଓ ଭିତ୍ତିଭୂମି ପାଇଁ ଓୟୁଏଟିକୁ ୧୫୨ କୋଟିର ଅନୁଦାନ ଦିଆଯାଇଛି।
- ବିଶ୍ୱବ୍ୟାଙ୍କ ସହାୟତାପ୍ରାପ୍ତ ରିୱାର୍ଡ ପ୍ରକଳ୍ପ ଲାଗି ୧୯୧ କୋଟି।
- କୃଷକ ଉତ୍ପାଦକ ସଙ୍ଗଠନ (ଏଫ୍‌ପିଓ)କୁ ୫୨ କୋଟି ଟଙ୍କାର ସହାୟତା।
- ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ପାଇଁ ୧୮୯ କୋଟି ଟଙ୍କାର ବ୍ୟୟବରାଦ।
- ଜାତୀୟ ଉଦ୍ୟାନ କୃଷି ମିଶନକୁ ୯୮ କୋଟି।
- ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପାଇଁ ୧୫୫ କୋଟି।
- ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଲାଗି ୩୨୭ କୋଟିର ବ୍ୟୟବରାଦ।
- କୃଷକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅଧୀନରେ ୬୦୦ କୋଟି।
- ଫସଲ ଋଣ ଉପରେ ସୁଧ ଛାଡ଼ ପାଇଁ ୮୩୦ କୋଟି।
- ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘ ଲିଃ ପାଇଁ ୧୬୫ କୋଟି ଟଙ୍କାର କର୍ପସ୍ ପାଣ୍ଠି।
- ଓଡ଼ିଶା ମତ୍ସ୍ୟ ମିଶନ ଲାଗି ୩୪୪ କୋଟିର ବ୍ୟୟବରାଦ।
- ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଲାଗି ୧୮୯ କୋଟି ଟଙ୍କା।
- ଦୁଗ୍ଧ ବନ୍ୟା ମିଶନ ଲାଗି ୧୦୨ କୋଟି।
- କ୍ଷୀର ଧାରା ମିଶନ ପାଇଁ ୬୫ କୋଟିର ବ୍ୟୟବରାଦ।
- ଗୋବଂଶ ସୁରକ୍ଷିତ ଯୋଜନା ପାଇଁ ୩୮ କୋଟି।
- ଗୋମାତା (ପଶୁଙ୍କ ପରିଚାଳନା ଓ ଚିକିତ୍ସା) ପାଇଁ ୩୮ କୋଟି।
- ଜାତୀୟ ପ୍ରାଣୀସମ୍ପଦ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ୫୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

# ୫ ହଜାର କୋଟିରେ ସମୃଦ୍ଧ କୃଷକ ଯୋଜନା

ଭୁବନେଶ୍ୱର,୨୫।୭

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷିଭିତ୍ତିକ ଅର୍ଥନୀତି ସୁଦୃଢ଼ ହେଲେ ରାଜ୍ୟର ଉନ୍ନତି ସମ୍ଭବ। ଓଡ଼ିଶାରେ ପ୍ରଥମ ଥର ପାଇଁ କ୍ଷମତାସୀନ ହୋଇଥିବା ଭାଜପା ସରକାର ଏହାକୁ ହୃଦୟଙ୍ଗମ କରି ନିଜ ପ୍ରଥମ ବଜେଟରେ 'ସମୃଦ୍ଧ କୃଷକ ଯୋଜନା'ର ପରିକଳ୍ପନା କରିଛନ୍ତି। ଏଥିପାଇଁ ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ଗୁରୁବାର ବିଧାନସଭାରେ ବଜେଟ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।

ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମାଝୀ ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି କହିଛନ୍ତି, ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଉଦ୍ଦିଷ୍ଟ ୧୦ ସ୍ତମ୍ଭର ସର୍ବାଗ୍ରେ ରହିଛନ୍ତି ରାଜ୍ୟର ଅନ୍ନଦାତା (କୃଷକ)। ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପିତ 'ଅମୃତ କାଳ'ର ସ୍ୱପ୍ନ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ହେଉଛି ରାଜ୍ୟର ବୃହତ୍ତମ ନିଯୁକ୍ତି କ୍ଷେତ୍ର। କୃଷି କ୍ଷେତ୍ରରେ ରାଜ୍ୟର ମୋଟ ଶ୍ରମଶକ୍ତିର ୪୫.୮% ନିୟୋଜିତ ହୋଇଥିବାବେଳେ ଏହାର ଯୋଗଦାନ ଗ୍ରସ୍ ଷ୍ଟେଟ୍ ଭାଲ୍ୟୁ ଆଡେଡ୍ (ଜିଏସ୍‌ଭିଏ)ର ୨୨.୫%। ୨୦୨୩-୨୪ ଆର୍ଥିକବର୍ଷରେ କୃଷି କ୍ଷେତ୍ରକୁ ୨୪,୮୨୯ କୋଟି ଟଙ୍କା



ଦିଆଯାଇଥିବାବେଳେ ୨୦୨୪-୨୫ ଆର୍ଥିକବର୍ଷର ବଜେଟରେ ଏଥିରେ ୩୬% ବୃଦ୍ଧିକରି ୩୩,୯୧୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଜାତୀୟସ୍ତରରେ ଓଡ଼ିଶା ଚତୁର୍ଥ ବୃହତ୍ ଧାନ ଯୋଗାଣକାରୀ ରାଜ୍ୟ। ଏହି ଯୋଜନାରେ ଚାଷୀଙ୍କଠାରୁ ଉଚିତ ମୂଲ୍ୟରେ ଧାନ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କାରେ କିଣାଯିବ, ଯାହାକି ବର୍ତ୍ତମାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ଠାରୁ ୮୦୦ ଟଙ୍କା ଅଧିକ। ମଣ୍ଡିରେ କଟନି ଛଟନି ବ୍ୟବସ୍ଥାକୁ ରୋକାଯିବା ସହ ଧାନ କ୍ରୟ ବ୍ୟବସ୍ଥାର ସରଳୀକରଣ କରାଯିବ। ଡିବିଟି ମୋଡ୍ ପାଇଁ ପଞ୍ଜୀକୃତ କୃଷକମାନେ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାକୁ ଅବଗତ କରାଇଛନ୍ତି।

## ୱାନ୍-ଷ୍ଟପ୍ ସମାଧାନ

କୃଷକମାନଙ୍କ ପାଇଁ ୱାନ୍-ଷ୍ଟପ୍ ସମାଧାନ ଭାବେ କାର୍ଯ୍ୟ କରିବା ନିମନ୍ତେ ବ୍ଲକ୍‌ସ୍ତରରେ କୃଷି ସମୃଦ୍ଧି କେନ୍ଦ୍ର ପ୍ରତିଷ୍ଠା କରାଯିବ। ବିଭିନ୍ନ ଯୋଜନା ସମ୍ପର୍କିତ କୃଷି ସହାୟତା, ଆର୍ଥିକ ସେବା, ଫସଲ ଉତ୍ପାଦନ ସମ୍ବନ୍ଧୀୟ ଯୋଜନା ଆଦିର ସୂଚନା ପ୍ରଦାନ ପାଇଁ କୃଷି ସମୃଦ୍ଧି ହେଲ୍ପଲାଇନ୍ ଆରମ୍ଭ କରାଯିବ।

## ଶ୍ରୀ ଅନ୍ନ ଅଭିଯାନକୁ ୬୪୯ କୋଟି



ମିଲେଟ୍ ଜାତୀୟ ଫସଲର ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ସକାଶେ ଓଡ଼ିଶାକୁ ମିଲେଟ୍ ହବ୍‌ରେ ପରିଣତ କରାଯିବ। ଶ୍ରୀ ଅନ୍ନ ଅଭିଯାନ ପାଇଁ ୬୪୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ଆଦିବାସୀ ଅଞ୍ଚଳରେ ମିଲେଟ୍ ଚାଷୀ ଉପକୃତ ହେବେ। ରାଜ୍ୟରେ ମିଲେଟ୍ ପ୍ଲାଣ୍ଟ ସ୍ଥାପନ ସହ ସରକାରୀ କ୍ୟାଣ୍ଟିନ୍, ସ୍କୁଲକୁ ମିଲେଟ୍ ଯୋଗାଇ ଦିଆଯିବ। ଓଡ଼ିଶାରେ କପା ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଲାଗି କପା ଶିଳ୍ପକୁ ସୁଦୃଢ଼ କରାଯିବ।

## ଫସଲ ବୀମା ଯୋଜନା ପାଇଁ ୬୦୦ କୋଟି

କୃଷକଙ୍କ ଆୟ ଓ ଜୀବିକା ହାନିର ଭରଣା ପାଇଁ କ୍ଷତିପୂରଣ ପ୍ରଦାନ ସକାଶେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୬୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଏହାଦ୍ୱାରା ରାଜ୍ୟର କ୍ଷତିଗ୍ରସ୍ତ ଚାଷୀ ଶତ ପ୍ରତିଶତ କଭରେଜ୍ ପାଇବେ।

## ବଳଭଦ୍ର ଜୈବିକ ଚାଷ ମିଶନ

ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ ଆରମ୍ଭ କରାଯାଇଛି। ଏହି ମିଶନ ଅଧୀନରେ କନ୍ଧମାଳ ଓ ସ୍ୱାଭିମାନ ଅଞ୍ଚଳ ମାଲକାନଗିରିରେ ସମ୍ପୂର୍ଣ୍ଣ ରାସାୟନିକମୁକ୍ତ ପ୍ରାକୃତିକ ଚାଷକୁ ପ୍ରୋତ୍ସାହନ ମିଳିବ।

## ମତ୍ସ୍ୟଜୀବୀ କଲ୍ୟାଣ ୬୫୪ କୋଟି



କୃଷକଙ୍କ ବହୁଗୁଣିତ ଆୟ ବୃଦ୍ଧି, ଜୀବିକା ବୃଦ୍ଧି, ଲାଭଦାୟକ ନିଯୁକ୍ତି ସୃଷ୍ଟି ଏବଂ ପୁଷ୍ଟି ନିରାପତ୍ତା ଯୋଗାଇବାରେ ମତ୍ସ୍ୟ ଚାଷ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବଜେଟରେ ମତ୍ସ୍ୟ ସମ୍ପଦ କ୍ଷେତ୍ରରେ ମୋଟ ଆବଣ୍ଟିତ ୬୫୪ କୋଟି ଟଙ୍କା ମଧ୍ୟରୁ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (ଏମ୍‌ଏମ୍‌କେୱାଇ) ବାବଦକୁ ୩୪୪ କୋଟି ଟଙ୍କା ଆବଣ୍ଟନର ପ୍ରସ୍ତାବ ରହିଛି। ସେହିପରି ମାଛଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା, ବାୟୋଫ୍ଲୋକ୍ ଟେକ୍ନୋଲୋଜି ମାଧ୍ୟମରେ ସଘନ ମାଛଚାଷ, ଯନ୍ତ୍ରପାତି ଓ ଉପକରଣ ଯୋଗାଣର ବ୍ୟବସ୍ଥା ରହିଛି।



## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

ପଶୁ ସମ୍ପଦ ଉତ୍ପାଦନ କୃଷକଙ୍କ ଜୀବନରେ ଖାଦ୍ୟ, ଆୟ ଓ ନିଯୁକ୍ତି ପ୍ରଦାନରେ ମୁଖ୍ୟ ଭୂମିକା ବହନ କରିଥାଏ। ରାଜ୍ୟରେ ଦୈନିକ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ଏକ ନୂତନ ଅମ୍ବ୍ରେଲା ସ୍କିମ୍ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଆରମ୍ଭ କରାଯିବ। ଏହା ଅଧୀନରେ ପ୍ରତିବର୍ଷ ୨,୦୦୦ ହିତାଧିକାରୀଙ୍କୁ ୨ଟି କ୍ରସ୍‌ବ୍ରିଡ୍ ଗାଈ ରଖିବା ପାଇଁ କ୍ଷୁଦ୍ର ଦୁଗ୍ଧ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏଥିସହ ୨୦ ହଜାର ଦୁଗ୍ଧ ଚାଷୀଙ୍କୁ ରିହାତିରେ ବାଛୁରୀ ଖାଦ୍ୟ ଯୋଗାଇଦିଆଯିବ। ୧ ଲକ୍ଷ ଚାଷୀ ଦୁଧିଆଳୀ ଗାଈର ବୀମା ପାଇଁ ସହାୟତା ପାଇବେ। ଏସବୁକୁ ଦୃଷ୍ଟିରେ ରଖି ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ମୋଟ ଆବଣ୍ଟନ ୬୯୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ମୁଖ୍ୟମନ୍ତ୍ରୀ ବଜେଟ ଅଭିଭାଷଣ ବେଳେ ସୂଚନା ଦେଇଛନ୍ତି।

## ବ୍ଲକ୍‌ସ୍ତରରେ ଶୀତଳଭଣ୍ଡାର

ରାଜ୍ୟରେ ପନିପରିବା, ଫଳମୂଳ ଆଦିର ସଂରକ୍ଷଣ ପାଇଁ ସରକାର ବ୍ଲକ୍‌ସ୍ତରରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବେ। ପ୍ରଥମେ ଉପଖଣ୍ଡସ୍ତରରେ ଏହା ସ୍ଥାପନ କରାଯିବ। ଏଥିପାଇଁ ଏକ ବସ୍ତୃତ ଯୋଜନା କାର୍ଯ୍ୟକାରୀ ନିମନ୍ତେ ଏମ୍‌ଏସ୍‌ଏମ୍‌ଇ, ସମବାୟ, ଶକ୍ତି ଓ କୃଷି ବିଭାଗକୁ ନେଇ ଏକ କମିଟି ଗଠନ କରାଯିବ।






## ସିଏମ୍-କିଷାନ : ୧,୯୩୫ କୋଟି

କେନ୍ଦ୍ରର ପିଏମ୍-କିଷାନ ଯୋଜନା ଅଧୀନରେ ଆର୍ଥିକ ସହାୟତା ପାଇବା ପାଇଁ ଚାଷୀଙ୍କ ନାମରେ ଥିବା ଜମିର ପରିମାଣକୁ ଆଧାର ନ କରି ରାଜ୍ୟ ସରକାର ଉଭୟ ଗ୍ରାମ୍ୟ ଓ ସହରାଞ୍ଚଳର ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ଲାଗି ପଦକ୍ଷେପ ନେଇଛନ୍ତି। ସିଏମ୍-କିଷାନ ଯୋଜନାରେ ଅତିରିକ୍ତ ଟପ୍-ଅପ୍ ପ୍ରଦାନ କରାଯିବ। ଏଥିପାଇଁ ୧,୯୩୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ମାଝୀ ବଜେଟ ଉପସ୍ଥାପନ ବେଳେ ସୂଚନା ଦେଇଛନ୍ତି।

## 'କାଳିଆ' ପାଇଁ ବ୍ୟୟବରାଦ ହୋଇନି

ବିଜେଡି ସରକାର ଅମଳରେ ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ 'କାଳିଆ' ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ରାଜ୍ୟରେ ସରକାର ବଦଳିବା ପରେ ଏହି ଯୋଜନାରେ ଥିବା ୪୬ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ସହାୟତା ରାଶି ପାଇବେ କି ନାହିଁ ସନ୍ଦେହରେ ରହିଛନ୍ତି। କାରଣ ଭାଜପା ସରକାରଙ୍କ ପ୍ରଥମ ବଜେଟରେ 'କାଳିଆ' ପାଇଁ ବ୍ୟୟବରାଦ ହୋଇ ନାହିଁ। ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ୩୧ ଲକ୍ଷ ଚାଷୀ ଉପକୃତ ହେଉଛନ୍ତି। କଳିଆ ଯୋଜନାରେ ୪୬ ଲକ୍ଷ ଚାଷୀ ଉପକୃତ ହେଉଥିଲେ। ପିଏମ୍ କିଷାନ ଓ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୧ କୋଟି ଚାଷୀ ସାମିଲ ହେବେ।

## କୃଷି ବଜେଟରେ ଜଳସେଚନକୁ ଗୁରୁତ୍ୱ

କୃଷି ଉତ୍ପାଦନ ଓ ଉତ୍ପାଦକତା କ୍ଷେତ୍ରରେ ଜଳସେଚନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସମସ୍ତଙ୍କ ପାଇଁ ଜଳ ସୁରକ୍ଷା ଓ ଏକ ପୋଷଣୀୟ ଭବିଷ୍ୟତ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକବର୍ଷର ବଜେଟରେ ଜଳସେଚନକୁ ପ୍ରାଥମିକତା ଦେଇଛନ୍ତି। ଜଳସମ୍ପଦ ବିଭାଗର ବ୍ୟୟବରାଦରେ ୨୫% ବୃଦ୍ଧି କରାଯାଇଛି। ରାଜ୍ୟର ସମସ୍ତ ଚାଷୀଙ୍କ ଆବଶ୍ୟକତା ପୂରଣ ନିମନ୍ତେ ନବରଙ୍ଗପୁର ଉଠା ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ଜିଲାର ତୁରୀ-ଗୁଣ୍ଡାଟ ଜଳସେଚନ ପ୍ରକଳ୍ପ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ଜିଲାର ଖଇରିବନ୍ଧ ବ୍ୟାରେଜ୍ ପ୍ରକଳ୍ପ, ସାନ୍ଦୁଲ ବ୍ୟାରେଜ୍ ପ୍ରକଳ୍ପର ୟୁଜିପିଏଲ୍ ବଣ୍ଟନ ବ୍ୟବସ୍ଥା, ଗଜପତି ଜିଲାର ଛେଲିଗଡ଼ ଡ୍ୟାମ୍, ଗଞ୍ଜାମ ଜିଲାର ଜାନିଭିଲି ବ୍ୟାରେଜ୍ ଭଳି ପ୍ରୋଜେକ୍ଟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ୩,୩୫୨ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହାବାଦ୍ ନୟାଗଡ଼ ଜିଲାର ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ, ଗଞ୍ଜାମର ପିପଲପଙ୍କ ଡ୍ୟାମ୍, ବଲାଙ୍ଗୀର ଉପର ଲାନ୍ଥ ମଧ୍ୟମ ଜଳସେଚନ ପ୍ରକଳ୍ପ, ଅନୁଗୋଳ ଜିଲାର ସମାକୋଇ ବ୍ୟାରେଜ୍, ବରଗଡ଼ ଜିଲାରେ ୩ ଓ ନୂଆପଡ଼ା ଜିଲାରେ ୭ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ଜିଲାର ୩ ଓ ନୂଆପଡ଼ାର ୨ ଏମ୍‌ଆଇପି ସମେତ ଅନେକ ଇରିଗେଶନ୍ ପ୍ରୋଜେକ୍ଟ ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ୨୦୦ କୋଟି ଟଙ୍କା ବ୍ୟୟରେ ବିପର୍ଯ୍ୟସ୍ତ ପୁରୁଣା ଡ୍ୟାମ୍‌ଗୁଡ଼ିକର ନିରନ୍ତର ତଦାରଖ ଓ ରକ୍ଷଣାବେକ୍ଷଣ ପାଇଁ ୨୦୨୮-୨୯ ପର୍ଯ୍ୟନ୍ତ 'ଡ୍ୟାମ୍ ସୁରକ୍ଷା ଏବଂ ଉନ୍ନତୀକରଣ' ଯୋଜନା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚଳିତ ଆର୍ଥିକବର୍ଷରେ ୨,୨୮,୬୮୫ ହେକ୍ଟର ଆୟକଟ୍ ଅଞ୍ଚଳକୁ ସେଚାଧୀନ କରାଯିବ। ବନ୍ୟା ନିୟନ୍ତ୍ରଣ ପାଇଁ ୭୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭୂପୃଷ୍ଠ ଜଳର ସଂରକ୍ଷଣ ପାଇଁ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର ଯୋଜନା ଅଧୀନରେ ୮୧୪ କୋଟିର ପ୍ରସ୍ତାବ ରହିଛି। ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପରୁ ଜଳସେଚନ ପାଇଁ ୧,୧୨୫ ଟଙ୍କା ଆବଣ୍ଟନ କରାଯାଇଛି। ସେହିପରି 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା' ପାଇଁ ୪୦୦ କୋଟି ଟଙ୍କା ଦିଆଯାଇଛି। ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ପାଇଁ ୭୭୩ କୋଟିର ବ୍ୟୟବରାଦ କରାଯାଇଛି।



## ବଜେଟରେ ନୂତନ ପଦକ୍ଷେପ (କୋଟିରେ)

| | | |
|---|---|---|
| ୧ | ସୁଭଦ୍ରା ଯୋଜନା | ୧୦,୦୦୦ |
| ୨ | ସମୃଦ୍ଧ କୃଷକ ଯୋଜନା | ୫,୦୦୦ |
| ୩ | ଶ୍ରୀମନ୍ଦିର କର୍ପସ ପାଣ୍ଠି | ୫୦୦ |
| ୪ | ଓଡ଼ିଆ ଅସ୍ମିତା କର୍ପସ ପାଣ୍ଠି | ୨୦୦ |
| ୫ | ମାଧୋ ସିଂ ହାତ ଖର୍ଚ୍ଚ | ୧୫୬ |
| ୬ | ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ | ୫୦ |
| ୭ | ମହାନଦୀ ତଟ ଉନ୍ନୟନ ପ୍ରକଳ୍ପ | ୫୦ |
| ୮ | ଦୀନଦୟାଲ ଶିକ୍ଷାଞ୍ଚଳ କର୍ମଚାରୀ ନିବାସ | ୫୦ |
| ୯ | ପଞ୍ଚାୟତ ରାସ୍ତାରେ ସୌରଶକ୍ତି ଆଲୋକୀକରଣ | ୧୦ |
| ୧୦ | ମେଡିକାଲ କଲେଜ ଓ ହସ୍ପିଟାଲ କର୍ପସ ପାଣ୍ଠି | ୨୦୦ |
| ୧୧ | ଛାତ ଉପର ସୌରଶକ୍ତି ପ୍ରକଳ୍ପ(ପିଏମ୍ ସୂର୍ଯ୍ୟଘର) | ୧୦୦ |
| ୧୨ | କର୍କଟ ରୋଗୀ ସେବକଙ୍କ ପାଇଁ ଧର୍ମଶାଳା | ୧୮ |
| ୧୩ | ଶିଶୁ କର୍କଟ ଚିକିତ୍ସା ବ୍ୟବସ୍ଥା | ୨୫ |
| ୧୪ | ଆୟୁଷ୍ମାନ ଭାରତ (ଏବିପିଏମ୍-ଜେଏୱାଇ) | ୫୦୦ |
| ୧୫ | ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା | ୯୨ |
| ୧୬ | ପିଏମ୍ଶ୍ରୀ ସ୍କୁଲ | ୨୫ |




ମୋଟ ଋଣ ଭାର
**୧,୨୫,୫୫୦**
କୋଟି ଟଙ୍କା

ମୋଟ ଋଣ ଭାର ଓ ଜିଏସ୍‌ଡିପିର ଅନୁପାତ
**୧୩.୫୬%**

ସୁଧ ଦେୟ
**୫,୫୦୦**
କୋଟି ଟଙ୍କା

ସୁଧଦେୟ ଓ ରାଜସ୍ୱ ଆୟର ଅନୁପାତ
**୨.୬%**




ମୁଣ୍ଡପିଛା ଋଣ ଭାର
**୨୬,୭୫୬**
କୋଟି ଟଙ୍କା

ବିତ୍ତୀୟ ନିଅଣ୍ଟ
**୩୨,୪୦୩**
କୋଟି ଟଙ୍କା

ଜିଏସ୍‌ଡିପିର
**୩.୫%**

# ବିକଶିତ ଗାଁ, ବିକଶିତ ସହର, ବିକଶିତ ଓଡ଼ିଶା

**ରାଜ୍ୟରେ ଭାଜପା ଶାସିତ ନୂଆ ସରକାର ତାଙ୍କ ପ୍ରଥମ ବଜେଟରେ ବିକଶିତ ଗାଁ, ବିକଶିତ ସହର, ବିକଶିତ ଓଡ଼ିଶା ନାମରେ ନୂତନ ଯୋଜନା ଆଣିଛନ୍ତି। ରାଜ୍ୟର ସାମଗ୍ରିକ ପ୍ରଗତିରେ ଗ୍ରାମୀଣ ଓ ନଗର ଉନ୍ନୟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିକଶିତ ଓଡ଼ିଶାର ମାନ୍ୟତା ହାସଲ କରିବା ନିମନ୍ତେ ମୌଳିକ ସୁବିଧା ଓ ଅର୍ଥନୈତିକ ସୁଯୋଗର ସମାନ ଉପଲବ୍ଧତା ସହିତ ସାମଗ୍ରିକ ସନ୍ତୁଳିତ ବିକାଶ ସହ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଲାଗି ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ ବୋଲି ସରକାର କହିଛନ୍ତି। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଲାଗି ବଜେଟରେ ହଜାରେ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଗ୍ରାମୀଣ ଭିତ୍ତିଭୂମିରେ ବିକାଶ କରିବା ଲାଗି ଏହି ଯୋଜନା ଅଧୀନରେ 'ଗ୍ରାମପଞ୍ଚାୟତଗୁଡ଼ିକରେ ସୌରଚାଳିତ ଷ୍ଟ୍ରିଟ୍ ଲାଇଟିଂ ସିଷ୍ଟମ' ନାମକ ନୂତନ ଯୋଜନା ଆରମ୍ଭ ହେବ। ଏଥିଲାଗି ୨୦୨୪-୨୫ ଆର୍ଥିକ ବର୍ଷରେ ୧୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ଲାଗି ପ୍ରସ୍ତାବ ଦିଆଯାଇଛି।**

### 'ଉନ୍ନତି'

ବ୍ୟାପକ ସହରୀକରଣ ପାଇଁ 'ଉନ୍ନତି' ଯୋଜନା କରାଯାଇଛି। ଏହି ଯୋଜନା ଅଧୀନରେ ସବୁ ନାଗରିକଙ୍କ ଆବଶ୍ୟକତା ପୂରଣ କରୁଥିବା ସ୍ମାର୍ଟ ସିଟିର ବିକାଶ କରି ସାମଗ୍ରିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯିବ। ଏହି ଯୋଜନାରେ ୬୦୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

### ସଡ଼କ ଓ ସେତୁ ନିର୍ମାଣ

ଆସନ୍ତା ୫ ବର୍ଷରେ ରାଜ୍ୟରେ ୭୫ ହଜାର କି.ମି. ରାସ୍ତା ନିର୍ମାଣ କରିବାକୁ ଯୋଜନା ରଖାଯାଇଛି। ସଡ଼କ ଓ ସେତୁ ନିର୍ମାଣ ଲାଗି ୨୦୨୪-୨୫ ଆର୍ଥିକ ବର୍ଷରେ ୧୫ ହଜାର ୮ ଶହ ୬୫ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି। ପିଡବ୍ଲ୍ୟୁଡି ସଡ଼କ ଓ ସେତୁ ନିର୍ମାଣ ପାଇଁ ୬ ହଜାର ୧ ଶହ ୮୦ କୋଟି ଟଙ୍କା ବ୍ୟୟ କରାଯାଇ ୫୦ଟି ସେତୁ, ୨ଟି ରେଳ ଓଭରବ୍ରିଜ୍ ଏବଂ ୧୫ଟି ଚେକ୍ ଡ୍ୟାମ୍ ସହ ୨ ହଜାର ୪ ଶହ ୭୩ କି.ମି. ରାସ୍ତାର ଉନ୍ନତୀକରଣ କରିବାର ଯୋଜନା ରହିଛି। ଗ୍ରାମୀଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ୨୦୨୩-୨୪ରେ ଥିବା ବ୍ୟୟ ବରାଦ ୭ ହଜାର ୫ ଶହ କୋଟି ଟଙ୍କାକୁ ୨୬ ପ୍ରତିଶତ ବୃଦ୍ଧି କରାଯାଇଛି। ଚଳିତ ବର୍ଷ ୯ ହଜାର ୪ ଶହ ୫୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

### ପିଏମ୍ ଜନମନ ଯୋଜନା

ପିଭିଟିଜି ବସତିଗୁଡ଼ିକୁ ସର୍ବକାଳୀନ ଯୋଗାଯୋଗ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ(ପିଏମ୍ ଜନମନ) ଯୋଜନା ଶହେ କୋଟିର ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ୭୩ଟି ପିଭିଟିଜି ବସତିକୁ ସର୍ବକାଳୀନ ସଂଯୋଗ ଯୋଗାଇବ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର ୭ ଶହ ୨୧ କି.ମି. ରାସ୍ତାର ନିର୍ମାଣ ଓ ଉନ୍ନତୀକରଣ ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ୧ ହଜାର ୯ ଶହ ୭୬ କୋଟି ଟଙ୍କାର ବଜେଟ ବ୍ୟବସ୍ଥାର ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ୨୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୯ ଶହ ୯୪ଟି ଜନବସତି ଉପକୃତ ହେବେ।

### ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମ୍ଏମ୍ଏସ୍ୱାଇ) ଅଧୀନରେ ୩ ହଜାର ୧ ଶହ ୯୦ କୋଟି ଟଙ୍କାର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରହିଛି। ଏହାଦ୍ୱାରା ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ୩୨୫ଟି ଜନବସତି ଉପକୃତ ହେବେ। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩,୩୦୦ କି.ମି. ନୂତନ ରାସ୍ତା ନିର୍ମାଣ ଓ ୨ ହଜାର କି.ମି.ର ବିଦ୍ୟମାନ ରାସ୍ତା ସମ୍ପୂର୍ଣ୍ଣ ହେବ।

### ସେତୁ ବନ୍ଧ ଯୋଜନା

ଆସନ୍ତା ୫ ବର୍ଷ ମଧ୍ୟରେ ସେତୁ ବନ୍ଧ ଯୋଜନା ୫୦୦ ଆର୍‌ସିସି ସେତୁ ଓ ୩୫୦ଟି ନିର୍ମାଣାଧୀନ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏଥିଲାଗି ବଜେଟରେ ୧୯୯୦ କୋଟି ଟଙ୍କାର ବ୍ୟବସ୍ଥା ରଖାଯାଇଛି।

### ଉଡ଼ାଣ ଯୋଜନା

ରାଜ୍ୟବାସୀଙ୍କ ଉଚ୍ଚ ଆକାଂକ୍ଷା ପୂରଣ କରିବା ପାଇଁ ଉଡେ ଦେଶ୍‌କି ଆମ ନାଗରିକ(ଉଡ଼ାଣ) ଯୋଜନା ସହ ସମତାଳ ଦେଇ ଚଳିତ ବର୍ଷ ବିମାନ ଚଳାଚଳ କ୍ଷେତ୍ର ଲାଗି ୩୭୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭିଜିଏଫ୍ ମାଧ୍ୟମରେ କେବଳ ଅନ୍ତଃରାଜ୍ୟ ବା ଆନ୍ତଃରାଜ୍ୟ ନୁହେଁ ବରଂ ଦୁବାଇ, ବ୍ୟାଙ୍କକ୍ ଏବଂ ସିଙ୍ଗାପୁର ଭଳି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ସେବା ପ୍ରଦାନ କରୁଥିବା ଅନେକ ଏୟାର ଲାଇନ୍ସ ଅପରେଟରଙ୍କୁ ସହାୟତା ପ୍ରଦାନ କରାଯିବ। ପ୍ରସ୍ତାବିତ ପାଣ୍ଠିରୁ ଚଳିତ ବର୍ଷ ଜୟପୁର ଓ ଉତ୍କେଳା ବିମାନବନ୍ଦରର ସମ୍ପ୍ରସାରଣ ତଥା କେନ୍ଦୁଝରର ରାଇସୁଆଁ, ଗଞ୍ଜାମର ରଙ୍ଗେଇଲୁଣ୍ଡା, ସମ୍ବଲପୁରର ଜମାଦାରପାଲୀ, ମୟୂରଭଞ୍ଜର ଦାଣ୍ଡବୋଷ ଓ ଅମର୍ଦାରୋଡ୍ ଏବଂ ମାଲକାନଗିରିରେ ଥିବା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ପାଇଁ ଯୋଜନା ହୋଇଛି।

### ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା

ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଲକ୍ଷ୍ୟରେ ୧୪୩୬ କୋଟି ଟଙ୍କା ବ୍ୟୟରେ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନାର ଶୁଭାରମ୍ଭ କରାଯିବ। ଲୋ ଭୋଲ୍‌ଟେଜ ସମସ୍ୟା ଦୂରକରିବାକୁ ଓଡ଼ିଶା ବିତରଣ ବ୍ୟବସ୍ଥା ସୁଦୃଢ଼ୀକରଣ ଯୋଜନା ଅଧୀନରେ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୭୩୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ଶହେଟି ୩୩/୧୧ କେଭି ସବ୍ ଷ୍ଟେଶନ କାର୍ଯ୍ୟକ୍ଷମ ହେବ। ବିଦ୍ୟୁତ୍ ସଞ୍ଚରଣ କ୍ଷେତ୍ରକୁ ସୁଦୃଢ଼ କରିବାକୁ ଓଡ଼ିଶା ବିଦ୍ୟୁତ୍ ସଞ୍ଚରଣ ବ୍ୟବସ୍ଥା ସୁଦୃଢ଼ୀକରଣ ଯୋଜନା ଅଧୀନରେ ୨ ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## ସ୍ୱାସ୍ଥ୍ୟ: ୨୧,୨୦୦ କୋଟି ଟଙ୍କା

### ବିଏସ୍‌କେୱାଇ ବଦଳରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା



ବଜେଟରେ ଜନସ୍ୱାସ୍ଥ୍ୟ ସେବା ପାଇଁ ମୋଟ ୨୧,୨୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହାକି ରାଜ୍ୟ ବଜେଟର ପ୍ରାୟ ୮ ପ୍ରତିଶତ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୫,୪୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଯେଉଁଥିରେ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୩,୦୫୬ କୋଟି ଟଙ୍କା ରହିଥିବାବେଳେ ନିରାମୟ(ମାଗଣା ଔଷଧ) ପାଇଁ ୧୦୩୩ କୋଟି ଟଙ୍କା ରହିଛି। ନିଦାନ ପାଇଁ ୨୩୬ କୋଟି ଟଙ୍କା, ସମ୍ପୂର୍ଣ୍ଣା(ଆଇଏମ୍ଆର/ଏମ୍ଏମ୍ଆର୍ ହ୍ରାସ) ପାଇଁ ୧୨୨ କୋଟି ଟଙ୍କା, ସ୍ୱାସ୍ଥ୍ୟ ସହାୟ ପାଇଁ ୧୯୧ କୋଟି ଟଙ୍କା, ଓଡ଼ିଶା ବ୍ୟାପକ କର୍କଟ ଚିକିତ୍ସା ଯୋଜନା ପାଇଁ ୨୧୧ କୋଟି ଟଙ୍କା ଏବଂ ଆମ୍ବୁଲାନ୍ସ ସେବା ପାଇଁ ୩୫୦ କୋଟି ଟଙ୍କା ରହିଛି। ସେହିପରି ଆମ ହସ୍ପିଟାଲ ପାଇଁ ୧,୩୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୨,୪୬୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେଥିମଧ୍ୟରେ ସ୍ୱାସ୍ଥ୍ୟ ଅନୁଷ୍ଠାନ ଭିତ୍ତିଭୂମି ବିକାଶ ପାଇଁ ୧୨୮୧ କୋଟି ଟଙ୍କା ଏବଂ ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲ ପୁନଃବିକାଶ କାର୍ଯ୍ୟକ୍ଷମ ପାଇଁ ଏକ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ନିର୍ମଳ ଯୋଜନା ପାଇଁ ୮୮୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୩୬୪ କୋଟି ଟଙ୍କା, ଖୁସି ପାଇଁ ୫୦ କୋଟି ଟଙ୍କା, କଟକ ମେଡିକାଲ କଲେଜର ଉନ୍ନତୀକରଣ ପାଇଁ ୫୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପାଇଁ ୫୦ କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୨,୦୯୫କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ-ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ମିଶନ ଯୋଜନା ପାଇଁ ୩୩୮କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ୫୦୦କୋଟି ଟଙ୍କା ଖର୍ଚ୍ଚ ହେବ।

### ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ:

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଯୋଜନା ଅଧୀନରେ ବଜେଟରେ ୨,୪୬୨ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଦିଆଯାଇଛି। ଏଥିମଧ୍ୟରେ ଏସ୍‌ସିବି ମେଡ଼ିକାଲ ଆଣ୍ଡ ହସ୍ପିଟାଲର ପୁନଃ ବିକାଶ ପାଇଁ ୧ ହଜାର କୋଟି ଟଙ୍କା ଓ ଔଷଧ ସଂରକ୍ଷଣ ପାଇଁ ଓଏସ୍‌ଏମ୍‌ସିଏଲ୍‌ର ନୂତନ ଗୋଦାମ ଗୃହ ନିର୍ମାଣ ପାଇଁ ୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ପାଇଁ 'ଆମ ହସ୍ପିଟାଲ' ଅଧୀନରେ ୧,୩୧୪ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି।

### ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା:

ସମସ୍ତଙ୍କୁ ମାଗଣାରେ ସାର୍ବଜନୀନ ବ୍ୟାପକ ଚକ୍ଷୁ ଯତ୍ନ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର ଶୁଭାରମ୍ଭ କରାଯାଇଛି। ମୋତିଆ ବିନ୍ଦୁ, ଗ୍ଲୁକୋମା ଓ କର୍ନିଆର ଅସ୍ତ୍ରୋପଚାର ଓ ମାଗଣା ଚଷମା ବଣ୍ଟନ ପାଇଁ ଉପଯୁକ୍ତ ହସ୍ତକ୍ଷେପ ପାଇଁ ବିଭିନ୍ନ ବୟସ ବର୍ଗର ଚକ୍ଷୁ ପରୀକ୍ଷା କରାଯିବ। ଏହି ଯୋଜନାରେ ୪୫କୋଟି ଟଙ୍କା ଖର୍ଚ୍ଚ ହେବ।

### ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ ପାଇଁ ୩କୋଟି

ଜନସାଧାରଣଙ୍କ ନିକଟରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସମସ୍ତ ବ୍ଲକସ୍ତରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟକୁ ସମ୍ପ୍ରସାରିତ କରିବାକୁ ପଦକ୍ଷେପ ନିଆଯାଉଛି। ସମ୍ପ୍ରତି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧୭୭ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ କାର୍ଯ୍ୟ କରୁଛି। ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକକୁ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ଅତିରିକ୍ତ ୧୫୫ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ ଆରମ୍ଭ କରାଯିବ। ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରୀ ଓ ବେସରକାରୀ ସହଭାଗିତାରେ ୫୦ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ କାର୍ଯ୍ୟକ୍ଷମ କରିବା ପାଇଁ ୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।





### ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ

**ମେଡିକାଲ କଲେଜକୁ ୨୦୦ କୋଟିର କର୍ପସ ପାଣ୍ଠି**

ଓଡ଼ିଶା ମେଡିକାଲ କର୍ପୋରେସନ ଦ୍ୱାରା ଯୋଗାଣ ହେଉ ନ ଥିବା ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ ପାଇଁ ମେଡିକାଲ କଲେଜ ଏବଂ ହସ୍ପିଟାଲଗୁଡ଼ିକ ପାଇଁ ୨୦୦କୋଟି ଟଙ୍କାର କର୍ପସ ପାଣ୍ଠି ଯୋଗାଇ ଦିଆଯିବ। ଏଥିମଧ୍ୟରୁ କଟକ ଏସ୍‌ସିବି ମେଡିକାଲ କଲେଜକୁ ୫୦କୋଟି ଟଙ୍କା, ଏମ୍‌କେସିଜି ମେଡିକାଲ କଲେଜକୁ ୩୦କୋଟି ଟଙ୍କା, ଭିମ୍‌ସାରକୁ ୨୦କୋଟି ଏବଂ ଅନ୍ୟ ନୂତନ ମେଡିକାଲ କଲେଜ ଏବଂ ହସ୍ପିଟାଲଗୁଡ଼ିକୁ ୧୦କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ।

### କୃଷି ଓ କୃଷକ ସଶକ୍ତୀକରଣ ବିଭାଗ

- ସମୃଦ୍ଧ କୃଷକ ଯୋଜନା: ୫୦୦୦ କୋଟି ଟଙ୍କା
- ସିଏମ-କିଶାନ: ୧୯୩୫ କୋଟି ଟଙ୍କା
- ଶ୍ରୀ ଅନ୍ନ ଅଭିଯାନ: ୬୪୯ କୋଟି ଟଙ୍କା
- ଶସ୍ୟ ପରିବର୍ତ୍ତନ କାର୍ଯ୍ୟକ୍ରମ: ୫୪୭ କୋଟି ଟଙ୍କା

### ମତ୍ସ୍ୟ ଓ ପ୍ରାଣୀସମ୍ପଦ ଉନ୍ନୟନ ବିଭାଗ

- ଓଡ଼ିଶା ମତ୍ସ୍ୟ ମିଶନ: ୩୧୪ କୋଟି ଟଙ୍କା
- ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା: ୧୮୯ କୋଟି ଟଙ୍କା
- ପ୍ରାଣୀମାନଙ୍କର ପରିଚାଳନା ଏବଂ ଚିକିତ୍ସା ପାଇଁ ଲକ୍ଷ୍ୟ
- (ଗୋମାତା) : ୩୭ କୋଟି ଟଙ୍କା
- ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା: ୨୨୦ କୋଟି ଟଙ୍କା

### ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ

- ଇନଷ୍ଟ୍ରିମ ଷ୍ଟୋରେଜ ଗଠନ: ୮୧୪ କୋଟି ଟଙ୍କା
- ପାର୍ବତୀଗିରି ମେଗା ଲିଫ୍ଟ ପ୍ରୋଜେକ୍ଟ : ୧୧୨୫ କୋଟି ଟଙ୍କା
- ବନ୍ୟା ନିୟନ୍ତ୍ରଣ ଏବଂ ଜଳ ନିଷ୍କାସନ: ୧୦୩୭ କୋଟି ଟଙ୍କା
- ଜଳ ସଂରକ୍ଷଣ ଏବଂ ଜଳସେଚନ ବିକାଶ ପ୍ରକଳ୍ପ: ୧୮୭୨ କୋଟି ଟଙ୍କା

### ସ୍ୱାସ୍ଥ୍ୟ

- ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା: ୫୦୦ କୋଟି ଟଙ୍କା
- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା: ୫୪୫୦ କୋଟି ଟଙ୍କା
- ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ: ୨୪୬୨ କୋଟି ଟଙ୍କା
- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ: ୨୦୯୫ କୋଟି ଟଙ୍କା

### ଶିକ୍ଷା: ସମୃଦ୍ଧ ଜୀବନ

- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ: ୫୦ କୋଟି ଟଙ୍କା
- ପଞ୍ଚସଖା ଶିକ୍ଷା ସେତୁ: ୩୩୨ କୋଟି ଟଙ୍କା
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର: ୧୩୯ କୋଟି ଟଙ୍କା
- ପିଏମ୍ ପୋଷଣ: ୯୯୭ କୋଟି
- ସମଗ୍ର ଶିକ୍ଷା: ୩,୭୯୧ କୋଟି ଟଙ୍କା

### ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ

- ମାଧୋ ସିଂ ହାତ ଖର୍ଚ୍ଚ: ୧୫୬ କୋଟି ଟଙ୍କା
- ମେଧାବୃତ୍ତି: ୧୧୭୦ କୋଟି ଟଙ୍କା
- ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା: ୨୦୦ କୋଟି ଟଙ୍କା
- ପିଏମ୍-ଏଜେଏୱାଇ: ୨୬୬ କୋଟି ଟଙ୍କା
- ପିଏମ୍-ଏଜିୱାଇ: ୧୨୦ କୋଟି ଟଙ୍କା

### ମହିଳା, ଶିଶୁ ବିକାଶ ଏବଂ ମିଶନ ଶକ୍ତି

- ସୁଭଦ୍ରା ଯୋଜନା: ୧୦୦୦୦ କୋଟି ଟଙ୍କା
- ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା: ୫୨୧ କୋଟି ଟଙ୍କା
- ପୋଷଣ ଅଭିଯାନ: ୨୯୫ କୋଟି ଟଙ୍କା
- ଆଇସିଡିଏସକୁ ରାଜ୍ୟ ସହାୟତା: ୩୭୬ କୋଟି ଟଙ୍କା
- ମିଶନ ଶକ୍ତି ପ୍ରୋଗ୍ରାମ: ୧୧୭୯ କୋଟି ଟଙ୍କା

### ସାମାଜିକ ସୁରକ୍ଷା

- ମଧୁବାବୁ ପେନ୍‌ସନ ଯୋଜନା: ୪,୪୮୭ କୋଟି ଟଙ୍କା
- ଭାମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ: ୩୦ କୋଟି ଟଙ୍କା
- ବୃଦ୍ଧାଶ୍ରମ: ୫୬ କୋଟି ଟଙ୍କା
- ଉନ୍ନତ ପୁନର୍ବାସ କେନ୍ଦ୍ର ନିମନ୍ତେ (ଏଆର୍‌ସି): ୨୨ କୋଟି ଟଙ୍କା

### ନଗର ଉନ୍ନୟନ

- ଭୁବନେଶ୍ୱର ମେଟ୍ରୋ ରେଳ: ୧୦୦୦ କୋଟି ଟଙ୍କା
- ପୌର ଜଳ ଯୋଗାଣ କାର୍ଯ୍ୟକ୍ରମ : ୩୫୬ କୋଟି ଟଙ୍କା
- ନୂତନ ସହର ଉନ୍ନତୀକରଣ: ୯୧୮ କୋଟି ଟଙ୍କା
- ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) : ୫୩୪ କୋଟି ଟଙ୍କା

### ଗ୍ରାମ୍ୟ ଉନ୍ନୟନ

- ବିକଶିତ ଗ୍ରାମ, ବିକଶିତ ଓଡ଼ିଶା: ୧୦୦୦ କୋଟି ଟଙ୍କା
- ବସୁଧା: ୨୦୦୦ କୋଟି ଟଙ୍କା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମ୍ୟ): ୬୦୯୦ କୋଟି ଟଙ୍କା
- ଜଳ ଜୀବନ ମିଶନ : ୬୦୦୦ କୋଟି ଟଙ୍କା
- ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ): ୬୦୦ କୋଟି ଟଙ୍କା

### ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

- ଲ୍ୟାଣ୍ଡ ବ୍ୟାଙ୍କ ଯୋଜନା: ୨୦୦ କୋଟି ଟଙ୍କା
- ଶିଳ୍ପ ଭିତ୍ତିଭୂମି ବିକାଶ ପାଣ୍ଠି (ଆଇଆଇଡିଏଫ୍) : ୬୦ କୋଟି ଟଙ୍କା
- ସିଏମ୍ -ଏସ୍ଆର୍‌ଆଇଏମ୍ : ୮୦ କୋଟି ଟଙ୍କା
- ଏମ୍ଏସ୍ଏମ୍‌ଇର ଉନ୍ନତୀକରଣ: ୧୬୮ କୋଟି ଟଙ୍କା

### ଶକ୍ତି

- ଓଡ଼ିଶା ଶକ୍ତି ବିକାଶ ଯୋଜନା: ୧୪୩୬ କୋଟି ଟଙ୍କା
- ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ଯୋଜନା: ୬୧୩ କୋଟି ଟଙ୍କା
- ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ ଅଭିଯାନ: ୭୪ କୋଟି ଟଙ୍କା
- ଗ୍ରୀଡ୍‌କୋକୁ ଚଳନ୍ତି ପୁଞ୍ଜି ଋଣ: ୬୦୦ କୋଟି ଟଙ୍କା

### ପରିବହନ

- ରେଳ ପ୍ରକଳ୍ପ ଉନ୍ନତୀକରଣ: ୬୦୦ କୋଟି ଟଙ୍କା
- ବେସାମରିକ ବିମାନ ଚଳାଚଳ: ୩୭୨ କୋଟି ଟଙ୍କା
- ଗ୍ରାମାଞ୍ଚଳ ପରିବହନ: ୧୦୮୫ କୋଟି ଟଙ୍କା
- ବିଦ୍ୟୁତ ଯାନ ନୀତି ଅନୁଯାୟୀ ସବ୍‌ସିଡି : ୧୫୦ କୋଟି ଟଙ୍କା
- ବସଷ୍ଟାଣ୍ଡ ନିର୍ମାଣ: ୮୩୯ କୋଟି ଟଙ୍କା

### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ

- କାମ୍ପା (ସିଏଏମ୍‌ପିଏ) : ୧୧୬୮ କୋଟି ଟଙ୍କା
- ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନା : ୧୦୦ କୋଟି ଟଙ୍କା
- ନନ୍ଦନକାନନର ଉନ୍ନତୀକରଣ : ୫୦ କୋଟି ଟଙ୍କା
- ଗ୍ରୀନ୍ ମହାନଦୀ ମିଶନ: ୪୨ କୋଟି ଟଙ୍କା

### କ୍ରୀଡ଼ା ଓ ଯୁବସେବା

- କ୍ରୀଡ଼ା ଭିତ୍ତିଭୂମି: ୯୫୨ କୋଟି ଟଙ୍କା
- ଯୁବ ଶକ୍ତି: ୧୦୦ କୋଟି ଟଙ୍କା
- ଉତ୍କୃଷ୍ଟ କ୍ରୀଡ଼ାବିତ୍‌ମାନଙ୍କୁ ସହାୟତା: ୬୦ କୋଟି ଟଙ୍କା
- କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ: ୬୫ କୋଟି ଟଙ୍କା

### ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଅସ୍ମିତା

- ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପାଇଁ କର୍ପସ ପାଣ୍ଠି: ୫୦୦ କୋଟି
- ଓଡ଼ିଆ ଅସ୍ମିତା କର୍ପସ ପାଣ୍ଠି: ୨୦୦ କୋଟି ଟଙ୍କା
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା: ୭୨ କୋଟି ଟଙ୍କା
- କାର୍ତ୍ତିରାଜିଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ : ୧୫ କୋଟି ଟଙ୍କା

### ପର୍ଯ୍ୟଟନ

- ପର୍ଯ୍ୟଟନ ନିମନ୍ତେ ଆବଣ୍ଟନ: ୮୦୦ କୋଟି ଟଙ୍କା
- ପର୍ଯ୍ୟଟକ ବ୍ୟବସ୍ଥାପନ ଓ ଉନ୍ନତୀକରଣ : ୪୪୫ କୋଟି ଟଙ୍କା
- ପର୍ଯ୍ୟଟନ ସମ୍ବନ୍ଧୀୟ ସୂଚନା ଓ ପ୍ରଚାର: ୨୭୯ କୋଟି ଟଙ୍କା
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା: ୨୦ କୋଟି ଟଙ୍କା

### ସଡ଼କ

- ସଡ଼କ ଉନ୍ନତୀକରଣ ପ୍ରକଳ୍ପ: ୬,୧୮୦ କୋଟି ଟଙ୍କା
- ସେତୁ ବନ୍ଧନ ଯୋଜନା: ୧୯୯୦ କୋଟି ଟଙ୍କା
- ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍ୱାଇ):୧୯୭୬ କୋଟି ଟଙ୍କା
- ଗ୍ରାମ୍ୟ ସଡ଼କ ନିର୍ମାଣ : ୨୩୧୯ କୋଟି ଟଙ୍କା
- ସଡ଼କ ସୁରକ୍ଷା ପାଣ୍ଠି: ୪୫ କୋଟି ଟଙ୍କା

## ବିଭାଗଓ୍ୱାରୀ ବଜେଟ ଆବଣ୍ଟନ(କୋଟିରେ)

| | | |
|---|---|---|
| ୧ | ଗୃହ | ୮୯୯୩.୮୨ |
| ୨ | ସାଧାରଣ ପ୍ରଶାସନ | ୭୩୧.୫୯ |
| ୩ | ରାଜସ୍ୱ | ୧୭୬୮.୮୪ |
| ୪ | ଆଇନ | ୧୫୯୦.୭୭ |
| ୫ | ଅର୍ଥ | ୫୯୩୧୧.୫୭ |
| ୬ | ବାଣିଜ୍ୟ | ୨୦୨.୬୦ |
| ୭ | ନିର୍ମାଣ | ୧୦୭୫୦.୦୦ |
| ୮ | ଓଡ଼ିଶା ବିଧାନସଭା | ୮୫.୯୮ |
| ୯ | ଖାଉଟି ଯୋଗାଣ ଓ ଖାଉଟି କଲ୍ୟାଣ | ୧୩୦୭.୯୯ |
| ୧୦ | ସ୍କୁଲ ଓ ଗଣଶିକ୍ଷା | ୨୬୩୯୧.୨୪ |
| ୧୧ | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | ୫୭୪୯.୮୦ |
| ୧୨ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୨୦୮୩୭.୧୬ |
| ୧୩ | ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୯୬୦୩.୩୩ |
| ୧୪ | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୩୧୮.୧୪ |
| ୧୫ | କ୍ରୀଡ଼ା ଓ ଯୁବସେବା | ୧୩୧୪.୯୫ |
| ୧୬ | ଯୋଜନା ଓ ସଂଯୋଜନା | ୨୦୧୮.୫୦ |
| ୧୭ | ପଞ୍ଚାୟତିରାଜ ଓ ପାନୀୟ ଜଳ | ୨୬୪୬୬.୪୭ |
| ୧୮ | ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ | ୨.୮୦ |
| ୧୯ | ଶିଳ୍ପ | ୮୦୭.୮୫ |
| ୨୦ | ଜଳ ସମ୍ପଦ | ୧୩୨୭୧.୮୧ |
| ୨୧ | ପରିବହନ | ୩୭୪୨.୨୩ |
| ୨୨ | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ | ୧୪୧୭.୯୧ |
| ୨୩ | କୃଷି ଓ କୃଷକ ସଶକ୍ତୀକରଣ | ୧୨୯୨୮.୮୪ |
| ୨୪ | ଇସ୍ପାତ ଓ ଖଣି | ୪୫୬.୩୮ |
| ୨୫ | ସୂଚନା ଓ ଲୋକସମ୍ପର୍କ | ୧୫୬.୧୮ |
| ୨୬ | ଅବକାରୀ | ୨୪୦.୯୧ |
| ୨୭ | ବିଜ୍ଞାନ ଓ ବୈଷୟିକ | ୧୨୧.୫୦ |
| ୨୮ | ଗ୍ରାମ ଉନ୍ନୟନ | ୯୪୫୬.୦୩ |
| ୨୯ | ସଂସଦୀୟ ବ୍ୟାପାର | ୮୫.୦୪ |
| ୩୦ | ଶକ୍ତି | ୩୩୫୫.୨୮ |
| ୩୧ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ୨୬୨.୨୫ |
| ୩୨ | ପର୍ଯ୍ୟଟନ | ୮୧୭.୯୫ |
| ୩୩ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ | ୧୮୯୫.୭୫ |
| ୩୪ | ସମବାୟ | ୨୧୧୬.୧୩ |
| ୩୫ | ସରକାରୀ ଉଦ୍ୟୋଗ | ୧୧.୫୪ |
| ୩୬ | ମହିଳା ଓ ଶିଶୁ ବିକାଶ | ୧୫୧୮୦.୯୧ |
| ୩୭ | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା | ୫୦୮.୭୧ |
| ୩୮ | ଉଚ୍ଚ ଶିକ୍ଷା | ୩୪୭୭.୮୩ |
| ୩୯ | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୧୫୮୨.୭୬ |
| ୪୦ | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୭୪୭.୪୮ |
| ୪୧ | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୭୭୦୯.୮୧ |
| ୪୨ | ବିପର୍ଯ୍ୟୟ ପରିଚାଳନା | ୪୦୨୨.୫୧ |
| ୪୩ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୪୧୯.୮୨ |
| ୪୪ | ମିଶନ ଶକ୍ତି | ୨୭୬୧.୫୨ |
| | ମୋଟ | ୨୬୫୦୦୦.୦୦ |

## ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ମେଟ୍ରୋ ରେଳ

ମେଟ୍ରୋ ରେଳ ବ୍ୟବସ୍ଥାର ବିକାଶ ଲାଗି ସରକାର ପଦକ୍ଷେପ ନେବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି। ୨୦୨୭ ଶେଷ ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦରରୁ କଟକର ତ୍ରିଶୂଳିଆ ଛକକୁ ସଂଯୋଗ ସ୍ଥାପନ କରାଯିବ। ଏଥିଲାଗି ମୋଟ୍ ୬ ହଜାର ୨ ଶହ ୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ହେଲେ ଏଥିଲାଗି ୨୦୨୪-୨୫ ଆର୍ଥିକ ବର୍ଷରେ ହଜାରେ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି।



## ନାରୀ

**ବ୍ୟୟବରାଦ ୩ଗୁଣା ବୃଦ୍ଧି**

ମହିଳାମାନଙ୍କର ସଶକ୍ତୀକରଣ ଓ ଗରିମା ରକ୍ଷାକୁ ସରକାର ପ୍ରମୁଖ ପ୍ରାଥମିକତା ଦେଇଛନ୍ତି। ଏଥିପାଇଁ ଉଭୟ ଶିଶୁକଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ନିମନ୍ତେ ବଜେଟ ୨୦୨୪-୨୫ରେ ୧୭,୯୪୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହା ୨୦୨୩-୨୪ ବର୍ଷ ତୁଳନାରେ ୩ ଗୁଣା ଅଧିକ। ଗତ ଆର୍ଥିକ ବର୍ଷରେ ଏହି ଦୁଇ ବିଭାଗ ନିମନ୍ତେ ୬,୨୨୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା।

### ସୁଭଦ୍ରା: ୧୦ ହଜାର କୋଟି

ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ରାଜ୍ୟ ସରକାର ପ୍ରଥମ କ୍ୟାବିନେଟ୍ ବୈଠକରେ 'ସୁଭଦ୍ରା ଯୋଜନା'କୁ ମଞ୍ଜୁରୀ ଦେଇଥିଲେ। ମହିଳାମାନଙ୍କ ମଧ୍ୟରେ ଉଦ୍ୟୋଗ ବିକାଶ, ଆର୍ଥିକ ସଶକ୍ତୀକରଣ ନିମନ୍ତେ ଏହି ଯୋଜନା ଅଣାଯାଇଥିବାବେଳେ ଏଥିପାଇଁ ବଜେଟରେ ୧୦ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ୨୫ ଲକ୍ଷ 'ଲକ୍ଷପତି ଦିଦି': ୧୧୬୨ କୋଟି

ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ପାଇଁ ଶିଳ୍ପପୁଞ୍ଜିର ପ୍ରତିଷ୍ଠା, ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବିପଣନ ଏବଂ ପ୍ରଚାରପ୍ରସାର ନିମନ୍ତେ ୨୦୨୭ ମସିହା ସୁଦ୍ଧା ରାଜ୍ୟ ସରକାର ଓଡ଼ିଶାରେ ୨୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଜେଟରେ ୧୧୬୨ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି।



### ସାମାଜିକ ସୁରକ୍ଷା ଭତ୍ତା ୩୫୦୦

ସାମାଜିକ ସୁରକ୍ଷା ଭତ୍ତା ୩ ହଜାର ୫ଶହ ଟଙ୍କା ହେବ। ପ୍ରଥମ ପର୍ଯ୍ୟାୟରେ ୮୦ ବର୍ଷରୁ ଅଧିକ ବୟସ୍କଙ୍କୁ ମିଳିବ ବର୍ଦ୍ଧିତ ଭତ୍ତା। ୮୦ ପ୍ରତିଶତରୁ କମ୍ ହୋଇ ନ ଥିବା ଭିନ୍ନକ୍ଷମ ପାଇବେ ବର୍ଦ୍ଧିତ ଭତ୍ତା।

### 'ମେକ୍ ଇନ୍ ଓଡ଼ିଶା' ଜାଗାରେ 'ଉତ୍କର୍ଷ ଉତ୍କଳ'

ମେକ୍ ଇନ୍ ଓଡ଼ିଶାର ନାଁ ବଦଳି 'ଉତ୍କର୍ଷ ଉତ୍କଳ' କରାଯାଇଛି। ଉତ୍କର୍ଷ ଉତ୍କଳ ମାଧ୍ୟମରେ ୨୦୨୯ ସୁଦ୍ଧା ରାଜ୍ୟକୁ ଅଢ଼େଇ ଲକ୍ଷ କୋଟି ଘରୋଇ ପୁଞ୍ଜି ଆଣିବା ଯୋଜନା ରଖାଯାଇଛି। ଏଥିସହିତ ୨ ବିଲିୟନ ଡଲାରରୁ ଅଧିକ ବିଦେଶୀ ପୁଞ୍ଜି ନିବେଶ ପାଇଁ ବି ଲକ୍ଷ୍ୟ ରଖାଯାଇଛି।

## ସ୍କୁଲ ଡ୍ରପ୍‌ଆଉଟ ରୋକିବ

### ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା

ସ୍କୁଲରେ ଡ୍ରପ୍‌ଆଉଟ ରୋକିବାକୁ ମୋହନ ସରକାର ନୂଆ ଯୋଜନା 'ମାଧୋ ସିଂ ହାତ ଖର୍ଚ୍ଚ' ଆଣିଛନ୍ତି। ଏହି ଯୋଜନାରେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ଜନଜାତି ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୫ହଜାର ଟଙ୍କା ଲେଖାଏ ମିଳିବ। ଆଦିବାସୀ ଅଞ୍ଚଳରେ ଦାରିଦ୍ର୍ୟ, ଦୁର୍ବଳ ଭିତ୍ତିଭୂମି ଏବଂ ସୀମିତ ସମ୍ବଳ ଭଳି ସାମାଜିକ-ଅର୍ଥନୈତିକ ସ୍ଥିତିଗୁଡ଼ିକ ହେଉଛି ଡ୍ରପ୍‌ଆଉଟ ସମସ୍ୟାର ପ୍ରମୁଖ କାରଣ। ପ୍ରାଥମିକ ଶ୍ରେଣୀରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଡ୍ରପ୍‌ଆଉଟ ହାରକୁ ହ୍ରାସ କରିବାକୁ ସରକାର ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନା ଦ୍ୱାରା ଚଳିତ ବର୍ଷ ପ୍ରାୟ ୩ଲକ୍ଷ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ସରକାର ଆଶା ରଖିଛନ୍ତି। ଏଥିପାଇଁ ବଜେଟରେ ୧୫୬କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହା ବ୍ୟତୀତ ଅନୁସୂଚିତ ଜାତି ଏବଂ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ, ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ ନିମନ୍ତେ ୧,୧୭୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।



ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବଜେଟ୍ ଉପସ୍ଥାପନ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀଙ୍କୁ ବିଧାନସଭା ପ୍ରକୋଷ୍ଠରେ ଭେଟି ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ସମ୍ପର୍କିତ ପେନ୍ ଡ୍ରାଇଭ୍ ପ୍ରଦାନ କରୁଛନ୍ତି।




# ଶିକ୍ଷା ପାଇଁ ୩୪,୫୩୬ କୋଟି

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୨୬,୩୯୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୫୦କୋଟି, ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା ଅଧୀନରେ ୪୦୯କୋଟି, ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ ୩୩୨ କୋଟି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ୧୩୯ କୋଟି, ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା ପାଇଁ ୧୦୮କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୯୩୫କୋଟି ଟଙ୍କା ପ୍ରଦାନ କରାଯାଇଛି। ପିଏମ୍-ପୋଷଣ ପାଇଁ ୯୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏଥିନିମନ୍ତେ ରାଜ୍ୟ ସହାୟତା ବାବଦରେ ୨୫୮କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିଭଳି ସମଗ୍ର ଶିକ୍ଷା ନିମନ୍ତେ ୩,୭୯୧କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏଥିପାଇଁ ରାଜ୍ୟ ସହାୟତା ବାବଦରେ ୪୭୫କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟମାନଙ୍କ ପାଇଁ ଶିକ୍ଷାଦାନ-ଶିକ୍ଷଣ ଏବଂ ଫଳାଫଳକୁ ସୁଦୃଢ଼(ଷ୍ଟାର୍ସ) ଯୋଜନା ପାଇଁ ୭୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପିଏମ୍-ଶ୍ରୀ ନିମନ୍ତେ ୨୫କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ଜାତି ଛାତ୍ରୀଛାତ୍ରଙ୍କ ମାଟ୍ରିକ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଛାତ୍ରବୃତ୍ତିପାଇଁ ୧,୧୭୦କୋଟିଟଙ୍କା ପ୍ରଦାନ କରାଯାଇଛି।

ଉଚ୍ଚଶିକ୍ଷା ବିଭାଗ ପାଇଁ ୩,୪୭୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୨୮୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ବଣ୍ଟନ ପାଇଁ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ୫୪କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ 'ଆମ କଲେଜ ଆମ ଗୌରବ' ପାଇଁ ୧୦କୋଟି, ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ୫୦କୋଟି, ଓଡ଼ିଶା ବିଶ୍ୱବିଦ୍ୟାଳୟ ଗବେଷଣା ଓ ଉଦ୍ଭାବନ ପ୍ରୋତ୍ସାହନ ଯୋଜନା ପାଇଁ ୩୬କୋଟି, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ପାଇଁ ୧୫୫କୋଟି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ୧,୫୮୩ କୋଟି, ଏସିଆ ବିକାଶ ବ୍ୟାଙ୍କ ସହାୟତାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ ଅଧୀନରେ ୨୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସିଏମ୍-ଆସ୍ପାୟାର ପାଇଁ ୩୧କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଇଞ୍ଜିନିୟରିଂ ସ୍କୁଲ, କଲେଜ, ଆଇଟିଆଇ, ପଲିଟେକ୍ନିକ ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୨୬୨କୋଟି, ଭୁବନେଶ୍ୱରସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ପାଇଁ ୧୦୦କୋଟି ଏବଂ ବୁର୍ଲାସ୍ଥିତ ଭିସୁଟ୍ ପାଇଁ ୧୨୨କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।





## 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ନୂଆ ଯୋଜନା

ଗ୍ରାମୀଣ ଓ ଅର୍ଦ୍ଧ ସହରାଞ୍ଚଳର ପିଲାମାନଙ୍କୁ ପ୍ରାଥମିକସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନାମରେ ଏକ ନୂତନ ଯୋଜନା ଆରମ୍ଭ କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏହି ନୂତନ ଯୋଜନାର ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି।

## ପ୍ରଚଳନ ହେବ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ

ଓଡ଼ିଶା ସରକାର ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ପ୍ରଚଳନ କରିବେ। ଯେଉଁଥିରେ ଉଚ୍ଚଶିକ୍ଷାରେ ସମାନତା, ଉପଲବ୍ଧତା ଏବଂ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ଅନୁପାତର ପାଣ୍ଠି ସହାୟତାରେ ଏହା କାର୍ଯ୍ୟକ୍ଷମ ହେବ। ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ବିକାଶ, ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱୀକୃତି, ସୂଚନା, ଯୋଗାଯୋଗ ଓ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ଡିଜିଟାଲ ଭିତ୍ତିଭୂମି ସୃଷ୍ଟି କରିବା ସହ ବହୁବିଭାଗୀୟ ପାଠ୍ୟକ୍ରମ ମାଧ୍ୟମରେ ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଏହି ଯୋଜନା ପାଇଁ ୧,୫୫ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି।

## ବଦଳିଲା 'ମୋ ସ୍କୁଲ', 'ମୋ କଲେଜ' ନାମ

ପୁରାତନ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଏବଂ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ପୂର୍ବ ସରକାର 'ମୋ ସ୍କୁଲ' ଏବଂ 'ମୋ କଲେଜ' ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନର ନାମକୁ ଏବେ ପରିବର୍ତ୍ତନ କରାଯାଇଛି। 'ମୋ ସ୍କୁଲ' ଯୋଜନାର ନାଁ ବଦଳାଇ 'ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ' ରଖାଯାଇଛି। ଏହି ଯୋଜନା ଅଧୀନରେ ପୁରାତନ ଛାତ୍ରୀଛାତ୍ରଙ୍କ ଯୋଗଦାନରେ ବିଦ୍ୟାଳୟର ବିକାଶ ପାଇଁ ସରକାରୀ ଅଂଶ ବାବଦକୁ ୨୦୨୪-୨୫ ଆର୍ଥିକ ବର୍ଷରେ ୩୩୨ କୋଟି ଟଙ୍କା ଆବଣ୍ଟନ କରାଯିବ। ସେହିଭଳି 'ମୋ କଲେଜ' ନାମ ପରିବର୍ତ୍ତନ କରାଯାଇ 'ଆମ କଲେଜ ଆମ ଗୌରବ' ଅଭିଯାନ କରାଯାଇଛି। ଏଥିପାଇଁ ୧୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।




### ପ୍ରଗତିଶୀଳ ଓଡ଼ିଶା ଗଠନ ଲାଗି କଲ୍ୟାଣକାରୀ ବଜେଟ୍



ଓଡ଼ିଶାରେ ଭାଜପା ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିକଶିତ ଓଡ଼ିଶା ଗଠନ ଦିଗରେ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ। ବିକଶିତ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ଏହା ଏକ କଲ୍ୟାଣକାରୀ ବଜେଟ୍। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଓଡ଼ିଶା ପାଇଁ ପ୍ରାୟ ୧୫% ଅଧିକ ବଜେଟ୍ ଆଗତ ହୋଇଥିବା ବେଳେ ଏହି ଅର୍ଥ ରାଜ୍ୟବାସୀଙ୍କ ସ୍ୱାର୍ଥ, ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବ। ଏହା ବିକଶିତ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ଦିଗରେ ବେଶ୍ ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ 'ସବକା ସାଥ୍-ସବକା ବିକାଶ' ମନ୍ତ୍ରରେ ସବୁ ବର୍ଗ ବିଶେଷ ଭାବେ ଗରିବ, ଚାଷୀ, ଯୁବ, ମହିଳା, ପଛୁଆ ବର୍ଗ, ଜନଜାତି ବର୍ଗର ଉନ୍ନତିକୁ ଧ୍ୟାନରେ ରଖି ବଜେଟ୍ ଆଗତ କରାଯିବା ସହ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦିଆଯାଇଛି। ରାଜ୍ୟରେ କୃଷି କ୍ଷେତ୍ରର ବିକାଶ ପାଇଁ ୩୩,୯୧୯ କୋଟି, ଧାନର ଏମଏସପି ୩୧୦୦ ଟଙ୍କାକୁ ବୃଦ୍ଧି ସହ 'ସମୃଦ୍ଧ କୃଷକ ଯୋଜନା' ଚାଷ ଓ ଚାଷୀଙ୍କ ମେରୁଦଣ୍ଡକୁ ସଶକ୍ତ କରିବ।

-ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ

### ବଜେଟରେ ନାରୀ ଶକ୍ତିର ବିକାଶ ଉପରେ ଗୁରୁତ୍ୱ



ଚଳିତ ଆର୍ଥିକ ବଜେଟ ଏକ ସ୍ୱାଗତଯୋଗ୍ୟ ବଜେଟ। ଏଥିରେ ଓଡ଼ିଶାର ମହିଳା ଓ ଶିଶୁ ବିକାଶକୁ ପ୍ରାଧାନ୍ୟ ଦିଆଯିବା ସହ ଏଥିପାଇଁ ବ୍ୟୟ ଅଟକଳ ତିନିଗୁଣା ବୃଦ୍ଧି କରାଯାଇଛି। ଏଥିସହ ଓଡ଼ିଆ ଅସ୍ମିତା, କୃଷକ, ନାରୀଶକ୍ତି, ସ୍ୱାସ୍ଥ୍ୟସେବା, ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ମହିଳା ସଶକ୍ତିକରଣ, ଆର୍ଥିକ ସ୍ୱାଧୀନତା ଓ ଉଦ୍ୟୋଗ ବିକାଶ ନିମନ୍ତେ 'ସୁଭଦ୍ରା' ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଚଳିତ ବଜେଟରେ ୨୦୨୭ ସୁଦ୍ଧା ଓଡ଼ିଶାରେ ୨୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ଯଶୋଦା ଯୋଜନା, ମିଶନ ଶକ୍ତି କାର୍ଯ୍ୟକ୍ରମ, ପୋଷଣ ଅଭିଯାନ ଓ ଅଙ୍ଗନୱାଡ଼ି ସେବା ପରି ଲୋକାଭିମୁଖୀ ଯୋଜନାଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ବ୍ୟୟ ଅଟକଳ କରାଯାଇଛି।

-ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ

### ରାଜ୍ୟର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି



ଚଳିତ ବଜେଟରେ ରାଜ୍ୟର ସାମଗ୍ରିକ ବିକାଶ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ୨୦୨୩-୨୪ ଆର୍ଥିକ ବଜେଟ ତୁଳନାରେ ଏଥର ବଜେଟ ୧୫% ଅଧିକ ରହିଛି। ଏଥିରେ ୪ଟି ବର୍ଗ ଯଥା ଗରିବ, ମହିଳା, କୃଷକ ଓ ଯୁବପିଢ଼ିଙ୍କୁ ଦୃଷ୍ଟିରେ ରଖି ବଜେଟରେ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରାଯାଇଛି। ଓଡିଶାର ବିକାଶ ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ, ଯାହା ଏହି ବଜେଟରେ ସ୍ପଷ୍ଟ ହୋଇଛି। ନିର୍ବାଚନ ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ପ୍ରଥମ ବଜେଟରେ ବ୍ୟୟବରାଦ ହୋଇଛି। ସବୁବର୍ଗର ଲୋକଙ୍କୁ ଚଳିତ ବଜେଟ ସନ୍ତୁଷ୍ଟି ଦେଇଛି। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ସାମଗ୍ରିକ ବିକାଶକୁ ପ୍ରାଥମିକତା ଦିଆଯାଇଛି।

-ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି, ଓଡ଼ିଶା

### ଡବଲ ଇଞ୍ଜିନ ଡବଲ ନିରାଶ



ଡବଲ ଇଞ୍ଜିନ ସରକାର ଡବଲ ନିରାଶ କରିଛି। ମୋ ସରକାର ସମୟରେ ଥିବା ପ୍ରାୟ ୪୦ଟି ଯୋଜନାର ନାଁ ପରିବର୍ତ୍ତନ କରାଯାଇଛି। ଏ ବାବଦରେ ଅଧିକ ତଥ୍ୟ ନେବାପରେ କେଉଁସବୁ ଯୋଜନାର ନାମ ପରିବର୍ତ୍ତନ କରାଯାଇଛି ସେ ବିଷୟରେ ପୂରା ତଥ୍ୟ ରଖିବି।

-ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା

### ଚାଷୀ ଓ ମହିଳାଙ୍କ ପାଇଁ କିଛି ନାହିଁ

ଚାଷୀ ଓ ମହିଳାଙ୍କ ପାଇଁ ବଜେଟ୍‌ରେ କିଛି ନାହିଁ। ଯାହା ଆଗରୁ ଥିଲା ସେଥିରେ ୧୦ରୁ ୧୫ ପ୍ରତିଶତ ଟଙ୍କା ବଢ଼ିଛି। ଏହା ଏକ ହାୱା। ମୋହନ ସରକାରଙ୍କ ବଜେଟ୍‌ରେ କେବଳ ନାମ ପରିବର୍ତ୍ତନ ହୋଇଛି। ଲୋକଙ୍କୁ ଭୁଲାଇବା ପାଇଁ ଏହି ବଜେଟ୍। ଗରିବମାନଙ୍କୁ ମାରିବା ପାଇଁ ଏହି ବଜେଟ୍ ପ୍ରସ୍ତୁତ ହୋଇଛି।

-ତାରା ପ୍ରସାଦ ବାହିନୀପତି, କଂଗ୍ରେସ ବିଧାୟକ



### ନୂଆ ବୋତଲରେ ପୁରୁଣା ମଦ



ଚଳିତ ବଜେଟ ନୂଆ ବୋତଲରେ ପୁରୁଣା ମଦ ଭଳି ହୋଇଛି। ବିଭିନ୍ନ ପୁରୁଣା ଯୋଜନାର ନାମ ପରିବର୍ତ୍ତନରେ ହିଁ ନୂଆ ସରକାରଙ୍କ ଯୋଜନା ସୀମିତ ରହିଛି। କୋଟିକୋଟି ଟଙ୍କାର ଅର୍ଥ ବରାଦ ଉପରକୁ ଭଲ ଶୁଭୁଥିଲେ ହେଁ, ଏହାର ଭିତର ପୂରା ଫାଙ୍କା। ସାମାଜିକ ସୁରକ୍ଷା ଭତ୍ତା ସମସ୍ତଙ୍କ ପାଇଁ ଲାଗୁ କରିବା ଉଚିତ ଥିଲା। ଦିବ୍ୟାଙ୍ଗଙ୍କ କ୍ଷେତ୍ରରେ ସମାନ ଅବହେଳା କରିଛନ୍ତି। ଓଡ଼ିଶାରେ ଦାଦନ ସମସ୍ୟାର ସ୍ଥାୟୀ ସମାଧାନର କଥା ସରକାର ଭୁଲି ଯାଇଛନ୍ତି। ଚାଷୀ ଓ ଚାଷ, ଜଳସେଚନ ପ୍ରତି ରାଜ୍ୟ ସରକାରଙ୍କର ଗୁରୁତ୍ୱ ନାହିଁ। ରୋଜଗାର ସୃଷ୍ଟି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି। ଏହା ନୂଆ ସରକାର ନୁହେଁ, ବରଂ ପ୍ରବଞ୍ଚନାର ସରକାର।

-ଅଭୟ ସାହୁ, ସିପିଆଇ ରାଜ୍ୟ ସମ୍ପାଦକ, ଓଡ଼ିଶା

### ମହିଳା, ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ଆଶା ସୃଷ୍ଟି



ଆଜି ଓଡ଼ିଶାର ନୂଆ ସରକାରଙ୍କ ନୂଆ ବଜେଟକୁ ଦେଖୁଛି। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ୧୦ ହଜାର କୋଟିର ବ୍ୟୟ ବରାଦ ନିହାତି ସ୍ୱାଗତଯୋଗ୍ୟ। ମହିଳାଙ୍କ ସଶକ୍ତୀକରଣ ସହ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସାମାଜିକ ସୁରକ୍ଷା ଭତ୍ତା ୩୫୦୦କୁ ବୃଦ୍ଧି ବଡ଼ ପଦକ୍ଷେପ। ଅଧାରୁ ବିଦ୍ୟାଳୟ ଛାଡୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ୧୫୬ କୋଟିର ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ନିହାତି ଭାବରେ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ। ଏସବୁ କେତେ ଶୀଘ୍ର କାର୍ଯ୍ୟକାରୀ କରାଯିବ, ତାହା ହେଉଛି ବଡ଼ ଆହ୍ୱାନ। କହିବାକୁ ଗଲେ କୃଷି, ମହିଳା ଏବଂ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ବଜେଟ ନୂଆ ଆଶା ସୃଷ୍ଟି କରୁଛି। ଆଗାମୀ ଦିନରେ ଏସବୁ କ୍ଷେତ୍ରରେ ଆମେ ଆଉ ଅଧିକ ପ୍ରଗତି ପଥରେ ଅଗ୍ରସର ହେବା, ଏଥିରେ ଦ୍ୱିମତ ନାହିଁ।

-ପ୍ରୀତିଛନ୍ଦା ଧଳ, ସାମାଜିକ କର୍ମୀ

### ଚାଷୀଙ୍କୁ ଲଲିପପ୍ ଦେଖାଇଛନ୍ତି ସରକାର



ଧାନ ଏମ୍ଏସ୍‌ପିକୁ ନେଇ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ବଜେଟରେ ପ୍ରତିଫଳିତ ହୋଇଛି। ଏହା ନିଶ୍ଚିତପକ୍ଷେ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ପର୍ଯ୍ୟାପ୍ତ ମଣ୍ଡି ଓ ଟୋକନ୍ ବ୍ୟବସ୍ଥାରେ ସୁଧାର ନ ଆସିଲେ ଚାଷୀମାନେ ହଇରାଣ ହେବେ। ଏଥିପାଇଁ ବଜେଟରେ କିଛି ପ୍ରସଙ୍ଗ ଉପସ୍ଥାପନ ହୋଇନାହିଁ। କୃଷକଙ୍କ ପାଇଁ ବିଜୁଳି ଦର ମାଗଣା କରାଯିବା ନେଇ ମଧ କିଛି ବ୍ୟବସ୍ଥା ନାହିଁ। ଜଳସେଚନ ଭଳି ମୁଖ୍ୟ ପ୍ରସଙ୍ଗକୁ ସ୍ଥାନ ଦିଆଯାଇ ନାହିଁ। ତେଣୁ ଚଳିତ ବଜେଟରେ ସରକାର ଚାଷୀଙ୍କୁ ଲଲିପପ୍ ଦେଇ ଖୁସି କରିବାକୁ ଚାହୁଁଥିବା ସ୍ପଷ୍ଟ ହୋଇଛି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ଅନୁସାରେ ମାତ୍ର ବଜେଟ ରାଶିରେ ୮ହଜାର କୋଟି ବୃଦ୍ଧି ପର୍ଯ୍ୟାପ୍ତ ନୁହେଁ। ଭାଗଚାଷୀ ଆଇନକୁ ସଂଶୋଧନ କରାଯାଇନାହିଁ ବା ସେମାନଙ୍କ ପାଇଁ ବଜେଟରେ କିଛି ପ୍ରାବଧାନ ନାହିଁ।

-ସଚିନ୍ ମହାପାତ୍ର, ସଭାପତି, ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ

### ସ୍ୱାଗତଯୋଗ୍ୟ, ଦୂରଦୃଷ୍ଟିସମ୍ପନ୍ନ ବଜେଟ



ରାଜ୍ୟ ସରକାର ଗତବର୍ଷଠାରୁ ୧୫% ଅଧିକ ଅର୍ଥାତ୍ ୨.୬୫ ଲକ୍ଷ କୋଟିଟଙ୍କାର ବଜେଟ ଆଗତ କରିଛନ୍ତି। ଏଥିରେ ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷ, ଅନୁଷ୍ଠାନ, ଭିତ୍ତିଭୂମି ଓ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ମୋଟାମୋଟି ଭାବେ ଏହା ସ୍ୱାଗତଯୋଗ୍ୟ ଓ ଦୂରଦୃଷ୍ଟିସମ୍ପନ୍ନ ବଜେଟ। ଧାନର ଏମ୍ଏସ୍‌ପି ମୂଲ୍ୟ ବୃଦ୍ଧିଠାରୁ ଆରମ୍ଭ କରି ସୁଭଦ୍ରା ଯୋଜନା ପାଇଁ ୧୦ହଜାର କୋଟି, ମହାନଦୀ ପାଇଁ ୫୦ହଜାର କୋଟି, ଡ୍ୟାମ୍ ସୁରକ୍ଷା ପାଇଁ ୨ଶହ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା ରହିଛି। ଏହାବାଦ୍ ଅନାଥ ଶିଶୁଙ୍କ ପାଇଁ ଯଶୋଦା ଯୋଜନା, ଦୀନଦୟାଲ ଶ୍ରମିକ ଆବାସ ଏବଂ ସିଏମ୍ କିଷାନ ଭଳି ବିଭିନ୍ନ ଯୋଜନା ନିମନ୍ତେ ଆର୍ଥିକ ବ୍ୟବସ୍ଥା କରାଯାଇ ସବୁ ବର୍ଗ ପ୍ରତି ନ୍ୟାୟ ପ୍ରଦାନ କରାଯାଇଛି।

-କମଲଜିତ୍ ଦାସ, ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ

### ବୟସ୍କ ବ୍ୟକ୍ତିଙ୍କୁ ଉପଯୁକ୍ତ ସମ୍ମାନ ମିଳିଛି



ଏଥର ସରକାର ସମସ୍ତ ବର୍ଗର ଲୋକଙ୍କୁ ଦୃଷ୍ଟିରେ ରଖି ବଜେଟ ପ୍ରସ୍ତୁତ କରିଛନ୍ତି। ବିଶେଷକରି କୃଷକ ଏବଂ ବୟସ୍କ ବ୍ୟକ୍ତିଙ୍କ ପାଇଁ ପ୍ରାବଧାନ ରହିଥିବାରୁ ଖୁସି ଲାଗୁଛି। ଚାଷୀମାନେ ଏବେ ଧାନର ବର୍ଦ୍ଧିତ ଏମ୍ଏସ୍‌ପି ମୂଲ୍ୟ ପାଇବେ। ଏହା ସାଙ୍ଗକୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ୩ହଜାର ୫ଶହ ଟଙ୍କା ବର୍ଦ୍ଧିତ ଭତ୍ତା ମିଳିବ। ଏବେ ଆମକୁ ମାତ୍ର ହଜାରେ ଟଙ୍କା ମିଳୁଥିବାବେଳେ ଆଗକୁ ଏହାର ତିନିଗୁଣା ମିଳିବ। ରାଜ୍ୟ ସରକାର ବଜେଟରେ ବୟସ୍କ ବ୍ୟକ୍ତିଙ୍କୁ ଉପଯୁକ୍ତ ସମ୍ମାନ ଦେଇଛନ୍ତି। ସେଥିପାଇଁ ଖୁସି ଲାଗିବା ସହ ସରକାରଙ୍କୁ ଧନ୍ୟବାଦ ଜଣାଉଛି।

-ଜଗନ୍ନାଥ ଗୌଡ଼, ବୁଦ୍ଧିଜୀବୀ

### ଶିକ୍ଷା କ୍ଷେତ୍ର ପାଇଁ ଆଖିଦୃଶିଆ ପଦକ୍ଷେପ ନାହିଁ



କେନ୍ଦ୍ର ଓ ରାଜ୍ୟ ବଜେଟରେ ମେଧାବୃତ୍ତି, ନିଯୁକ୍ତି ପାଇଁ ଯେତିକି ଗୁରୁତ୍ୱ ଦିଆଯାଉଛି, ଶିକ୍ଷା ବ୍ୟବସ୍ଥାର ସ୍ଥିତି ମଜଭୁତ କରିବା ପାଇଁ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାରଙ୍କ ବଜେଟରେ ମେଧାବୃତ୍ତି ଘୋଷଣା ହେବା କିଛି ନୂଆ କଥା ନୁହେଁ। ପୂର୍ବ ସରକାର ମଧ ମେଧାବୃତ୍ତି ଦେଉଥିଲେ। ବର୍ତ୍ତମାନ ଶିକ୍ଷା କ୍ଷେତ୍ର ସବୁଠୁ ବିପର୍ଯ୍ୟସ୍ତ ହୋଇପଡିଛି। ହେଲେ ଶିକ୍ଷା ବ୍ୟବସ୍ଥାର ସ୍ଥିତି ସୁଧାରିବାକୁ କୌଣସି ପଦକ୍ଷେପ ନାହିଁ। ପୁରୀରେ ଉଚ୍ଚଶିକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଓଡ଼ିଶାର ପ୍ରତି ଜିଲାରେ ଉଚ୍ଚଶିକ୍ଷା କ୍ଷେତ୍ରରେ କିଛି ଆନୁଷଙ୍ଗିକ ପଦକ୍ଷେପ ନେଇଥିଲେ ଭଲ ହୋଇଥାନ୍ତା।

-ପ୍ରଥୀତା ତ୍ରିପାଠୀ, ଛାତ୍ରୀ

### ଭାଗଚାଷୀଙ୍କୁ ନିରାଶ କଲାଭଳି ବଜେଟ



ଯେଭଳି ଦରଦାମ ବୃଦ୍ଧି ହୋଇଛି, ତାହାକୁ ରୋକିବା ଲାଗି ବଜେଟରେ ସେଭଳି କିଛି ବ୍ୟବସ୍ଥା ନାହିଁ। ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର କିଛି ଘୋଷଣା ହୋଇନାହିଁ। ବିଶେଷକରି ଭାଗଚାଷୀଙ୍କୁ ନିରାଶ କଲା ଭଳି ବଜେଟ। ମଣ୍ଡି ବ୍ୟବସ୍ଥା, ଜଳସେଚନ ଓ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ କୌଣସି ବଡ଼ ଘୋଷଣା କରାଯାଇନାହିଁ। ଧାନ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି, ତାହା ଏକ ଭଲ କଥା। ମାତ୍ର ରାଜ୍ୟରେ ୫୫% ଭାଗଚାଷୀ ରହିଥିଲେ ହେଁ ସେମାନେ ନିଜ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିପାରୁନାହାନ୍ତି। ତେଣୁ ସେମାନଙ୍କ ପାଇଁ କିଛି ଗୋଟେ ବ୍ୟବସ୍ଥା ରହିବା ଉଚିତ ଥିଲା। ପୂର୍ବ ବର୍ଷଠାରୁ ଏଥର ବଜେଟରେ କୃଷି କ୍ଷେତ୍ର ପାଇଁ ଅଧିକ ୮ରୁ ୯ହଜାର କୋଟିର ବ୍ୟୟବରାଦ ହୋଇଛି। ତେଣୁ ଏଥିରେ ଚାଷୀଙ୍କ ପାଇଁ କିଛି ଅଧିକ ବ୍ୟବସ୍ଥା କରାଯାଇପାରିଥା'ନ୍ତା।

-ଗଗନ ବିହାରୀ ପଣ୍ଡା, କୃଷକ

### ଶିକ୍ଷା, ଶିକ୍ଷାର୍ଥୀଙ୍କ ଲାଗି ବଜେଟରେ ଗୁରୁତ୍ୱ ମିଳିଛି



ବଜେଟରେ ଶିକ୍ଷା କ୍ଷେତ୍ରର ବିଭିନ୍ନ ଦିଗକୁ ଗୁରୁତ୍ୱ ଦିଆଯାଇଛି। ଶିକ୍ଷାର୍ଥୀଙ୍କୁ ଯେଭଳି ସବୁ ସୁବିଧା ମିଳୁଥିଲା, ସେହି ସବୁ ସୁବିଧାର ରାଶି ବଢ଼ାଯାଇଛି। ବିଶେଷକରି ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଡ୍ରପ୍ ଆଉଟ ହାର ରୋକିବାରେ ସହାୟକ ହେବ ବୋଲି ମୁଁ ଭାବୁଛି। ଗରିବ, ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇଛି, ଯାହା ସେମାନଙ୍କୁ ଶିକ୍ଷା ଲାଭ କ୍ଷେତ୍ରରେ ସହାୟକ ହେବ। ସେହିଭଳି ଭିତ୍ତିଭୂମିର ବିକାଶ, ଦକ୍ଷତା ଓ ବୈଷୟିକ ଶିକ୍ଷା, ଉଚ୍ଚ ଶିକ୍ଷା ସବୁ ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ତେଣୁ ଶିକ୍ଷାର୍ଥୀମାନଙ୍କ ପାଇଁ ଏହି ବଜେଟରେ ଗୁରୁତ୍ୱ ମିଳିଛି।

-ମନୋରଞ୍ଜନ ଦାସ, ଛାତ୍ର

### କୃଷି ସହ ସବୁକ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି



ରାଜ୍ୟ ସରକାରଙ୍କ ପ୍ରଥମ ବଜେଟରେ କୃଷି ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା, ମହିଳା ଓ ଶିଶୁ କଲ୍ୟାଣ, ଗମନାଗମନ, ଗ୍ରାମାଞ୍ଚଳ ବିକାଶ, କ୍ରୀଡ଼ା, ପର୍ଯ୍ୟଟନ, ଜଳସେଚନ, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଇ ଓଡ଼ିଆ ଅସ୍ମିତା ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଗତ ବଜେଟ ତୁଳନାରେ ଏହାର ଆକାର ବୃଦ୍ଧି କରାଯାଇ ସମାଜର ସମସ୍ତ ବର୍ଗର ଜନସାଧାରଣଙ୍କ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରାଯାଇଛି। ମହିଳା ସଶକ୍ତୀକରଣ ଏବଂ ଭିତ୍ତିଭୂମିର ବିକାଶ ଦିଗରେ ମଧ ଧ୍ୟାନ ଦିଆଯାଇଛି। ବିଭିନ୍ନ କ୍ଷେତ୍ରରେ ଏହି ବଜେଟରେ ବ୍ୟବୟବରାଦ କରାଯାଇଥିବାରୁ ଏହା ସ୍ୱାଗତଯୋଗ୍ୟ ଓ ଲୋକାଭିମୁଖୀ ହୋଇପାରିଛି।

-ଶୁଭେନ୍ଦୁ ମହାନ୍ତି, ପ୍ରାଧାପକ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖୋର୍ଦ୍ଧା।

### ସାହସିକ ଯୁଗାନ୍ତକାରୀ ପଦକ୍ଷେପ



ବଜେଟରେ ସାଧାରଣ ତଥା ଗରିବ ଓ ବୟସ୍କ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା ଆବଶ୍ୟକତା ପୂରଣପାଇଁ ବହୁତ ସାହସିକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଭତ୍ତା ଟଙ୍କା ମାସିକ ୩୫୦୦ଟଙ୍କା ବୃଦ୍ଧି ପ୍ରସ୍ତାବ ଏବଂ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପ୍ରସ୍ତାବ ପାଇଁ ଓଡିଶା ବରିଷ୍ଠ ନାଗରିକ ମହାସଂଘର ଦାବିକୁ ଗ୍ରହଣ କରିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛି।

-ଗିରିଜା ନନ୍ଦନ ମହାନ୍ତି, କାର୍ଯ୍ୟକାରୀ ସଭାପତି ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ

### ବଜେଟ ସମାଜରେ ସମାନତା ଆଣିବ



କୃଷି, ଜଳସେଚନ ଏବଂ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ୨୦୨୪-୨୫ ପାଇଁ ୨.୬୫ ଲକ୍ଷ କୋଟି ଟଙ୍କା ବଜେଟ ଉପସ୍ଥାପନ କରିଛନ୍ତି, ଯାହା ପ୍ରଶଂସନୀୟ। କୃଷି ପାଇଁ ୩୩,୯୧୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହା ଗତ ବର୍ଷ ଆବଣ୍ଟନ ତୁଳନାରେ ପ୍ରାୟ ୩୬ ପ୍ରତିଶତ ଅଧିକ। ଏହା ଚାଷୀଙ୍କୁ ସାହାଯ୍ୟ କରିବ ଆୟ ଉନ୍ନତି ହେବ ଆମ ରାଜ୍ୟ ମହିଳାମାନଙ୍କ ପାଇଁ ଆର୍ଥିକ ସହାୟତା କାର୍ଯ୍ୟକ୍ରମ 'ସୁଭଦ୍ରା' ଯୋଜନା ପାଇଁ ୧୦,୦୦୦ କୋଟି ଟଙ୍କା ବରାଦ ଏକ ଆକର୍ଷଣୀୟ ନିଷ୍ପତ୍ତି ଅଟେ। କୃଷକମାନଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥିସହ ସେ ରାଜ୍ୟ ବଜେଟରେ ୧,୯୩୫ କୋଟି ଟଙ୍କା ଖର୍ଚ୍ଚ କରି କୃଷକମାନଙ୍କ ପାଇଁ ଏକ ନୂତନ ଯୋଜନା 'ସିଏମ କିଶାନ' ପ୍ରସ୍ତାବ ରହିଛି। ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସେବା କ୍ଷେତ୍ର ଉପରେ ଧ୍ୟାନ ଦିଆଯାଇଛି। ରାଜ୍ୟ ବଜେଟ ନିଶ୍ଚିତ ଭାବରେ ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିବ ଏବଂ ସମାଜରେ ସମାନତା ଆଣିବ।

-ମନୋଜ କୁମାର ନାୟକ, ଅର୍ଥନୀତି ବିଶେଷଜ୍ଞ

### ଉପକୃତ ହେବେ ମହିଳା



ଚଳିତ ବର୍ଷ ବଜେଟ୍‌ରେ ମହିଳାଙ୍କୁ ଗୁରୁତ୍ୱ ମିଳିଛି। ମହିଳା, ଶିଶୁ ବିକାଶ କ୍ଷେତ୍ରରେ ୧୭ହଜାର ୯୪୨ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସୁଭଦ୍ରା ଯୋଜନାରେ ମଧ ଅନେକ ମହିଳା ଉପକୃତ ହୋଇପାରିବେ। ସେହିପରି ଯଶୋଦା ଯୋଜନା, ଗର୍ଭବତୀ ମହିଳାଙ୍କ ପାଇଁ ବ୍ୟୟବରାଦ, ପୋଷଣ ଅଭିଯାନ, ମିଶନ ଶକ୍ତି ଯୋଜନା ଭଳି ବହୁ ଯୋଜନା ମହିଳାଙ୍କ ଉନ୍ନତି କ୍ଷେତ୍ରରେ କାମ କରିବ। ନୂଆ ସରକାର ଆସିବା ପରେ ମହିଳାଙ୍କ କ୍ଷେତ୍ରରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା ବଜେଟ ଆସିବା ପରେ ସେସବୁ ଦୂର ହେବାକୁ ଯାଉଛି। ନୂଆ ବଜେଟରେ ମହିଳାଙ୍କ ଉନ୍ନତି କ୍ଷେତ୍ରରେ ବହୁତ ପଦକ୍ଷେପ ନିଆଯାଇଛି। ବଜେଟରେ ରହିଥିବା ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ ହେଲେ ସମସ୍ତେ ଉପକୃତ ହେବେ।

-ନମିତା ସେନାପତି, ଗୃହିଣୀ

### ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଜନା ସହ ଭିତ୍ତିଭୂମିକୁ ଗୁରୁତ୍ୱ



ରାଜ୍ୟବାସୀଙ୍କ ଆଗ୍ରହ ଓ ଆବଶ୍ୟକତାକୁ ଦେଖି ବେଶ୍ ସରଳୀକରଣ ମାଧ୍ୟମରେ ନୂଆ ସରକାର ବଜେଟ୍ ଉପସ୍ଥାପନ କରିଛନ୍ତି। ସବୁ ବର୍ଗ ପାଇଁ ସୁବିଧା ରହିଛି। ବିଶେଷକରି ମହିଳାଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଉନ୍ନତିମୂଳକ ଯୋଜନା ରଖାଯାଇଛି। ମମତା ଯୋଜନା ଥିଲା, ଏବେ ପୁଣି ଯଶୋଦା ଯୋଜନାର ଆରମ୍ଭ କରାଯିବ। ଆର୍ଥିକ ସହ ସାମାଜିକ କ୍ଷେତ୍ରରେ ମହିଳାଙ୍କୁ ସମୃଦ୍ଧ କରିବ ଏହି ବଜେଟ୍। ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଜନା ସହ ଭିତ୍ତିଭୂମିକୁ ଗୁରୁତ୍ୱ ମିଳିଛି। ଗର୍ଭବତୀ, ପୁଷ୍ଟି ଯୋଜନା ମଧ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଆହୁରି ମଜବୁତ କରିବ। ଏଥିସହ ଡାକ୍ତରଖାନାରେ ହଷ୍ଟେଲର ଭିତ୍ତିଭୂମି, ମେଡିକାଲ କଲେଜ ହଷ୍ଟେଲର ଭିତ୍ତିଭୂମି ପାଇଁ ମଧ ପଦକ୍ଷେପ ନିଆଯାଇଛି।

-ଡ.ସିମୋନା ପଟେଲ, ଡାକ୍ତର

# ଚାଉଳ ନାହିଁ, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଠପ୍

■ କେତେକ ପିଲାଙ୍କୁ ଗରମ ରନ୍ଧା ଖାଦ୍ୟ ବଦଳରେ ବିସ୍କୁଟ ପ୍ରଦାନ କରାଯାଉଛି

■ ମଧ୍ୟାହ୍ନଭୋଜନ ଅଚଳାବସ୍ଥା ତୁରନ୍ତ ଦୂର ପାଇଁ ଅଭିଭାବକଙ୍କ ମହଲରେ ଦାବି

ରସୁଲପୁର,୨୫।୭(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳର ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଠପ୍ ହୋଇଯାଇଛି। ଚାଉଳ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। କଲଣସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସଂପୂର୍ଣ୍ଣ ବନ୍ଦ ରହିଛି। ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ସାହୁଙ୍କ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଦିଆଯାଇଥିବା ଲିଖିତ ସୂଚନାରୁ ଏହା ସ୍ପଷ୍ଟ ହୋଇଛି। ଚାଉଳ ନ ଥିବାରୁ ମଧ୍ୟାହ୍ନଭୋଜନ ପରିଚାଳନା ସମ୍ଭବପର ନୁହେଁ ବୋଲି ଦର୍ଶାଇ ପ୍ରଧାନଶିକ୍ଷୟିତ୍ରୀ ବ୍ଲକ ଶିକ୍ଷାଧିକାରୀ, ଛାତ୍ରାଭିଭାବକମାନଙ୍କୁ ଲିଖିତଭାବେ ଅବଗତ କରାଇଛନ୍ତି। ଅଭିଭାବକମାନେ ପିଲାମାନଙ୍କୁ ଘରୁ ଭୋଜନ ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି। ଫଳରେ ବିଦ୍ୟାର୍ଥୀ ମଧ୍ୟାହ୍ନଭୋଜନ ଭଳି ମୌଳିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। ଏହି ଘଟଣା ଯେ କେବଳ ଆଦର୍ଶ ବିଦ୍ୟାଳୟରେ ଦେଖିବାକୁ ମିଳିଛି, ତା’ ନୁହେଁ ଅନ୍ୟ ସରକାରୀ ବିଦ୍ୟାଳୟରେ ମଧ ମଧ୍ୟାହ୍ନଭୋଜନ ଠପ୍ ହେବାକୁ ଯାଉଛି। ବ୍ଲକ୍ ଅଧୀନ ଓଡ଼ିଶୋ ପଞ୍ଚାୟତର କେତୋଟି ବିଦ୍ୟାଳୟରେ ବୁଧବାର ପିଲାଙ୍କୁ ମଧ୍ୟାହ୍ନରେ ଗରମ ରନ୍ଧାଖାଦ୍ୟ ପରିବେଷଣ ହୋଇ ନ ଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ମଧ୍ୟାହ୍ନଭୋଜନ ବନ୍ଦ ହୋଇଥିବା ବିଦ୍ୟାଳୟରୁ ପିଲାମାନେ ଘରକୁ ଖାଇବା ପାଇଁ ଆସୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ମଧ୍ୟାହ୍ନଭୋଜନକୁ ନେଇ ଚାଲିଥିବା ଅଚଳାବସ୍ଥା ତୁରନ୍ତ ଦୂର ପାଇଁ ଅଭିଭାବକମାନଙ୍କ ମହଲରେ ଦାବି ହେଉଛି।

ଏହି ବ୍ଲକ ଅଧୀନରେ ଆଦର୍ଶ ବିଦ୍ୟାଳୟକୁ ମିଶାଇ ମୋଟ୍ ୧୯୬ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଛି। ଏସବୁ ବିଦ୍ୟାଳୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀମାନଙ୍କୁ ମଧ୍ୟାହ୍ନଭୋଜନ ପରିବେଷଣ କରାଯାଉଛି। ମାତ୍ର ଚାଉଳ ଯୋଗାଣ ବନ୍ଦ ହୋଇଯାଇଥିବାରୁ ମଧ୍ୟାହ୍ନଭୋଜନ ବନ୍ଦ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାହାନା କରାଯାଉଛି। ତେବେ ଏଭଳି ହେବା ଉଚିତ ନୁହେଁ ବୋଲି ଉଭୟ ଅଭିଭାବକ ଓ ଶିକ୍ଷାଧିକାରୀ ସ୍ୱୀକାର କରିଛନ୍ତି।

ନିୟମାନୁଯାୟୀ, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ହୋଇପାରିବନାହିଁ। ଚାଉଳ ସମସ୍ୟା ହେଉ ଅବା ମେନୁରେ ଉଲ୍ଲେଖ ଥିବା ତରକାରି ପରିବେଷଣ କରିବା ପାଇଁ ଆବଶ୍ୟକ ଅର୍ଥ ନ ଥିଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ପକେଟରୁ ଭରଣା କରି ମଧ୍ୟାହ୍ନଭୋଜନ ଚାଲୁ ରଖିବେ। ଚାଉଳ ନ ଥିବାରୁ କେତେକ ବିଦ୍ୟାଳୟରେ ପିଲାଙ୍କୁ ଗରମ ରନ୍ଧା ଖାଦ୍ୟ ପରଷିବା ବଦଳରେ ବିସ୍କୁଟ ପ୍ରଦାନ କରାଯାଉଛି। ଅଧିକାଂଶ ପିଲା ବିଦ୍ୟାଳୟରେ ଦିଆଯାଉଥିବା ବିସ୍କୁଟକୁ ନ ଖାଇ ଘରକୁ ନେଇ ଆସୁଛନ୍ତି। ୧୦ଟାରୁ ବିଦ୍ୟାଳୟକୁ ଯାଇ ୪ଟାରେ ବିଦ୍ୟାର୍ଥୀମାନେ ଉପାସରେ ଘରକୁ ଫେରୁଥିବା ଲକ୍ଷ୍ୟ କରାଯାଉଛି। ଚାଉଳ ନଥିବା ବିଦ୍ୟାଳୟଗୁଡିକର କର୍ତ୍ତୃପକ୍ଷମାନେ ସ୍ଥାନୀୟ ରିଟେଲରଙ୍କଠାରୁ ଧାରସୂତ୍ରରେ ଚାଉଳ ଆଣି ମଧ୍ୟାହ୍ନଭୋଜନ ଚାଲୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ କେତେକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରିଟେଲରମାନଙ୍କଠାରୁ ଚାଉଳ ଧାର ଆଣିଥିବା ମଧ ଜଣାଯାଇଛି । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ରଙ୍କୁ ପଚାରିବାରୁ ସେ ଆଦର୍ଶ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ଥିବା ଅଭିଯୋଗକୁ ସ୍ୱୀକାର କରିବା ସହ ତୁରନ୍ତ ମଧ୍ୟାହ୍ନଭୋଜନ ଆରମ୍ଭ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି। ଏଥିସହିତ ଅନ୍ୟକେତେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ଚାଉଳ ନ ଥିବା ସୂଚନା ତାଙ୍କର ହସ୍ତଗତ ହୋଇଛି। ସେ ସବୁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନକୁ ଚାଲୁ ରଖିବା ପାଇଁ ପାଖ ରିଟେଲରଙ୍କଠାରୁ ଚାଉଳ ଧାର ସୂତ୍ରରେ ଆଣିବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି। ଅନ୍ୟ ସମସ୍ୟା ଥିଲେ ସେ ଦିଗରେ ପ୍ରଧାନଶିକ୍ଷକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ମଧ୍ୟାହ୍ନଭୋଜନ ଜାରି ରଖିବାକୁ କୁହାଯାଇଛି। ଚାଉଳ ଉଠାଣ ପାଇଁ ଟେଣ୍ଡର ସରିଛି ଏବଂ ଖୁବ୍‌ଶୀଘ୍ର ଏଜେନ୍ସିକୁ ବିଦ୍ୟାଳୟରେ ଚାଉଳ ପହଞ୍ଚାଇବା ପାଇଁ କୁହାଯାଇଛି ବୋଲି ମିଶ୍ର ସୂଚନା ଦେଇଛନ୍ତି।


ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ।

## ସଂକ୍ଷେପରେ

### ଘର, କାର ଓ ବାଇକ୍ ଭାଙ୍ଗିଲେ ଦୁର୍ବୃତ୍ତ

ପାଣିକୋଇଲି,୨୫।୭(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଗ୍ରାମରେ ରାତି ଅଧରେ ପଶି ୨ ଦୁର୍ବୃତ୍ତ ଦେବାଶିଷ ଓଝାଙ୍କ ଘର ଭଙ୍ଗାରୁଜା କରିଛନ୍ତି। ଶବ୍ଦ ଶୁଣି ପରିବାର ଉଠିବାରୁ ଦୁର୍ବୃତ୍ତ ସେମାନଙ୍କୁ ଧମକ ଦେଇ ପଳାଇଛନ୍ତି। ହେଲମେଟ ପିନ୍ଧିଥିବାରୁ ସେମାନଙ୍କୁ ଦେବାଶିଷଙ୍କ ପରିବାର ଚିହ୍ନିପାରିନାହାନ୍ତି। ଦୁର୍ବୃତ୍ତଙ୍କ ପଥର ମାଡ଼ରେ ଦେବାଶିଷଙ୍କ ଘର, କାର ଓ ବାଇକ କ୍ଷତିଗ୍ରସ୍ତ ହୋଇଛି। ଏନେଇ ଦେବାଶିଷ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଚଳାଇଛି।

### ମାନସିକ ବିକାରଗ୍ରସ୍ତ ଯୁବତୀ ଉଦ୍ଧାର

ପାଣିକୋଇଲି,୨୫।୭(ବିକାଶ ମଲ୍ଲିକ):

ପାଣିକୋଇଲି ବଜାରରୁ ଗୁରୁବାର ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ପାଣିକୋଇଲି ଥାନା ଖମଣ ପଞ୍ଚାୟତ ନାହାନ୍ଦା ଗ୍ରାମର ଗୋପୀନାଥ ବିଶ୍ୱାଳଙ୍କ ଝିଅ ଗୀତାଞ୍ଜଳି। କୌଣସି କାରଣରୁ ଗୀତାଞ୍ଜଳି ମାନସିକ ବିକାରଗ୍ରସ୍ତ ହୋଇ ଦୁଇ ଦିନ ତଳେ ଘରୁ ପଳାଇ ଆସିଥିଲେ। ତାଙ୍କୁ ପାଣିକୋଇଲି ବଜାରର ଓଭର ବ୍ରିଜ ତଳେ ଅଚେତ ଅବସ୍ଥାରେ ଠାବ କରାଯାଇଥିଲା। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ, ସାମାଜିକ କର୍ମୀ ତାରିଣୀ ପଟ୍ଟନାୟକ ଓ ଗୃହରକ୍ଷୀ ସାରଥି ରାଉତ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ଆସି ଡାକ୍ତରଖାନାରେ ପହଞ୍ଚିଛନ୍ତି।

## ବ୍ରହ୍ମବରଦା ଥାନାରେ ଯୋଗଦେଲେ ନୂଆ ଅଧିକାରୀ



ବ୍ରହ୍ମବରଦା,୨୫।୭(ଯଯାତିକେଶରୀବେହେରା):

ବ୍ରହ୍ମବରଦା ଥାନାରେ ନୂଆ ଅଧିକାରୀଭାବେ ଅଂଶୁମାଳା ଦାସ ଯୋଗ ଦେଇଛନ୍ତି। ଏଠାରେ ଥିବା ଥାନା ଅଧିକାରୀ ଦେବାଶିଷ ଶତପଥୀଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଅଂଶୁମାଳା ପୂର୍ବରୁ ମଙ୍ଗଳପୁରରେ ଥାନା ଅଧିକାରୀ ଥିଲେ। ନୂଆ ଥାନା ଅଧିକାରୀ ଯୋଗଦେବା ପରେ ବ୍ରହ୍ମବରଦା ଅଞ୍ଚଳ ଜନସାଧାରଙ୍କ ସହଯୋଗରେ ଆଇନଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିବେବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ନୂତନ ଏସ୍‌ଆଇ ଭାବେ ସୁଶାନ୍ତ ସେଠୀ ମଧ ଏଠାରେ ଯୋଗଦାନ କରିଛନ୍ତି। ସେଠୀ ପୂର୍ବରୁ ମଙ୍ଗଳପୁର ଥାନାରେ କାର୍ଯ୍ୟରତ ଥିଲେ। ଥାନା ଅଧିକାରୀ ଓ ଏସ୍‌ଆଇଙ୍କୁ ବ୍ରହ୍ମବରଦା ପ୍ରେସ୍ କ୍ଲବ୍ ତରଫରୁ ସଭାପତି ବାପୁଜୀ ଚରଣ ଜେନା, ଉପସଭାପତି ନିରାକାର ବେହେରା, ସମ୍ପାଦକ ଯଯାତି କେଶରୀ ବେହେରା, ସହସମ୍ପାଦକ ଶଙ୍କର ସେଠୀ, କୋଷାଧକ୍ଷ ସ୍ମୃତିରଞ୍ଜନ ରାଉତ, ସଭ୍ୟ ଦୀପକ ସାହୁ, ସୁଶାନ୍ତ ଜେନା, ଗୋପୀନାଥ ଦାଶ, ନାରାୟଣ ରଥ ଓ ପ୍ରତାପ ପୃଷ୍ଟି ପ୍ରମୁଖ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

ବରୀ,୨୫।୭(ମହେନ୍ଦ୍ର ସ୍ୱାଇଁ):

ବରୀ ବିଦ୍ୟୁତ୍ ବିଭାଗ ଅଧୀନ ବାଲିବିଲ ଗ୍ରାମରେ ଏକ ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ରହିଛି। ହେଲେ ଏହା ଉପରେ ବିଭାଗ ନଜର ଦେଉ ନ ଥିବା ଅଭିଯୋଗ ହୋଇଛି। ଏହି ଟ୍ରାନ୍ସଫର୍ମରଠାରୁ ମଣିକ ଛକ ପର୍ଯ୍ୟନ୍ତ ୧୧ କେଭି ବିଦ୍ୟୁତ୍ ତାରଗୁଡ଼ିକ ଆସ୍ତରଣ ବିହୀନ ହୋଇଛି। ତେଣୁ ବାରମ୍ବାର ତାର ଛିଣ୍ଡିବା ଯୋଗୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବିଦ୍ୟୁତ୍ ବିଭାଗ ଦେୟ ଆଦାୟ କ୍ଷେତ୍ରରେ ଗୁରୁତ୍ୱ ଦେଉଥିବାବେଳେ ଏଭଳି ବିପଦଜନକ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ନିକଟରେ ସୁରକ୍ଷା ବାଡ଼ା ନିର୍ମାଣ ନ କରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗତବର୍ଷ ଅଙ୍ଗାଳୋ ପଞ୍ଚାୟତ ଢିଅବାରିଙ୍ଗି ଗ୍ରାମର ଯୁବକମାନେ ଗଣେଶ ମୂର୍ତ୍ତି ନେଇ ଯାଉଥିବାବେଳେ ଏହି ଟ୍ରାନ୍ସଫର୍ମର ନିକଟରୁ ମାତ୍ର ୫୦ ମିଟର ଦୂରରେ ତାର ଲାଗି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଟ୍ରାନ୍ସଫର୍ମର ନିକଟରେ ବାଡ଼ା ନିର୍ମାଣ କରିବା ସହ ବିପଦଜନକ ଅବସ୍ଥାରେ ଥିବା ତାରଗୁଡ଼ିକୁ କେବୁଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ବାଲିବିଲ ଗ୍ରାମରେ ଥିବା ଟ୍ରାନ୍ସଫର୍ମର।

# ତମାଖୁ ଦୋକାନରେ ଚଢ଼ାଉ, ଜରିମାନା ଆଦାୟ


ତମାଖୁ ବିକ୍ରି ହେଉଥିବା ଦୋକାନରୁ ଜରିମାନା ଆଦାୟ କରାଯାଉଛି ।

କାଏମା,୨୫।୭(ଶିବପ୍ରସାଦ ମହାନ୍ତି):

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ଓ ଜାରକା ଅଞ୍ଚଳର ତମାଖୁ ବିକ୍ରି ହେଉଥିବା ଦୋକାନଗୁଡ଼ିକରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ମିଳିତ ଭାବେ ଚଢ଼ାଉ କରାଯାଇ ୪,୪୫୦ ଜରିମାନା ଆଦାୟ କରାଯାଇଛି। ଯାଜପୁର ଜିଲା ଅଣସଂକ୍ରାମକ ରୋଗ ଅଧିକାରୀ ସସ୍ମିତା ରାଉତ, ଯାଜପୁର ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଧର୍ମଶାଳା ଅବକାରୀ ବିଭାଗ ଏସ୍‌ଆଇ ଜୟନ୍ତୀ ଆଚାର୍ଯ୍ୟ ଓ ଧର୍ମଶାଳା ପୋଲିସ ପକ୍ଷରୁ ୨୫ରୁ ଊର୍ଦ୍ଧ୍ୱ ବିଭିନ୍ନ ତମାଖୁ ଦୋକାନରେ ଏହି ଚଢ଼ାଉ କରାଯାଇଛି। ଏହି ଅଞ୍ଚଳର ଶିକ୍ଷା ଅନୁଷ୍ଠାନଗୁଡ଼ିକ ନିକଟରେ ବ୍ୟବସାୟୀମାନେ ଖୁଲମଖୁଲା ତମାଖୁ ବିକୁଛନ୍ତି। ତେଣୁ ଏହାଉପରେ ରୋକ ଲଗାଇବା ପାଇଁ ଏପରି ପ୍ରୟାସ କରାଯାଇଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

# ବରୁଣେଶ୍ୱର ମହାବିଦ୍ୟାଳୟରେ ଖୋଲିଲା ବିଭିନ୍ନ ବିଭାଗର ସ୍ନାତକୋତ୍ତର

**ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ମିଳିଲା ସ୍ୱୀକୃତି**

■ ଉପକୃତ ହେବେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ର ଓ ଶିକ୍ଷାବିତ୍

ବିଞ୍ଝାରପୁର,୨୫।୭(ରାମକୃଷ୍ଣ ଦାସ):

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାଜ୍ୟରେ ମୋଟ୍ ୫ ମହାବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରିଥିବାବେଳେ ବରୁଣେଶ୍ୱର ମହାବିଦ୍ୟାଳୟ ଏଥିରେ ସ୍ଥାନ ପାଇଛି। ସ୍ନାତକ (କଳା)ସମ୍ମାନରେ ଅର୍ଥନୀତି, ଇଂଲିଶ, ଭୂଗୋଳ, ହିନ୍ଦୀ, ଇତିହାସ, ଗଣିତ, ଓଡ଼ିଆ ଭାଷା ସାହିତ୍ୟ, ରାଜନୀତି ବିଜ୍ଞାନ, ସଂସ୍କୃତ ଆଦି ସ୍ଥାନ ପାଇଥିବାବେଳେ ସ୍ନାତକ କଳାରେ ସମାନ ବିଭାଗ ରହିଛି। ସେହିପରି ସ୍ନାତକୋତ୍ତରରେ ଅର୍ଥନୀତି, ଇଂଲିଶ, ହିନ୍ଦୀ, ଇତିହାସ, ଶିଳ୍ପ ସମ୍ପର୍କ ଓ କାର୍ମିକ ପରିଚାଳନା, ଶ୍ରମ ଆଇନ ଓ କାର୍ମିକ ପରିଚାଳନା, ଓଡ଼ିଆ ଭାଷା ସାହିତ୍ୟ, ରାଜନୀତି ବିଜ୍ଞାନ, ଲୋକ ପ୍ରଶାସନ, ସଂସ୍କୃତ, ବାଣିଜ୍ୟ, ଗଣିତ, ଗଣିତ(ବିଜ୍ଞାନ) ଓ ଶିକ୍ଷା ଆଦି ବିଭାଗ ରହିଛି। ଏହିସବୁ ପାଠ୍ୟକ୍ରମ ପାଇଁ ଗ୍ରାମାଞ୍ଚଳରେ କୌଣସି ସୁବିଧା ନ ଥିବାରୁ ବହୁ ଶିକ୍ଷାବିତ୍, ଛାତ୍ରୀଛାତ୍ର ଏହିସବୁ ବିଭାଗରେ ଅଧ୍ୟୟନ ପାଇଁ ବହୁ ଅର୍ଥ ଖର୍ଚ୍ଚ କରି ଦୂରଦୂରାନ୍ତକୁ ଯାଉଥିଲେ। ବରୁଣେଶ୍ୱର ମହାବିଦ୍ୟାଳୟରେ ଉପଯୁକ୍ତ ଭିତ୍ତିଭୂମିକୁ ଲକ୍ଷ୍ୟକରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏଭଳି ସ୍ୱୀକୃତି ପ୍ରଦାନ କରିଥିବାରୁ ଏଠାରେ ବହୁ ଛାତ୍ରୀଛାତ୍ର ଓ ଶିକ୍ଷାବିତ୍ ଉପକୃତ ହୋଇପାରିବେ। ଏନେଇ ମହାବିଦ୍ୟାଳୟ ଅଧକ୍ଷା ବିନ୍ଦୁରେଖା ନାୟକ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ସ୍ନାତକ ଓ ସ୍ନାତକୋତ୍ତର ପାଇଁ ନାମଲେଖା ଚାଲୁ ରହିବ ବୋଲି ଅଧକ୍ଷା ନାୟକ ପ୍ରକାଶ କରିଛନ୍ତି।

# ଗବେଷଣା ପାଇଁ ଆମେରିକା ଯିବେ ଅଂଶୁମାନ

ଯାଜପୁର ଟାଉନ,୨୫।୭
(ପ୍ରୟଜ୍ଞା ପ୍ରିୟଦର୍ଶନୀ ମହାନ୍ତି):



କୁହାଯାଏ ଦୃଢ଼ ଆତ୍ମବିଶ୍ୱାସ ଏବଂ କଠିନ ପରିଶ୍ରମ କଲେ ସଫଳତା ଆପେ ଆପେ ଆସେ। ଯାହାକୁ ପ୍ରମାଣ କରିଦେଖାଇଛନ୍ତି ଯାଜପୁର ବ୍ଲକ ଖଇରାବାଦ ପଞ୍ଚାୟତ ଖଇରାବାଦ ଗାଁର ଅଂଶୁମାନ ସାହୁ। ଅଂଶୁମାନ ନିଜର କଠିନ ପରିଶ୍ରମ ବଳରେ ଆମେରିକାରେ ୫ ବର୍ଷ ଗବେଷଣା କରିବାକୁ ଯିବାପାଇଁ ମନୋନୀତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଅଂଶୁମାନ ଜଣେ ମେଧାବୀ ଛାତ୍ର। ୨୦୧୬ରେ ପାଣିକୋଇଲିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରୁ ମାଟ୍ରିକ ଏବଂ ୨୦୧୮ରେ ଯୁକ୍ତ ୨ ବିଜ୍ଞାନରେ ସଫଳତାର ସହିତ ପାସ କରିଥିଲେ। ପରେ ସେ ଓଡ଼ିଶା ଖଣି ନିଗମ ପକ୍ଷରୁ ପ୍ରଦାନ କରାଯାଉଥିବା କୋଚିଂ ନେଇ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇଥିଲେ। ଗୋଟିଏ ବର୍ଷ କୋଚିଂପରେ ସେ ରାଉରକେଲା ଏନ୍‌ଆଇଟି ଏବଂ ଭୁବନେଶ୍ୱର ନାଇଜରରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ନାଇଜରରେ ୫ ବର୍ଷିଆ ଇଣ୍ଟିଗ୍ରେଟେଡ ଏମ୍‌ଏସ୍‌ସି ପାଇଁ ସ୍ଥିର କରିଥିଲେ। ସେଠାରେ ପହଞ୍ଚିବା ସମୟରେ ପ୍ରଫେସର ସତ୍ୟପ୍ରସାଦ ସେନାନାୟକଙ୍କ ଅଧୀନରେ ନାନୋ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଡିଭାଇସ ଫିଜିକ୍ସ ଗବେଷଣା ଗାରରେ ନିଜର ଗବେଷଣା କରିଥିଲେ। ଏବେ ତାଙ୍କର ଏମ୍‌ଏସ୍‌ସି ଶେଷ ହେବା ପରେ ଆମେରିକାର ପିଟସ୍‌ବର୍ଗସ୍ଥିତ କାର୍ନିଗ ମେଲୋନ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବା ପାଇଁ ମନୋନୀତ ହୋଇଛନ୍ତି। ସେ ସେଠାରେ ଇଲେକ୍‌ଟ୍ରୋନିକ ମ୍ୟାଗନେଟିକ ମେଟେରିଆଲ ଉପରେ ଗବେଷଣା କରିବେ। ଏଭଳି ଏକ ମର୍ଯ୍ୟାଦାଜନକ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବା କ୍ଷେତ୍ରରେ ସେ ଦ୍ୱିତୀୟ ଭାରତୀୟ। ଏଥିପାଇଁ ସମସ୍ତ ଖର୍ଚ୍ଚ ସଂପୃକ୍ତ ବିଶ୍ୱବିଦ୍ୟାଳୟ ବହନ କରିବ ବୋଲି ଜଣାପଡିଛି। ଅଂଶୁମାନଙ୍କ ବାପା ଅଶୋକ ସାହୁ ୨୦୨୦ରେ କୋଭିଡ ମହାମାରୀରେ ମୃତ୍ୟୁବରଣ କରିଛନ୍ତି। ଅଂଶୁମାନଙ୍କ ମା’ ସ୍ମୃତିଙ୍କ ସମେତ ଦାଦା ଏବଂ ପରିବାରର ଅନ୍ୟାନ୍ୟ ସଦସ୍ୟ ସବୁବେଳେ ସାହାଯ୍ୟ ସହଯୋଗ ଯୋଗାଇ ଆସିଛନ୍ତି। ତାଙ୍କର ଏଭଳି ସଫଳତା ପଛରେ ସମସ୍ତଙ୍କ ହାତ ଥିବା ଅଂଶୁମାନ କହିଛନ୍ତି।

# ଧର୍ମଶାଳାବାସୀଙ୍କ ପାଇଁ କଳ୍ପତରୁଙ୍କ ଅବଦାନ ଅତୁଳନୀୟ

ଧର୍ମଶାଳା,୨୫।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଜାରକା ଷ୍ଟାଡିୟମ୍‌ଠାରେ ଧର୍ମଶାଳାର ପୂର୍ବତନ ବିଧାୟକ କଳ୍ପତରୁ ଦାସଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେସନ ପକ୍ଷରୁ ଡ. ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରାଇ, ପୂର୍ବତନ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ଭୂଷଣ ସାହୁ, ଚକ୍ରଧର ବେହେରା, ଜିଲାପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ସ୍ମୃତିରେଖା ବେହେରା ଓ ମମତା ଖୁଣ୍ଟିଆ ଯୋଗଦେଇ କଳ୍ପତରୁଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରିଛନ୍ତି।

ପୂର୍ବତନ ବିଧାୟକ ପ୍ରଣବ ତାଙ୍କ ଅଭିଭାଷଣରେ କହିଛନ୍ତି, ଧର୍ମଶାଳାବାସୀଙ୍କ ପାଇଁ ତାଙ୍କ ବାପା କଳ୍ପତରୁ ଦାସଙ୍କ ଅବଦାନ ଅତୁଳନୀୟ। କଳ୍ପତରୁ ଧର୍ମଶାଳା ବିକାଶର ସ୍ୱପ୍ନ ଦେଖିଥିଲେ। ପ୍ରଣବ ୨୦୧୪ରେ ବିଧାୟକ ହେବାପରେ ଧର୍ମଶାଳାବାସୀଙ୍କ ପାଇଁ ବହୁ କିଛି କରିଛନ୍ତି। ବାପାଙ୍କ ସ୍ୱପ୍ନ ପୂରଣ ପାଇଁ ଧର୍ମଶାଳା ବିକାଶର ପ୍ରୟୋଗଶାଳାକୁ ଆଗକୁ ନେଇଛନ୍ତି। ଧର୍ମଶାଳାବାସୀଙ୍କ ଭଲପାଇବା ତାଙ୍କ ପ୍ରତିରହିଛି। ଜୀବନର ଶେଷ ରକ୍ତବିନ୍ଦୁ ଥିବାଯାଏ ସେ ଧର୍ମଶାଳା ବାସୀଙ୍କ ସେବା କରିବେ। କିଛି ପଦବୀ ନ ଥିଲେ ମଧ୍ୟ ଧର୍ମଶାଳାକୁ ଆଗକୁ ନେଇପାରିବେ ବୋଲି ସେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଳଧର ସାହୁ, ଲୋକନାଥ ପଣ୍ଡା, ସନ୍ତୋଷ ଜେନା, ଦୁଃଶାସନ ସାହୁ, ଅମରେନ୍ଦ୍ର ରାୟ, ରେଣୁବାଳା ଶତପଥୀ, ମମତା ଦଣ୍ଡପାଟ, କ୍ଷୀତିଶ ନାୟକ, ଜଗଦାନନ୍ଦ ରାଉତ, ସୌମ୍ୟପ୍ରକାଶ ବିଶ୍ୱାଳ, କ୍ଷିରାବ୍ଧୀ ତନୟା ମଲ୍ଲିକ୍ ଓ ନିର୍ମଳ ପ୍ରଧାନଙ୍କ ସମେତ ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବ୍ଲକ୍ ଏବଂ ଜିଲା କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିରଞ୍ଜନ ବଳ ଧନ୍ୟବାଦ ଦେଇଥିଲେ।



ଧର୍ମଶାଳାର ପୂର୍ବତନ ବିଧାୟକ କଳ୍ପତରୁ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇଥିବା ଅତିଥି ।

# ବାଲି ଚୋରା ଚାଲାଣ ବନ୍ଦ ନ ହେଲେ ଆନ୍ଦୋଳନ

■ ଜିଲାପାଳ, ଏସ୍‌ପି ଓ ଖଣି ଅଧିକାରୀଙ୍କୁ ଅଭିଯୋଗ
■ ଦେବୀ ନଦୀ ବନ୍ଧ ବିପଦସଙ୍କୁଳ
■ ବସ୍ ସେବା ଠପ୍, ରାସ୍ତାରେ ଯାଇପାରୁନି ଆମ୍ବୁଲାନ୍ସ

ଜଗତ୍‌ସିଂହପୁର,୨୫।୭ (ପ୍ରମୋଦ କୁମାର ନାୟକ)


ବାଲି ଚୋରାଚାଲାଣ ଯୋଗୁ ଏରଡ଼ା ନଦୀ ବନ୍ଧ ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି।

ଜଗତ୍‌ସିଂହପୁର ଜିଲାରେ ବାଲି ଚୋରା ଚାଲାଣକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିଫଳନ ଗୁରୁବାର ଦେଖିବାକୁ ମିଳିଛି। ଏନେଇ ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତ ଅନ୍ତର୍ଗତ ଏରଡ଼ା ଗ୍ରାମର ଲୋକେ ଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ (ଏଡିଏମ୍) ସମ୍ବିତ ରାଉତ, ଏସ୍‌ପି ରାହୁଲ ପି.ଆର୍ ଓ ଜିଲା ଖଣି ଅଧିକାରୀ ସତିଶ ତରେଇଙ୍କୁ ସାକ୍ଷାତକରି ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଗ୍ରାମକୁ ଯାତାୟାତ ପାଇଁ ଥିବା ପହଙ୍ଗା-ଏରଡ଼ା-ଗଳଧାରୀ ମୁଖ୍ୟ ଦେବୀ ନଦୀ ବନ୍ଧ ରାସ୍ତାରେ ପ୍ରତ୍ୟହ ୫୦୦ରୁ ଊର୍ଦ୍ଧ୍ୱ ହାଇୱା, ଟ୍ରକ ଓ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଛି। ଏଥିଯୋଗୁ ଗମନାଗମନ ଗୁରୁତର ଭାବେ ପ୍ରଭାବିତ ହୋଇଛି। କେବଳ ଏତିକି ନୁହେଁ, ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଛି। ଲୋକମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଭାରପ୍ରାପ୍ତ ଜିଲାପାଳ ଓ ଏସ୍‌ପି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏ ସମ୍ପର୍କରେ ଗଳଧାରୀ ସରପଞ୍ଚ ଦିଲୀପ କୁମାର ନାୟକଙ୍କ ସମେତ ଅରକ୍ଷିତ ଦାସ, ବିଭୂତି ନାୟକ, ସୁନୀଲ ଗୋଚ୍ଛାୟତ, ନିର୍ମଳ ଚନ୍ଦ୍ର ବିଶ୍ୱାଳ, କୁମୁଦ ମହାନ୍ତି, ସରୋଜ ନାୟକ, ପ୍ରଣାମ ଭୋଇ ଓ ଦେବେଶ ଜେନା ପ୍ରମୁଖ କହିଛନ୍ତି, ନଦୀ ବନ୍ଧ ରାସ୍ତା ଏଭଳି ହୋଇଛି ଯେଉଁଥିରେ ଆମ୍ବୁଲାନ୍ସ ଯିବାଆସିବା କରିପାରୁନାହିଁ। ଏହି କାରଣରୁ ଗ୍ରାମର ଝୁନଲତା ବିଶ୍ୱାଳ ନାମ୍ନୀ ମହିଳା ଅସୁସ୍ଥ ଅବସ୍ଥାରେ ଡାକ୍ତରଖାନା ଯାଇ ନ ପାରି ନଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। କେବଳ ଏତିକି ନୁହେଁ, ରାସ୍ତାରେ ଆଣ୍ଠୁଏ ଲେଖାଏ ଖାଲ ସାଙ୍ଗକୁ ବର୍ଷା ପାଣି ଜମି ରହିଥିବାରୁ ବିପଦ ସୃଷ୍ଟି ହୋଇଛି। ନଦୀ ବନ୍ଧରେ ବାଇକ ତ ଦୂରର କଥା ଚାଲିକରି ଯିବା କଷ୍ଟକର ହୋଇପଡ଼ିଛି। ପ୍ରତ୍ୟହ ଛୋଟ, ବଡ ଦୁର୍ଘଟଣା ଘଟୁଛି। ଏହି କାରଣରୁ ପିଲାମାନେ ସ୍କୁଲ, କଲେଜ ଯିବାଆସିବା କରିପାରୁନାହାନ୍ତି। ବସ୍ ସେବା ଠପ୍ ହୋଇଯାଇଛି। ସବୁଠାରୁ ବଡ କଥା ହେଲା, ଅତୀତରେ ଗ୍ରାମବାସୀ ବାଲି ଚୋରା ଚାଲାଣକୁ ବିରୋଧ କରିବାରୁ ମାଫିଆମାନେ ରିଭଲଭର, ବୋମା ଓ ଅନ୍ୟ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। ଏବେ ପରିସ୍ଥିତି ବାଧ୍ୟ କରିବାରୁ ବାଲି ଚୋରା ଚାଲାଣ ବନ୍ଦ ପାଇଁ ଆଗକୁ ଆସିବାକୁ ନିଷ୍ପତ୍ତି ନେଇଛନ୍ତି। ନଦୀ ବନ୍ଧରେ ହାଇୱା ଓ ଅନ୍ୟ ଭାରିଯାନ ଚଳାଚଳକୁ ସୁଯୋଗ ନ ଦେବା ପାଇଁ ସ୍ଥିର କରିଛନ୍ତି। ଏ ପରିସ୍ଥିତିରେ ବାଲି ମାଫିଆମାନେ ରକ୍ତମୁଖା ହେବା ଆଶଙ୍କା ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଲୋକେ ଚିନ୍ତିତ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଗ୍ରାମବାସୀ କହିଥିଲେ, ମାଫିଆମାନେ ଅତଡ଼ା ପାର୍ଶ୍ୱ ଖୋଳି ଚାଲିଥିବାରୁ ବନ୍ୟା ପରିସ୍ଥିତି ଗମ୍ଭୀର ହେବା ଆଶଙ୍କା ରହିଛି। ବାଲି ଚୋରା ଚାଲାଣ ସମ୍ପର୍କରେ ବାରମ୍ବାର ତହସିଲଦାର, ଜିଲା ଖଣି ଅଧିକାରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସେମାନଙ୍କୁ ବ୍ୟଥିତ କରିଥିବା ଏରଡ଼ା ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାର କୌଣସି ପ୍ରତିକାର କରା ନ ଗଲେ ସେମାନେ ବାଧ୍ୟହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ। ଆଗକୁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସେଥିପାଇଁ ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି କହିଛନ୍ତି। ଏହାର ନକଲ ସେମାନେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, ଜଗତ୍‌ସିଂହପୁର ବିଧାୟକ, ଆର୍‌ଡିସି (କେନ୍ଦ୍ରାଞ୍ଚଳ) ଓ ଜଗତ୍‌ସିଂହପୁର ଏସ୍‌ପିଙ୍କ ଅବଗତି ନିମନ୍ତେ ପ୍ରେରଣ କରିଛନ୍ତି।

ଏ ସମ୍ପର୍କରେ ଏଡିଏମ୍ ରାଉତ କହିଛନ୍ତି, ଅଭିଯୋଗ ଆଧାରରେ ଜିଲା ଖଣି ଅଧିକାରୀଙ୍କୁ ଅନୁଧ୍ୟାନ କରି ପଦକ୍ଷେପ ନେବା ପାଇଁ କହିଛନ୍ତି। ଜିଲା ଖଣି ଅଧିକାରୀ ସତିଶ ତରେଇ କହିଛନ୍ତି, ଏ ପର୍ଯ୍ୟନ୍ତ ଏରଡ଼ା ବାଲି ଘାଟ ଚାଲିବା ପାଇଁ ଅନୁମତି ଦିଆଯାଇନାହିଁ। ତେଣୁ ଅନୁଧ୍ୟାନ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଲୁଣା ନଦୀରେ ଗୋଡ଼ ଖସି ଯୁବକ ନିଖୋଜ


ବଡ଼କୁଳ ଗ୍ରାମ ଲୁଣାନଦୀରେ ଉଦ୍ଧାରକାରୀ ଟିମ୍‌ର ଉଦ୍ୟମ। ନିଖୋଜ ନିରଞ୍ଜନ ରାଉତଙ୍କ ଫାଇଲ ଫଟୋ (ଇନ୍‌ସେଟ୍)।

ମହାକାଳପଡ଼ା,୨୫।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଓଡ୍ରାଫ୍ଟ ଟିମ୍‌ର ଖୋଜାଖୋଜି ଜାରି**

ମାର୍ଶାଘାଇ ଥାନା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ବଡ଼କୁଳ ଗ୍ରାମର ନିରଞ୍ଜନ ରାଉତ (୪୦) ନିକଟ ଲୁଣା ନଦୀରେ ଗାଧୋଇବା ପାଇଁ ପଥର ସ୍ପର ତଳକୁ ଖସିବା ସମୟରେ ପ୍ରବଳ ଜଳ ସ୍ରୋତରେ ନିଖୋଜ ହୋଇଯାଇଛନ୍ତି। ଖବରପାଇ ଅଞ୍ଚଳ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବାକୁ ଉଦ୍ୟମ କରି ପତ୍ତା ପାଇ ନ ଥିଲେ। ସ୍ଥାନୀୟ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ସହଯୋଗରେ କଟକରୁ ଏକ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସନ୍ଧ୍ୟା ହେବାରୁ ବନ୍ଦ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହେବ ବୋଲି ତହସିଲଦାର ତ୍ରିପାଠୀ କହିଛନ୍ତି। ଗ୍ରାମର ନିରଞ୍ଜନ ଲୁଣା ନଦୀକୁ ପୂର୍ବାହ୍ନରେ ଗାଧୋଇବାକୁ ଯାଇଥିଲେ। ମାଉଣ୍ଟ ପଥର ସ୍ପର ନିକଟରେ ଗୋଡ଼ ଖସିଯିବାରୁ ସିଧା ପାଣିରେ ପଡ଼ିଯିବାରୁ ଜୁଆରିଆ ଯୋଗୁ ତଳକୁ ଟାଣି ନେଇଯାଇଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୋଦ କୁମାର ସ୍ୱାଇଁ ଓ ଅକ୍ଷୟ କୁମାର ବେହେରା କହିଛନ୍ତି।

# ଶିକ୍ଷକମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଜକନିକା, ୨୫।୭ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ ସଫଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଶ୍ରୀନିବାସ ସାହୁ, ନିର୍ମଳ ଚନ୍ଦ୍ର ସାହୁ ଏବଂ ମୀନକେତନ ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ସାହୁ ସଭାପତିତ୍ୱ କରିଥିବା ବେଳେ, ଜରିସାହି କ୍ଲଷ୍ଟର ସିଆରସିସି ଖଗେଶ୍ୱର ପଢ଼ିହାରୀ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ନଳିନୀ ରଞ୍ଜନ ରାଉତରାୟ, ମୁଖ୍ୟ ବକ୍ତା ଭାବେ ବିଆରସିସି କୈଳାସ ଚନ୍ଦ୍ର ସାହୁ ଓ ଏବିଇଓ ସୁରୁଚି ପ୍ରଭା ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରୁଣ ସୂତାର, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ ଓ ପଦ୍ମଲୋଚନ ପରିଡ଼ା, ସବଲାଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟାନନ୍ଦ ନାୟକ, ନୋଡାଲ ସିଆର୍‌ସିସି ସଞ୍ଜୟ ବଳ, ପୂର୍ବତନ ପ୍ରଧାନ ଶିକ୍ଷକ ଉମାକାନ୍ତ ପରିଡ଼ା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଇଓ ୩ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷକ ହରେକୃଷ୍ଣ ସାହୁ ଓ ଶିକ୍ଷୟିତ୍ରୀ ଶେଫାଳୀ ନାୟକ ମାନପତ୍ର ପାଠ କରିଥିଲେ। ଛାତ୍ରୀ ଶୁଭସପ୍ରିୟା ପଣ୍ଡା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ରାଜକନିକା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷୟିତ୍ରୀଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପିଲାମାନଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାସଦସ୍ୟ ଛାତ୍ରାଭିଭାବକ, ସଫଲାଙ୍ଗ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ବିଦାୟୀ ଗୁରୁଜୀମାନଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା।


ବିଦାୟ ନେଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ବିଡିଓଙ୍କୁ ଭେଟି ବିଭିନ୍ନ ସମସ୍ୟା ଜଣାଇଲା ସରପଞ୍ଚ ସଂଘ


ବିଡିଓଙ୍କୁ ଭେଟିବାକୁ ଯାଇଥିବା ସରପଞ୍ଚ ଓ ଅନ୍ୟମାନେ।

ଆଳି, ୨୫।୭ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସରପଞ୍ଚ ସଂଘ ସଭାପତି ସନାତନ ସାହୁଙ୍କ ନେତୃତ୍ୱରେ ଗୁରୁବାର ବିଭିନ୍ନ ସମସ୍ୟା ନେଇ ବ୍ଲକର ସମସ୍ତ ସରପଞ୍ଚ ଆଳି ବିଡିଓଙ୍କୁ ଭେଟିଛନ୍ତି। ବ୍ଲକକୁ ଆସୁଥିବା ଅର୍ଥକୁ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି, ଜିଲା ପରିଷଦଙ୍କ ଉପସ୍ଥିତିରେ ପ୍ରକଳ୍ପ ପ୍ରସ୍ତୁତ କରିବା, ରାଶନ କାର୍ଡ ହିତାଧିକାରୀଙ୍କ ବିବାହ କିମ୍ବା ମୃତ୍ୟୁ ଘଟିଲେ ତାହା ଡିଲରଙ୍କ ବଦଳରେ ସରପଞ୍ଚଙ୍କ ଅବଗତିରେ କରାଯିବା, ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚାୟତ ଫଣ୍ଡରେ ଅର୍ଥ ନ ଥିବା ବେଳେ ପାଣି ପମ୍ପ ବିଲ୍ ଦେବାରେ ସରପଞ୍ଚମାନେ ଅକ୍ଷମତା ପ୍ରକାଶ କରିଥିଲେ। ବିଦ୍ୟୁତ ବିଭାଗ ପକ୍ଷରୁ ବାରମ୍ବାର ସଂଯୋଗ କାଟ ନିମନ୍ତେ ଆସୁଥିବା ବେଳେ ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ସରପଞ୍ଚଙ୍କ ହାତପାଣ୍ଠି ୧୫ ହଜାର ଟଙ୍କା ରଖିବା ସହ ଅନ୍ୟ ଦାବି ବିଷୟରେ ବିଡିଓ ମିନତି ଜଗଦ୍ଦେବଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ, ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ନିଆଳ ସରପଞ୍ଚ ଅଶୋକ ମଲିକ, କଳସପୁର ସରପଞ୍ଚ ସୁଧୀର ମଲିକ, ଅଟାଳ ସରପଞ୍ଚଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ବଳ, ବିଜୟ ମହୀ, ବଂଶୀଧର ସ୍ୱାଇଁ, ନବକିଶୋର ପରିଡ଼ା, ପ୍ରିୟବ୍ରତ ପାତ୍ର, ରଞ୍ଜିତ ବେହେରା, ପ୍ରିୟବ୍ରତ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୭୦ ବର୍ଷର ବଙ୍ଗୀୟ ବାସିନ୍ଦାଙ୍କୁ ମିଳୁ ସ୍ଥାୟୀ ପଟ୍ଟା

ମହାକାଳପଡ଼ା,୨୫।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ବିଧାନସଭାରେ ବିଧାୟକଙ୍କ ଦାବି**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ୭୦ବର୍ଷ ଧରି ବସବାସ କରୁଥିବା ବହୁସଂଖ୍ୟାରେ ବଙ୍ଗୀୟମାନଙ୍କୁ ମିଳୁନି ସ୍ଥାୟୀ ଜମି ପଟ୍ଟା। ଏ ନେଇ ସ୍ଥାନୀୟ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଗୁରୁବାର ଶୂନ୍ୟକାଳରେ ବିଧାନସଭାରେ ବାଚସ୍ପତିଙ୍କ ନିକଟରେ ଦାବି ଉଠାଇଛନ୍ତି। ଏହି ବଙ୍ଗୀୟମାନେ ଦୀର୍ଘ ୭୦ବର୍ଷ ଧରି ବସବାସ କରୁଥିଲେ ମଧ୍ୟ ପୂର୍ବ ଶାସିତ ସରକାର କାର୍ଯ୍ୟ କରି ନ ଥିଲେ। ବଙ୍ଗୀୟମାନଙ୍କୁ ୧୯୭୬ରେ କେତେଗୋଟି ପରିବାରକୁ ଜମି ପଟ୍ଟା ପ୍ରଦାନ କରିଥିଲେ। ହେଲେ ୨୦୧୨ ମସିହାରେ ପାଉତି କାଟିବା ପାଇଁ ପୂର୍ବ ସରକାର ବାତିଲ କରି ଦେଇଥିଲେ। ତେବେ ଜମି ଜମା ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରିବା ପାଇଁ ବିଧାନ ସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାୟୀ ପଟ୍ଟା ନ ଥିବାରୁ ପିଲାମାନଙ୍କର ବାସିନ୍ଦା, ଆୟ, ଉତ୍ତରାଧିକାରୀ, ଜାତି ପ୍ରମାଣ ପତ୍ର, ବ୍ୟାଙ୍କ ଋଣ, ଆବାସ ଗୃହ ନିର୍ମାଣ କାର୍ଯ୍ୟ ସମେତ ଅନେକ ସମସ୍ୟା ସୃଷ୍ଟି ହେଉଛି ବୋଲି ବିଧାନ ସଭାରେ ଦାବି କରିଥିଲେ। ବ୍ଲକର ବଡିଘର , ଖରିନାସୀ, ରାମନଗର, ଜମ୍ବୁ, ସୁନିତି, କେବି ଦାଣ୍ଡୁଆ, ପେଟଛେଲା, ବଉଳକଣି, ଗଗୁଆ, ନାଞ୍ଜୁରା ଆଦି ପଞ୍ଚାୟତର ବଙ୍ଗୀୟମାନଙ୍କ ପାଇଁ ବିଧାନସଭାରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥିଲେ। ତେଣୁ ବିଧାୟକଙ୍କ ଏହି ପ୍ରୟାସକୁ ତରୁଣକାନ୍ତ କାଞ୍ଜିଲାଲ, କ୍ରିଷ୍ଣପାଦ ମଣ୍ଡଳ, ପ୍ରଶାନ୍ତ କୁମାର ସେଠୀ, ସରୋଜକାନ୍ତ ସାହୁ, ଅର୍ଜୁନ ବୈଦ, ଦେବାଶିଷ ନନ୍ଦ, ରାଜୁ ଭୂୟାଁ, ବଷ୍ଟି ଦେବନାଥ, ହରିପଦ ସାମନ୍ତ, ଗିତାବାଳା ରକ୍ଷିତ, ଦିଲୀପ ବେରା, ଶଶିକାନ୍ତ ପରିଡ଼ା, ରଞ୍ଜନ ଚୌଧୁରୀ, ରାମଚନ୍ଦ୍ର ରାଉତ, ରଶ୍ମିକାନ୍ତ ପଲାଇ ପ୍ରଶଂସା କରିଛନ୍ତି।

# ଡିଡି ଓଡ଼ିଆରେ ଶନିବାର ପ୍ରଦର୍ଶିତ ହେବ ଶ୍ରୀବଳଦେବଜୀଉଙ୍କ ନୀଳାଦ୍ରିବିଜେ

କେନ୍ଦ୍ରାପଡ଼ା, ୨୫।୭ (ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ଇତିମଧ୍ୟରେ ସମ୍ପନ୍ନ ହୋଇଛି। ଶ୍ରୀଜୀଉଙ୍କ ନୀଳାଦ୍ରିବିଜେ ସମ୍ପର୍କିତ ଏକ ବୃତ୍ତଚିତ୍ର ଆସନ୍ତା ଶନିବାର ସନ୍ଧ୍ୟା ୬ଟାରେ ଡିଡି ଓଡ଼ିଆରେ ପ୍ରଦର୍ଶନ ହେବ। ଏହି ବୃତ୍ତଚିତ୍ରରେ ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା, ପହଣ୍ଡି ପୂଜା, ରଥଯାତ୍ରା, ଆଡ଼ପମଣ୍ଡପ ବିଜେ ଆଦିଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସଂକ୍ଷେପରେ ପ୍ରଦର୍ଶିତ ହେବ। ଏଥିସହ ରଥଦାଣ୍ଡର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାମିଲ ହୋଇଥିବା ସୂଚନା ମିଳିଛି।

# ଘରେ ନ ଥିବା ବେଳେ ଲକ୍ଷାଧିକ ଟଙ୍କାର ଗହଣା ଲୁଟ୍

ଡେରାବିଶ,୨୫।୭ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଚାନ୍ଦୋଳ ଫାଣ୍ଡି ଅଞ୍ଚଳର ଚାନ୍ଦୋଳ ପଞ୍ଚାୟତ ଖରିଦା ସାହିରେ ରହୁଥିବା ଅବସରପ୍ରାପ୍ତ ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଗହଣା ସହ ନଗଦ ଟଙ୍କା ଲୁଟି ନେଇଥିବା ଫାଣ୍ଡିରେ ବୁଧବାର ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ ଖରିଦାସାହିରେ ରହୁଥିବା ଅବସରପ୍ରାପ୍ତ ଅଧ୍ୟାପକ ସୁବାସ ନିଜ ପରିବାର ସହ ୭ଦିନ ହେବ ଅନୁପସ୍ଥିତ ଥିଲେ। ନିଜ ଝିଅର ପାସପୋର୍ଟ ବାହାର କରିବା ପାଇଁ ସୁବାସ ଭୁବନେଶ୍ୱର ଯାଇଥିବା ବେଳେ କାର୍ଯ୍ୟବଶତଃ ସେଠାରେ ୭ଦିନ ରହି ଯାଇଥିଲେ। ବୁଧବାର ସକାଳେ ଘରେ ପହଞ୍ଚିବା ପରେ ତାଙ୍କ ଘରୁ ଚୋରି ହୋଇଥିବା ନେଇ ପଡୋଶୀଙ୍କଠାରୁ ଶୁଣିବାକୁ ପାଇଥିଲେ। ତେବେ ଘର ମୁଖ୍ୟ ଫାଟକ ପଡିଥିବା ତାଲାକୁ ମେଶିନ ସାହାଯ୍ୟରେ କାଟିବା ସହ କାଠ କବାଟକୁ ଭାଙ୍ଗି ଘର ଭିତରେ ଥିବା ୨ଟି ଗୋଦ୍‌ରେଜକୁ ଭାଙ୍ଗି ଦେଇଥିଲେ। ସେଥିରେ ଥିବା ଲକର ତାଡି ୨ଟି ସୁନା ହାର, ଚାରୋଟି ମୁଦି, ତିନି ହଳ କାନଫୁଲ, କିଛି ଭଙ୍ଗା ସୁନା ସହ ଘର ଖର୍ଚ୍ଚ ପାଇଁ ନଗଦ ୧୦ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗରେ ସୁବାସ ଦର୍ଶାଇଛନ୍ତି। ଏଥିସହ ଉପର ମହଲାରେ ରହୁଥିବା ଜଣେ ମହିଳା ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତାଙ୍କ କୋଠରିରେ ଥିବା ଆଲମିରା ଭାଙ୍ଗି ଦୁର୍ବୃତ୍ତମାନେ ଗୋଟିଏ ସୁନା ଚେନ ଓ ଗୋଟିଏ ମୁଦି ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ଘରେ ରହିଥିବା ସମସ୍ତ ଆସବାବପତ୍ରକୁ ଏଣେତେଣେ ଫୋପାଡି ଦେଇଥିବା ଦେଖାଯାଇଛି। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ଏଥିସହ ଫରେନସିକ ଟିମ୍ ଲୁଟସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହ ଆଙ୍ଗୁଠି ଛାପ ସଂଗ୍ରହ କରିଛନ୍ତି। ତଦନ୍ତ ସମୟରେ ସୁବାସଙ୍କ ଘର ନିକଟରେ ଥିବା ଏକ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରାଯାଇ ତଦନ୍ତ ଚାଲୁ ଚାଲିଥିବା ନେଇ ରଥ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୪୧୦/୨୪ରେ ମାମଲା ରୁଜୁ ହେବା ସହ ଦୁର୍ବୃତ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ରଥ କହିଛନ୍ତି।

# ପୌରପରିଷଦକୁ ୩ ଆବର୍ଜନା ଗାଡ଼ି ପ୍ରଦାନ

ପାରାଦୀପ,୨୫।୭ (ଶରତ ରାଉତ)



ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଆର୍‌ଏଲ (ନୁମାଲିଗଡ ରିଫାଇନାରି ଲିମିଟେଡ୍) ପକ୍ଷରୁ ଗୁରୁବାର ୩ଟି ଆବର୍ଜନା ବୁହା ଗାଡ଼ି ପାରାଦୀପ ପୌରପରିଷଦକୁ ପ୍ରଦାନ କରାଯାଇଛି। କମ୍ପାନୀର ସିଏସ୍‌ଆର ଅଧୀନରେ ଏହି ଗାଡ଼ି ପ୍ରଦାନ କରାଯାଇଛି। ଏହା ବିଜୟଚନ୍ଦ୍ରପୁର ସମେତ ବିଭିନ୍ନ ଶିଳ୍ପ ଓ ପୋର୍ଟ ମଧ୍ୟରୁ ଆବର୍ଜନା ପରିବହନ କରିବ ବୋଲି କୁହାଯାଇଛି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଏନ୍‌ଆରଏଲ ପାରାଦୀପ ଲାଇନ ଜେନେରାଲ ମ୍ୟାନେଜର ଏସ୍.କେ. ହୁସେନ, ପ୍ରକଳ୍ପ ପରିଚାଳକ ବିକାଶ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ଗୋଟିଏ ଗୃହରେ ୫ ଶ୍ରେଣୀ

**କେଉଟକଣ୍ଡିଆ ପ୍ରାଥମିକ ବିଦ୍ୟାଳୟ**

■ ବିଦ୍ୟାଳୟ ସମ୍ମୁଖ ରାସ୍ତା ଛାତ୍ରୀଛାତ୍ରଙ୍କ ପାଇଁ ପାଲଟିଛି ବିପଦ

ଡେରାବିଶ,୨୫।୭ (ବେବର୍ତ୍ତା ଅଜୟ ଦାସ)



ତୃଣମୂଳସ୍ତରରୁ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାମାନ ପ୍ରଣୟନ କରାଯାଇଛି। ମାତ୍ର ଏବେ ବି ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ ନ ଥିବା ଯୋଗୁ ବାରଣ୍ଡା ଓ ଗୋଟିଏ ଗୃହରେ ୫ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ। ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର କେଉଟକଣ୍ଡିଆ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ସମସ୍ୟା ଘେର ଭିତରେ ରହିଛି। ଆବଶ୍ୟକ ଶ୍ରେଣୀ ଗୃହ ନ ଥିବା ବେଳେ ଅସରାଏ ବର୍ଷା ହେଲେ ବିଦ୍ୟାଳୟକୁ ଯାଇଥିବା ରାସ୍ତା ପିଲାମାନଙ୍କ ପାଇଁ ବିପଦ ପାଲଟିଯାଏ।

୧୯୭୫ରେ ସ୍ଥାପିତ ଏହି ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ୫ଟି ଶ୍ରେଣୀ ଚାଲିଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୩ ରହିଛି। ସେମାନଙ୍କ ଶିକ୍ଷାଦାନ ପାଇଁ ୨ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ମାତ୍ର ଶ୍ରେଣୀ ଗୃହ ଅଭାବ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ମିତ ଗୋଟିଏ ଗୃହରେ ଓ ବାରଣ୍ଡାରେ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ କରୁଛନ୍ତି। ଯେଉଁଥିପାଇଁ ଶିକ୍ଷାଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ଯାହାକୁ ନେଇ ଅଭିଭାବକ ଓ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ଗୃହ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ବ୍ଲକ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ନିକଟରେ ଦାବି ହୋଇ ଆସୁଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟକାନ୍ତ ସେଠୀ କହିଛନ୍ତି। ସୂର୍ଯ୍ୟକାନ୍ତଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ହେବ ଏକ ଅର୍ଦ୍ଧନିର୍ମିତ ଗୃହକୁ ସମ୍ପୂର୍ଣ୍ଣ କରିବାକୁ ବିଡିଓଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଛି। ସେହିପରି ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ରୋଷେଇ ଘର ନ ଥିବାରୁ ଭଙ୍ଗା ଆଜ୍‌ବେଷ୍ଟସ ପକାଯାଇ ବର୍ତ୍ତମାନ ଭୋଜନ ପ୍ରସ୍ତୁତ ହେଉଛି। ବେଳେବେଳେ ଶ୍ରେଣୀ ଗୃହରେ ପିଲାଙ୍କୁ ଖାଦ୍ୟ ପରିବେଷଣ କରାଯାଉଥିବା ଗ୍ରାମର ପ୍ରଦୀପ୍ତ କୁମାର ସେଠୀ କହିଛନ୍ତି। ପ୍ରଦୀପ୍ତଙ୍କ କହିବା ଅନୁଯାୟୀ, ୩ବର୍ଷ ତଳେ ପିଲାଙ୍କ ପାଇଁ ନିର୍ମିତ ହୋଇଥିବା ଶୌଚାଳୟ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ଶୌଚାଳୟ କାମ କରିବା ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକାଦର ଅର୍ଦ୍ଧନିର୍ମିତ ଅବସ୍ଥାରେ ଛାଡ଼ି ପଳାଇଛନ୍ତି। ବିଦ୍ୟାଳୟକୁ ସଂଯୋଗ କରିଥିବା ରାସ୍ତାଟି ବିପଦପୂର୍ଣ୍ଣ ଥିବାବେଳେ ଏହି ବର୍ଷାରେ କର୍ଦ୍ଦମାକ୍ତ ହୋଇ ପଡୁଥିବାରୁ ପିଲାମାନେ ପଡ଼ି ଆହତ ହେବାର ନଜିର ମଧ୍ୟ ରହିଛି। ଗୁରୁବାର ୨ ଛାତ୍ର ଏହି ରାସ୍ତାରେ ପଡ଼ି ନିଜ ପୋଷାକ କାଦୁଅ ହୋଇଯାଇଥିବାରୁ ଖାଲି ଦେହରେ ପାଠ ପଢୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରୁ ବିଦ୍ୟାଳୟ ରାସ୍ତା ଓ ଗୃହ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଦିଆଯାଇଛି। ଏହି କାମ କିପରି ଶୀଘ୍ର ହୋଇପାରିବ ସେ ନେଇ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗୋପାଳପୁର-ସମ୍ବଲପୁର ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ଦାବି



ପୋଲସରା, ୨୫।୭(ସୁବ୍ରତ ବେହେରା) ଚଳିତ ଲୋକ ସଭା ଅଧିବେଶନ ଅବସରରେ ଗୋପାଳପୁର- ସମ୍ବଲପୁର ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ ଦାବି ଉପସ୍ଥାପନ କରିଛନ୍ତି। ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡିଶାକୁ ସଂଯୋଗ କରିବାକୁ ଥିବା ଦୀର୍ଘ ଦିନର ପ୍ରସ୍ତାବିତ ଏହି ପ୍ରକଳ୍ପ ପାଇଁ ଫାଇନାଲ ଲୋକେଶନ ସର୍ଭେ ଏବଂ ଜମି ଚିହ୍ନଟ ସରିଥିଲେ ମଧ୍ୟ କିଛି ଆନୁଷଙ୍ଗିକ କାରଣ ପାଇଁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି। ସେ ସବୁର ସମାଧାନ କରି ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏମ୍‌ପି କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ଦାବି କରିବା ସହିତ ଖଲ୍ଲିକୋଟଠାରେ ବେଙ୍ଗାଲୁରୁ ଏବଂ ସାଲିମାର ଏକ୍ସପ୍ରେସ ଟ୍ରେନ୍‌ର ରହଣି ବ୍ୟବସ୍ଥା ପାଇଁ ଦାବି କରିଛନ୍ତି।

### ଦ୍ୱିତୀୟ ବିବାହ ପାଇଁ ସ୍ୱାମୀଙ୍କ ଉଦ୍ୟମ, ସ୍ତ୍ରୀ ଏସ୍‌ପିଙ୍କୁ ଫେରାଦ

ଫୁଲବାଣୀ, ୨୫।୭(ରାକେଶ କୁମାର ରାଉତ) ଜଣଙ୍କୁ ବିବାହ କରି ୫ ବର୍ଷ ଦାମ୍ପତ୍ୟ ଜୀବନ ଅତିବାହିତ କରିବା ପରେ ଏବେ ସ୍ୱାମୀ ଦ୍ୱିତୀୟ ବିବାଦ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏ ନେଇ ସ୍ତ୍ରୀ ଥାନାରେ ଅଭିଯୋଗ କଲେ ମଧ୍ୟ ପୁଲିସ ପଦକ୍ଷେପ ନେଉନାହିଁ। ତେଣୁ ବାଧ ହୋଇ ମହିଳା ଜଣକ ଏସପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ଟିକାବାଲି ଥାନା ଅଞ୍ଚଳର ବେରମିତା ଦିଗାଲ ୨୦୧୯ରେ ବ୍ରହ୍ମାନନ୍ଦ ପ୍ରଧାନଙ୍କୁ ପ୍ରେମ ବିବାହ କରିଥିଲେ। ୫ ବର୍ଷ ବୈବାହିକ ଜୀବନ ପରେ ଗତ କିଛି ମାସ ହେଲା ବ୍ରହ୍ମାନନ୍ଦ ଅଲଗା ରହିବା ଆରମ୍ଭ କରିଛନ୍ତି। ସେ ରାଇକିଆ ଅଞ୍ଚଳର ଜଣେିକା ଝିଅକୁ ଦ୍ୱିତୀୟ ବିବାହ କରିବା ପାଇଁ ଉଦ୍ୟମ କରୁଥିବା ବେରମିତା ଟିକାବାଲି ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଘଟଣାର ସମାଧାନ ପାଇଁ ବ୍ରହ୍ମାନନ୍ଦଙ୍କୁ ଡକାଇ ଥିଲେ ମଧ୍ୟ ବ୍ରହ୍ମାନନ୍ଦ ବେରମିତାଙ୍କୁ ଚିହ୍ନି ନ ଥିବା କହିଥିଲେ। ତେଣୁ ବାଧ ହୋଇ ବେରମିତା ଏସପିଙ୍କୁ ଭେଟି ନ୍ୟାୟ ପାଇଁ ନିବେଦନ କରିଛନ୍ତି। ଟିକାବାଲି ଥାନା ଅଧିକାରୀ କଲ୍ୟାଣମୟୀ ଷେଣ୍ଢ଼ କହିଛନ୍ତି ଏହା ଏକ ପାରିବାରିକ ଝଗଡ଼ା ଜନିତ ଘଟଣା। କାଉନସେଲିଂ ମାଧ୍ୟମରେ ଏହାର ସମାଧାନ କରାଯିବ।

### ଗଞ୍ଜେଇ ଚାଲାଣ ମାମଲା, ଅଭିଯୁକ୍ତ ଖଲାସ

ଆସିକା ୨୫।୭ (ସୁରେନ୍ଦ୍ର ନାଥ ସାହୁ): ଆସିକା ଅତିରିକ୍ତ ଜିଲାଜଜ୍ ପ୍ରବୀର କୁମାର ଚୌଧୁରୀ ଏକ ବେଆଇନ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ସେ ହେଲେ ବଡଗଡ ଥାନା ଅନ୍ତର୍ଗତ ବଡଟିକିଲି ଗ୍ରାମର ପ୍ରମୋଦ କୁମାର ନାୟକ। ୨୦୨୩ ମେ' ୧୨ ତାରିଖରେ ଏକ ଅଟୋରେ ୧୫୦ କେଜି ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଧରା ପଡ଼ିଥିଲେ। ଏହି ମାମଲାରେ ମୋଟ ୩ଜଣ ସାକ୍ଷୀ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଥିଲେ । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶରତେନ୍ଦୁ ପଣ୍ଡା ମାମଲା ଲଢ଼ୁଥିଲେ ।

### ମହିଳା ସରପଞ୍ଚଙ୍କୁ ହତ୍ୟା ଧମକ

ଭଞ୍ଜନଗର, ୨୫।୭(ବାବୁଲା ପ୍ରଧାନ):

ସୋରଡ଼ା ବ୍ଲକ ହିଞ୍ଜିଳକୁଦା ବିଜେଡି ସମର୍ଥିତ ମହିଳା ସରପଞ୍ଚ ବବିତା ନାୟକଙ୍କୁ ଗତ ୨୦ ତରିଖରେ ହତ୍ୟା ଧମକ ହୋଇଥିଲା । ଏନେଇ ବବିତା ଗତ ୨୨ ତାରିଖରେ ବିଭିନ୍ନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲେ। କାର୍ଯ୍ୟାନୁଷ୍ଠନରେ ଶିଥିଳତା ନେଇ ବିଜେଡି ଶିବିରରେ ଅସନ୍ତୋଷ ବଢ଼ିଥିଲା। ବୁଧବାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଘଟଣାକୁ ଗୁରୁତର ସହ ନେଇ କିଛି ଅଧିକାରୀଙ୍କୁ ଭେଟି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ଅପରପକ୍ଷେ ଭାଜପା ପକ୍ଷରୁ ଘଟଣାକୁ ଖଣ୍ଡନ କରାଯିବା ସହ ଗୁରୁବାର ସୋରଡ଼ା ଥାନାରେ ପାଲଟା ଅଭିଯୋଗ କରାଯାଇଛି। ଆଗାମୀ ଦିନରେ ପୋଲିସ ଉକ୍ତ ବିବାଦକୁ ଠିକ ଭାବେ ଯଦି ପରିଚାଳନା କରିନପାରିବ ତେବେ ତାହା ଉଗ୍ରରୂପ ନେବାର ସମ୍ଭାବନା ରହିଛି।

# ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି

ଦାରିଙ୍ଗବାଡି, ୨୫।୭(ଅରୁଣ ସାହୁ)

**ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟ ବୈଠକ**



ଦାରିଙ୍ଗବାଡ଼ି ବ୍ଲକ ସଭାଗୃହଠାରେ ଗୁରୁବାର ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟର ବୈଠକ ଏହାର ଅଧ୍ୟକ୍ଷ ତଥା ବାଲିଗୁଡ଼ା ଉପଜିଲାପାଳ ଡ. ରୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ର ବୈଠକରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବୈଠକରେ ଦାରିଙ୍ଗବାଡି ହିଲ୍‌ଭ୍ୟୁ ସମେତ ଢୁଲୁରୀ ପାଇନବଣ, ମିଡିଯୁବାନ୍ଧା ଜଳପ୍ରପାତ ଓ ଅନ୍ୟ ପର୍ଯ୍ୟଟନକ୍ଷେତ୍ରର ବିକାଶ ପାଇଁ ଆଲୋଚନା କରାଯାଇଥିଲା। ବିଶେଷ କରି ହିଲଭ୍ୟୁ ପାର୍କର ଶିଶୁ ଉଦ୍ୟାନରେ ଦୀର୍ଘ ଦିନ ହେଲା ଟୟ ଟ୍ରେନ୍ ଅଚଳ ହୋଇପଡ଼ିଥିବାରୁ ଶିଶୁ ପର୍ଯ୍ୟଟକ ଆଉ ପାର୍କକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି, ତେଣୁ ୧୦ ଲକ୍ଷ ଟଙ୍କା ବିନିମୟରେ ନୂତନ ଟୟ ଟ୍ରେନ୍ କିଣାଯିବ ଓ ଆସନ୍ତା ୧୫ ତାରିଖ ପୂର୍ବରୁ ତାକୁ କାର୍ଯ୍ୟକ୍ଷମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ଆସନ୍ତା ୨ ମାସ ମଧ୍ୟରେ ୱାଚ୍ ଟାୱାର ନିର୍ମାଣ କାର୍ଯ୍ୟ ଶେଷ କରାଯିବା ସହ ହିଲଭ୍ୟୁ ପାର୍କ ପରିସରରେ ବନ୍ଦ ରହିଥିବା ଜନଜାତି ସଂଗ୍ରହାଳୟକୁ ପୁନରୁଦ୍ଧାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଢୁଲୁରୀ ପାଇନବଣର ସୌନ୍ଦର୍ଯ୍ୟ ଓ ଉନ୍ନୟନ କାର୍ଯ୍ୟକୁ ଅଗଷ୍ଟ ଶେଷ ସୁଦ୍ଧା ସାରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଗଦାଥିବା ନେଇ ସରପଞ୍ଚ ଚନ୍ଦ୍ରିକା ମଲିକ ଓ ଅନ୍ୟମାନେ ଅଭିଯୋଗ କରିବା ଉପରେ ଉପଜିଲାପାଳ ଗୁରୁତ୍ୱ ଦେବାସହ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଜମି ଯୋଗାଇଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟକଙ୍କ ମୌଳିକ ସୁବିଧା ପାଇଁ ଗୋଷ୍ଠୀ ଶୌଚାଳୟ, ପିଇବା ପାଣି, ବିଶ୍ରାମ ପାଇଁ କଂକ୍ରିଟ ଚୌକି ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ଉଠା ଦୋକାନୀଙ୍କୁ ଜାତୀୟରାଜପଥରୁ ଉଚ୍ଛେଦ କରି ବସ୍‌ଷ୍ଟାଣ୍ଡ ନିକଟ ଭେଣ୍ଡିଂ ଜୋନ୍‌ରେ ଥଇଥାନ ଏବଂ ମାଂସ, ମାଛ ଦୋକାନୀଙ୍କୁ ଅନ୍ୟତ୍ର ଥଇଥାନ କରାଯିବାକୁ ଆଲୋଚନା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଆଇଆଇସି ଆନନ୍ଦ ଚନ୍ଦ୍ର ଦଣ୍ଡପାଠ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଠ, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ବଣିକ ସଂଘ ସଭାପତି ଲଡୁ କିଶୋର ସାହୁ, ସମ୍ପାଦକ ଦିଲୀପ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ଜିଲାପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ମହିଳା ମହାସଂଘର ସଭାନେତ୍ରୀ ସୁଷମା ସିଂ, ରଞ୍ଜନ ସିଂ, ହୋଟେଲ ସଂଘର ଗିରିଶଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନାଏବ ସରପଞ୍ଚ ସମ୍ଭାଳିବେ ସରପଞ୍ଚଙ୍କ ଦାୟିତ୍ୱ

ଚାନ୍ଦିପୁଟ, ୨୫।୭(କେ ପ୍ରମୋଦ କୁମାର ଦୋରା)

ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଗୁରୁବାର ବିଧବଦ୍ଧ ଭାବେ ନାଏବ ସରପଞ୍ଚ ସମ୍ପଦ ନାୟକ ସରପଞ୍ଚ ଦାୟିତ୍ୱ ନେଇଛନ୍ତି। ୨୦୨୨ ମସିହାରେ ନିର୍ବାଚନରେ ସରପଞ୍ଚ କନକ ଲତା ପାଲ୍ ନିର୍ବାଚିତ ହୋଇ ସରପଞ୍ଚ ହୋଇଥିଲେ। କିନ୍ତୁ ତାହାଙ୍କ ନିକଟ ପ୍ରତିଦ୍ୱନ୍ଦୀ ଲଳିତା ବଡ଼ରଇତ କନକଲତା ପାଲ୍‌ଙ୍କ ବିରୁଦ୍ଧରେ ଶିକ୍ଷାଗତ ମିଥ୍ୟା ପ୍ରମାଣ ପତ୍ର ଦାଖଲ କରିବା ଅଭିଯୋଗରେ ପ୍ରଥମ ଶ୍ରେଣୀ ଦେୱାନୀ ଅଦାଲତଙ୍କ ଠାରେ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ୭ ତାରିଖରେ ମୋହନା ପ୍ରଥମ ଶ୍ରେଣୀ ଦେୱାନି ଅଦାଲତ କନକଲତା ପାଲ୍‌ଙ୍କୁ ଅଯୋଗ୍ୟ ଘୋଷିତ କରି ପୁନର୍ବାର ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀଙ୍କୁ ସୁଚାଇଥିଲେ। ଗତ ଜୁଲାଇ ୧୨ ତାରିଖରେ ଗଜପତି ଜିଲାପାଳ ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ ପାଇଁ ଚିଠି ନଂ ୪୬୮ ପ୍ରକାରେ ଗୁରୁବାର ନାଏବ ସରପଞ୍ଚ ସମ୍ପଡ ନାୟକ ଦାୟିତ୍ୱ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଷୀୟ ମଣ୍ଡଳଙ୍କଠାରୁ ଗ୍ରହଣ କରିଥିଲେ।

# ବ୍ରାହ୍ମଣୀଗାଁକୁ ବ୍ଲକ୍ ମାନ୍ୟତା ଦାବି

ଦାରିଙ୍ଗବାଡି, ୨୫।୭(ଅରୁଣ ସାହୁ)



ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଅଞ୍ଚଳକୁ ବ୍ଲକ ଭାବେ ଘୋଷଣା କରାଯିବାକୁ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଦାବି କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ବୁଧବାର ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଥିବା କଂଗ୍ରେସର ଯୁବ ଜିଲା ସଭାପତି ଚନ୍ଦନ ପଣ୍ଡା କହିଛନ୍ତି। ଦୀର୍ଘ ବର୍ଷ ଧରି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଆଠଟି ପଞ୍ଚାୟତକୁ ନେଇ ବ୍ଲକ କରାଯିବାକୁ ଅଞ୍ଚଳବାସୀ ଦାବି କରିଆସୁଥିଲେ। କିନ୍ତୁ କୌଣସି ସମୟରେ ଏହାକୁ ଘୋଷଣା କରାଯାଇପାରିନାହିଁ। ତେବେ କଂଗ୍ରେସର ବିଧାୟକ ଦାରିଙ୍ଗବାଡ଼ି ଗସ୍ତରେ ଯିବା ସମୟରେ ବ୍ରାହ୍ମଣୀଗାଁ ଅଞ୍ଚଳବାସୀ ପକ୍ଷରୁ ତାଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ମଧ୍ୟ ବ୍ରାହ୍ମଣୀଗାଁବାସୀ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

# ଦୋଳବନ୍ଧର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ପାଇଁ ଦାବିପତ୍ର



ପାରଳାଖେମୁଣ୍ଡି, ୨୫।୭ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ୧୫ ନମ୍ବର ୱାର୍ଡ଼ସ୍ଥିତ ଦୋଳବନ୍ଧର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଦୋଳବନ୍ଧ ଉନ୍ନୟନ କମିଟି ପକ୍ଷରୁ ପୋର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲିପିନା ଦାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦୋଳବନ୍ଧ ଉନ୍ନୟନ କମିଟି ୨୦୦୩ରୁ ଦୋଳବନ୍ଧର ସଫା ସୁତୁରା ସହ ଉନ୍ନତି ନିମନ୍ତେ ୨୦୧୮ ପର୍ଯ୍ୟନ୍ତ ବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇ ଆସୁଥିଲା। ପରବର୍ତ୍ତୀ ସମୟରେ ଉନ୍ନୟନ କମିଟିକୁ ପୌର ପରିଷଦ ପକ୍ଷରୁ ଅଣଦେଖା କରାଯିବା ସହ କୌଣସି କାର୍ଯ୍ୟରେ ସାମିଲ କରା ନ ଯାଇ ସମ୍ପୂର୍ଣ୍ଣ ଦୂରେଇ ଦିଆଗଲା। ପୌର ପରିଷଦ ତରଫରୁ ଦୋଳବନ୍ଧର ନବୀକରଣ ଓ ସୌନ୍ଦର୍ଯ୍ୟକରଣ ନାମରେ ବହୁ ଟଙ୍କା ବ୍ୟୟ ପରେ ମଧ୍ୟ ତା'ର ଠିକ ଉପଯୋଗ ହୋଇପାରଲା ନାହିଁ। ବର୍ତ୍ତମାନ ଦୋଳବନ୍ଧଟି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଫଳରେ ଗଭୀର ପୋଖରୀଟି ପୋତି ହୋଇ ଜଳ ସଂରକ୍ଷଣ ହୋଇପାରୁ ନାହିଁ। ଅନାବନା ବୃକ୍ଷଗୁଡିକ ଉଠିଯାଇଛି। ତେଣୁ ବନ୍ଧଟିର ସଠିକ ରକ୍ଷଣାବେକ୍ଷଣ କରାଯିବା ପାଇଁ କମିଟିର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ବିନୋଦ ଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ଦୋଳବନ୍ଧ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଚାଷୀ ମୃତ

ଖଜୁରିପଡା, ୨୫।୭(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ସଦର ଥାନା ଅନ୍ତର୍ଗତ ରାଣୀପଥର ଗ୍ରାମର ଚାଷୀ ଚମ୍ପେଶ୍ୱର ବେହେରା (୪୬)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ବୁଧବାର ରାତି ୨ଟାରେ ଶୌଚ ପାଇଁ ନିଜ ଘର ବାରିପଟେ ଶୌଚାଳୟକୁ ଯାଇଥିଲେ। ହେଲେ ବର୍ଷା ଲାଗି ରହିଥିବାରୁ ସେଠାର ଏକ ବିଷଧର ସାପ ଥିଲା, କବାଟ ଖୋଲୁ ଖୋଲୁ ଚମ୍ପେଶ୍ୱରଙ୍କୁ କାମୁଡ଼ି ଦେଇଥିଲା। ପାଟି କରିବାରୁ ଘର ଲୋକେ ଆସି ସଙ୍ଗେ ସଙ୍ଗେ ସୁଦ୍ରୁକୁମ୍ପା ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ୩ ଶିକ୍ଷକରେ ଚାଲିଛି ୧୫୯ ଛାତ୍ରୀଛାତ୍ରଙ୍କ ପାଠପଢ଼ା

ଖଜୁରିପଡ଼ା, ୨୫।୭(ବିଦୁର ବେହେରା)

ଶିକ୍ଷା ବ୍ୟବସ୍ଥାର ଆଉ ଏକ ବିପର୍ଯ୍ୟୟ ଅବସ୍ଥା ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଆଡ଼ାଶିପଡ଼ା ପଞ୍ଚାୟତର ପୁଡୁନି ସୁଗା ସରକାରୀ ଆଶ୍ରମ ବିଦ୍ୟାଳୟରେ। ଏହି ଆଶ୍ରମ ବିଦ୍ୟାଳୟଟି ୧୯୪୭ ମସିହାରେ ସ୍ଥାପିତ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଓଡ଼ିଶା ଦ୍ୱାରା ପରିଚାଳିତ ହେଉଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଉଛି। ୧୫୯ ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଏବଂ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ପାଠ ପଢ଼ାଉଛନ୍ତି । ବିଦ୍ୟାଳୟରେ ଅନ୍ୟୂନ ୮ ଜଣ ଶିକ୍ଷକ ରହିବା କଥା କିନ୍ତୁ ୨ ଜଣ ଶିକ୍ଷକରେ ବିଦ୍ୟାଳୟ ଚଳାଇବାକୁ ପଡୁଛି। ବିଜ୍ଞାନ, ଗଣିତ, ହିନ୍ଦୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ହଷ୍ଟେଲ ରହିଛି କିନ୍ତୁ ପିଲାମାନଙ୍କ ଦାୟିତ୍ୱ ନେବାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ପ୍ରଧାନ ଶିକ୍ଷୟିତ୍ରୀ ବିଜୁ ଲତା ପ୍ରଧାନ କହିଛନ୍ତି। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ରବି ମିଶ୍ରଙ୍କୁ ପଚାରିବାରୁ ରାଜ୍ୟରେ ଏଭଳି ଶିକ୍ଷକ ସମସ୍ୟା ଅଛି, ରାଜ୍ୟ ସରକାର ଏହାର ତଥ୍ୟ ମାଗିଛନ୍ତି। ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ପୂରଣ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପାଠଚକ୍ର

ଜି.ଉଦୟଗିରି, ୨୫।୭(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ 'ଛ' ମାଣ ଆଠ ଗୁଣ୍ଠ'ରେ ଚରିତ୍ର ଚିତ୍ରଣଗତ ବିଶେଷତ୍ୱ ଶୀର୍ଷକ ଏକ ଆଲୋଚନା ଚକ୍ର ବିଭାଗ ମୁଖ୍ୟ ଅଧ୍ୟାପିକା ସୁପ୍ରିୟା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ସୁଧାଂଶୁ ମେହେର ଯୋଗଦେଇଥିଲେ। ଅଧ୍ୟାପିକା ସବିତା ଟୁଡୁଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ସନ୍ଦର୍ଭ ତୃତୀୟ ବର୍ଷ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ପାଠ କରିଥିଲେ। ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ, ଅଧ୍ୟାପିକା ମାମିନା ଦାସ ଆଲୋଚନାରେ ଅଂଶ ଗ୍ରହଣ କରି ଛ' ମାଣ ଆଠ ଗୁଣ୍ଠ ଉପନ୍ୟାସର ପ୍ରତ୍ୟେକ ଚରିତ୍ରକୁ ଫକୀର ମୋହନ ସେନାପତି କିପରି ସଫଳତାର ସହିତ ବର୍ଣ୍ଣନା କରି ନିଜର ଲେଖକୀୟ ପାରଦର୍ଶିତାକୁ ପ୍ରମାଣିତ କରିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ତଥା ବିଭାଗ ମୁଖ୍ୟ ଅଧ୍ୟାପିକା ସୁପ୍ରିୟା ମହାନ୍ତ, ଅଧ୍ୟାପିକା ସବିତା ଟୁଡୁ, ଅଧ୍ୟାପକ ରୂପବନ୍ତ ଭୋଇ, ଅଧ୍ୟାପକ ସୌରଭ ସୁନ୍ଦର ପଧାନ, ଅଧ୍ୟାପିକା ଝୁନୁମା ପ୍ରଧାନ, ଅଧ୍ୟାପିକା ସରିତା ମିଶ୍ର, ଛାତ୍ରୀ ସାନିଆ ନାୟକ, ଶୁଭସ୍ମିତା ପ୍ରଧାନ ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଦ୍ୱିତୀୟ ବର୍ଷ ଛାତ୍ର ଅଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କୋର୍ଟ ନିର୍ଦ୍ଦେଶ ପରେ ବି କ୍ଷତିପୂରଣ ଦେଉନି ଟାଟାପାୱାର

କ.ନୂଆଗାଁ, ୨୫।୭(କାଳୀ ପ୍ରସାଦ ତ୍ରିପାଠୀ)

ଉପଭୋକ୍ତାଙ୍କୁ ମନଇଚ୍ଛା ବିଦ୍ୟୁତ୍ ବିଲ୍ ଦେବା ଓ ଅଭିଯୋଗ କଲେ ଟାଟା ପାୱାରର ବିଭାଗୀୟ ଅଧିକାରୀମାନେ ଉପଭୋକ୍ତାଙ୍କୁ ଧମକ ଦେବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଉପଭୋକ୍ତାମାନେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ମାମଲାର ବିଚାର କରି ଏକ ମାସ ଭିତରେ ଉପଭୋକ୍ତାଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶକୁ ୧୦ ମାସ ବିତିଯାଇଥିଲେ ମଧ୍ୟ ଏଯାଏ ଉପଭୋକ୍ତାଙ୍କୁ କ୍ଷତିପୂରଣ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ବାଲିଗୁଡ଼ା ଡିଭିଜନର କ.ନୂଆଗାଁ ଗ୍ରାମର ସମୀର ପାଣିଗ୍ରାହୀ ୨୦୧୯ରୁ କ.ନୂଆଗାଁ ବଜାରରେ ଥିବା ଏକ ଦୋକାନ ଘରକୁ ବିଦ୍ୟୁତ୍ ସଂଯୋଗ କରିଥିଲେ। ୨୦୨୩ ଫେବୃଆରୀରେ ୩୪ ହଜାର ୬୫୪ ଟଙ୍କା ବିଦ୍ୟୁତ୍ ବିଲ୍ ଆସିବା ଦେଖି ଚକିତ ହୋଇପଡ଼ିଥିଲେ ସମୀର। ଏନେଇ ସେ ବାଲିଗୁଡ଼ା ଟାଟା ପାୱାର ଅଫିସକୁ ଯାଇ ଅଧିକାରୀଙ୍କୁ ଅବଗତ କରାଇଥିଲେ। କିନ୍ତୁ ଅଧିକାରୀ ତାଙ୍କୁ ଧମକାଇ ଯାହା ବିଲ୍ ଆସିଛି ତାହା ପଇଠ କରିବାକୁ ପଡ଼ିବ ନଚେତ୍ ତୁମ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ। ଏନେଇ ସମୀର ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାର କରି ଖାଉଟି ଅଦାଲତ ୦୩।୧୦।୨୦୨୩ ରେ ମାମଲାର ଶୁଣାଣି କରି ଉପଭୋକ୍ତାଙ୍କ ୩୪ହଜାର ୬୫୪ ଟଙ୍କାର ସେହି ବିଲ୍‌କୁ ରଦ୍ଦ କରିବା ସହ ଉପଭୋକ୍ତାଙ୍କୁ ନିର୍ଯାତନା ଦେବା ବାବଦକୁ ୨୦ ହଜାର ଟଙ୍କା ଏବଂ ମକଦ୍ଦମା ବାବଦକୁ ୫ ହଜାର ଟଙ୍କା ୧୨ ପ୍ରତିଶତ ସୁଧ ସହ ୩୦ ଦିନ ମଧ୍ୟରେ ଫେରାଇବାକୁ କୋର୍ଟ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏଯାବତ୍ ଉପଭୋକ୍ତା କ୍ଷତିପୂରଣ ପାଇବାରୁ ବଞ୍ଚିତ ଅଛନ୍ତି । ଫଳରେ ଉପଭୋକ୍ତା ପୁଣିଥରେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ



ମୋହନା, ୨୫।୭(ମନ୍ମଥ ମିଶ୍ର):

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବାଘମାରି ପଞ୍ଚାୟତର ଶିକୁଲିପଦର ଗାଁ ନିକଟରୁ ୫ କ୍ୱିଣ୍ଟାଲ ଗଞ୍ଜେଇ ସହ ଏକ କାର ଓ ବାଇକ ଜବତ କରିଥିବା ବେଳେ ୪ଜଣଙ୍କୁ ଗିରଫ କରିଛି ମୋହନା ପୋଲିସ। ଗୁରୁବାର ମୋହନା ପୋଲିସ ଟିମ ଓ ଚନ୍ଦ୍ରଗିରି ଫାଣ୍ଡି ଟିମର ମିଳିତ ଭାବେ ପାଟ୍ରୋଲିଂ କରୁଥିବା ସମୟରେ ବାଘମାରି ପଞ୍ଚାୟତର ଶିକୁଳି ପଦର ଗାଁ ନିକଟରୁ ଏକ କାରକୁ ଅଟକାଇ ଯାଞ୍ଚ କରିବାରେ ସେଥିରୁ ବିପୁଳ ପରିମାଣର ଗଞ୍ଜେଇ ବାହାରିଥିଲା। ଉକ୍ତ କାର ସହ ଏସକର୍ଟରେ ଯାଉଥିବା ଏକ ବାଇକ ମଧ୍ୟ ଅଟକ ରଖିଥିଲା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ କାହ୍ନୁଚରଣ ଭୁଆଁ, ଯୁଗୁନୁ ବିଷୋୟୀ, ଲୋକା ମାଝୀ, ସଞ୍ଜୟ ସ୍ୱାଇଁ। ଜବତ ଗଞ୍ଜେଇକୁ ମୋହନା ତହସିଲଦାର ସତ୍ୟବାନ୍ ନାୟକଙ୍କ ଉପସ୍ଥିତିରେ ଓଜନ କରିବାରେ ୫ କ୍ୱିଣ୍ଟାଲ ବୋଲି ଜଣାପଡିଥିଲା, ଯାହାର ବଜାର ମୂଲ୍ୟ ୫୦ଲକ୍ଷ ବୋଲି ମୋହନା ପୋଲିସ ପକ୍ଷରୁ ସୂଚନା ମିଳିଛି।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ୱଚ୍ଛସାଥୀଙ୍କ ଦାବିପତ୍ର

ବେଲଗୁଣ୍ଠା, ୨୫।୭(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ଆଠ ଦଫା ଦାବି ନେଇ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର ସ୍ୱଚ୍ଛ ସାଥୀଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ବର୍ଦ୍ଧିତ ଦରମା ଦାନ, ସମସ୍ତ ସ୍ୱଚ୍ଛସାଥୀ ଏବଂ ସୁପରଭାଇଜରଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ପ୍ରଦାନ, ସରକାରୀ କର୍ମଚାରୀଙ୍କ ପରି ସରକାରୀ ଛୁଟି ଦିନରେ ସବୈତନିକ ଛୁଟି ପ୍ରଦାନ, ୟୁଜର୍ସ ଫି ଦେୟ ସଂଗ୍ରହରୁ ସ୍ୱଚ୍ଛ ସାଥୀ ଏବଂ ସୁପରଭାଇଜରଙ୍କ ମାସିକ ଦରମାର ପୃଥକୀକରଣ, ସ୍ୱଚ୍ଛ ସାଥୀ ଏବଂ ସୁପରଭାଇଜରଙ୍କୁ ବୀମା ଭୁକ୍ତ କରିବା ସହିତ ସାମାଜିକ ସୁରକ୍ଷା ଏବଂ ୟୁନିଫର୍ମ୍ ପ୍ରଦାନ, ସ୍ୱଚ୍ଛ ସାଥୀ ଏବଂ ସୁପରଭାଇଜରଙ୍କୁ ସବୈତନିକ ପ୍ରସୂତୀକାଳୀନ ଛଅ ମାସ ଛୁଟି ପ୍ରଦାନ ଆଦି ଉଲ୍ଲେଖ ରହିଛି। ଗୁରୁବାର ସ୍ୱଚ୍ଛସାଥୀ ସୁପରଭାଇଜର ପାୟଲ କୁମାରୀ ମହାପାତ୍ରଙ୍କ ନେତୃତ୍ୱରେ ସ୍ୱଚ୍ଛସାଥୀ ମିନତୀ ମହାରଣା, ରଞ୍ଜୁଲତା ସାହୁ, ଅଞ୍ଜଳି ରାଉତ ଏବଂ ରାଜଲକ୍ଷ୍ମୀ ପାଳ ପ୍ରମୁଖ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

# ନିଷ୍କାସନ ହୋଇପାରୁନି ବର୍ଷା ଜଳ




ଗଞ୍ଜାମ, ୨୫।୭(ବିଦ୍ୟାଧର ସାହୁ) ଗଞ୍ଜାମ ଏନ୍‌ଏସିରେ ଡ୍ରେନେଜ ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି। ବିଭିନ୍ନ ୱାର୍ଡର ଡ୍ରେନ୍‌ଗୁଡିକ ଠିକ୍ ନ ଥିବା ଯୋଗୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଗତ ଦୁଇଦିନ ଧରି ଲଗାଣ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ଉକ୍ତ ଜଳ ଜମି ରହିଥିବା ଦେଖିବାକୁ ମିଳିଛି। ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଜନସାଧାରଣ ସେହି ମଇଳା ପାଣିରେ ଯିବା ଆସିବା କରୁଛନ୍ତି। ରଘୁନାଥ ସାହି, ମଧ୍ୟଖଣ୍ଡ ସାହି, ପୁଇଁତୋଳାରେ ବର୍ଷା ଜଳ ଲହଡି ଭାଙ୍ଗୁଥିବା ଦେଖିବାକୁ ମିଳିଛି। ଉକ୍ତ ବର୍ଷା ଜଳ ନିଷ୍କାସିତ ହେବା ଲାଗି କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ, କେବଳ ଲଗାତର ଏକ ସପ୍ତାହରୁ ଉର୍ଦ୍ଧ୍ୱ ଖରା ହେଲେ ହିଁ ସେହି ଜଳ ଶୁଖିବ ବୋଲି ଅନୁମାନ କରାଯାଉଛି। ସହରର ମୁଖ୍ୟ ଡ୍ରେନ ସମସ୍ୟା ନ କହିଲେ ଭଲ। ପ୍ରତି ବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସଫା କରାଯାଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇ ନପାରିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟିହେଉଛି। ଯୁଦ୍ଧକାଳୀନଭିତ୍ତିରେ ସମସ୍ତ ଡ୍ରେନ୍‌ର ସ୍ଥାୟୀ ସମାଧାନ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ନଦୀରୁ ଜବତ

ପାତ୍ରପୁର, ୨୫।୭ (ଉମା ଚରଣ ନେପାକ):

ଜରଡ଼ା ଥାନା ତୁମ୍ବା ପଞ୍ଚାୟତ ସିଲେଇଶିଙ୍ଗି ଗ୍ରାମରୁ ନିଖୋଜ ଥିବା କାଳିଆ ଶବରଙ୍କ ମୃତଦେହ ଗୁରୁବାର ମହେନ୍ଦ୍ରତନୟା ନଦୀରୁ ଜବତ ହୋଇଛି। କାଳିଆ ଗତ ମଙ୍ଗଳବାର ସକାଳେ ବୁରସାହି ନିକଟ ଜମିକୁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନ ଥିଲା। ଗୁରୁବାର ଗ୍ରାମଠାରୁ ନିକଟ ମହେନ୍ଦ୍ରତନୟା ନଦୀରେ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ସହ ତୁମ୍ବା ଫାଣ୍ଡିକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଛ' ମାସ ନ ପୂରୁଣୁ ଭାଙ୍ଗିଲା ଚେକ୍‌ଡ୍ୟାମ

ବାଲିଗୁଡ଼ା, ୨୫।୭(ସଞ୍ଜୟ ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକ୍ ସୁବର୍ଣ୍ଣଗିରି ପଞ୍ଚାୟତର ପାଜୀକିରି ଓ ସିନ୍ଧିଗୁଡ଼ା ଗ୍ରାମରେ ଦୁର୍ନୀତିର ଗନ୍ଧ ବାରି ହୋଇଛି। ଜଳ ସଂଗୃହୀତ ଓ ମୃତ୍ତିକା ସଂରକ୍ଷଣ ବାବଦକୁ ଆସିଥିବା ଏକ କୋଟିରୁ ଅଧିକ ଟଙ୍କା ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ଅପବ୍ୟବହାର କରାଯିବା ସହ ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ମୃତ୍ତିକା ସଂରକ୍ଷଣ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ଏପିଡିଙ୍କ ବିରୋଧରେ ଏଭଳି ଅଭିଯୋଗ ଉଠିଛି। ପାଜୀକିରି ଗ୍ରାମରେ ଚାଷୀମାନଙ୍କ ପାଇଁ ଏକ ଚେକଡ୍ୟାମ ନିର୍ମାଣ ହୋଇଥିଲା। ହେଲେ ଛଅ ମାସ ନ ଯାଉଣୁ ଏହା ଧରାଶାୟୀ ହୋଇଯାଇଛି। ସେହିପରି ସିନ୍ଧିଗୁଡ଼ା ଗ୍ରାମରେ ମଧ୍ୟ ସେହି ଏକା ପ୍ରକାର ଅବସ୍ଥା ଦେଖିବାକୁ ମିଳିଛି। ଯେଉଁ ୱାଲରେ ମେଟାଲ ଗୋଡ଼ି ଲାଗିବା କଥା



ସେଠି ବିନା ଫାଉଣ୍ଡେଶନରେ ବଡ଼ପଥର ଦେଇ ନିର୍ମାଣ କରାଯାଇଛି। ନାଳ ମଧ୍ୟ ୧୭ଶହ ମିଟର କରିବା ପରିବର୍ତ୍ତେ ଏକ ହଜାର ମିଟର କରାଯାଇଛି। ଫଳରେ ବଳକା ଅର୍ଥକୁ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏଣୁ ଏହାର ତଦନ୍ତ ଜରୁରୀ ବୋଲି ଚାଷୀ ମହେନ୍ଦ୍ର ପାଟ୍ଟମାଝୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ ସେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ କଥାବାର୍ତ୍ତା କରି ସତ୍ୟାସତ୍ୟ ସମ୍ପର୍କରେ ଜାଣି ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି। ଏଭଳି କୋଟଗଡ଼ର ୧୫ଟି ପଞ୍ଚାୟତରେ ବର୍ଷ ବର୍ଷ ଧରି ନିମ୍ନମାନର କାମ ଚାଲିଛି। କିନ୍ତୁ ପ୍ରଶାସନିକ ଉଚ୍ଚାଧିକାରୀଙ୍କ ଦୃଷ୍ଟି ପଡୁନି ବୋଲି ତଳିଆ କର୍ମଚାରୀମାନେ ଏହାର ଫାଇଦା ଉଠାଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ଆଦିବାସୀ ଇଲାକାର ପ୍ରକୃତ ଉନ୍ନତି ସାଧିତ କରାଯାଉ ବୋଲି ଦାବି ହୋଇଛି।

# ଶହୀଦ ସଚ୍ଚିଦାନନ୍ଦଙ୍କ ସ୍ମୃତିପୀଠ ଅବହେଳିତ

## ଆଜି କାର୍ଗିଲ୍ ଶହୀଦ ଦିବସ

- ୨୫ ବର୍ଷ ପୂର୍ବେ କାର୍ଗିଲ ଯୁଦ୍ଧରେ ଦେଇଥିଲେ ପ୍ରାଣବଳି
- ପ୍ରଶାସନ ପକ୍ଷରୁ ଶହୀଦସ୍ତମ୍ଭକୁ ଗୁରୁତ୍ୱ ଦେବାକୁ ଦାବି

**ରାଜକନିକା, ୨୫।୭ (ସଞ୍ଜୟ କୁମାର ଦାଶ)**





କଣ୍ଡିଆଠାରେ ଥିବା ଶହୀଦ ସଚ୍ଚିଦାନନ୍ଦ ମଲ୍ଲିକଙ୍କ ସ୍ମୃତିସ୍ତମ୍ଭ।

କାର୍ଗିଲଠାରେ ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ୧୯୯୯ ଜୁଲାଇ ୨୬ରେ ଭାରତର ବିଜୟ ପ୍ରାପ୍ତ ହୋଇଥିଲା। ଏ ନେଇ ଦେଶ ଶୁକ୍ରବାର ୨୫ତମ କାର୍ଗିଲ ବିଜୟ ଦିବସ ପାଳନ କରିବ। ଏହି ଦିବସରେ ପାକିସ୍ତାନର ଅନୁପ୍ରବେଶକାରୀଙ୍କୁ କାର୍ଗିଲ ଯୁଦ୍ଧରେ ଭାରତୀୟ ସୈନ୍ୟ ନିଜର ବଳିଦାନ ଦେଇ ସୀମା ସେପଟକୁ ବିଦା କରି ଦେଇଥିଲେ। ଯୁଦ୍ଧରେ ମୋଟ ୫୨୭ ଭାରତୀୟ ସୈନ୍ୟ ଶହୀଦ ହୋଇଥିବା ବେଳେ ୧୩୬୩ ଜଣ ଆହତ ହୋଇଥିଲେ। ଏଥିରେ ଓଡ଼ିଶାର ୫ ଜଣ ପ୍ରାଣବଳି ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜୁନ୍ ୨୮ ତାରିଖରେ କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ କଣ୍ଡିଆ ଗାଁର ନାଏକ ସଚ୍ଚିଦାନନ୍ଦ ମଲ୍ଲିକ ବୀରଗତି ପ୍ରାପ୍ତ ହୋଇଥିଲେ। ସେ ଉପେନ୍ଦ୍ର ଓ ମାଳତିଲତାଙ୍କ କନିଷ୍ଠ ପୁତ୍ର ଥିଲେ। ୩୦ବର୍ଷ ବୟସରେ ସ୍ତ୍ରୀ ନିବେଦିତା ଓ ୫ ବର୍ଷର ପୁଅ ସୌମ୍ୟରଞ୍ଜନଙ୍କୁ ଏକା କରି ଶହୀଦ ହୋଇଥିଲେ। ବୀର ମଲ୍ଲିକଙ୍କ ପାଇଁ ସମଗ୍ର ଦେଶ ଗର୍ବ ଅନୁଭବ କରୁଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଏକ ସୁପୁତ୍ର ହରାଇଥିଲା। ଏହି ବୀରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶହୀଦସ୍ତମ୍ଭ ବ୍ଲକର କଣ୍ଡିଆହାଟରେ ନିର୍ମାଣ ହୋଇଛି। ତେବେ ଏହି ଶହୀଦସ୍ତମ୍ଭ ଆଖପାଖର ପରିବେଶ ବୀରଗାଥା ଗାଇବା ଅପେକ୍ଷା ପ୍ରଶାସନିକ ଅବହେଳାର ନିଦର୍ଶନ ପାଲଟିଛି। ସ୍ମୃତିସ୍ତମ୍ଭର ନାମ ଫଳକ ଭାଙ୍ଗି ଯାଇଛି। ଶହୀଦ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରୁ ରଙ୍ଗ ଛାଡି ଯାଇଥିବା ବେଳେ ଓ ସ୍ମୃତି ଉଦ୍ୟାନ ଏବେ ଅନାବନା ଘାସରେ ଭରପୂର ହୋଇଛି। ଏହି ପୀଠକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।



ବିଧାନ ଦାସ



ଦେବେନ୍ଦ୍ର ନାୟକ



ବାସୁଦେବ ମଲ୍ଲିକ



ଶିବରାମ ଦାସ

ଏ ସମ୍ପର୍କରେ ସାମାଜିକ କର୍ମୀ ବିଧାନ ଦାସ କହିଛନ୍ତି, ଭାରତୀୟ ସ୍ଥଳସେନାର ନାଏକ ପଦବୀରେ ସଚ୍ଚିଦାନନ୍ଦ ଥିଲେ। କାର୍ଗିଲ ଯୁଦ୍ଧର ଦ୍ରାସ ସେକ୍ଟରରେ ମସ୍କୋ ଭାଲିଠାରେ ସଚ୍ଚିଦାନନ୍ଦ ଶତ୍ରୁପକ୍ଷଙ୍କ ସହ ଲଢ଼େଇ କରି ୭ ଜଣ ପାକିସ୍ତାନୀ ସୈନ୍ୟଙ୍କୁ ନିହତ କରିଥିଲେ। ଏହି ବୀର ସୈନିକ ନିଜର ସାହସିକତା ଦେଖାଇ ପାକିସ୍ତାନୀ ସୈନ୍ୟଙ୍କ ମୁହଁତୋଡ ଜବାବ ଦେଇଥିଲେ। ଶତ୍ରୁପକ୍ଷର ଗୁଳିରେ ତାଙ୍କର ବୀରଗତି ପ୍ରାପ୍ତ ହୋଇଥିଲା। ତାଙ୍କର ଏହି ବୀରଗାଥା କେନ୍ଦ୍ରାପଡ଼ା ଜିଲାରେ ଗୁଞ୍ଜରିତ ହୋଇଥିଲା। ଶହୀଦ ହେବାର ୨ ବର୍ଷ ପରେ ୨୦୦୧ ଜୁଲାଇ ୨୬ରେ ତତ୍କାଳୀନ ଏମ୍‌ପି ପ୍ରଭାତ ସାମନ୍ତରାୟ ଓ ଜିଲାପାଳ କୃଷ୍ଣଚନ୍ଦ୍ର ମହାନ୍ତି ସ୍ମୃତିପୀଠ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ୨୦୨୦ରେ ଏମ୍‌ପି ଅନୁଭବ ମହାନ୍ତିଙ୍କ ସାଂସଦ ପାଣ୍ଠିରୁ ୨୦ ଲକ୍ଷ ଅନୁଦାନରେ ଏହି ସ୍ମୃତିପୀଠକୁ ଉନ୍ନତୀକରଣ କରାଯାଇଥିଲା। ଏବେ ଏହା ଅବହେଳିତ ଭାବେ ପଡିରହିଛି। ସ୍ଥାନୀୟ ଅଞ୍ଚଳର ଦେବେନ୍ଦ୍ର ନାୟକ କହିଛନ୍ତି, ପୂଜ୍ୟପୂଜା ଆମର ସଂସ୍କୃତି। ମାତ୍ର କେନ୍ଦ୍ରାପଡ଼ା ଜିଲାର ଏହି ବୀରପୁତ୍ରଙ୍କ ସ୍ମୃତିପୀଠ ଅବହେଳିତ ହୋଇଥିବା ଦେଖି ପୂଜ୍ୟପୂଜାର ମହତ୍ତ୍ୱ ନ ଥିବା ପରି ଅନୁଭବ ହେଉଛି। ଦେଶକୁ ରକ୍ଷା କରିବାକୁ ଯାଇ ସଚ୍ଚିଦାନନ୍ଦ ନିଜର ବଳିଦାନ ଦେଇଛନ୍ତି। ମାତ୍ର ଏହି ବଳିଦାନକୁ ଉତ୍ତରପିଢ଼ି ମନେ ପକାଇବା ପାଇଁ ସ୍ମୃତିପୀଠ ଅବହେଳାର ଶିକାର ହୋଇଛି। ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ଶହୀଦସ୍ତମ୍ଭ ଓ ସ୍ମୃତି ଉଦ୍ୟାନର ସୌନ୍ଦର୍ଯ୍ୟକରଣ ପାଇଁ ପାର୍କ ନିର୍ମାଣ ହୋଇଥିଲା। ଏହାର ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି। ଶହୀଦ ସଚ୍ଚିଦାନନ୍ଦ ମଲ୍ଲିକ ସ୍ମୃତି କମିଟି ସମ୍ପାଦକ ବାସୁଦେବ ମଲ୍ଲିକ କହିଛନ୍ତି, କନିକା ମାଟି ବୀର ସନ୍ତାନଙ୍କ ଜନନୀ। ଏହି ମାଟିରୁ ବହୁ ବୀର ଜନ୍ମ ନେଇଛନ୍ତି। ନିଜ ଦେଶ ଓ ମାଟି ପାଇଁ ସର୍ବଦା ତତ୍ପର ଥିବା ଏହି ମାଟିର ପୁଅ କେତେବେଳେ ବିପ୍ଳବର ନିଆଁ ଜାଳିଛନ୍ତି, କେବେ କେବେ ନିଜର ପ୍ରାଣବଳି ଦେଇଛନ୍ତି। ଏହାର ସଦ୍ୟତମ ଉଦାହରଣ ଭାରତୀୟ ସ୍ଥଳସେନା ବିଭାଗର ନାଏକ ସ୍ୱର୍ଗତ ସଚ୍ଚିଦାନନ୍ଦ ମଲ୍ଲିକ। ଦୀର୍ଘ ୨୫ ବର୍ଷ ପୂର୍ବେ ଦେଶ ପାଇଁ ଦେଇଥିବା ବଳିଦାନକୁ ମନେପକାଇବା ପାଇଁ ଏଠାରେ ଶହୀଦ ସ୍ତମ୍ଭ ନିର୍ମାଣ ହୋଇଥିଲା। ଏବେ ଅବହେଳିତ ଅବସ୍ଥାରେ ପଡିଛି। କମିଟି ପକ୍ଷରୁ ଜିଲା ଓ ପ୍ରଶାସନକୁ ଏ ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ସ୍ମୃତି କମିଟି ସଭାପତି ଶିବରାମ ଦାସ କହିଛନ୍ତି, କମିଟି ପକ୍ଷରୁ ଏହି ପୀଠର ଉନ୍ନତୀକରଣ ପାଇଁ ଚେଷ୍ଟା ଜାରି ରହିଛି। ୨୦୦୧ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ ଶହୀଦ ପୀଠର ଉନ୍ନତୀକରଣ ପାଇଁ ପ୍ରାୟ ୧୮ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ପୀଠର ସୁରକ୍ଷାକୁ ନେଇ ପ୍ରଶାସନିକ ସ୍ତରରେ କୌଣସି ସମନ୍ୱୟ ବୈଠକ ବସୁନାହିଁ। ଏହି କମିଟି ପକ୍ଷରୁ ଜିଲାସ୍ତରୀୟ କାର୍ଗିଲ ବିଜୟ ଦିବସ ଏଠାରେ ପାଳନ ପାଇଁ ବାରମ୍ବାର ଦାବି କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରାକେଶ



@ ସନ୍ତୋଷ



@ ତେଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟ ବଜେଟକୁ ନେଇ ପ୍ରତିକ୍ରିୟା

## ଆକାର ଦୃଷ୍ଟିରୁ ଦୀର୍ଘ, ଦୃଷ୍ଟିଭଙ୍ଗୀରେ ସଂକୀର୍ଣ୍ଣ



ସନ୍ତୋଷ ଦାସ

**ଯାଜପୁର,୨୫।୭(ହର୍ଷବର୍ଦ୍ଧନ ବେହେରା):** ରାଜ୍ୟ ଭାଜପା ସରକାରଙ୍କ ଖଡ଼ିଛୁଆଁ ବଜେଟ୍ ଭାଷଣଟି ଆକାର ଦୃଷ୍ଟିରୁ ଦୀର୍ଘ, ମାତ୍ର ଦୃଷ୍ଟିଭଙ୍ଗୀ ଦିଗରୁ ସଂକୀର୍ଣ୍ଣ ବୋଲି ବଜେଟ୍ ବିଶେଷଜ୍ଞ ସନ୍ତୋଷ ଦାସ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, କ୍ରମାଗତ ଭାବେ ବୃଦ୍ଧି ପାଉଥିବା ରାଜସ୍ୱ ଓ ଋଣଲବ୍ଧ ଆୟର ଖର୍ଚ୍ଚ ତାଲିକା ହେଉଛି ଏହି ବଜେଟ୍‌ର ନିର୍ଯ୍ୟାସ। ଏହାର ବିଶେଷତ୍ୱ ହେଲା ମାମୁଲି ଭାବେ କିଛି ନୂତନ ଯୋଜନାର ସଂଯୋଗ ଓ ପୁରୁଣା ଯୋଜନାର ନାମ ପରିବର୍ତ୍ତନ। ଓଡ଼ିଶାର ଅସହାୟ ବୁଢ଼ାବୁଢ଼ୀ, ବିଧବା ଓ ଭିନ୍ନକ୍ଷମଙ୍କୁ ଏହି ବଜେଟ୍ ପ୍ରତାରିତ କରିଛି। ୩ ହଜାର ଟଙ୍କା ଭତ୍ତା ପାଇବାର ଆଶା ସେମାନଙ୍କ ମଉଳି ଯାଇଛି। ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ କିମ୍ବା ଶରୀରର କୌଣସି ଅଙ୍ଗ ୮୦ ଭାଗ ଅକାମୀ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଯେଉଁ ଭତ୍ତାକୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି, ତାହାଦ୍ୱାରା ଯେଉଁମାନେ ଉପକୃତ ହେବେ ସେମାନଙ୍କ ସଂଖ୍ୟା ଖୁବ ସୀମିତ। ସରକାର ଖାଲି ପଡିଥିବା ପଦବୀ ମଧ୍ୟରୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ୬୫ ହଜାର ପୂରଣ କରିବାକୁ ଘୋଷଣା କରାଯାଇଛି। ମାତ୍ର ତାହା ଦ୍ୱାରା ଅବସ୍ଥାର କୌଣସି ବିଶେଷ ଉନ୍ନତି ଆସିବ ନାହିଁ। କାରଣ ଏହି ଦୁଇ ବର୍ଷରେ ୬୫ ହଜାରରୁ ଅଧିକ ଅବସର ଗ୍ରହଣ କରିବେ। ପଦବୀ ଉଚ୍ଛେଦର ଆର୍ଥିକ ସଂସ୍କାର ନୀତି ବାତିଲ କରି ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ପୂରଣ କରିବାକୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ବୋନସ ଘୋଷଣା କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଏହି ବାବଦରେ ରାଜକୋଷରୁ ଖର୍ଚ୍ଚ ହେବ ମାତ୍ର ୪୪୮କୋଟି ଟଙ୍କା। ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ୍ ପାଇଁ ଏହା ସେପରି ଏକ ବ୍ୟୟଭାର ନୁହେଁ। ମାତ୍ର ଧାନ ସଂଗ୍ରହକୁ କିପରି ପରିଚାଳନା କରାଯିବ ଓ କେତେ ଧାନ ସଂଗ୍ରହ କରାଯିବ, ଭବିଷ୍ୟତ ହିଁ ତାର ପ୍ରମାଣ ବହନ କରିବ।

## ଓଡ଼ିଆ ଅସ୍ମିତାର ଜାଗରଣ ଉଦ୍ୟମ



ଉଦୟନାଥ ସାହୁ

ରାଜ୍ୟ ଭାଜପା ସରକାରର ପ୍ରଥମ ବଜେଟ୍‌ରେ ଓଡ଼ିଆ ଅସ୍ମିତାର ଜାଗରଣ କରିବା ନିମନ୍ତେ ବିଶେଷ ଉଦ୍ୟମ ହୋଇଛି ବୋଲି ବରିଷ୍ଠ ଆଇନଜୀବୀ ଉଦୟନାଥ ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ସରକାର ବଜେଟ୍‌ରେ ଗ୍ରାମୀଣ ବିକାଶ ସହିତ ସୁଭଦ୍ରା ଯୋଜନା ଏବଂ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ବାବଦରେ ବ୍ୟୟ ବରାଦ ପ୍ରସ୍ତାବ ରଖି ମହିଳା ଓ କୃଷକଙ୍କ ସମୃଦ୍ଧିକୁ ଗୁରୁତ୍ୱ ଦେଇ ସରକାର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟସେବା ପ୍ରତି ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଏହି ବଜେଟ୍‌ରେ ଅଧିକ ବ୍ୟୟ ବରାଦ ସହ ଚଳିତ ବର୍ଷ ଯାଜପୁର ମେଡିକାଲ କଲେଜକୁ ଚାଲୁ କରିବା ପାଇଁ ଘୋଷଣା ସ୍ୱାଗତ ଯୋଗ୍ୟ।

# ସିମିଳିଆ ମୁଖ୍ୟରାସ୍ତାକୁ ପକ୍କା କରିବାକୁ ଦାବି

**ଯାଜପୁର ଟାଉନ,୨୫।୭ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ଯାଜପୁର ବ୍ଲକ୍ ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ମୁଖ୍ୟରାସ୍ତାକୁ ପକ୍କା ରାସ୍ତା କରିବାକୁ ଦାବି ହୋଇଛି। ଏନେଇ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପଞ୍ଚାୟତର ମୁଖ୍ୟ ରାସ୍ତା ବୁଢ଼ାଘାଟ ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଛି। ଉକ୍ତ ରାସ୍ତା ଉପରେ ସିମିଳିଆ ପଞ୍ଚାୟତର ଓଲେଇପଡ଼ା, ଗୋଠପୁର, ନଖେଇ, ମଇଦିପୁର, ତାଳପଦା, ସଠିଆଟିକିରି ଓ ସିମିଳିଆ ଅଧିବାସୀ ଯାତାୟାତ କରିଥାନ୍ତି। ଏହା ବନ୍ୟାପ୍ଳାବିତ ଅଞ୍ଚଳ ହୋଇଥିବାରୁ ପ୍ରତ୍ୟେକ ବର୍ଷ ବନ୍ୟା ଆସି ବହୁ ଧନଜୀବନ ନଷ୍ଟ କରିବା ସହିତ ରାସ୍ତାଘାଟ କ୍ଷୟକ୍ଷତି କରିଥାଏ। ଫଳରେ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗତ ବନ୍ୟାରେ ଏହି ରାସ୍ତାରେ ଏକ ଘାଇ ହୋଇଥିଲା। ଏହି ଘାଇ ଯୋଗୁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହାକୁ ସ୍ଥାୟୀ ରାସ୍ତା ଭାବେ ନିର୍ମାଣ କରାଗଲେ ଲୋକେ ଆଶ୍ୱସ୍ତି ଲାଭକରିବେ ବୋଲି ପଞ୍ଚାୟତର ହୃଷୀକେଶ ମେକାପ, ମହେନ୍ଦ୍ର ରାଉତ, ଅକ୍ଷୟ କୁମାର ଜେନା, ଅଜୟ କୁମାର ରାଉତ, ନିରଞ୍ଜନ କାପା, ରବୀନ୍ଦ୍ର ବାରିକ, ବିଶ୍ୱନାଥ ମେକାପ, କଳାକାର ମେକାପ, ରାଜେଶ ସାହୁ, ମନୋହର ବାରିକ ଓ ରବୀନ୍ଦ୍ର ବେହୁରିଆ ପ୍ରମୁଖ ଜିଲାପାଳଙ୍କୁ ଜଣାଇଛନ୍ତି।



ସିମିଳିଆ ପଞ୍ଚାୟତବାସୀ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

# ବିଜ୍ଞାନଶିକ୍ଷକ ପ୍ରଦୀପ୍ତ ମିଶ୍ରଙ୍କ ଅକାଳ ବିୟୋଗ

**ବିଞ୍ଝାରପୁର,୨୫।୭ (ରାମକୃଷ୍ଣ ଦାସ)**

### ପ୍ରତିଭାବାନ ଶିକ୍ଷକ ଥିଲେ



ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତଙ୍ଗରା ଉଚ୍ଚ ବିଦ୍ୟାଳୟର ବିଜ୍ଞାନଶିକ୍ଷକ ପ୍ରଦୀପ୍ତ ମିଶ୍ରଙ୍କ ବୁଧବାର ରାତିରେ ଆକାଳ ବିୟୋଗ ହୋଇଯାଇଛି। ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ସେ ୧ ବର୍ଷ ହେବ କ୍ୟାନ୍‌ସରରେ ପୀଡ଼ିତ ହୋଇ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ପାର୍ଥିବ ଶରୀର ଗୁରୁବାର ସକାଳେ ଅରୋଇସ୍ଥିତ ବାସଭବନରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ତାଙ୍କ କର୍ମଭୂମି ଉତ୍ତଙ୍ଗରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ମିଶ୍ର ଜଣେ ଗାଳ୍ପିକ, କବି, ପରୋପକାରୀ, ପ୍ରକୃତିପ୍ରେମୀ, ମିଷ୍ଟଭାଷୀ ଏବଂ ପ୍ରତିଭାବାନ ଶିକ୍ଷକ ଥିଲେ। ସେ 'ଧରିତ୍ରୀ' ପାଇଁ ସ୍ତମ୍ଭ ଲେଖି ଆସୁଥିଲେ। ତାଙ୍କ ବିୟୋଗରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମଣ୍ଡଳ ଶିକ୍ଷାଧିକାରୀ ସୁବାସ ବିଶ୍ୱାଳ, ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସଭ୍ୟା ଅହଲ୍ୟା ସ୍ୱାଇଁ, ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ଉତ୍ତଙ୍ଗରା ସରପଞ୍ଚ ସନ୍ତୋଷ ମଲ୍ଲିକ, ସୁଶାନ୍ତ ରାଉତରାୟ, ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ, ସାମାଜିକ କର୍ମୀ ହେମେନ୍ଦ୍ର ସାମଲ, ଓଡ଼ିଶା ଜନମୋର୍ଚ୍ଚାର ସମ୍ପାଦକ ହରେକୃଷ୍ଣ ଦାସ, ଶିକ୍ଷାବିତ ଶ୍ରୀକୃଷ୍ଣ ଦାସ, ସତ୍ୟଶେଖର ନାୟକ, ଅକ୍ଷୟ ନାୟକ, ଦର୍ପନାରାୟଣ ଦାସ, ସାମ୍ବାଦିକ ଦେବପ୍ରସାଦ ସାହୁ, ସେକ୍ ସନୱାର, ରାମକୃଷ୍ଣ ଦାସ ଓ ସତ୍ୟରଞ୍ଜନ ମଲ୍ଲିକଙ୍କ ସମେତ ବହୁ ସାରସ୍ୱତ ସଂଗଠନର କର୍ମକର୍ତ୍ତା ଶୋକବ୍ୟକ୍ତ କରିଛନ୍ତି।

# ବ୍ୟାପକ କାଠ ଜବତ, ୩ ଗିରଫ

**ଢେଙ୍କିକୋଟ, ୨୫।୭ (ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ସାନ୍ତରାପୁର ଗ୍ରାମ ମୁସଲିମ ବସ୍ତିରେ ବୁଧବାର କେନ୍ଦୁଝର ବନ ବିଭାଗ ଓ ଜିଲା ପୋଲିସ ମିଳିତ ଚଢ଼ାଉ କରିଥିଲା। ବନ ବିଭାଗ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କାଠ ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସିରାଜୁଦ୍ଦିନ, ସେକ ହାଲିମ ଓ ସେକ ସୋଏବ।

# ଜଳସେଚନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

**ରଘୁନାଥପୁର,୨୫।୭ (ରାଜେନ୍ଦ୍ର ନାରାୟଣ ସିଂହ)**



- ଶାଖା କେନାଲରେ ପାଣି ଆସୁନାହିଁ
- ଚାଷକାର୍ଯ୍ୟ ବ୍ୟାଘାତ

କଟକ ଜଳସେଚନ ବିଭାଗ ଦକ୍ଷିଣ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ତଥା କିଶନନଗର ଉପନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା କୂଳସାହି ସେକ୍ସନ କାର୍ଯ୍ୟାଳୟ ସଂଲଗ୍ନ ତାଳଦଣ୍ଡା ୯ନଂ (କ) ଶାଖା କେନାଲରେ ପାଣି ଆସୁନାହିଁ। ଫଳରେ ଚାଷକାର୍ଯ୍ୟ ବ୍ୟାଘାତ ହୋଇଛି। ପାଣି ଅଭାବରୁ ଲୋକେ ତଳି ପକାଇ ପାରୁନାହାନ୍ତି। ଏହାଛଡା ଆଗରୁ ପଡିଥିବା କିଛି ତଳି ପାଣି ନ ପାଇ ଗଜା ମରୁଡି ହେବାକୁ ବସିଲାଣି। ଚାଷୀମାନେ ଏ ସମ୍ପର୍କରେ ଅଭିଯୋଗ କରିବାକୁ ଆସୁଥିଲେବି ଯନ୍ତ୍ରୀଙ୍କ ଦେଖା ମିଳୁନି। ଏନେଇ ଗୁରୁବାର କୂଳସାହି, ପୁରଣ ଓଡ଼ପଡ଼ା ଓ ଅରଙ୍ଗ ଗ୍ରାମର ଚାଷୀ କୂଳସାହିସ୍ଥିତ ଜଳସେଚନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରିଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିବର୍ଷ ଏହି ଶାଖା କେନାଲରେ ଠିକ୍ ଭାବେ ପାଣି ଆସୁନାହିଁ। ଏଥିଯୋଗୁ ପ୍ରାୟ ୫୦୦ ଏକର ଚାଷଜମିରେ ଖରିଫ ଫସଲ ପ୍ରଭାବିତ ହେଉଛି। ଚଳିତ ବର୍ଷ ମଧ୍ୟ ଅନୁରୂପ ଅବସ୍ଥା ଭୋଗିବାକୁ ପଡ଼ିଛି। ନିଅଣ୍ଟିଆ ବର୍ଷା ଯୋଗୁ ବିଲଫାଟି ଆଁ କରିଥିବାବେଳେ କେନାଲରେ ପାଣି ନ ଆସିବାରୁ ଚାଷକାର୍ଯ୍ୟ ବିଳମ୍ବ ହେଉଛି। ଏନେଇ ଚାଷୀମାନେ ୫ ଦିନ ହେବ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେଲେଣି, ମାତ୍ର ଫାଟକରେ ସବୁବେଳେ ତାଲା ଝୁଲୁଛି। ଯନ୍ତ୍ରୀଙ୍କ ସାକ୍ଷାତ୍ ମିଳୁନାହିଁ ବୋଲି ବିକାଶ ଦାସ, ରାଖାଲ ଚନ୍ଦ୍ର ରାଉତ, ଦେବେନ୍ଦ୍ର ରାଉତ, ନିରୋଜ କୁମାର ରାଉତ, ହରେକୃଷ୍ଣ ମହାନ୍ତି, ପ୍ରତାପ ପ୍ରଧାନ, କମଳି ପ୍ରଧାନ, ରବି ମହାରଣା ଓ ମନୋରଞ୍ଜନ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଯନ୍ତ୍ରୀ ସୁଭଦ୍ରା ସାହୁ କହିଛନ୍ତି, ତାଳଦଣ୍ଡା କେନାଲ ପାଣି ଶାଖା କେନାଲ ଆଉଟଲେଟରେ ଉଠୁ ନ ଥିବାରୁ ପାଣି ଚାଷଜମିକୁ ଯାଇପାରୁ ନ ଥିଲା। ତେବେ ତାରପୁରଠାରେ ତାଳଦଣ୍ଡା କେନାଲ ପାଣିକୁ ହେଡ କରାଇ ୯ନଂ(କ) ଶାଖା କେନାଲରେ ଛଡ଼ାଯାଇଛି। ଏହାଛଡା ବିଭିନ୍ନ ସ୍ଥାନରେ କେନାଲ କାର୍ଯ୍ୟ ଚାଲୁଥିବାରୁ ଅଫିସ ପରିବର୍ତ୍ତେ ଫିଲ୍ଡରେ ଅଧିକ ସମୟ ରହିବାକୁ ପଡୁଛି ବୋଲି ଯନ୍ତ୍ରୀ ସାହୁ କହିଛନ୍ତି।

# ଚଣ୍ଡିଖୋଲରେ ଅତିରିକ୍ତ ଦୌରାଜଜ୍ କୋର୍ଟକୁ ଅନୁମତି

**ଚଣ୍ଡିଖୋଲ,୨୫।୭ (ପ୍ରଦୀପ୍ତ କୁମାର ପୃଷ୍ଟି)**

ଦୀର୍ଘଦିନର ଦାବି ପରେ ଚଣ୍ଡିଖୋଲରେ ଅତିରିକ୍ତ ଦୌରାଜଜ କୋର୍ଟ ଖୋଲିବକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ବିଧିବଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୨୨ ତାରିଖରେ ବିଭାଗୀୟ ପ୍ରମୁଖ ସଚିବଙ୍କ ସ୍ୱାକ୍ଷରରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଇନଜୀବୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଚଣ୍ଡିଖୋଲ ବାର ଆସୋସିଏଶନର ସମସ୍ତ ଆଇନଜୀବୀ ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। କିଛି ଦିନ ତଳେ ଚଣ୍ଡିଖୋଲ କୋର୍ଟ ବାର ଆସୋସଏଶନର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସ, ଶରତ ଷଡ଼ଙ୍ଗୀ, ଶ୍ରୀକାନ୍ତ ବଳ, ଶିରିଷ ସାମଲ, ବୀରେନ ବିଶ୍ୱାଳ ବିଜୟ ରାଉଳ ପ୍ରମୁଖ ବଡ଼ଚଣା ବିଧାୟକ ଓ ଆଇନ ମନ୍ତ୍ରୀଙ୍କୁ ଭେଟି କୋର୍ଟ ଖୋଲିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ୨୦୦୭ରେ ଚଣ୍ଡିଖୋଲଠାରେ ପ୍ରଥମ କୋର୍ଟ ସ୍ଥାପନ କରାଯାଇଥିଲା। ସେତେବେଳ ବର୍ତ୍ତମାନର ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓଡ଼ିଶାର ଆଇନମନ୍ତ୍ରୀ ଥିଲେ। ଏବେ ଏହାର କଳେବର ବୃଦ୍ଧି କରି କୋର୍ଟ ଖୋଲିବାକୁ ତାଙ୍କ ପୁତ୍ର ଆଇନମନ୍ତ୍ରୀ ଥାଇ ଅନୁମତି ପ୍ରଦାନ କରିଛନ୍ତି।

# ସାତକୋଶିଆ ଇକୋ ଟୁରିଜମ୍ ବିରୋଧୀ ମାମଲାକୁ ନେଇ ଚିନ୍ତା

- ରୋଜଗାର ହରାଇବା ଆଶଙ୍କାରେ ୨୬ ପରିବାର
- ମାମଲା ରଦ୍ଦ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର

ଗଣିଆ,୨୫।୭
(ସନ୍ତୋଷ କୁମାର ପ୍ରଧାନ)

ରାଜ୍ୟର ପ୍ରମୁଖ ପରିବେଶ ଭିତ୍ତିକ ପର୍ଯ୍ୟଟନ କେନ୍ଦ୍ର ମଧ୍ୟରେ ନୟାଗଡ଼ ଜିଲା ଗଣିଆ ବ୍ଲକ ସାଉଥ୍ ବଡ଼ମୂଳ ମଙ୍ଗାନାସୀଠାରେ ଥିବା ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଅନ୍ୟତମ। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ପରିବେଶଭିତ୍ତିକ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର ଦିନକୁ ଦିନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି କେନ୍ଦ୍ର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପ୍ରତିବର୍ଷ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ସଂଗ୍ରହ କରିପାରିଛି। ହେଲେ ଏହି କେନ୍ଦ୍ର ବନ୍ଦ କରିବାକୁ ଏନ୍‌ଜିଟିରେ ଏକ ମାମଲା ରୁଜୁ ହେଇଛି। ଯଦି ଏହି କେନ୍ଦ୍ର ବନ୍ଦ ହୁଏ ଏହା ଉପରେ ନିର୍ଭର କରୁଥିବା ୨୬ ପରିବାର ସହିତ ବହୁ ଲୋକ ନିଜ ଜୀବିକା ହରାଇବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଉକ୍ତ ପର୍ଯ୍ୟଟନ କେନ୍ଦ୍ର ମୁଦୁଲିଗାଡ଼ିଆ ଗ୍ରାମର ମା'ସାତଭଉଣୀ ପରିବେଶ ବିକାଶ ସମିତି ଦ୍ୱାରା ପରିଚାଳିତ ହୋଇଆସୁଛି। ମୁଦୁଲିଗାଡ଼ିଆ ଗ୍ରାମର ୨୬ ପରିବାର ଏହି କେନ୍ଦ୍ରକୁ ପରିଚାଳନା କରି ରୋଜଗାର ପାଇବା ସହ ପରୋକ୍ଷ ଭାବେ ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି। ଏଥିସହ ବଡ଼ମୂଳ ମାଳିସାହି ଗ୍ରାମ ପରିବେଶ ବିକାଶ ସମିତି ଦ୍ୱାରା ମହାନଦୀର ସାତକୋଶିଆ ଗଣ୍ଡ ଶେଷ ସୀମାରେ ବୋଟିଂ କରାଇ ପର୍ଯ୍ୟଟକମାନଙ୍କଠାରୁ ଭଲ ଟଙ୍କା ପାଇଥାଆନ୍ତି। କେତେକ ପରିବାର ଏଥିରୁ ସ୍ୱାବଲମ୍ବୀ ହେବା ସହ ଗ୍ରାମ୍ୟ ଗୋଷ୍ଠୀର ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିଛି। ଏପରିସ୍ଥଳେ ଗତ କିଛି ଦିନ ହେଲା ଏହି ପର୍ଯ୍ୟଟନ କେନ୍ଦ୍ରକୁ ନେଇ ବିବାଦ ମୁଣ୍ଡ ଟେକିଛି। ପର୍ଯ୍ୟଟନ କେନ୍ଦ୍ରକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପାଇଁ ୱାଇଲ୍ଡ ଲାଇଫ୍ ସୋସାଇଟ ଅଫ୍ ଓଡ଼ିଶା ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଏକ ମାମଲା ରୁଜୁ କରାଯାଇଛି। ଗତ ମାର୍ଚ୍ଚ ୨୧ରୁ ଏହି ମାମଲା ବିଚାରାଧୀନ ରହିଛି। ଏ ସଂକ୍ରାନ୍ତରେ ଜଣାପଡ଼ିବା ପରେ ମୁଦୁଲିଗାଡ଼ିଆ ଗ୍ରାମ ପରିଚାଳନା ସମିତିର ୨୬ଟି ପରିବାର ଜୀବିକା ହରାଇବା ଆଶଙ୍କା କରୁଛନ୍ତି। ଏ ନେଇ ମା'ସାତଭଉଣୀ ପରିବେଶ ବିକାଶ ସମିତି ମୁଦୁଲିଗାଡିଆ ଓ ନିକଟସ୍ଥ ସ୍ଥାନୀୟ ଗ୍ରାମବାସୀ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ରାଜ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡ଼ିଶା, ନୟାଗଡ଼ ଜିଲାପାଳ ଓ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କୁ ଉକ୍ତ ମାମଲାକୁ ରଦ୍ଦ କରିବା ପାଇଁ ଲିଖିତ ଭାବେ ଆବେଦନ କରିଛନ୍ତି।


ସାତକୋଶିଆ ଇକୋଟୁରିଜମ୍‌ରେ ଥିବା କଟେଜ୍।

ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ମୁଦୁଲିଗାଡ଼ିଆ ସ୍ଥାୟୀ ରାଜସ୍ୱ ଗ୍ରାମରେ ରହିଛି। ଏହା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳଠାରୁ ସମ୍ପୂର୍ଣ୍ଣ ବାହରେ ନିର୍ମାଣ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ତତ୍ତ୍ୱାବଧାନରେ ପରିଚାଳିତ ପର୍ଯ୍ୟଟନ କେନ୍ଦ୍ର ଯୋଗୁ ୬ଟି ଗ୍ରାମର ଜନସାଧାରଣ ରୋଜଗାର ପାଇପାରୁଛନ୍ତି। ଦୀର୍ଘଦିନ ଧରି ସାତକୋଶିଆ ଅଭୟାରଣ୍ୟ ଓ ମହାନଦୀ ପଠାକୁ ସୁରକ୍ଷା ଦେଇଆସୁଥିବାରୁ କୁମ୍ଭୀର ଓ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ଏବଂ ପକ୍ଷୀମାନେ ସୁରକ୍ଷିତ ରହିଛନ୍ତି ବୋଲି ମୁଦୁଲିଗାଡ଼ିଆ ଗ୍ରାମର ପ୍ରକାଶ କୁମାର ବେହେରା କହିଛନ୍ତି। ସେହିପରି ଗ୍ରୀନ ଟ୍ରିବ୍ୟୁନାଲରେ ଥିବା ମାମଲାକୁ ପ୍ରତ୍ୟାହାର କରାଯାଇ ଆମ୍ଭମାନଙ୍କ ରୋଜଗାରପନ୍ଥାକୁ ସୁନିଶ୍ଚିତ କରାଗଲେ ଆମ୍ଭ ପିଢି ପରେ ପିଢି ସାତକୋଶିଆ ଅଭୟାରଣ୍ୟ ଓ ବନ୍ୟଜନ୍ତୁମାନଙ୍କୁ ସୁରକ୍ଷା ଦେବୁ ବୋଲି ପରିଚାଳନା କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି। ଅନ୍ୟପକ୍ଷେ ଏହି ପର୍ଯ୍ୟଟନ କେନ୍ଦ୍ରରେ ଅଧିକ ଟେଣ୍ଟ ଲଗାଯାଇ ପର୍ଯ୍ୟଟକମାନଙ୍କୁ ରଖାଯିବା, ଫୁଟବଲ ପ୍ରତିଯୋଗିତା, ନାଚଗୀତ କାର୍ଯ୍ୟକ୍ରମ , ନଦୀକୂଳରେ ବୋଟିଂ ଦ୍ୱାରା କୁମ୍ଭୀର ପ୍ରଜନନ ପ୍ରଭାବିତ ଓ ପକ୍ଷୀମାନଙ୍କୁ ଦେଖିବା ପାଇଁ ଗଛ ଉପରେ ମଞ୍ଚା ବାନ୍ଧିବା ଦ୍ୱାରା ବନ୍ୟଜନ୍ତୁଙ୍କ ଚଳପ୍ରଚଳରେ ପ୍ରଭାବ ପକାଉଥିବା ଦର୍ଶାଇ ୱାଇଲ୍ଡଲାଇଫ୍ ସୋସାଇଟ ଅଫ୍ ଓଡ଼ିଶା ପକ୍ଷରୁ ଏନ୍‌ଜିଟିରେ ମାମଲା ଦାୟର ହୋଇଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରାକେଶ


@ ସନ୍ତୋଷ


@ ତେଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଲମ୍ବିତ ୩ ପୋଲିସ କର୍ମଚାରୀ କାର୍ଯ୍ୟରେ ଯୋଗଦେଲେ

ନୟାଗଡ଼,୨୫।୭(ଲୋକନାଥ ମିଶ୍ର)

**ଗୋଲଗୋଲା ଗାଁରୁ ସିରିଜ୍ ଲୁଟ୍ ଘଟଣା**

ଗୋଲଗୋଲା ଗାଁର ସିରିଜ୍ ଲୁଟ୍ ଘଟଣାକୁ ଅଣଦେଖା ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ନୟାଗଡ଼ ସଦର ଥାନାର ଏସ୍‌ଆଇ ହାସିନା ପ୍ରଧାନ, ଏଏସଆଇ ରାଜେଶ୍ୱରୀ ନାୟକ ଓ କନ୍‌ଷ୍ଟେବଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଗତ ଜୁଲାଇ ୨ରେ ନିଲମ୍ବିତ ହୋଇଥିଲେ। ନୟାଗଡ଼ ଏସ୍‌ପି ୩ ପୋଲିସଙ୍କୁ ନିଲମ୍ବନ କରଥିଲେ। ସଂପୃକ୍ତ ୩ ପୋଲିସଙ୍କ ଉପରୁ ନିଲମ୍ବନ ଆଦେଶ ଉଠିଯିବା ପରେ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି।

ଗତ ଜୁନ ୩୦ ତାରିଖ ରାତିରେ ଗୋଲଗୋଲା ଗାଁରେ ସିରିଜ ଲୁଟ୍ ହୋଇଥିଲା। ଗୋଲଗୋଲା ଗାଁର ୪ଜଣଙ୍କ ଘରୁ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ସୁନା ଓ ରୁପା ଅଳଙ୍କାର ଏବଂ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିଲା। ସନ୍ତୋଷ ପାଣିଙ୍କ ବାରିପଟ କବାଟ ଓ ଝରକା ଭାଙ୍ଗି ୧୫ ଲକ୍ଷ ଟଙ୍କାର ସୁନା ଗହଣା ଓ ୪୫ ହଜାର ଟଙ୍କା ନେଇ ଯାଇଥିଲେ। ସନ୍ତୋଷ ଓ ତାଙ୍କ ସ୍ତ୍ରୀ ଘରେ ନ ଥିବାବେଳେ ମା ଓ ଭଉଣୀଙ୍କୁ କବାଟ ଦେଇ ଚୋରି କରାଯାଇଥିଲା। ଚନ୍ଦ୍ରମଣି ଦାସଙ୍କ ବାରିପଟ ଗ୍ରୀଲ ଓ ଝରକା ତାଡି ଘରୁ ୬ ଲକ୍ଷ ଟଙ୍କାର ସୁନା ଗହଣା ଓ ୧୫ ହଜାର ଟଙ୍କା ନେଇ ଯାଇଥିଲେ। ଚନ୍ଦ୍ରମଣିଙ୍କ ପୁଅ ବୋହୂ ଶ୍ୱଶୁର ଘରକୁ ଯାଇଥିବାବେଳେ ପୁଅ ଶୋଇବା ଘରୁ ଚୋରି ହୋଇଥିଲା। ଚନ୍ଦ୍ରମଣି ଓ ତାଙ୍କ ସ୍ତ୍ରୀ ଚୋରି ନେଇ ଜାଣି ପାରି ନ ଥିଲେ। ସୁଦାମ ଦାସଙ୍କ ଘରୁ ୨୦ ହଜାର ଓ ରୁପା ଗହଣା ଚୋରି ହୋଇଥିଲା। ସେହିପରି ଗାଁର ଏକ ରାଶନ ଦୋକାନରୁ ୧ ଲକ୍ଷ ଟଙ୍କାର ସାମଗ୍ରୀ ଓ ଟଙ୍କା ଚୋରାଇ ନେଇଥିଲେ। ଚୋରି ଘଟଣାର ପ୍ରାୟ ୨୬ ଦିନ ବିତି ଯାଇଥିଲେ ମଧ୍ୟ ଏଯାବତ ଚୋର ଧରା ପଡି ନାହାନ୍ତି।

# ୨୦୨୫ ଏପ୍ରିଲ ୨୪ରେ ସରିବ କୁସୁମୀ ବ୍ୟାରେଜ


ନିର୍ମାଣାଧୀନ କୁସୁମୀ ବ୍ୟାରେଜ୍।

ନୟାଗଡ଼,୨୫।୭(ଲୋକନାଥ ମିଶ୍ର)

- ନୟାଗଡ଼ ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ
- ଉପକୃତ ହେବେ ୫ ପଞ୍ଚାୟତର ୪୯ ଗ୍ରାମର ଚାଷୀ

ନୟାଗଡ଼ ବ୍ଲକ୍ ବଡପଣ୍ଡୁସର ପଞ୍ଚାୟତ ସୁନାଲଟିଠାରେ କୁସୁମୀ ଓ ଦୁଆଣ୍ଟ ନଦୀର ମିଳନ ସ୍ଥଳରେ ନିର୍ମାଣ ଚାଲିଥିବା କୁସୁମୀ ବ୍ୟାରେଜର କାମ ୨୦୨୫ ଏପ୍ରିଲ ୨୪ ସୁଦ୍ଧା ଶେଷ ହେବ ବୋଲି ବିଧାନସଭାରେ ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ୨୦୨୩ ଅକ୍ଟୋବର ୨୫ରୁ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ଦେଇଥିଲେ। ପ୍ରକାଶ ଯୋଗ୍ୟ, କୁସୁମୀ ପ୍ରକଳ୍ପ ପାଇଁ ୨୦୦୮ ମସିହାରେ ପରିକଳ୍ପନା କରାଯାଇଥିଲା। ୨୦୧୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ପ୍ରକଳ୍ପ ପାଇଁ ୨୩୦ କୋଟି ୩୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରୁ ୭୦ କୋଟି ୮୮ ଲକ୍ଷ ଟଙ୍କା ବ୍ୟରେଜ ପାଇଁ ରହିଥିବାବେଳେ ମେକାନିକାଲ କାର୍ଯ୍ୟ ପାଇଁ ୧୧ କୋଟି ୧୩ ଲକ୍ଷ ଓ ଭୂତଳ ପାଇପ ଲାଇନ ବ୍ୟବସ୍ଥାରେ ଚାଷ ଜମିକୁ ଜଳସେଚନ ପାଇଁ କାର୍ଯ୍ୟ ପାଇଁ ୧୪୮ କୋଟି ୧୮ ଲକ୍ଷ ରହିଥିଲା। ୨୫।୧୦।୨୦୨୩ରେ କାମ ଆରମ୍ଭ ହୋଇଥିବାବେଳେ ୨୪।୪।୨୦୨୫ରେ କାମ ଶେଷ ହେବ ବୋଲି କୁହାଯାଇଥିଲା। ଏଥିରେ ନୟାଗଡ଼ ବ୍ଲକର ବଡପଣ୍ଡୁସର, ଇକିରି, ବିରୁଡା, ବାଉଁଶିଆପଡା ଓ ଶରଣକୁଳ ପରି ୫ ପଞ୍ଚାୟତର ୪୯ଟି ଗାଁର ଚାଷୀ ଉପକୃତ ହେବେ। ଅନ୍ୟପକ୍ଷେ ବ୍ୟାରେଜର ଡାହାଣ ପଟରେ ନୟାଗଡ଼ ବ୍ଲକର ୨୦୬୮ ହେକ୍ଟର, ଖଣ୍ଡପଡ଼ା ବ୍ଲକର ୯୧୨ ହେକ୍ଟର ଓ ଭାପୁର ବ୍ଲକର ୭୬୫ ହେକ୍ଟର ଏପରି ମୋଟ୍ ୩୭୪୫ ହେକ୍ଟର ଜମି ଜଳସେଚିତ ହେବ। ଏହାଦ୍ୱାରା ପ୍ରାୟ ଦେଢ଼ ଲକ୍ଷ ଚାଷୀ ଉପକୃତ ହେବେ। ପ୍ରକଳ୍ପ ମଧ୍ୟରେ ୨ଟି ବ୍ରିଜ ଓ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ପାର୍କ କରାଯିବ ବୋଲି ପ୍ରସ୍ତାବ ରହିଥିଲା। ୬୭ କୋଟି ବ୍ୟୟରେ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ କୁସୁମୀ ବ୍ୟାରେଜକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ୨୦୨୪ ମାର୍ଚ୍ଚ ୨ରେ ଲୋକାର୍ପିତ କରିଥିଲେ।

# ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ମିଳୁନି ସହାୟତା

ଖଣ୍ଡପଡ଼ା,୨୫।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍‌ରେ ସରକାରଙ୍କ ଜନହିତକର ଯୋଜନା ଠିକ୍ ରୁପେ କାର୍ଯ୍ୟକାରୀ ହେଉ ନ ଥିବାରୁ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ମୃତକଙ୍କ ପରିବାରବର୍ଗଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ରାଶି ଠିକ୍ ରୁପେ ମିଳୁ ନାହିଁ। ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ବି ପରିବାର ମଙ୍ଗଳ ଯୋଜନାରେ ସହାୟତା ରାଶି ତାଙ୍କ ପରିବାର ସଦସ୍ୟ ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ବ୍ଲକ୍ ଅଧୀନ ପ୍ରାୟ ଅଧିକାଂଶ ପଞ୍ଚାୟତରେ ଶତାଧିକ ମୃତକଙ୍କ ପରିବାରକୁ ଏହି ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ରାଶି ମିଳି ନାହିଁ। ଖଣ୍ଡପଡ଼ା ବ୍ଲକ୍ ଅଧୀନ ବଳଭଦ୍ରପ୍ରସାଦ ପଞ୍ଚାୟତ ବଳଭଦ୍ରପ୍ରସାଦ ଗ୍ରାମର ରଶ୍ମିତା ନାଏକଙ୍କ ସ୍ୱାମୀ ପବିତ୍ର ନାଏକ ଓ ପ୍ରମିଳା ଦଳେଇଙ୍କ ସ୍ୱାମୀ ବସନ୍ତ ଦଳେଇଙ୍କ ଆଜକୁ ବର୍ଷେ ତଳେ ଅକାଳ ବିୟୋଗ ହୋଇଥିଲା। ସେହିପରି ନୂଆପଡ଼ା ଗ୍ରାମର ବିଧବା ମହିଳା ପ୍ରତିମା ସାହୁ ସରକାରଙ୍କ ଲୋକହିତକର ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ସହାୟତା ପାଇବା ଆଶାରେ ମୃତକଙ୍କ ପରିବାରବର୍ଗ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ବାରମ୍ବାର ଦୁଃଖ ଜଣାଇଥିଲେ ହେଁ ସହାୟତା ପାଇ ନାହାନ୍ତି। ଏହି ଅଭିଯୋଗ ପ୍ରତି ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ଆଳୁ କେଜି ୫୦ ଟଙ୍କା, ଚଢ଼ାଉ ନାହିଁ

ନୟାଗଡ଼,୨୫।୭(ଲୋକନାଥ ମିଶ୍ର)

ନୟାଗଡ଼ ସହରରେ ଗୁରୁବାର ଆଳୁ କେଜି ୫୦ ଟଙ୍କା ବିକ୍ରି ପରେ ବି ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ନାହିଁ। ସହରରେ ଅଢ଼େଇ କିଲୋ ଆଳୁକୁ ୧୨୦ ଟଙ୍କାରେ ବିକ୍ରି ହେଉଛି। କିଛି ଦିନ ହେଲା ସବୁଜ ପନିପରିବା ଦର ବଢ଼ି ଚାଲିଛି। ଖାଉଟି ଆଳୁ ସମେତ ପନିପରିବା କିଣିବାକୁ ହଇରାଣ ହରକତ ହୋଇ ଆସୁଛନ୍ତି।

# ଅସ୍ଥାୟୀ ଟ୍ୟାକ୍ସି ଷ୍ଟାଣ୍ଡ ପାଇଁ ଟ୍ରାଫିକ ସମସ୍ୟା


ରାସ୍ତା ଅବରୋଧ କରିଥିବା ଟ୍ୟାକ୍ସ ଷ୍ଟାଣ୍ଡ।

ଖଣ୍ଡପଡ଼ା,୨୫।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଏକ ପ୍ରମୁଖ ଛକ ଭାବେ ଜଣାଶୁଣା ରଥଗଡ଼ା ଛକରେ ସଂପ୍ରତି ଅସ୍ଥାୟୀ ଟ୍ୟାକ୍ସି ଷ୍ଟାଣ୍ଡ ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି। ଉକ୍ତ ଛକରେ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତି ରହିଛି। ଉକ୍ତ ପ୍ରତିମୂର୍ତ୍ତି ଚାରିପାଖେ ଟ୍ୟାକ୍ସି ଚାଳକମାନେ ଗାଡି ଗୁଡିକ ପାର୍କିଂ କରୁଛନ୍ତି। ପୁଣି ରଥଗଡ଼ା ଛକର କିଛି ଅଂଶକୁ ଉଠା ଦୋକାନୀମାନେ ଜବରଦଖଲ କରି ବେପାର କରୁଛନ୍ତି। ଏଭଳି ସ୍ଥିତିରେ ଜନଗହଳି ପୂର୍ଣ୍ଣ ରଥଗଡ଼ା ଛକ ଦେଇ ଭାରି ଯାନ ଓ ଯାତ୍ରୀବାହୀ ବସ ସହିତ ହାଲକା ଯାନ ବାହନ ଚଳାଚଳ କରିବାରେ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଏହି ଛକ ନିକଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଶାଖା ରହିଥିବାରୁ ପ୍ରତ୍ୟେହ ଶତାଧିକ ବ୍ୟକ୍ତି ବିଭିନ୍ନ ଯାନବାହନରେ ସେଠାକୁ ଆସି ରାସ୍ତା କଡରେ ଗାଡି ଗୁଡିକ ପାର୍କିଂ କରିଥାଆନ୍ତି। ଫଳରେ ଏଠାରେ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। ରଥଗଡ଼ା ଛକ ଉପରେ ଯାତ୍ରୀମାନଙ୍କ ନିମନ୍ତେ ଏକ ପରିଶ୍ରାଗାର ନିର୍ମାଣ ନିମନ୍ତେ ସହରବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ ହେଁ ଏନ୍‌ଏସି କର୍ତ୍ତୃପକ୍ଷ ସେଥିପ୍ରତି ଆଦୌ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ରଥଗଡ଼ାଛକରୁ ଅସ୍ଥାୟୀ ଟ୍ୟାକ୍ସି ଷ୍ଟାଣ୍ଡକୁ ହଟାଇବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

# କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀଙ୍କ ପଛଘୁଞ୍ଚା

**ଡକ୍ୟୁମେଣ୍ଟ ଏଡିଟିଂ କରି ଭତ୍ତା ହାତେଇବା ଘଟଣା**

- ନିଜ କର୍ମଚାରୀ ଅଡୁଆରେ ପଡିଯିବା ଭୟ ଘାରିଛି
- ୫୭ ଅଯୋଗ୍ୟଙ୍କ ଭତ୍ତା ବନ୍ଦ କରି ଚୁପ୍ ବସିଛି ପ୍ରଶାସନ
- କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ଦାୟିତ୍ୱ ଦିଆଯାଇଛି: ଡିଏସ୍ଏସ୍ଓ

ନୂଆଗାଁ,୨୫।୭(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଭତ୍ତା ଅନିୟମିତତା ଘଟଣାର ତଦନ୍ତ ପରେ କେବଳ ଅଯୋଗ୍ୟ ହିତାଧିକାରୀଙ୍କ ଭତ୍ତା ବନ୍ଦ କରି ଚୁପ୍ ବସିଛି ପ୍ରଶାସନ। ଅଯୋଗ୍ୟ ହିତାଧିକାରୀଙ୍କ ଭତ୍ତା ଅନୁମୋଦନରେ ବିଭାଗୀୟ ବ୍ଲକ କର୍ମଚାରୀଙ୍କଠାରୁ ଆରମ୍ଭ କରି ଜିଲାସ୍ତରୀୟ କର୍ମଚାରୀଙ୍କ ହାତ ରହିଥିବା ଅଭିଯୋଗ ହେଉଛି। ତେବେ ନିଜ ବିଭାଗର କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଜାଣି ସେମାନେ ଅଡୁଆରେ ପଡିବା ସହ ନିଜ ବିଭାଗ ବଦ୍‌ନାମ ହୋଇଯିବା ଭୟରେ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଛଘୁଞ୍ଚା ଦେଉଥିବା ଆଲୋଚନା ହେଉଛି। ଅଯୋଗ୍ୟ ହିତାଧିକାରୀଙ୍କ ଭତ୍ତା ଅନୁମୋଦନରେ ସମ୍ପୃକ୍ତି ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ନୂଆଗାଁ ଅଞ୍ଚଳର ଏକ ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିବେ ବୋଲି ସୂଚନା ମିଳିଛି।

ନୂଆଗାଁ ବ୍ଲକରେ ଅଯୋଗ୍ୟ ହିତାଧିକାରୀ ଭତ୍ତା ପାଉଥିବା ଅଭିଯୋଗ ପରେ ନୟାଗଡ଼ ଉପ-ଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ଦ୍ୱାରା ୩ ଜଣିଆ ଟିମ ଗଠନ କରାଯାଇଥିଲା। ଉଦୟପୁର ପଞ୍ଚାୟତର ୩୪ ଓ ମାଳିସାହି ପଞ୍ଚାୟତର ୨୩ ଜଣ ଏପରି ମୋଟ ୫୭ ଜଣ ଜାଲ ଭତ୍ତା ହିତାଧିକାରୀ ଚିହ୍ନଟ କରାଯାଇଥିଲେ। ସେମାନଙ୍କ ଭତ୍ତା ବନ୍ଦ କରାଯାଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ନୋଟିସ ଲଗା ଯାଇଛି। ଭତ୍ତା ପାଇବା ପାଇଁ ହିତାଧିକାରୀ ଅନ୍ ଲାଇନ ଆବେଦନ କରିବା ପରେ ତାହାକୁ ବ୍ଲକ ଓ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ କର୍ମଚାରୀମାନେ ଯାଞ୍ଚ କରିଥାଆନ୍ତି। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପୁନଃ ଯାଞ୍ଚ ପରେ ଉପଜିଲାପାଳ ଅନୁମୋଦନ କରିଥାଆନ୍ତି। ତେବେ ଉକ୍ତ କାର୍ଯ୍ୟାଳୟଗୁଡିକର କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତ କରି ମଧ୍ୟସ୍ଥମାନେ ଅଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପାଇଁ ଆବଶ୍ୟକ କାଗଜପତ୍ରରେ ଯୋଗ୍ୟ କରି ଆବେଦନ କରାଯାଇଛି। ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ କରିବା ପାଇଁ ମଧ୍ୟସ୍ଥମାନେ ୫ ହଜାରରୁ ୧୦ ହଜାର ନେଉଥିବା କେତେଜଣ ହିତାଧିକାରୀ କହିଛନ୍ତି। ତେବେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପରେ କାହା ମାଧ୍ୟମରେ ଏପରି ଅନିୟମିତତା କାର୍ଯ୍ୟ ହେଉଥିଲା ତାହା ତଦନ୍ତ କରି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଥିବା ବେଳେ ବିଭାଗୀୟ ଅଧିକାରୀ ଚୁପ୍ ରହିବା ଘଟଣା ଯପ୍ରଶ୍ୱବାଚୀ ସୃଷ୍ଟି କରୁଛି। ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ନୂଆଗାଁ ବିଡିଓ ବାସୁଦେବ ନାୟକ ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ମଧ୍ୟ ନୀରବ ରହିଛି। ଅନୁରୂପ ଭାବେ ସାମାଜିକ ସୁରକ୍ଷା ବିଭାଗର ଜଣେ କର୍ମଚାରୀ ସ୍ୱାସ୍ଥ୍ୟ ବିଭାଗରେ ରହି ମୋଟା ଅଙ୍କର ଟଙ୍କା ନେଇ ସୁସ୍ଥ ସବଳ ଯୁବକମାନଙ୍କ ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର କରାଇ ଦେଉଥିବା ଅଭିଯୋଗ ହେଉଛି। ଏତେ ସବୁ ଅଭିଯୋଗ ପରେ ଅଧିକାରୀଙ୍କ ନୀରବତା ବାବଦରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁରଙ୍କୁ ପଚାରିବାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନୂଆଗାଁ ବିଡିଓଙ୍କୁ କୁହାଯାଇଛି ବୋଲି କହିଛନ୍ତି।



ନୂଆଗାଁ ବ୍ଲକ କାର୍ଯ୍ୟାଳୟ

# ଜଗନ୍ ଜଣେ ପାବ୍‌ଲୋ ଏସ୍‌କୋବର: ଚନ୍ଦ୍ରବାବୁ

**ଅମରାବତୀ,୨୫।୭**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସ୍‌ଆର୍‌ସିପି ନେତା ଜଗନ୍ ମୋହନ ରେଡ୍ଡୀଙ୍କୁ କଲମ୍ବିଆର ଡ୍ରଗ୍ ବ୍ୟବସାୟୀ ପାବ୍‌ଲୋ ଏସ୍‌କୋବରଙ୍କ ସହ ତୁଳନା କରିଛନ୍ତି। ଗୁରୁବାର ଆନ୍ଧ୍ରପ୍ରଦେଶ ବିଧାନସଭାରେ ଏକ ଶ୍ୱେତପତ୍ର ପ୍ରକାଶ କରିବା ଅବସରରେ ଚନ୍ଦ୍ରବାବୁ କହିଛନ୍ତି, ସେ ଦେଶର ଜଣେ ବରିଷ୍ଠ ରାଜନେତା। ତେବେ ଜଗନ୍‌ଙ୍କ ଶାସନ ସମୟରେ ଯେଉଁଭଳି ସ୍ଥିତି ଉପୁଜିଥିଲା ତାହା ସେ ପୂର୍ବରୁ କେବେ ଦେଖି ନ ଥିଲେ। ତେଣୁ ତାଙ୍କୁ କେବଳ ପାବ୍‌ଲୋ ଏସ୍‌କୋବରଙ୍କ ସହ ତୁଳନା କରାଯାଇପାରେ। ଚନ୍ଦ୍ରବାବୁ କହିଛନ୍ତି, ପାବ୍‌ଲୋ କଲମ୍ବିଆର ଜଣେ ନାର୍କୋଟେରୋରିଷ୍ଟ ତଥା ରାଜନେତା ଭାବେ ଜଣାଶୁଣା। ସେ ରାଜନେତା ପାଲଟିବା ପରେ ଡ୍ରଗ୍ସ ବିକ୍ରି କରି ଏହାର


ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ

ଏକ ସଂଘ ଗଢ଼ିଥିଲେ। ସେ ଏକଦା ୩୦ ବିଲିୟନ ଡଲାର ଅର୍ଜନ କରିଥିଲେ, ଯାହାର ମୂଲ୍ୟ ଏବେ ୯୦ ବିଲିୟନ ଡଲାର ହେବ। ପାବ୍‌ଲୋଙ୍କୁ ୧୯୭୬ରେ ଗିରଫ କରାଯାଇଥିଲା। ୧୯୮୦ରେ ସେ ବିଶ୍ୱର ସବୁଠାରୁ ଧନୀ ଡ୍ରଗ୍ ଲର୍ଡ ହୋଇଯାଇଥିଲେ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜଗନ୍‌ମୋହନ ରେଡ୍ଡୀଙ୍କୁ ଉପଲକ୍ଷ୍ୟ କରି ଚନ୍ଦ୍ରବାବୁ କହିଛନ୍ତି, ଟାଟା, ରିଲାଏନ୍ସ, ଅମ୍ବାନୀଙ୍କ ପ୍ରଚୁର ଅର୍ଥ ଅଛି। କିନ୍ତୁ ଜଗନ୍ ସେମାନଙ୍କଠାରୁ ଅଧିକ ଧନୀ ହେବାର ଉଚ୍ଚାକାଂକ୍ଷା ରଖି କାର୍ଯ୍ୟ କରିଥିଲେ। ଜଗନ୍‌ଙ୍କ ସରକାର ଅମଳରେ କି ପ୍ରକାର ଆଇନ ଶୃଙ୍ଖଳା ସ୍ଥିତି ଉପୁଜିଥିଲା, ତାହା ସମସ୍ତେ ଜାଣନ୍ତି। ସେତେବେଳେ ଆନ୍ଧ୍ରପ୍ରଦେଶ ଦେଶରେ 'ଗଞ୍ଜା ରାଜଧାନୀ' ହୋଇଯାଇଥିଲା ବୋଲି ଚନ୍ଦ୍ରବାବୁ ଅଭିଯୋଗ କରିଛନ୍ତି। ସେହି ସମୟରେ ଆନ୍ଧ୍ରର ପ୍ରତ୍ୟେକ ଗ୍ରାମରେ ସହଜରେ ଗଞ୍ଜେଇ ମିଳୁଥିଲା। ଏ ବିଷୟ ତାଙ୍କ ଶାସନକାଳରେ ଜଗନ୍ କେବେ ଉଠାଇ ନ ଥିଲେ। ତେଣୁ ବର୍ତ୍ତମାନର ଯୁବପିଢ଼ି ନିଶାଠାରୁ ଦୂରେଇ ରହି ସେମାନଙ୍କ ପରିବାରକୁ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ସାଧାରଣରେ ନିବେଦନ କରିଛନ୍ତି। ଏଭଳି କାରବାର କିଭଳି ବନ୍ଦ କରାଯିବ ସେ ଦିଗରେ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଚନ୍ଦ୍ରବାବୁ ନାଇଡୁ କହିଛନ୍ତି।

# ସୋର, ନର୍ଲା ବିଧାୟକଙ୍କୁ ହାଇକୋର୍ଟ ନୋଟିସ୍

**କଟକ,୨୫।୭ (କାର୍ତ୍ତିକ ସାହୁ)**

### ନିର୍ବାଚନୀ ଅନିୟମିତତା ମାମଲା

୨୦୨୪ ନିର୍ବାଚନରେ ଅନିୟମିତତା ଅଭିଯୋଗରେ ଦାଏର ମାମଲାର ପୃଥକ ଭାବେ ଶୁଣାଣି କରି ହାଇକୋର୍ଟ ୨ ବିଧାୟକଙ୍କୁ ଗୁରୁବାର ନୋଟିସ୍ ଜାରି କରିଛନ୍ତି। ବାଲେଶ୍ୱର ଜିଲା ସୋର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ମାଧବ ଧଡ଼ା ଏବଂ କଳାହାଣ୍ଡି ଜିଲା ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କୁ ଏହି ନୋଟିସ୍ ଜାରି ହୋଇଛି। ଉଭୟଙ୍କ ବିରୋଧରେ ରୁଜୁ ହୋଇଥିବା ନିର୍ବାଚନୀ ଅନିୟମିତତା ମାମଲାରେ ନିଜର ପକ୍ଷ ରଖିବା ପାଇଁ ହାଇକୋର୍ଟଙ୍କ ଆଦେଶ ରହିଛି।

ସୂଚନା ଅନୁସାରେ, ସୋର ନିର୍ବାଚନମଣ୍ଡଳୀର ପରାଜିତ ଭାଜପା ପ୍ରାର୍ଥୀ ପର୍ଶୁରାମ ଧଡ଼ା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ନିର୍ବାଚନମଣ୍ଡଳୀର ବିଜୟୀ ବିଜେଡି ପ୍ରାର୍ଥୀ ମାଧବ ଧଡ଼ା ତାଙ୍କ ସତ୍ୟପାଠରେ ଭୁଲ୍ ତଥ୍ୟ ପ୍ରଦାନ କରିଛନ୍ତି। ବିଧାୟକଙ୍କ ନାମରେ ଥିବା ଆପରାଧିକ ମାମଲା ଓ ସରକାରୀ ଦେୟ ଅନାଦାୟ ଥିବା ସେ ସତ୍ୟପାଠରେ ଦର୍ଶାଇନାହାନ୍ତି। ନିଜର କେତେକ ତଥ୍ୟ ସେ ଲୁଚାଇଛନ୍ତି। ଯାହାକି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ଚଳିତ ନିର୍ବାଚନରେ ସୋର ନିର୍ବାଚନମଣ୍ଡଳୀରୁ ପର୍ଶୁରାମ ୬୨,୮୪୦ ଖଣ୍ଡ ଓ ମାଧବ ୬୩, ୬୪୨ ଖଣ୍ଡ ଭୋଟ ପାଇଥିଲେ। ଆସନ୍ତା ସେପ୍ଟେମ୍ବର ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସେହିପରି ନର୍ଲା ବିଧାନସଭାର ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ବିରୋଧରେ କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସ ନିର୍ବାଚନୀ ଅନିୟମିତତା ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ନିର୍ବାଚନୀ ସତ୍ୟପାଠରେ ମନୋରମା ନିଜ ବୟସ ଓ ଶିକ୍ଷାଗତ ଯୋଗ୍ୟତା ଠିକ୍ ଭାବେ ଦର୍ଶାଇ ନାହାନ୍ତି। ଏଥିସହ ଆହୁରି କେତେକ ତଥ୍ୟ ମଧ୍ୟ ସେ ଲୁଚାଇଛନ୍ତି, ଯାହା ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଆସନ୍ତା ସେପ୍ଟେମ୍ବର ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ଇଂଲଣ୍ଡ ଭଳି ଟିକସ ଦେଉଛୁ, ସୋମାଲିଆ ଭଳି ସେବା ପାଉଛୁ: ରାଘବ

**ନୂଆଦିଲ୍ଲୀ, ୨୫।୭**

ଏନ୍‌ଡିଏ ତୃତୀୟ ପାଳି ସରକାର ଉପସ୍ଥାପନ କରିଥିବା ୨୦୨୪-୨୫ ବର୍ଷର ବଜେଟକୁ ରାଜ୍ୟ ସଭା ସଦସ୍ୟ ତଥା ଆପ୍ ନେତା ରାଘବ ଚଢ଼ା କଡ଼ା ସମାଲୋଚନା କରିଛନ୍ତି। ଭାରତ ଇଂଲଣ୍ଡ ଭଳି ଟିକସ ଦେଉଥିବାବେଳେ ସୋମାଲିଆ ଭଳି ସେବା ପାଉଥିବା ସେ କହିଛନ୍ତି। ରାଜ୍ୟ ସଭାରେ ଗୁରୁବାର ବଜେଟ ଉପରେ ଆଲୋଚନାରେ ଭାଗନେଇ ଚଢ଼ା କହିଥିଲେ, ସମାଜର କୌଣସି ବର୍ଗଙ୍କୁ ବଜେଟରେ ସନ୍ତୁଷ୍ଟ କରାଯାଇପାରି ନାହିଁ। ଏପରିକି ଭାଜପା


ରାଘବ ଚଢ଼ା

ସମର୍ଥକ ଓ ଭୋଟରମାନେ ମଧ୍ୟ ଏଥିରେ ସନ୍ତୁଷ୍ଟ ନୁହନ୍ତି। ସାଧାରଣତଃ ବଜେଟ ସମାଜର କେତେକ ବର୍ଗଙ୍କୁ ଖୁସି କରୁଥିଲାବେଳେ ଅନ୍ୟ କେତେଜଣ ଅସନ୍ତୁଷ୍ଟ ହୋଇଥାନ୍ତି। ତେବେ ଏଥର ସରକାର ପ୍ରତ୍ୟେକଙ୍କୁ ଅସନ୍ତୁଷ୍ଟ କରିଛନ୍ତି। ଗତ ୧୦ ବର୍ଷ ହେଲା ସରକାର ଆୟକର, ଜିଏସ୍‌ଟି, ପୁଞ୍ଜି ଲାଭ ଟିକସ ଆଦି ଜରିଆରେ ଜନସାଧାରଣଙ୍କ ଆୟର ପ୍ରାୟ ୭୦ରୁ ୮୦ ପ୍ରତିଶତ ନେଇଯାଉଛନ୍ତି। ଏହା ବଦଳରେ ଜନସାଧାରଣ କ'ଣ ପାଉଛନ୍ତି ବୋଲି ଆପ୍ ନେତା କହିଛନ୍ତି। କି ପ୍ରକାର ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା, ପରିବହନ ଓ ଶିକ୍ଷା ବ୍ୟବସ୍ଥା ମିଳିଛି ବୋଲି ଚଢ଼ା ଜାଣିବାକୁ ଚାହିଁଥିଲେ।

# ପରାଜୟର କାରଣ ଖୋଜିଲେ, ସଙ୍ଗଠନ ସୁଦୃଢ଼କୁ ଗୁରୁତ୍ୱ


ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀର ସମୀକ୍ଷା ବୈଠକରେ ଗୁରୁବାର ସାମିଲ ହୋଇଥିବା ଭାଜପା ନେତୃବୃନ୍ଦ।

**ସମ୍ବଲପୁର,୨୫।୭ (ଭବାନୀ ଶଙ୍କର ଭୋଇ)**

### ଭାଜପାର ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ ସମୀକ୍ଷା

୨୦୨୪ ନିର୍ବାଚନରେ ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା କ୍ଷେତ୍ରରେ ଭାଜପା ପରାଜିତ ହୋଇଥିଲା। ଗୁରୁବାର ପରାଜୟର କାରଣ ଖୋଜିବା ପାଇଁ ଦଳୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଯୋଗଦେଇଥିଲେ। ଦଳର ରେଙ୍ଗାଲି ବିଧାୟକ ପ୍ରାର୍ଥୀ ନାଉରି ନାୟକଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ପରାଜୟର କାରଣ ସମ୍ପର୍କରେ ବୁଥ୍‌ୱାରି ସ୍ଥିତି ଆଲୋଚନା କରାଯାଇଥିଲା। ଯେଉଁ ବୁଥ୍‌ଗୁଡ଼ିକରେ ଭାଜପା ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନରେ ରହିଥିଲା, ତା'ର କାରଣ ବିଷୟରେ ଦଳୀୟ ପଦାଧିକାରୀ ଏବଂ ନିର୍ବାଚନ ଦାୟିତ୍ୱରେ ରହିଥିବା କର୍ମକର୍ତ୍ତାଙ୍କଠାରୁ ତଥ୍ୟ ମଗାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ମହାନଗର ନିଗମ ନିର୍ବାଚନରେ ଦୁର୍ବଳ ରହିଥିବା ବୁଥ୍‌ଗୁଡ଼ିକରେ ଦଳ କିଭଳି ମଜଭୁତ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ମେହେର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ମାନେଶ୍ୱର ବ୍ଲକ୍ ଉପାଧ୍ୟକ୍ଷ ନରେନ୍ଦ୍ର ମିଶ୍ର, ଆଶିଷ ହୋତା ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

ତେବେ ରାଜ୍ୟ ଉପସଭାପତି ମହାପାତ୍ର ଏଠାକୁ ଆସିବା ଅବସରରେ ସମ୍ବଲପୁର ବିଧାୟକଙ୍କ ନିୟନ୍ତ୍ରଣରେ ଥିବା କଚେରି ରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟ ନ ଯାଇ ଜିଲା ସଭାପତିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମିଲହେବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ପୋଲାଭରମ୍ ନେଇ ବିଧାନସଭାରେ କଂଗ୍ରେସର ହଟ୍ଟଗୋଳ

**ଭୁବନେଶ୍ୱର,୨୫।୭(ଅନିଲ ଦାସ)**

### ଗୃହ ମୁଲତବୀ
### ଗୃହ କମିଟି କରିବା ଦାବି

କେନ୍ଦ୍ରର ଭାଜପା ସରକାର ଓଡ଼ିଶା ସ୍ୱାର୍ଥ ବିରୋଧୀ। ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଆନ୍ଧ୍ରକୁ ଟଙ୍କା ଦେବା ନେଇ କଂଗ୍ରେସ ସଦସ୍ୟମାନେ ଗୁରୁବାର ବିଧାନସଭାରେ ହଟ୍ଟଗୋଳ କରିଛନ୍ତି।

ଗୁରୁବାର ବିଧାନସଭା ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପୋଲାଭରମ ପ୍ରକଳ୍ପକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପାଇସା ଦେଉଛନ୍ତି। ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରାଯାଉଛି। ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲାର ବହୁ ଆଦିବାସୀ ଗାଁ ବୁଡ଼ିଯିବ। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଦକ୍ଷିଣ ଓଡ଼ିଶାର ଅନେକ ଅଞ୍ଚଳ ଜଳମଗ୍ନ ହେବ ବୋଲି ସେମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ପାଟିତୁଣ୍ଡ କରିବା ସହ ଏ ନେଇ ଗୃହ କମିଟି ଗଠନ କରାଯାଉ ବୋଲି ଦାବି କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ମାଇକ ଟାଣି ଦେଇଥିଲେ। ହଟ୍ଟଗୋଳ ଯୋଗୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୧ଟା ୫୫ ମିନିଟରୁ ପ୍ରଥମେ ୧୫ ମିନିଟ୍ ଏବଂ ପରେ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।



ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ଲଳିତ କୁମାର ମାଡ଼ ମାରିବା ଘଟଣାର ପ୍ରତିବାଦ ସହ ତାଙ୍କୁ ଗିରଫ ଦାବିରେ ସିପିଆଇ(ଏମ୍) ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କେଜ୍‌ରିୱାଲ, ସିସୋଡିଆଙ୍କ ହାଜତ ମିଆଦ ବଢ଼ିଲା

**ନୂଆଦିଲ୍ଲୀ, ୨୫।୭**

ଅବକାରୀ ନୀତି ସହ ଜଡ଼ିତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ ଅଦାଲତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ହାଜତ ମିଆଦକୁ ବଢ଼ାଇ ଦେଇଛନ୍ତି। ସ୍ୱତନ୍ତ୍ର ବିଚାରପତି କାବେରି ବାୱେଜା ମନିଲଣ୍ଡରିଂ ମାମଲାରେ କେଜ୍‌ରିୱାଲଙ୍କ ବିଚାର ବିଭାଗୀୟ ହାଜତ ମିଆଦ ଜୁଲାଇ ୩୧ ପର୍ଯ୍ୟନ୍ତ ବଢ଼ାଇଥିବାବେଳେ ଦୁର୍ନୀତି ମାମଲାରେ ଏହି ମିଆଦ ଅଗଷ୍ଟ ୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବାବେଳେ ସିବିଆଇ ଦୁର୍ନୀତି ମାମଲାର ତଦନ୍ତ ଚଳାଇଛି। ସେହିପରି ମନିଲଣ୍ଡରିଂ ମାମଲାରେ ଆମ୍ ଆଦ୍‌ମୀ ପାର୍ଟି ନେତା ତଥା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କ ବିଚାର ବିଭାଗୀୟ ହାଜତ ମିଆଦ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅଭିଯୁକ୍ତମାନଙ୍କୁ ଭିଡିଓ କନ୍‌ଫେରେନ୍ସ ଜରିଆରେ କୋର୍ଟରେ ହାଜତ କରାଯାଇଥିଲା। ଇଡି ମାମଲାରେ ସୁପ୍ରିମକୋର୍ଟ ପୂର୍ବରୁ କେଜ୍‌ରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ତେବେ ସେ ଜେଲରୁ ବାହାରିବା ପୂର୍ବରୁ ଦୁର୍ନୀତି ମାମଲାରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ଫଳରେ କେଜ୍‌ରିୱାଲ ତିହାର ଜେଲରୁ ବାହାରିପାରି ନ ଥିଲେ।

# ଉଠା ଜଳସେଚନ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ବିଲ୍ ପୈଠରେ କୋହଳ

**ଭୁବନେଶ୍ୱର, ୨୫।୭ (ବନ୍ଦନା ସେଠୀ)**

### ୮ କିସ୍ତିରେ ବକେୟା ବିଲ୍ ଦେଇପାରିବେ: ଉପ ମୁଖ୍ୟମନ୍ତ୍ରୀ

ଉଠା ଜଳସେଚନ ଉପଭୋକ୍ତାଙ୍କ ବକେୟା ବିଦ୍ୟୁତ୍ ବିଲ୍ ଦେୟ ଅବଧିରେ କୋହଳ କରିଛନ୍ତି ରାଜ୍ୟ ସରକାର। ଚଳିତ ଖରିଫ ଋତୁରେ ଚାଷୀଙ୍କ ସ୍ୱାର୍ଥରକ୍ଷା ନେଇ ଉଠାଜଳସେଚନ ଉପଭୋକ୍ତାଙ୍କୁ ବକେୟା ବିଦ୍ୟୁତ୍ ବିଲ୍ ପଇଠ ଲାଗି ସମୟ ସୀମା ବୃଦ୍ଧି କରିବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ବଡଚଣା ବିଧାୟକ ଅମର ନାୟକ ପ୍ରମୁଖ ପ୍ରସ୍ତାବ ଦେଇଥିଲେ। ବୁଧବାର ବିଧାନସଭାରେ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏ ନେଇ ବୈଠକ ଅନୁଷ୍ଠିତ ହେବାପରେ ଉପ ମୁଖ୍ୟମନ୍ତ୍ରୀ ସିଂହଦେଓ କୃଷି ବିଭାଗର ନିର୍ଦ୍ଦେଶକ ଏବଂ ବିତରଣ କମ୍ପାନିଙ୍କ ସହିତ ଆଲୋଚନା କରି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସମସ୍ତ ଉଠା ଜଳସେଚନ ଉପଭୋକ୍ତାଙ୍କୁ ପ୍ରତିମାସରେ ସେମାନଙ୍କର ବିଦ୍ୟୁତ ବିଲ୍ ପୈଠ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବକେୟା ବିଦ୍ୟୁତ ବିଲ୍ ଟଙ୍କା ମଞ୍ଜୁର କରିବା ପାଇଁ ବିତରଣ କମ୍ପାନିଗୁଡ଼ିକ କିସ୍ତି ଜରିଆରେ ପୈଠ ପାଇଁ ସୁବିଧା ଦେବାକୁ ରାଜି ହୋଇଛନ୍ତି। ଅଗଷ୍ଟ ୨୦୨୪ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ସର୍ବାଧିକ ୮ଟି କିସ୍ତିରେ ବକେୟା ପୈଠ କରିବା ପାଇଁ ଉପଭୋକ୍ତାମାନେ ଏହି ସୁବିଧା ପାଇପାରିବେ। ବିଜୁଳି ଯୋଗାଣ ଯେପରି ନିରବଚ୍ଛିନ୍ନ ରହିବ ତାହା ସୁନିଶ୍ଚିତ କରିବା ସହିତ ଉପଭୋକ୍ତାଙ୍କୁ ଆର୍ଥିକ ନମନୀୟତା ପ୍ରଦାନ କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଅଧିକ ବିବରଣୀ ପାଇଁ ଡିସ୍କମ୍‌ର ଟୋଲ୍ ଫ୍ରି ନଂ. ୧୯୧୨ କିମ୍ବା କଷ୍ଟମରକେୟାର ସେଣ୍ଟରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ ଦାବିରେ ସିପିଆଇ(ଏମ୍)ର ବିକ୍ଷୋଭ

**ଭୁବନେଶ୍ୱର, ୨୪।୭ (ଅନୁରାଧା ମହାରଣା)**

ପୁରୀ ରାଜ ଭବନରେ ଗତ ଜୁଲାଇ ୭ ରାତିରେ ଓଡ଼ିଆ ଅଧିକାରୀଙ୍କୁ କିଛି ଗୁଣ୍ଡା ଏବଂ ରାଜ୍ୟପାଳଙ୍କ ପୁଅ ମରଣାନ୍ତକ ଆକ୍ରମଣ ଘଟଣାର ତଦନ୍ତ ଓ ଦୋଷୀଙ୍କୁ ତୁରନ୍ତ ଫୌଜଦାରୀ ମାମଲାରେ ଗିରଫ ଦାବି ହୋଇଛି। ସିପିଆଇ(ଏମ୍) ଭୁବନେଶ୍ୱର ଲୋକାଲ କମିଟି ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଘଟଣାର ତିନି ସପ୍ତାହ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଗଲା ନାହିଁ କି ଓଡ଼ିଆ ଅଫିସରଙ୍କ ଦ୍ୱାରା ଦିଆଯାଇ ଥିବା ପୋଲିସ ଅଭଯୋଗ ଆଧାରରେ ତଦନ୍ତ କରାଗଲା ନାହିଁ। ନିଜେ ରାଜ୍ୟପାଳ ଏକ ସପ୍ତାହ ମଧ୍ୟରେ ନ୍ୟାୟ ଦେବେ ବୋଲି କହି ନିଜ ପୁତ୍ରକୁ ସୁରକ୍ଷା ପ୍ରଦାନ କରୁଛନ୍ତି ବୋଲି ବିକ୍ଷୋଭକାରୀ କହିଛନ୍ତି। ରାଜ୍ୟ ପୋଲିସକୁ ତାଙ୍କର ସ୍ୱାଧୀନ ଏବଂ ଆଇନଗତ ଦାୟିତ୍ୱ ପାଳନ କରିବାକୁ ଦିଆଯାଉ ନାହିଁ ବୋଲି କହି ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପାଣିଗ୍ରାହୀ ସମାଲୋଚନା କରିଛନ୍ତି। ଆଞ୍ଚଳିକ କମିଟି ସମ୍ପାଦକ ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ଏହି ବିକ୍ଷୋଭରେ ଦଳର ନେତ୍ରୀ ମିନତି ପାଣିଗ୍ରାହୀ, ଯୁବ ନେତା ଯତୀନ ମହାନ୍ତି, ପ୍ରଭାତ ପାଣିଗ୍ରାହୀ, ଚାମ୍ପୁର ସୋରେନ, ବସନ୍ତ ସାହୁ ଏବଂ ଭାଗିରଥି ପ୍ରଧାନ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

# ମନ୍ତ୍ରୀ-ବିଧାୟକ ମୁହାଁମୁହିଁ

### ବିରୋଧୀ ଦଳ ନେତା ଗିରଫ ପ୍ରସଙ୍ଗ

**ଭୁବନେଶ୍ୱର,୨୫।୭(ଅନିଲଦାସ)**

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଗରିଫ କରିବା ପ୍ରସଙ୍ଗକୁ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ବିଜେଡି ବିଧାୟକ ଅରୁଣ ସାହୁ ମୁହାଁମୁହିଁ ହୋଇଛନ୍ତି। ଗୁରୁବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଅରୁଣ କହିଛନ୍ତି, ଗତ ୨୩ ତାରିଖରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଦେଇଥିବା ବିରୋଧୀ ଦଳ ନେତାଙ୍କୁ 'ଗିରଫ କରାଯାଉ' ବୟାନକୁ ବିଧାନସଭା ବିବରଣୀରୁ ବାଦ ଦିଆଯାଉ। ନଚେତ ଯଦି ସାହସ ଅଛି ତେବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଗିରଫ କରନ୍ତୁ ବୋଲି ସେ କହିଥିଲେ। ଏହାର



ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ବିଧାୟକ ଅରୁଣ ସାହୁ

ଜବାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି, ସେ କୌଣସି ଅସାମ୍ବିଧାନିକ ଶବ୍ଦ ବ୍ୟବହାର କରିନାହାନ୍ତି। ବିରୋଧୀ ଦଳ ନେତାଙ୍କ ସମ୍ମାନ ହାନି ହେଲାଭଳି କିଛି କଥା କହିନାହାନ୍ତି। ତାଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନଥିଲା। ପାର୍ଲାମେଣ୍ଟ ରୁଲ୍‌ସ ଅଫ୍ ବିଜ୍‌ନେସରେ ରାଜ୍ୟପାଳ କହିବା ବେଳେ ଯଦି କେହି ବିଶୃଙ୍ଖଳା କରନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇପାରିବ। ଯେତେବେଳେ ଜୟନାରାୟଣ ମିଶ୍ର ବିରୋଧୀ ଦଳ ନେତା ଥିଲେ, ତାଙ୍କୁ ପାଗଳ କହିବାଠାରୁ ଆରମ୍ଭ କରି ରାଞ୍ଚିରେ ଚିକିତ୍ସା କରିବା ପର୍ଯ୍ୟନ୍ତ ବିଜେଡି ସଦସ୍ୟମାନେ ମନ୍ତବ୍ୟ ଦେଉଥିଲେ। ତେବେ ସେ କୌଣସି ଅସାମ୍ବିଧାନିକ କାର୍ଯ୍ୟ କରିନାହାନ୍ତି ବୋଲି ମୁକେଶ କହିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ଜିଓର ଫ୍ରିଡମ ଅଫର

ନୂଆଦିଲ୍ଲୀ,୨୫।୭

Jio AIRFIBER

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ 'ଜିଓ'ର ବହୁ ପ୍ରତୀକ୍ଷିତ ସ୍କିମ୍ ' ଫ୍ରିଡମ ଅଫର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନୂତନ ଜିଓ ଏୟାରଫାଇବର ଗ୍ରାହକଙ୍କ ପାଇଁ ୩୦% ରିହାତି ଫ୍ରିଡମ୍ ଅଫରର ଶୁଭାରମ୍ଭ ୨୦୨୪ ଜୁଲାଇ ୨୬ରୁ ଆରମ୍ଭ ହେଉଛି। ସେହିଭଳି ପୂର୍ବରୁ ସୁଲଭ ରହିଥିବା ଜିଓ ଏୟାରଫାଇବର ପ୍ଲାନ୍ ସାଙ୍ଗକୁ ନୂତନ ଜିଓ ଏୟାରଫାଇବର ସଂଯୋଗ ନେଉଥିବା ଗ୍ରାହକମାନେ ଏହି ଅଫର ମାଧ୍ୟମରେ ୧୦୦୦ଟଙ୍କା ଇନ୍‌ଷ୍ଟାଲେଶନ ଚାର୍ଜ ଛାଡ ଭାବେ ୩୦% ରିହାତି ପାଇବେ। ଏହି ଅଫର ଏକ ସୀମିତ ଅବଧି ପାଇଁ ଉପଲବ୍ଧ ରହିଛି। ଏହି ଫ୍ରିଡମ ଉତ୍ସବ ଅଫରର ଲାଭ ଗ୍ରାହକମାନେ ୨୦୨୪ ଜୁଲାଇ ୨୬ରୁ ଅଗଷ୍ଟ ୧୫ ମଧ୍ୟରେ ପାଇପାରିବେ। ଜିଓ ନୂତନ ଏୟାରଫାଇବର ସଂଯୋଗ ପାଇଁ ଗ୍ରାହକମାନେ ୬୦୦୦୮-୬୦୦୦୮ରେ ମଧ୍ୟ ଏକ ମିସ୍ କଲ୍ ଦେଇପାରିବେ।

ସେହିପରି ଜିଓ ଫାଇବର ଏବଂ ଏୟାରଫାଇବର ହେଉଛି, ଦେଶର ସର୍ବବୃହତ୍ ଏବଂ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଘରୋଇ ବ୍ରଡ୍‌ବ୍ୟାଣ୍ଡ ଏବଂ ମନୋରଞ୍ଜନ ସେବା ଓ ୧.୨ କୋଟିରୁ ଅଧିକ ଘର ପରିସର ସହିତ ଜିଓ ଫାଇବର ଏବଂ ଏୟାରଫାଇବର ସେବା ୯୯.୯୯% ଉତ୍କର୍ଷ ସହ ଦ୍ରୁତଗତିରେ ବୃଦ୍ଧି ପାଉଛି।

ଭାରତୀୟ ଘରଗୁଡିକୁ ଡିଜିଟାଇଜ କରିବାର ଏହି ଗତିକୁ ତ୍ୱରାନ୍ୱିତ କରିବା ଏବଂ ଭାରତକୁ ଏକ ଡିଜିଟାଲ ସୋସାଇଟିରେ ପରିଣତ କରିବା ପାଇଁ ଜିଓ ଏକ ଆକର୍ଷଣୀୟ ଅଫର ଘୋଷଣା କରିଛି, ଯାହାକି ଅଧିକରୁ ଅଧିକ ଘରକୁ ଯୋଡ଼ିହେବା ପାଇଁ ଉତ୍ସାହିତ କରିବ।

ଜିଓ ଏୟାରଫାଇବର ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟା ଦୂର କରିବା ସହ ବ୍ୟବହାରକାରୀଙ୍କୁ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ଗୃହ ମନୋରଞ୍ଜନ, ୮୦୦ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୩ରୁ ଅଧିକ ଓଟିଟି ଆପ୍ସ, ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଏବଂ ଡିଜିଟାଲ ଅନୁଭୂତିକୁ ଉନ୍ନୀତ ହେବାର ସୁଯୋଗ ପ୍ରଦାନ କରୁଛି। ପୂର୍ବରୁ ଅପ୍ଟିକାଲ-ଫାଇବର ସମ୍ପ୍ରସାରଣରେ ରହିଥିବା ବିଭିନ୍ନ ଜଟିଳତା କାରଣରୁ ଗୁଣାତ୍ମକ ହୋମ୍ ବ୍ରଡ୍‌ବ୍ୟାଣ୍ଡ ସୁବିଧା ଉପଲବ୍ଧ ହୋଇପାରୁ ନ ଥିବା ସ୍ଥାନଗୁଡିକରେ ଜିଓ ଏୟାରଫାଇବର ଡିଜିଟାଲ ଲାଇଫଲାଇନ ପାଲଟିବା ସହ ସର୍ବାଧିକ ପସନ୍ଦର ଭରସାଯୋଗ୍ୟ ଗୃହ ମନୋରଞ୍ଜନ ଓ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ହୋଇଛି।

## ବିଚାରପତିଙ୍କ ଡକ୍ଟରେଟ୍ ପ୍ରାପ୍ତି



ଢେଙ୍କାନାଳ ଜିଲ୍ଲା କୋରିଆପାଳ ଗ୍ରାମ ତଥା କାମାକ୍ଷାନଗର ନିବାସୀ ସ୍ୱର୍ଗତ ଶତ୍ରୁଘ୍ନ ସାହୁଙ୍କ ପୌତ୍ର, ଶ୍ରୀଯୁକ୍ତ ବଟକୃଷ୍ଣ ସାହୁ ଓ ଶ୍ରୀମତୀ ସରସ୍ୱତୀ ସାହୁଙ୍କର ସୁପୁତ୍ର ଶ୍ରୀ ତାରିଣୀ ପ୍ରସାଦ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆଇନ ଶାସ୍ତ୍ରରେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ଶ୍ରୀ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ତଥା ଆଇନ ବିଭାଗର ମୁଖ୍ୟ ଡଃ ମନୋଜ କୁମାର ସାଦୁଆଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Role of Legal Support System in Protecting the Human Rights of Street Children- an Empirical Study with Special Reference to Odisha" ଉପରେ ଗବେଷଣା କରିଥିଲେ ଏବଂ ତାଙ୍କର ସନ୍ଦର୍ଭଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବରାମ ତ୍ରିପାଠୀ ଓ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, କୋନିର ଆଇନ ବିଭାଗର ପ୍ରଫେସର ସୁଧାଂଶୁ ମହାପାତ୍ରଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀ ସାହୁ ବିଗତ ଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆଇନ ବିଷୟରେ ସ୍ୱର୍ଣ୍ଣପଦକ ମଧ୍ୟ ହାସଲ କରିଥିଲେ ଏବଂ ବର୍ତ୍ତମାନ ଓଡ଼ିଶା ଜୁଡିସିଆଲ୍ ସର୍ଭିସ୍‌ରେ ବିଚାରପତି ଭାବରେ କାର୍ଯ୍ୟରତ। ଏହି ସଫଳତା ପାଇଁ ସେ ପ୍ରଭୁ ଶ୍ରୀଜଗନ୍ନାଥ, ମାଆ ତାରିଣୀ ଏବଂ ତାଙ୍କର ପିତାମାତା, ମାର୍ଗଦର୍ଶକ ଡ. ମନୋଜ କୁମାର ସାଦୁଆଳ, ପ୍ରଫେସର ସୁକାନ୍ତ କୁମାର ନନ୍ଦ, ପ୍ରଫେସର ଏସ୍.ଏ.କେ. ଆଜାଦ୍, ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ, ଡ. ଜ୍ଞାନେନ୍ଦ୍ର ସାହୁ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ବଡ଼ ଭଉଣୀ ଡକ୍ଟର ରଶ୍ମିରେଖା ସାହୁ, ଭିଣୋଇ ଅଖିଳ କୁମାର, ଧର୍ମପତ୍ନୀ ଶ୍ରୀମତୀ ପ୍ରତୀକ୍ଷାଙ୍କୁ ଏବଂ ବିଶେଷ ଭାବରେ କାମାକ୍ଷାନଗରର ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ଧ-୮୩୮

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏସିଆର ପ୍ରଥମ ଲୋ କାର୍ବନ 'ଗ୍ରୀନ୍' ଜିଙ୍କ୍

## ଇକୋଜେନ୍‌ର ଶୁଭାରମ୍ଭ କଲା ହିନ୍ଦୁସ୍ତାନ ଜିଙ୍କ୍

ନୂଆଦିଲ୍ଲୀ,୨୫।୭




ଦେଶର ସର୍ବବୃହତ୍ ତଥା ବିଶ୍ୱର ୨ୟ ବୃହତମ ସମନ୍ୱିତ ଜିଙ୍କ୍ ଉତ୍ପାଦନକାରୀ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍ ବହୁ ପ୍ରତୀକ୍ଷିତ ଉତ୍ପାଦ ଏବଂ କମ୍ କାର୍ବନ 'ଗ୍ରୀନ୍' ଜିଙ୍କ୍ ବ୍ରାଣ୍ଡ ଇକୋ ଜେନ୍‌ର ସର୍ବଭାରତୀୟ ଉନ୍ମୋଚନ (ଶୁଭାରମ୍ଭ) କରିଛି। ଏପରିକି ଏସ୍ ଆଣ୍ଡ ପି ଗ୍ଲୋବାଲ ସିଏସ୍ଏ ଅନୁଯାୟୀ ବିଶ୍ୱର ସବୁଠାରୁ ସ୍ଥାୟୀ ଧାତୁ ଏବଂ ଖଣି କମ୍ପାନୀ ଭାବେ ସ୍ୱୀକୃତି ପାଇଥିବା ଏହି କମ୍ପାନୀ ବିଶ୍ୱବ୍ୟାପୀ ଏହାର ଗ୍ରାହକଙ୍କ ପାଇଁ ଏସିଆର ପ୍ରଥମ ଲୋ କାର୍ବନ 'ଗ୍ରୀନ୍' ଜିଙ୍କ୍ ଅଫର ଶୁଭାରମ୍ଭ କରିଛି। ସେହିଭଳି ଇକୋଜେନ୍‌କୁ ଏକ ପ୍ରସିଦ୍ଧ ବିଶ୍ୱ ସ୍ଥାୟିତ୍ୱ ପରାମର୍ଶଦାତା ସଂସ୍ଥା ଲାଇଫ୍ ସାଇକେଲ ଆସେସ୍‌ମେଣ୍ଟ (ଏଲ୍‌ସିଏ) ମାଧ୍ୟମରେ କମ୍ କାର୍ବନ ଜିଙ୍କ୍ ଭାବେ ସାର୍ଟିଫିକେଟ୍ ଦେଇଛି ଏବଂ ଉତ୍ପାଦିତ ଜିଙ୍କ୍‌ର ଟନ୍ ପିଛା ୧ ଟନ୍‌ରୁ କମ୍ କାର୍ବନ ଫୁଟ୍‌ପ୍ରିଣ୍ଟ ରହିଛି। ଏପରିକି ଅକ୍ଷୟ ଶକ୍ତି ବ୍ୟବହାରକରି ନିର୍ମିତ ଇକୋଜେନ୍‌ର କାର୍ବନ ଫୁଟ୍‌ପ୍ରିଣ୍ଟ ବିଶ୍ୱର ହାରାହାରି ତୁଳନାରେ ପ୍ରାୟ ୭୫% କମ୍ ରହିଛି। ସେହିପରି ଇକୋଜେନ୍ ହିନ୍ଦୁସ୍ଥାନ ଜିଙ୍କ୍‌ର କାର୍ଯ୍ୟକୁ ଡିକାର୍ବୋନାଇଜ୍ କରିବା ସହ ଏହାର ଗ୍ରାହକମାନଙ୍କୁ ଅଧିକ ସ୍ଥାୟୀ ବିକଳ୍ପ ପ୍ରଦାନ କରିବା ପାଇଁ ଏକ ଅତୁଳନୀୟ ପ୍ରତିଯୋଗିତାମୂଳକ ସୁବିଧା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ହିନ୍ଦୁସ୍ଥାନ ଜିଙ୍କ୍‌ର ଇକୋଜେନ୍ ସହ ୧ଟନ୍ ଇସ୍ପାତ ଉତ୍ପାଦନ କରିବାରେ ଏହି ନୂତନ ଅଫର ସେମାନଙ୍କ ମୂଲ୍ୟ ଶୃଙ୍ଖଳାରେ ପ୍ରାୟ ୪୦୦କି.ଗ୍ରା. ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବ। ହିନ୍ଦୁସ୍ଥାନ ଜିଙ୍କ୍‌ର ନୂଆ ଅଫର, ଲୋ କାର୍ବନ 'ଗ୍ରୀନ୍' ଜିଙ୍କ୍‌କୁ ଇକୋଜେନ୍ ବ୍ରାଣ୍ଡ୍ କରାଯାଇଛି। ପ୍ରଡକ୍ଟ ସର୍ବୋଚ୍ଚ ଗୁଣବତ୍ତା, ସ୍ଥାୟୀ ନିମ୍ନ କାର୍ବନ ଉତ୍ପାଦର ପରିବେଶ-ସମ୍ବେଦନଶୀଳତା ଏବଂ ମାନସିକ ଶାନ୍ତିକୁ ସୂଚିତ କରିଥାଏ, ଯାହା ସମୟ ଉପଯୋଗୀ ।

ଏ ସମ୍ପର୍କରେ ହିନ୍ଦୁସ୍ଥାନ ଜିଙ୍କ୍‌ର ଅଧ୍ୟକ୍ଷା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ଆମର ସମସ୍ତ ବ୍ୟବସାୟିକ ନିଷ୍ପତ୍ତି ମୂଳରେ ସ୍ଥାୟିତ୍ୱ ରହିଛି। ହିନ୍ଦୁସ୍ଥାନ ଜିଙ୍କ୍ ଏସ୍ ଆଣ୍ଡ ପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସ୍‌ମେଣ୍ଟରେ ୧ହୋଇଥିବାରୁ ଏହା ଏକ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ ପାଲଟିଛି। ଆଜି ଇକୋଜେନ୍‌ର ଶୁଭାରମ୍ଭ ହେଉଛି ୨୦୫୦ ସୁଦ୍ଧା ନେଟ୍‌ଜିରୋ ହେବାର ଆମ ଯାତ୍ରାରେ ଆଉ ଏକ ପଦକ୍ଷେପ। ଇଏସ୍‌ଜି କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରି ହିନ୍ଦୁସ୍ଥାନ ଜିଙ୍କ୍ ସୁରକ୍ଷିତ, ସ୍ମାର୍ଟ ଏବଂ ଅଧିକ ସ୍ଥାୟୀ ପରିଚାଳନା ଏବଂ ଉତ୍ପାଦ ସୃଷ୍ଟି କରି ପ୍ରାକୃତିକ ସମ୍ପଦ ଶିଳ୍ପରେ ବିପ୍ଳବ ଆଣିଛି।

ସେହିଭଳି ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ର ସିଇଓ ଅରୁଣ ମିଶ୍ର କହିଛନ୍ତି,ଇକୋଜେନ୍‌ର ଶୁଭାରମ୍ଭ ଆମର ଡିକାର୍ବୋନାଇଜିଂ ଅପରେଶନର ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ,ପରିବେଶ ସଚେତନ ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଛି, ଯେଉଁମାନେ ସେମାନେ ବ୍ୟବହାର କରୁଥିବା କଞ୍ଚାମାଲର ଉତ୍ପତ୍ତି ବିଷୟରେ ଜାଣିଛନ୍ତି ଏବଂ ସେମାନଙ୍କ ଯୋଗାଣ ଶୃଙ୍ଖଳାକୁ ଡିକାର୍ବୋନାଇଜ୍ କରିବାକୁ ଲକ୍ଷ୍ୟ ରଖିଛନ୍ତି। ହିନ୍ଦୁସ୍ଥାନ ଜିଙ୍କ୍‌ର ନେଟ୍-ଜିରୋ ଲକ୍ଷ୍ୟ ଅନୁଯାୟୀ ଏହା ଆମର ଉତ୍ପାଦ ରଣନୀତିରେ ଏକ ପ୍ରମୁଖ ମାଇଲଖୁଣ୍ଟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ହିନ୍ଦୁସ୍ଥାନ ଜିଙ୍କ୍ ୨୦୩୦ ସୁଦ୍ଧା ଏହାର କାର୍ବନ ନିର୍ଗମନକୁ ୫୦% ହ୍ରାସ କରିବା ପାଇଁ ଏହାର ଭେରିଫାଏଡ୍ ଏସ୍‌ବିଟିଆଇ (ବିଜ୍ଞାନଭିତ୍ତିକ ଟାର୍ଗେଟ ଇନିସିଏଟିଭ୍) ଲକ୍ଷ୍ୟ ଅନୁଯାୟୀ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ କରିବା ପାଇଁ ପ୍ରୟାସ କରୁଛି।

# ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୨୫।୭

କ୍ରମାଗତ ୫ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୯ (୧୦୯.୦୯) ପଏଣ୍ଟ କମି ୮୦,୦୪୦ (୮୦,୦୩୯.୮୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭ (୭.୪୦) ପଏଣ୍ଟ ହ୍ରାସ ଘଟି ୨୪,୪୦୬(୨୪,୪୦୬.୧୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଆଇଓବିର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୫।୭

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ(ଆଇଓବି)ର ନୂତନ ଶାଖା (ଫୁଲବାଣୀ ଟାଉନ ଶାଖା) ନିକଟରେ ଫୁଲବାଣୀ ଜିଲାର ମାଷ୍ଟରପଡ଼ାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅନ୍ତର୍ଗତ ନୂତନ ଫୁଲବାଣୀ ଟାଉନ୍ ଶାଖା ଫୁଲବାଣୀ ଜିଲାର ମାଷ୍ଟରପଡ଼ାଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଫୁଲବାଣୀ ସିଡିଓ ତଥା ଜିଲା ପରିଷଦ ଅଧିକାରୀ ରତ୍ନାକର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା, ସିକ୍ୟୁରିଟି ଅଫିସର ମୀନକେତନ ବେହେରା, ଲ (ଆଇନ) ଅଧିକାରୀ ରାଜେନ୍ଦ୍ର କୁମାର ସାହୁ, ସାଧାରଣ ପ୍ରଶାସନ ବିଭାଗ ଅଧିକାରୀ ଚକ୍ରଧର ଶବରଙ୍କ ସମେତ ଆଇଓବି ଫୁଲବାଣୀ ଶାଖାର ଶାଖା ପ୍ରବନ୍ଧକ ଶୈଳେଶ କୁମାର ବାରିକ, କ୍ୟାଶିୟର ଛବିଳ କୁମାର ନାଏକ, ଆଡ୍‌ଭୋକେଟ୍ ରମେଶ ଚନ୍ଦ୍ର ମହାନ୍ତି ଏବଂ ଶାଖାର ଅନ୍ୟ କର୍ମଚାରୀ ଓ ଗ୍ରାହକବୃନ୍ଦ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାହକ ତଥା ସାଧାରଣ ଜନତାଙ୍କୁ ସମ୍ବୋଧିତକରି ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା ନୂତନ ଶାଖା ଉଦ୍‌ଘାଟନର ସଫଳତା ଫୁଲବାଣୀ ତଥା ସମସ୍ତ କନ୍ଧମାଳ ବାସିନ୍ଦାଙ୍କ ପାଇଁ ଉତ୍ସର୍ଗୀକୃତ କରିଥିଲେ। ଏପରିକି କନ୍ଧମାଳର ସମସ୍ତ ଜନତା ତଥା ବ୍ୟକ୍ତି, ପରିବାର, ବ୍ୟବସାୟୀ ଓ ଉଦ୍ୟୋଗୀମାନଙ୍କର ଉନ୍ନତି ପାଇଁ ଏହି ନୂତନ ଶାଖା ସମସ୍ତ ପ୍ରକାର ଗ୍ରାହକ ସେବା ଯୋଗାଇଦେବ ବୋଲି ସେ କହିଥିଲେ।

# ମିଡିଆ ଟେକ୍ ସହ ଜିଓ ଥିଙ୍ଗସ୍‌ର ବୁଝାମଣା

ନୂଆଦିଲ୍ଲୀ,୨୫।୭




ବିଶ୍ୱର ଅଗ୍ରଣୀ ସେମିକଣ୍ଡକ୍ଟର କମ୍ପାନୀ ମିଡିଆଟେକ୍ ଏବଂ ଜିଓ ଥିଙ୍ଗସ୍ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାର ମିଳିତ ସହଯୋଗରେ ୨ଚକିଆ ଯାନ ପାଇଁ ମେଡ୍ ଇନ୍ ଇଣ୍ଡିଆ, ସ୍ମାର୍ଟ ଡିଜିଟାଲ କ୍ଲଷ୍ଟର ଏବଂ ସ୍ମାର୍ଟମଡ୍ୟୁଲର ଶୁଭାରମ୍ଭ କରାଯାଇଛି। ବିଶେଷକରି ଇଲେକ୍ଟ୍ରିକ୍ ଯାନ(ଇଭି) ବର୍ଗରେ ଏହାର ବ୍ୟାପକ ବ୍ୟବହାରର ସମ୍ଭାବନା ରହିଛି। ଏପରିକି ୨ଚକିଆ ଯାନ ବଜାରରେ ଏହା ବିପ୍ଳବ ସୃଷ୍ଟି କରିବା ସମ୍ଭାବନା ରଖିଛି। ଉଲ୍ଲେଖଯୋଗ୍ୟ, ଜିଓ ଥିଙ୍ଗସ୍ ଲିମିଟେଡ୍ ହେଉଛି, ଜିଓ ପ୍ଲାଟ୍‌ଫର୍ମସ୍ ଲିମିଟେଡ୍‌ର ଏକ ସହାୟକ ସଂସ୍ଥା ଯାହା ଏଣ୍ଡ-ଟୁ-ଏଣ୍ଡ ଇଣ୍ଟରନେଟ ଅଫ୍ ଥିଙ୍ଗ୍ସ (ଆଇଓଟି) ସମାଧାନ ପ୍ରଦାନ କରୁଛି।

ଏ ସମ୍ପର୍କରେ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍‌ର ସଭାପତି କିରଣ ଥୋମାସ କହିଛନ୍ତି, ଜିଓ ଥିଙ୍ଗସ ପକ୍ଷରୁ ମିଡିଆ ଟେକ୍ ସହ ସହଭାଗିତା ସ୍ଥାପନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଗମନାଗମନ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଉଭୟ ସଂସ୍ଥା ଚୁକ୍ତିବଦ୍ଧ ହୋଇଛନ୍ତି। ସେହିଭଳି ଆମେ ଆମର ଅତ୍ୟାଧୁନିକ ଡିଜିଟାଲ ସମାଧାନ ସହ ମିଡିଆ ଟେକ୍‌ର ଉନ୍ନତ ଚିପ୍‌ସେଟ୍‌କୁ ସମନ୍ୱିତକରି ଏକ ନୂତନ ମାନଦଣ୍ଡ ସ୍ଥାପିତ କରିବୁ,ଯାହା ଗ୍ରାହକଙ୍କ ଅନୁଭୂତିରେ ଉନ୍ନତି ଆଣି ଭବିଷ୍ୟତକୁ ବଦଳାଇଦେବ। ସେହିପରି ଗ୍ରାହକମାନେ ଜିଓ ଅଟୋମୋଟିଭ ଆପ୍ ସୁଇଟରେ ଜିଓ ଭଏସ୍ ଆସିଷ୍ଟାଣ୍ଟ, ଜିଓସାୱନ୍, ଜିଓପେଜ, ଜିଓ ଏକ୍ସପ୍ଲୋଆର୍ ଭଳି ଅନେକ ଅନନ୍ୟ ସେବା ଏକତ୍ର ପାଇପାରିବେ। ଜିଓ ଥିଙ୍ଗସ୍‌ର ସ୍ମାର୍ଟ ଡିଜିଟାଲ କ୍ଲଷ୍ଟର ଅଭନି ଓଏସ୍ ଉପରେ ଆଧାରିତ ଥିଲାବେଳେ ସ୍ମାର୍ଟ ଡିଜିଟାଲ କ୍ଲଷ୍ଟର ଏବଂ ଅପରେଟିଂ ସିଷ୍ଟମ ବାସ୍ତବ ସମୟ ଡାଟାର ଅନୁଶୀଳନ କରିଥାଏ। ଏପରିକି ଗାଡ଼ି ଉପରେ ଉତ୍ତମ ନିୟନ୍ତ୍ରଣ ପାଇଁ ଏଥିରେ ଏକ ଉତ୍ତମ ଇଣ୍ଟରଫେସ୍ ସହିତ ସହଜ ନିୟନ୍ତ୍ରଣ ପାଇଁ ସ୍ୱର ଚିହ୍ନଟ ଲାଗି ସୁବିଧା ରହିଛି। ଅପରପକ୍ଷରେ ମିଡିଆ ଟେକ୍‌ର ଡିଭାଇସ୍ ବିଜ୍‌ନେସ୍ ଗ୍ରୁପ୍‌ର କର୍ପୋରେଟ୍ ବରିଷ୍ଠ ଉପାଧ୍ୟକ୍ଷ ତଥା ମହାପ୍ରବନ୍ଧକ ଜେରି ୟୁ କହିଛନ୍ତି, ମିଡିଆ ଟେକ୍ ଦ୍ୱାରା ପରିଚାଳିତ ୨ଚକିଆ ସ୍ମାର୍ଟ ଡିଜିଟାଲ କ୍ଲଷ୍ଟରରେ ଜିଓ ଥିଙ୍ଗସ୍ ସହ ସହଭାଗିତା ଉଭୟ ଆଇଓଟି ଏବଂ ଅଟୋମୋଟିଭ କ୍ଷେତ୍ରରେ ନବସୃଜନ ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ଏହି କ୍ଲଷ୍ଟର ଦୁଇଚକିଆ ସ୍ମାର୍ଟ ଡ୍ୟାସ୍ ବୋର୍ଡର ଭବିଷ୍ୟତ ପାଇଁ ଆମର ରହିଥିବା ଦୃଷ୍ଟିକୋଣ ସହ ସମାନ ରହିଛି। ଅତ୍ୟାଧୁନିକ ଚିପ୍‌ସେଟ୍- ତିଆରି କରିବାରେ ମିଡିଆ ଟେକ୍‌ର ଦକ୍ଷତା ଏବଂ ଜିଓର ଉତ୍ପାଦ ନବସୃଜନ ଇତିହାସ ଏହିସମାଧାନକୁ କେବଳ ଭାରତରେ ନୁହେଁ ବରଂ ବିଶ୍ୱ ବଜାରରେ ମଧ୍ୟ ଏକ ଟର୍ନକି ଆଧାର ଭାବରେ ପ୍ରସ୍ତୁତ କରିବ। ୨୦୨୫ ଶେଷ ସୁଦ୍ଧା ଭାରତୀୟ ଦୁଇଚକିଆ ଇଭି ବଜାର ୧୦,୦୦୦ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି; ଯେଉଁଥିରେ ରାସ୍ତାରେ ୩୦ ଲକ୍ଷରୁ ଅଧିକ ଯାନବାହନ ଚଳାଚଳ କରିବ।


# Classified Everyday

0674-2580101, 2549949




**SALE**

**Plot for sale at Puri Konark Marine Drive (850/- per sqft.). Contact: 6371703010.** D-825

30ft. Road, Boundary, Gharabari plot sale, East College, Nakhara. 9776866520. D-75978

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 850/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75762




2 Nos Shops Style Bazar building infront of Paradip Bus Stand, Badambadi Cuttack Approx 300sqft. Contact- 82493 41414. D-844




ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) **only ladies. 9827119799.** D-847

Monalisa Massage Club: All types body massage with hiprofile smart lady rooms service available. 9708545108. D-811

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

Fully relaxed body massage trained therapist. Central SPA. 9556483961. D-75763

## AFFIDAVIT

By virtue of an affidavit sworn before the Executive Magistrate, Sohela, I, Dherendra Swain, R/o Village- Kusurda, P.O.- Panimora, Dist.- Bargarh declare that my daughter's name has been wrongly mentioned as Sneha Swain in place of Snhiha Swain in her Aadhaar Card bearing No.xxxx xxxx 4729. That I have changed her name from Sneha Swain to Snhiha Swain for all purposes. D-840

By virtue of an affidavit before the Executive Magistrate, Keonjhar I want to correct my name and permanent address in Aadhaar Card as Kajal Sahu in place of Khusi Sahu mentioned in my HSC Exam Certificate and address At/P.O.-Ranki, P.S.- Town, Dist.- Keonjhar, Odisha- 758002 in place of At-Tentuli, P.O.-Suakati, Dist.- Keonjhar, Odisha-758002, as mentioned in my Residence Certificate. D-845

I, Ramavtar Kansal, S/o- Late Harnandrai Agrawal, resident of Brahmachari, Ward No.-16, P.O./P.S./ Dist.- Bargarh, PIN-768028, Odisha declare by this affidavit No.- CF-38/ 24.07.2024 dtd. 25.07.2024 that now onwards I shall be known as RAMAWATAR AGRAWAL for all future purposes. D-841

I, Kiranlata Kansal, W/o- Ramawatar Agrawal, resident of Brahmachari, Ward No.-16, P.O./P.S./ Dist.- Bargarh, PIN-768028, Odisha declare by this affidavit dtd. 25.07.2024 that now onwards I shall be known as KIRANLATA AGRAWAL for all future purposes. D-842

I, Urmila Barik(43), W/o- Manas Ranjan Barik, Vill- Bachhada, P.S.- Basudevpur, Dist.- Bhadrak. Before marriage I have an LIC Policy bearing No. 586548343. Where my address is mentioned At/P.O.- Padhuan, Via- Anantapur, Dist.- Bhadrak. By this affidavit I want to change my permanent address instead of before marriage address in my LIC Bond. D-846

ମୁଁ Shashi Bhushan Senapati ଘୋଷଣା କରୁଅଛି ମୋର ନାମ Shashi Bhusan Senapati ଥିଲା। ବର୍ତ୍ତମାନ ମୁଁ Executive Magistrate, Gop ନିକଟରେ affidavit କରି ମୋର ନାମକୁ ପରିବର୍ତ୍ତନ କରି Shashi Bhushan Senapati, S/o- Lakshmidhar Senapati ନାମରେ ପରିଚିତ ହେଲି। D-843

## ମନେ ପଡ଼ନ୍ତି

### ସପ୍ତମ ଶ୍ରାଦ୍ଧବାର୍ଷିକୀ



**୰ସରୋଜ କୁମାର ମହାନ୍ତି**

ପତ୍ନୀ: ଶାନ୍ତିଧରା ମହାନ୍ତି
Plot No.- 1377, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ-୦୨।୦୮।୧୯୩୮
ତିରୋଧାନ- ୦୨।୦୮।୨୦୧୮

ଆପଣଙ୍କ ସମସ୍ତଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।

ଧ-୮୩୯


# ସର୍ଭେୟାନ ଭିଂ ଡ୍ରୋନ୍‌କୁ ଡିଜିସିଏର ଟାଇପ୍ ସାର୍ଟିଫିକେଶନ

ନୂଆଦିଲ୍ଲୀ,୨୫।୭



ଦେଶର ପ୍ରମୁଖ ଘରୋଇ ଷ୍ଟାର୍ଟଅପ୍ କମ୍ପାନୀ ତଥା ଅଗ୍ରଣୀ ଡ୍ରୋନ୍ ନିର୍ମାତା 'ନିବ୍‌ରସ୍ ଟେକ୍ନୋଲୋଜିସ୍'କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକିଏହାର ସର୍ଭେୟାନ ଭିଂ ଡ୍ରୋନ୍‌ର ଉଲ୍ଲେଖନୀୟ ସଫଳତା ପାଇଁ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ସିଭିଲ ଆଭିଏଶନ (ଡିଜିସିଏ) ଠାରୁ ଟାଇପ୍ ସାର୍ଟିଫିକେଶନ ହାସଲ କରିଛି। ବିଶେଷକରି ଏହା କମ୍ପାନୀ ପାଇଁ ଏକ ବଡ ସଫଳତା ହୋଇଥିବାବେଳେ ବ୍ରାଣ୍ଡକୁ ସର୍ବଭାରତୀୟ ସ୍ତରରେ ଚିହ୍ନିତ କରୁଛି, ଯାହା ଭାରତୀୟ ଡ୍ରୋନ୍ ଶିଳ୍ପରେ ଏକ ଅଗ୍ରଣୀ ସଂସ୍ଥା ଭାବେ ନିଜର ସ୍ଥିତିକୁ ମଧ୍ୟ ମଜଭୁତ କରିଛି। ସର୍ଭେୟାନ ଭିଂ ହେଉଛି, ଏକ ଅତ୍ୟାଧୁନିକ ସର୍ଭେ ଓ ମ୍ୟାପିଙ୍ଗ୍ ଡ୍ରୋନ୍,ଯାହାକୁ ସ୍ୱତନ୍ତ୍ର ରୂପେ ଲ୍ୟାଣ୍ଡ ସର୍ଭେ ଓ କନ୍‌ସଲ୍ଟିଂ ଫାର୍ମଗୁଡିକ ପାଇଁ ଡିଜାଇନ କରାଯାଇଛି। କେବଳ ୧.୯୯ କିଲୋଗ୍ରାମ ଓଜନର ଏହି ଡ୍ରୋନ୍ ମାଇକ୍ରୋ କାଟାଗୋରି ଅଧୀନରେ ଆସୁଛି। ଯାହା ଏହାକୁଭାରତରେ ସବୁଠାରୁ ସୁଲଭ ଟାଇପ୍-ସାର୍ଟିଫାଏଡ୍ ଡ୍ରୋନ୍‌ରେ ପରିଣତ କରିଛି। ଏହି ଅଭିନବ ଡ୍ରୋନ୍ ଏକ ହାଇ-ରିଜୋଲ୍ୟୁଶନ ୨୩ ଏମ୍‌ପି କ୍ୟାମେରାରେ ସୁସଜ୍ଜିତ ରହିଛି, ଯାହା ସବିଶେଷ ଫଟୋ ଓ ତଥ୍ୟ କ୍ୟାପ୍ଚର କରିବାକୁ ସକ୍ଷମ। ଏହା ୨୫କି.ମି./ଘଣ୍ଟା ପର୍ଯ୍ୟନ୍ତ ବେଗ ହାସଲ କରିପାରେ ଓ ଯାହା ଦକ୍ଷ ଓ ଠିକ୍ ସର୍ଭେ ପରିଚାଳନା ସୁନିଶ୍ଚିତ କରୁଛି।

ଏ ସମ୍ପର୍କରେ ନିବ୍‌ରସ୍ ଟେକ୍ନୋଲୋଜିର ସହ-ପ୍ରତିଷ୍ଠାତା ଶୁଭମ ବରନୱାଲ କହିଛନ୍ତି, ଆମେ ଆମର ସର୍ଭେୟାନ ଭିଂ ଡ୍ରୋନ୍ ସେବା ପାଇଁ ଡିଜିସିଏଠାରୁ ଟାଇପ୍ ସାର୍ଟିଫିକେଶନ ହାସଲକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ସାର୍ଟିଫିକେଶନ ଆମ ଉତ୍ପାଦର ଗୁଣବତ୍ତା ଓ ସୁରକ୍ଷାର ଏକ ପ୍ରମାଣ। ସେହିଭଳି ଆମେ ନିଶ୍ଚିତ ଯେ ଏହା ଭାରତର ସର୍ଭେ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବ,ସର୍ଭେୟାନ ଭିଂରେ ରିଟର୍ନ ଟୁ ହୋମ୍ ଓ ରିଜ୍ୟୁମ ଫଙ୍କସନାଲିଟି ଭଳି ଆଡ୍‌ଭାନ୍ସଡ୍ ଫିଚରର ଏକ ଶୃଙ୍ଖଳ ସାମିଲ ରହିଛି, ଯାହା ବାଧାମୁକ୍ତ ଓ ସୁରକ୍ଷିତ ପରିଚାଳନା ନିଶ୍ଚିତ କରୁଛି। ଏହାର ସମ୍ପୂର୍ଣ୍ଣ ଅଟୋନୋମସ ଡିଜାଇନ, ଏହାକୁ ବ୍ୟବହାର ପାଇଁ ସହଜ କରୁଛି। ସର୍ଭେୟାନ ଭିଂକୁ ହାଇଗ୍ରେଡ୍ କାର୍ବନ ଫାଇବର କମ୍ପୋଜିଟ୍ ଓ ମ୍ୟାଶିନିଂ-ଗ୍ରେଡ୍ ପ୍ଲାଷ୍ଟିକର ବ୍ୟବହାରକରି ନିର୍ମାଣ କରାଯାଉଛି, ଯାହା ଚମତ୍କାର ସ୍ଥାୟିତ୍ୱ ଓ ନିର୍ଭରଯୋଗ୍ୟ ନିଶ୍ଚିତ କରୁଛି। ଟାଇପ୍ ସାର୍ଟିଫିକେଶନ ସହିତ ସର୍ଭେୟାନ ଭିଂକୁ ଭାରତବ୍ୟାପୀ ବାଣିଜ୍ୟିକ ରୂପେ ପରିଚାଳନା କରାଯାଇପାରିବ,ଯାହା ନିବ୍‌ରସ୍ ଟେକ୍ନୋଲୋଜିର ଅଭିନବ ଡ୍ରୋନ ସଲ୍ୟୁଶନଗୁଡ଼ିକର ପହଞ୍ଚ ଓ ପ୍ରଭାବକୁ ଅଧିକ ବିସ୍ତାର କରିବ। ଏହା କ୍ଷୁଦ୍ର ଓ ମଧ୍ୟମ ଆକାରର ସର୍ଭେୟିଂ ଫାର୍ମଗୁଡିକ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ।

# ଏସ୍. କେ. ଏଣ୍ଟରପ୍ରାଇଜେସ୍ ମାଲିକ ଗିରଫ

## ଡିଏମ୍ଏଫ୍ ଆକାଉଣ୍ଟରୁ ୯.୬ କୋଟି ହଡ଼ପ ମାମଲା

- ଠକେଇ ଟଙ୍କାରୁ ନେଇଛନ୍ତି ୧.୮୪ କୋଟି
- ପୂର୍ବରୁ ଗିରଫ ହୋଇଥିଲେ ୨ ଅଭିଯୁକ୍ତ


ଆଜମିର୍ ମଣ୍ଡଲ୍

ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ରେ ଥିବା ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ଆକାଉଣ୍ଟରୁ ନକଲି ଚେକ୍ ଜରିଆରେ ୯.୬ କୋଟି ଟଙ୍କା ହଡ଼ପ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ହାଓଡ଼ା କମିଶନରେଟ୍ ଅଞ୍ଚଳର ଆଜମିର୍ ମଣ୍ଡଲ୍। ଆଜମିର୍ ହେଲେ ଏସ୍.କେ. ଏଣ୍ଟରପ୍ରାଇଜେସ୍ କମ୍ପାନୀର ମାଲିକ। ତାଙ୍କ ନିକଟରୁ ୩ଟି ମୋବାଇଲ ଓ ସନ୍ଦେହଜନକ ଦସ୍ତାବିଜ୍ ଆଦି ଜବତ ହୋଇଛି। ଆଜମିର୍‌ଙ୍କୁ ଗିରଫ ପରେ ହାଓଡା ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଇଓଡବ୍ଲ୍ୟୁ ଓଡ଼ିଶା ଆଣି ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ପରେ ଆଜମିର୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏହାପୂର୍ବରୁ ଗତ ଏପ୍ରିଲ ତୃତୀୟ ସପ୍ତାହରେ ମଧ୍ୟପ୍ରଦେଶରୁ ସହଯୋଗୀ ତଥା ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ୍ ସପ୍ଲାୟରର ମାଲିକ ପୋମେଶ ତେମ୍ବାରେ ଓ ଜୁଲାଇ ପ୍ରଥମ ସପ୍ତାହରେ ଆହୁଜା ଆଣ୍ଡ୍ ଆସୋସିଏଟ୍ସ ଫାର୍ମର ମାଲିକ ଘନଶ୍ୟାମ ଆହୁଜାଙ୍କୁ ଛତିଶଗଡ଼ରୁ ଗିରଫ କରାଯାଇଥିବାବେଳେ ଉଭୟ ଏବେ ଜେଲରେ ଅଛନ୍ତି। ଠକେଇ ଜଣାପଡ଼ିବା ପରେ ବ୍ୟାଙ୍କର ଚିଫ୍ ମ୍ୟାନେଜର ସୁଜାତା କାନୁନ୍‌ଗୋଙ୍କ ପକ୍ଷରୁ ଭଞ୍ଜପୁର ଥାନାରେ ଏତଲା ଦିଆଯାଇଥିଲା। ଏପ୍ରିଲ ୧୯ରେ ପୋଲିସ ମାମଲା (ନଂ.୯୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଇଓଡବ୍ଲ୍ୟୁ ନିଜ ପକ୍ଷରୁ ଏକ ମାମଲା (ନଂ.୫/୨୦୨୪) ରୁଜୁ କରି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି।

ଅଭିଯୁକ୍ତମାନେ ନକଲି ଚେକ୍ ଜରିଆରେ ଟଙ୍କା ହଡ଼ପ କରିଥିଲେ। ଗତ ଏପ୍ରିଲ ୧୦ରେ ୨ଟି ନକଲି ଚେକ୍‌ରେ ଡିଏମ୍ଏଫ୍ ଜମାଖାତାରୁ ୪.୫୨ କୋଟି ଓ ୧୮ ତାରିଖରେ ଆଉ ୨ଟି ନକଲି ଚେକ୍‌ରେ ୫.୦୪ କୋଟି ଟଙ୍କା ଉଠାଇ ନେଇଥିଲେ। ଏପରି ମୋଟ ୯ କୋଟି ୫୬ ଲକ୍ଷ ୭୬ ହଜାର ୬୦୦ଟଙ୍କା ପିଟି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ୍ ସପ୍ଲାୟର ଓ ଏସ୍.କେ. ଏଣ୍ଟରପ୍ରାଇଜେସ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ ହେବା ପରେ ବିଭିନ୍ନ ଆକାଉଣ୍ଟକୁ ଯାଇଥିଲା। ଏସ୍.କେ. ଏଣ୍ଟରପ୍ରାଇଜେସ୍ ଆକାଉଣ୍ଟକୁ ଠକେଇ ଟଙ୍କାରୁ ୧,୮୪ କୋଟି ଟଙ୍କା ଟ୍ରାନ୍ସଫର୍ ହୋଇଛି। ଏହି ଟଙ୍କାରୁ କମ୍ପାନୀର ମାଲିକ ଆଜମିର୍ ୪ଲକ୍ଷ ଟଙ୍କା ଚେକ୍ ଜରିଆରେ ଏବଂ ୧.୮ ଲକ୍ଷ ଟଙ୍କା ଏଟିଏମ୍ ଜରିଆରେ ଉଠାଇଛନ୍ତି। ଅବଶିଷ୍ଟ ଟଙ୍କା ୧୫ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବା ତଦନ୍ତ ବେଳେ ଜଣାପଡିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି। ଆଜମିର୍ ବଡ଼ ଗ୍ୟାଙ୍ଗର ସଦସ୍ୟ ଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ତାଙ୍କର ର୍‍ୟାକେଟ ସକ୍ରିୟ ରହିଛି।

# ପ୍ରତାରଣା କରିଥିବା ଅଭିଯୁକ୍ତ ସ୍ୱାମୀ ଗିରଫ

## ଟ୍ରେନ୍ ଆଗକୁ ଡ଼େଇଁ ସାମ୍ବାଦିକା ମଧୁମିତାଙ୍କ ଆତ୍ମହତ୍ୟା ଘଟଣା


ଶ୍ରୀଧର ଜେନା

ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)

ବାହାଘର ପରେ ଅଣଦେଖା କରିବା ସହ ପ୍ରତାରଣା କରୁଥିଲେ। ଏପରିକି ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖି ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବାକୁ ଧମକ ଦେବା ସହ ନିର୍ଯାତନା ଦେଉଥିଲେ। ସ୍ୱାମୀଙ୍କ ପରକୀୟା ପ୍ରୀତି ଓ ପ୍ରତାରଣାକୁ ସହି ନ ପାରି ରାଜଧାନୀରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ ସାମ୍ବାଦିକା ମଧୁମିତା ପରିଡା ଓରଫ ଚିନୁ। ବୁଧବାର ଘଟିଥିବା ଏହି ଦୁଃଖଦ ଘଟଣାକୁ ଭୁବନେଶ୍ୱର କମିଶନରେଟ୍ ପୋଲିସ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଧଉଳି ଥାନା ପୋଲିସ ଗୁରୁବାର ଅଭିଯୁକ୍ତ ସ୍ୱାମୀ ଶ୍ରୀଧର ଜେନା (୩୨)ଙ୍କୁ ଗିରଫ କରିଛି। ତାଙ୍କ ଘର ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ତନରଡା ଗ୍ରାମରେ ହୋଇଥିବା ବେଳେ ସେ ବାୟୁସେନାରେ କାର୍ଯ୍ୟ କରନ୍ତି। ମଧୁମିତାଙ୍କ ବାପା ସୁଶାନ୍ତ କୁମାର ପରିଡ଼ାଙ୍କ ଏତଲାକୁ ଆଧାର କରି ପୋଲିସ ବିଏନ୍ଏସ୍ ଦଫା ୮୦, ୮୫, ୧୧୮(୧), ୧୦୮, ୩୧୬, ୧୦୩ (୧), ୩(୫)ରେ ଏକ ମାମଲା (ନଂ. ୧୬୯/୨୦୨୪) ରୁଜୁ କରି ଶ୍ରୀଧରଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଆର୍‌ପି ପକ୍ଷରୁ ଏନେଇ ଅପମୃତ୍ୟୁ ମାମଲା ରୁଜୁ ହେବା ପରେ ବ୍ୟବଚ୍ଛେଦ ପରେ ମଧୁମିତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ମାର୍ଚ୍ଚ ୧ରେ ବିବାହ ପରେ ମଧୁମିତା ଓ ଶ୍ରୀଧର ଭୁବନେଶ୍ୱର ଲିଙ୍ଗିପୁରସ୍ଥିତ ଇନ୍ଦିରା କଲୋନୀରେ ଘରଭଡ଼ା ନେଇ ରହୁଥିଲେ। ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ ଝଗଡା ଆରମ୍ଭ ହୋଇଥିଲା। ଶ୍ରୀଧର ଅନ୍ୟ ଝିଅଙ୍କ ସହ ଲିଙ୍କ୍‌ରେ ଥିବା ଜାଣିବା ପରେ ମଧୁମିତା ବିରୋଧ କରିଥିଲେ। ଶ୍ରୀଧର ରାଜସ୍ଥାନକୁ ଚାଲିଯାଇ ମଧୁମିତାଙ୍କ ସହ ଭଲରେ କଥା ହେଉ ନ ଥିଲେ। ଗତ ୧୨ ଦିନ ହେଲା ଶ୍ରୀଧର ଛୁଟିରେ ସ୍ତ୍ରୀଙ୍କ ପାଖକୁ ଫେରିଥିଲେ। ତେବେ ଛୁଟିରେ ଆସି ମଧ୍ୟ ସ୍ତ୍ରୀଙ୍କୁ ଅଣଦେଖା କରିଥିଲେ। ଏପରିକି ସେ ପୂର୍ବରୁ ଅନ୍ୟ ଜଣଙ୍କୁ ଛାଡ଼ପତ୍ର ଦେଇଥିବା ଏବଂ ମୋବାଇଲ ଫୋନ୍‌ରୁ ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖିଥିବା ମଧୁମିତା ଜାଣିଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ତୀବ୍ର ହୋଇଥିଲା। ଶ୍ରୀଧର ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ସୋମବାର ରାତି ପ୍ରାୟ ୧୨ଟାରେ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିବାକୁ ମଧୁମିତା ତାଙ୍କ ମା'ଙ୍କ ସହ ଧଉଳି ଥାନାକୁ ଯାଇଥିଲେ। ସ୍ୱାମୀ ଶ୍ରୀଧର ଅଣଦେଖା କରିବା ସହ ନିର୍ଯାତନା ଦେଉଥିବା ଏତଲା ଦେଇଥିଲେ। ମଧୁମିତାଙ୍କୁ ବୁଝାଇ ତାଙ୍କ ମା' ଘରକୁ ନେଇଯାଇଥିଲେ। ପୋଲିସ ଡକରା ପାଇ ମଙ୍ଗଳବାର ସକାଳୁ ଶ୍ରୀଧର ଓ ମଧୁମିତା ଧଉଳି ଥାନାକୁ ଯାଇଥିଲେ। ପୋଲିସର ବୁଝାଶୁଝା ପରେ ଉଭୟ ମିଳିମିଶି ଚଳିବେ ବୋଲି କହି ଥାନାରୁ ଫେରିଥିଲେ। ତେବେ ଘରକୁ ଫେରିବା ପରେ ପୁଣି ଶ୍ରୀଧର ଝଗଡା କରିଥିଲେ। ଶ୍ରୀଧର ବାହାରକୁ ଯିବାବେଳେ ମଧୁମିତାଙ୍କୁ ସାଙ୍ଗରେ ନ ନେଇ ଅଣଦେଖା କରିଥିଲେ। ଏହାପରେ ଅପରାହ୍ଣରେ ମଧୁମିତା ଘରୁ ବାହାରି ଶିଶୁଭବନ ନିକଟ ରେଳଧାରଣାରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ।

# ଶିଶୁକନ୍ୟାକୁ ବଳାତ୍କାର, ବାପା ଗିରଫ

କୁଚିଣ୍ଡା,୨୫।୭(ବିରଞ୍ଚି ଦର୍ଶୀ)

ମଦନିଶା କିଭଳି ମଣିଷକୁ ପିଶାଚ କରିଦିଏ ଓ ମଦ୍ୟପ କିପରି ଘୃଣ୍ୟକାର୍ଯ୍ୟ କରିଥାଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳରେ। ଜଣେ ବ୍ୟକ୍ତି ତାଙ୍କର ୬ ବର୍ଷୀୟା ଶିଶୁକନ୍ୟାକୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଆଉ ଥାନାରେ ଅଭିଯୋଗ କରିଛନ୍ତି ପୀଡ଼ିତା ଶିଶୁକନ୍ୟାଙ୍କ ମା'। ସମ୍ବଲପୁର ଜିଲାରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୋଗ ଆଧାରରେ ମହୁଲପାଲି ଥାନାରେ ବିଏନ୍ଏସ୍ ୬୪(୨)/୬୫(୨)ପୋକ୍‌ସୋ ଧାରାରେ ଏକ ମାମଲା (ନଂ.୧୨୮/୨୪) ରୁଜୁ କରି ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରି ଗୁରୁବାର ସମ୍ବଲପୁର ଜିଲା ସେସନ୍ସ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୯ଟାରେ ପୀଡିତା ଶିଶୁକନ୍ୟାଙ୍କ ମା' ବିଲକୁ କାମ କରିବାକୁ ଯାଇଥିଲେ। ଘରେ ୬ବର୍ଷର ଝିଅ ଓ ତାଙ୍କ ସ୍ୱାମୀ ଥିଲେ। ଅପରାହ୍ଣ ୫ଟାରେ ମହିଳା ଜଣଙ୍କ ଘରକୁ ଫେରି ଝିଅ ପୋଷାକରେ ରକ୍ତ ଲାଗିଥିବା ଦେଖି ବ୍ୟସ୍ତ ହୋଇପଡିଥିଲେ। ପଚରାଉଚରା ପରେ ନିଶାଗ୍ରସ୍ତ ଅବସ୍ଥାରେ ଥିବା ସ୍ୱାମୀ ଝିଅକୁ ବଳାତ୍କାର କରିଥିବା କହିଥିଲେ। ବୁଧବାର ସକାଳେ ଝିଅକୁ ମହିଳା ଜଣକ କେଶାଇବାହାଲ ମେଡିକାଲ ନେଇଥିଲେ। ହେଲେ ଡ୍ୟୁଟିରେ ଥିବା ଡାକ୍ତର ଘଟଣା ସମ୍ପର୍କରେ ମହୁଲପାଲି ପୋଲିସକୁ ସୂଚନା ଦେଇ ଶିଶୁର ଉନ୍ନତ ଚିକିତ୍ସା ନିମନ୍ତେ କୁଚିଣ୍ଡା ଉପଖଣ୍ଡ ମେଡିକାଲକୁ ରେଫର କରିଥିଲେ। ଖବରପାଇ ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କା ଓ କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା କୁଚିଣ୍ଡା ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲେ। ସୂଚନାଯୋଗ୍ୟ, ଗତ ରବିବାର ଏହି ମହୁଲପାଲି ଥାନା ଅଞ୍ଚଳରେ ଜଣେ ୬୪ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ଘଟଣାର ସପ୍ତାହେ ନ ପୂରୁଣୁ ପୁଣି ଏକ ଶିଶୁକନ୍ୟା ବଳାତ୍କାର ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଭୁବନେଶ୍ୱର,୨୫।୭(ସତ୍ୟଜିତ୍ ରାଉତ)

ପ୍ରଥମେ ନାବାଳିକାଙ୍କୁ ଅପହରଣ କରିଥିଲେ। ପରେ ପୀଡ଼ିତା ଜଣକ ଉଦ୍ଧାର ହୋଇ ଘରକୁ ଫେରିବା ପରେ ଘରେ ପଶି ବଳାତ୍କାର କରିଥିଲେ। ୨୦୧୫ରେ ଘଟିଥିବା ଏହି ମାମଲାର ୯ ବର୍ଷ ପରେ ଭୁବନେଶ୍ୱର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ଆଡହକ୍ ଆଡିଶନାଲ ସେସନ୍ ଜଜ ସରୋଜ କୁମାର ସାହୁ ଗୁରୁବାର ରାୟ ପ୍ରକାଶ କରିଛନ୍ତି। ବିଚାରପତି ସାହୁ ୯ ଜଣ ସାକ୍ଷୀ ଓ ୧୩ଟି ଦସ୍ତାବିଜକୁ ଆଧାର କରି ଦୀପକ କୁମାର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲଦଣ୍ଡ ଓ ୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୫ ଫେବୃଆରୀ ୨୦ ସନ୍ଧ୍ୟାରେ ଦୀପକ ନାବାଳିକାଙ୍କୁ ଜଗତ୍‌ସିଂହପୁର ଜିଲାର ଏକ ଗାଁରୁ ଅପହରଣ କରିନେଇଥିଲେ। ଅଭିଯୋଗ ପରେ ଜଗତସିଂହପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଭୁବନେଶ୍ୱର ପୋଲିସ ବେଗୁନିଆ ପୋଲିସର ସହାୟତାରେ ନାବାଳିକାକୁ କଳାପଥର ଅଞ୍ଚଳରେ ଥିବା ଅଭିଯୁକ୍ତ ଦୀପକଙ୍କ ଘରୁ ଉଦ୍ଧାର କରିଥିଲା। ଏହି ଘଟଣା ପରେ ପୀଡିତା ଝିଅକୁ ଧରି ତାଙ୍କ ମାଆ ଭୁବନେଶ୍ୱର ରେଣ୍ଟାଲ୍ କଲୋନୀ ଅନ୍ତର୍ଗତ ଏକ ବସ୍ତିରେ ରହିଆସୁଥିଲେ। ଦିନେ ମାଆ ପୈତୃକ ଗାଁକୁ ଯାଇଥିବା ବେଳେ ନାବାଳିକା ଝିଅ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଦୀପକ ଘରେ ପଶି ତାଙ୍କ ନାବାଳିକା ଝିଅକୁ ଜୀବନରୁ ମାରିଦେବାର ଭୟ ଦେଖାଇ ବଳାତ୍କାର କରିଥିଲେ। ଏନେଇ କାହାକୁ ନ କହିବା ପାଇଁ ସେ ଧମକ ଦେଇଥିଲେ। ଭୟରେ ପୀଡ଼ିତା ଜଣକ ଘଟଣା ସମ୍ପର୍କରେ କାହା ଆଗରେ କିଛି ବି କହି ନ ଥିଲେ। ପରେ ପୀଡ଼ିତା ୭ମାସର ଗର୍ଭବତୀ ହେବା ପରେ ପରିବାର ଲୋକ ଜାଣିଥିଲେ। ପଚରାଉଚରା ପରେ ଦୀପକ ଏଭଳି କାଣ୍ଡ ଘଟାଇଥିଲେ ବୋଲି ପୀଡ଼ିତା କହିଥିଲେ। ପୋଲିସ ନିକଟରେ ଅଭିଯୋଗ ନ କରିବାକୁ ଦୀପକଙ୍କ ବାପା ମା' ପୀଡ଼ିତାଙ୍କୁ ଧମକ ଦେଇଥିଲେ। ଶେଷରେ ନାବାଳିକାଙ୍କ ମା' ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ପୋଲିସ ୨୦୧୫ ଡିସେମ୍ବର ୨୧ ପୋକ୍‌ସୋ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ (ନଂ.୪୪୩/୨୦୨୫) ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ପୋଲିସ ଦୀପକଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ସାସମଲ ଓ ଆଡିଶନାଲ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପ୍ରମୁଖ ପରିଚାଳନା କରିଥିଲେ।

# ୫ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୨୫।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ଗୁରୁବାର ୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ କବାସୀ ଦୁଲ୍ଲା,ସୋଡି ବୁଧରା, ମହିଳା ମାଓବାଦୀ ମାଡ଼କାମ ଗାଙ୍ଗି, ପଡିୟମ ସୋମଡି ଓ ମଡକାମ ଆଇତେ। ଜିଲାରେ ଚାଲିଥିବା ସରକାରଙ୍କ ପୁନର୍ବାସ ଯୋଜନାରେ ପ୍ରଭାବିତ ହୋଇ ପୁରସ୍କାର ଘୋଷିତ ୫ ମାଓବାଦୀ ସୁକ୍‌ମା ପୁଲିସ ନିକଟରେ ସଂଗଠନ ଛାଡି ଆତ୍ମସମର୍ପଣ କରିଛନ୍ତି। ଏମାନେ ବିଭିନ୍ନ ହିଂସା ପୋଲିସ ସୂଚନାଦାତା ସନ୍ଦେହରେ ହତ୍ୟା ଏବଂ ଆଇଇଡି ଖଞ୍ଜିବା, ଗାଡି, ଟାୱାର ପୋଡାଜଳା ଓ ରାସ୍ତା ଖୋଳିବା ଭଳି ବିଭିନ୍ନ କାର୍ଯ୍ୟକଳାପରେ ଜଡିତ ଥିବା ସୁକ୍‌ମା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ଆତ୍ମସମର୍ପଣକାରୀଙ୍କୁ ସରକାରଙ୍କ ପୁନର୍ବାସ ଯୋଜନାରେ ୨୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

# ପିତୃହନ୍ତାଙ୍କୁ ଆଜୀବନ ଜେଲ

କେନ୍ଦୁଝର,୨୫।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଓ ଦୌରାଜଜ୍ କୋର୍ଟ ବାପାଙ୍କୁ ହତ୍ୟା ମାମଲାର ରାୟ ଶୁଣାଇଛନ୍ତି। ରାୟରେ ବିଚାରପତି ଅଶୋକ କୁମାର ପଣ୍ଡା ପିତୃହନ୍ତା ପୁଅଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ୧ ମାସ ଅତିରିକ୍ତ ଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୨୦୧୯ ମାର୍ଚ୍ଚ ୨୧ରେ ଗଜାଆମ୍ବ ଗ୍ରାମର ବିଶ୍ୱ ମୁଣ୍ଡାଙ୍କ ବିବାହିତ ଝିଅ ଘରକୁ ବୁଲି ଆସିଥିଲେ। ଏଥିପାଇଁ ବିଶ୍ୱ ଖୁସିରେ ଘରେ ପାଳିଥିବା ୨ କୁକୁଡ଼ାକୁ ତରକାରି କରିବାକୁ କାଟିଥିଲେ। କିନ୍ତୁ ରାତିରେ ବିଶ୍ୱଙ୍କୁ ପଖାଳ ଖାଇବାକୁ ଦିଆଯାଇଥିଲା। ବିଶ୍ୱ ଏହାର ପ୍ରତିବାଦ କରିବାକୁ ତାଙ୍କୁ ଗରମ ଭାତ ଦିଆଯାଇଥିଲେ ବି କୁକୁଡ଼ା ମାଂସ ଦିଆଯାଇ ନ ଥିଲା। ବିଶ୍ୱ ଏ ସମ୍ପର୍କରେ ସ୍ତ୍ରୀ ଗୁରୁବାରୀଙ୍କୁ ପଚାରିବାରୁ ରୋଷେଇ ସରି ନ ଥିବା ସେ କହିଥିଲେ। ଏହାକୁ ନେଇ ପୁଅ ନବ କିଶୋରଙ୍କ ସହ ବାପା ବିଶ୍ୱ ଏବଂ ଝିଅ ସୀତାଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ନବକିଶୋର ଏକ କୁରାଢ଼ିରେ ବିଶ୍ୱଙ୍କୁ ଚୋଟ ପରେ ଚୋଟ ପକାଇ ହତ୍ୟା କରିଥିଲେ। ସରକାରୀ ଓକିଲ ପ୍ରଦୀପ କୁମାର ଦାସ ସୂଚନା ଦେଇଛନ୍ତି।

# ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ନିଲମ୍ବିତ

## ରାଜୁଗୁଡ଼ା ହାଇସ୍କୁଲ

- ଭାଇରାଲ ଭିଡିଓର ତଦନ୍ତକଲେ ଏଡିଏମ୍, ଡିଇଓ

ପଟ୍ଟାଙ୍ଗୀ, ୨୫।୭(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତ ରାଜୁଗୁଡା ହାଇସ୍କୁଲରେ ବିଗତ ଦିନରେ ଛାତ୍ରଙ୍କୁ ଶ୍ରମିକ ଭାବେ କାମ କରାଉଥିବା ଭିଡିଓ ଭାଇରାଲ୍ ଉପରେ ଜିଲା ପ୍ରଶାସନ ଗୁରୁବାର ତଦନ୍ତ ପରେ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ନିଲମ୍ବିତ କରିଛନ୍ତି।

ପ୍ରକାଶ ଯେ, ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ୍ (ରାଜସ୍ୱ) ଆଲମଣି ସେଠୀ ଏବଂ ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଉକ୍ତ ହାଇସ୍କୁଲରେ ପହଞ୍ଚି ଭାଇରାଲ୍ ଭିଡିଓ ସମ୍ପର୍କରେ ତଦନ୍ତକରି ଏକ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ରିପୋର୍ଟ ପାଇବା ପରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣକରି ପଟ୍ଟନାୟକଙ୍କୁ ନିଲମ୍ବିତ କରିଛନ୍ତି।

ସେପଟେ ଉପରୋକ୍ତ ୨ ଅଧିକାରୀ ତଦନ୍ତକରି ଉପସ୍ଥିତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ପଟ୍ଟନାୟକଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କଠାରୁ ଭାଇରାଲ୍ ଭିଡିଓ ସମ୍ପର୍କରେ ବୁଝିଥିଲେ। ଏହି ସମୟରେ ସ୍କୁଲରେ ଲାଗି ରହିଥିବା ବାଦବିବାଦ ସମ୍ପର୍କରେ ମଧ୍ୟ ପଚାରିଥିଲେ। ଉପରୋକ୍ତ ଭିଡିଓ ଭାଇରାଲ୍ ପରେ ପ୍ରଧାନ ଶିକ୍ଷକ ପଟ୍ଟନାୟକ ଜଣେ ଛାତ୍ରଙ୍କ ପାଖରୁ ମାଟ୍ରିକ୍ ସାର୍ଟିଫିକେଟ ଦେବା ପାଇଁ ୫୦୦ ଟଙ୍କା ନେଉ ଥିବା ଭିଡିଓ ସମ୍ପର୍କରେ ମଧ୍ୟ ପଚାରିଥିଲେ। କିନ୍ତୁ ଶିକ୍ଷକ ଜଣକ ଏହା ପୁରୁଣା ଭିଡିଓ ବୋଲି କହି ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଏହିପରି ଭିଡିଓ ସ୍କୁଲ ଭିତରେ କିଏ କରି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦେଇ ଭାଇରାଲ୍ କରିଛ କହି ତାଗିଦ କରିବା ସହ ଶିକ୍ଷକ ପଟ୍ଟନାୟକଙ୍କ ଦୋଷକୁ ଏକ ପ୍ରକାର ଲୁଚାଇବା ପାଇଁ ଉଦ୍ୟମ କରିଥିଲେ। ଅନ୍ୟପକ୍ଷରେ ସ୍କୁଲରେ ଥିବା ଶିକ୍ଷୟିତ୍ରୀମାନେ କହିଥିଲେ, ଆମକୁ ଜାତିଆଣ ଆକ୍ଷେପ କରି ମାନସିକ ନିର୍ଯାତନା ଏବଂ ଦୁର୍ବ୍ୟବହାର ସମ୍ପର୍କରେ ବିଗତ ଦିନରେ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭକରି ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏଥିରେ କୌଣସି ନ୍ୟାୟ ପାଇ ନ ଥିଲୁ। ଫଳରେ ଜିଲାପାଳଙ୍କୁ ସାକ୍ଷାତକରି ସମସ୍ତ ଘଟଣା ଅବଗତ କରିଥିଲୁ ବୋଲି ଏଡିଏମ୍ ସେଠୀଙ୍କୁ କହିଥିଲେ ; ଯାହାକି ଜିଲା ଶିକ୍ଷା ଅଧିକାରୀ ଉକ୍ତ ସମସ୍ୟା ଉପରେ ଗୁରୁତ୍ୱ ନ ଦେଇ ଛାତ୍ରମାନେ ସ୍କୁଲରେ କାମ କରିବେନି ତ ଆଉ କେଉଁଠି କାମ କରିବେ କହି ଦୁର୍ନୀତିକୁ ପ୍ରଶ୍ରୟ ଦେଲା ପରି କହିଥିଲେ। କିନ୍ତୁ ଏଡିଏମ୍ ସେଠୀ ଶିକ୍ଷୟିତ୍ରୀମାନଙ୍କଠାରୁ ଏହିପରି ଘଟଣା ଶୁଣିବା ପରେ ଶିକ୍ଷକ ପଟ୍ଟନାୟକଙ୍କ ଉପରେ ବିରକ୍ତି ପ୍ରକାଶ କରି ଏପରି ଜାତିଆଣ ମନ୍ତବ୍ୟ ଦେବା ଉଚିତ ନ ଥିଲା, ସମସ୍ତେ ମିଳିମିଶି ଶିକ୍ଷାଦାନ କିପରି ସୁଚାରୁରୂପେ ହୋଇପାରିବ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ବୋଲି ତାଗିଦ କରିଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରୁ ଭାଇରାଲ ଭିଡିଓ ସମ୍ପର୍କରେ ରାଜୁଗୁଡା ହାଇସ୍କୁଲକୁ ତଦନ୍ତ କରିବାକୁ ଯାଇଥିଲୁ। ସେଠାରେ ସମସ୍ତ ବିଷୟ ବୁଝିବା ପରେ ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲୁ। ଜିଲାପାଳ ରିପୋର୍ଟକୁ ଆଧାର କରି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ନିଲମ୍ବିତ କରିଛନ୍ତି ବୋଲି ସେ କହିଥିଲେ।

No.A-174

GOVT. OF ODISHA
OFFICE OF THE SUPERINTENDING ENGINEER
JAJPUR IRRIGATION DIVISION, JAJPUR
Office Phone No. 06728-222022
Email - jpt.irrigation@gmail.com
'e'-Procurement Notice No. 05/2024-25

| | | | |
|---|---|---|---|
| 1 | Name of work | : | Embankment & Canal works |
| 2 | Total No. of Packages | : | 03 (Three Nos. of Packages only) |
| 3 | Estimated Cost | : | Varies from Rs. 82.69 Lakh to Rs. 17.08 Lakh |
| 4 | Mode of Payment of EMD (Bid Security) & Bid cost | : | The bidder shall transfer the required ammount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No. 17254/WE Dated 05.12.2017 as Mentioned in DTCN |
| 5 | Period of Completion | : | Up-to 6 (Six) Calandar Months |
| 6 | Other details as follows | | |
| | I. Procurement Officer | : | Superintending Engineer, Jajpur Irrigation Division, Jajpur |
| | II. Period of Online Bidding | : | Dt. 29.07.2024 from 10.00 Hrs. to Dt. 08.08.2024 up to 17.00 Hrs. |
| | III. Date, time & place of opening of both Technical & Financial bid for the work | : | Dt. 09.08.2024 at 11.30 Hrs. in the office of the Superintending Engineer, jajpur Irrigation Division, Jajpur |
| | IV. Date of Transparent Lottery to be Conducted (If required) | : | Dt. 16.08.2024 at 11.00 Hrs. in the office of the Superintending Engineer, jajpur Irrigation Division Jajpur |

Further details can be seen from the Govt. website www.tendersorissa.gov.in
Sd./-Superintending Engineer
Jajpur Irrigation Division
OIPR-32130/11/0007/2425

No.n-50

GOVERNMENT OF ODISHA
OFFICE OF THE DISTRICT PROJECT COORDINATOR
SARVASIKHYA AVIYAN, SAMBALPUR
E-procurement Notice
BID IDENTIFICATION No. : SSA/SBP/CIVIL/04/2024-25
E-mail - dpcsamblpur.opepa@nic.in Phone/Fax - 0663-2410834
No. 151/CW/dated. 22.07.2024

| | | | |
|---|---|---|---|
| 1 | The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Double cover System in ONLINE MODE for construction of Buildings, as detailed in the DTCN from the eligible Class of Contractors. | | |
| 2 | No. of works | : | 02 (Two) |
| 3 | Tender Cost | : | Rs. 10,000/- |
| 4 | Class of Contractor | : | "A" Class & "B" Class |
| 5 | Date and time Available in Web site & receipt of Bids | : | 12:00 Hrs of 25.07.2024 to 17:00 Hrs of 08.08.2024 |
| 6 | Date of Opening of Tender | : | 13.08.2024 at 11:30 hrs. |
| 7 | The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. | | |
| 8 | Any Corrigendum / Addendum will be displayed in the website www.tendersodisha.gov.in only | | |

Sd./-District Project Coordinator
SSA, Sambalpur
OIPR-27119/11/0001/2425

ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
OFFICE OF THE DIVISIONAL FOREST OFFICER
BALASORE WILDLIFE DIVISION
At/PO : Kuruda, Dist : Balasore, Pin - 756056, Odisha
Control Room : +91 - 9437691870 e-mail : dfowl_bls@yahoo.co.in / dfo.balasorewl@odisha.gov.in
Notice No. - 6981 Dt. : 23.07.2024

TENDER CALL NOTICE

No. MM-98: Sealed tenders are invited from the intending parties for sale of used LDPE polythene bags from different Ranges of Balasore Wildlife Division on "as is where is basis". The tender paper along with the detailed list of location of storage for lifting can be obtained from the office of the undersigned by depositing Rs. 500/- (Rupees Five hundred) only inclusive of GST which is non refundable on any working day during office hours from dt. 24.07.2024 to 12.08.2024. The last date of submission of Tender Paper is on dt. 14.08.2024 at 1.00 PM and Tender will be opened on dt. 16.08.2024 at 11.00 AM in the office of the undersigned in presence of the members of Tender Committee, Tenderers / Authorized Agents.

| Sl. No. | Lifting Point | Details of used polythene | |
|---|---|---|---|
| | | Dimension | Weight (Approx) |
| 1 | Jaleswar Range Office | 12" x 10" | 145 Kg. |
| | | 9" x 5" | 60 Kg. |
| 2 | Chandipur Range Office | 12" x 10" | 324 Kg. |
| | | 9" x 5" | 259 Kg. |
| 3 | Kuldiha Range Office | 12" x 10" | 145 Kg. |
| 4 | Nilgiri Range Office | 12" x 10" | 236 Kg. |
| 5 | Soro Range Office | 12" x 10" | 145 Kg. |
| | | Total | 1314 Kg. |

Sd./- Divisional Forest Officer
Balasore Wildlife Division, Balasore
OIPR-08036/11/0004/2425

BHUBANESWAR MUNICIPAL CORPORATION
Phone:0674-2431253, Fax:0674-2432895
E-mail:info@bmc.gov.in, dc-sanitation@bmc.gov.in, Web:bmc.gov.in
No.29947 xxxxx-II-SBAC-63/2024 Date:23.07.24

ଭୁବନେଶ୍ୱର ମହାନଗର ନିଗମ
ବିଜ୍ଞପ୍ତି

No.C-262:ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ସମସ୍ତ ନାଗରିକମାନଙ୍କୁ ଜଣାଇ ଦିଆଯାଉଛି କି ଯେ କ୍ଷେତ୍ର ପରିଦର୍ଶନ ବିବୃତି ଅନୁଯାୟୀ ଅନେକ ପରିବାର ଏବଂ ଅନୁଷ୍ଠାନ ନିଜର ପାଇଖାନାର ମଳପଙ୍କ ଏବଂ ବର୍ଜ୍ୟ ଜଳକୁ ସିଧାସଳଖ ଭାବେ ଘର ପାଖରେ ଥିବା ଡ୍ରେନ/କେନାଲ/ଖୋଲାସ୍ଥାନକୁ ନିଷ୍କାସିତ କରୁଅଛନ୍ତି, ଯାହାକି ଏକ ବେଆଇନ କାର୍ଯ୍ୟ ଅଟେ । ଏହିଭଳି ବେଆଇନ ନିଷ୍କାସନ ଦ୍ୱାରା ସ୍ଥାନୀୟ ଜଳାଶୟ ଓ ଜଳସ୍ରୋତର ଜଳ ପ୍ରଦୂଷିତ ହେଉଅଛି । ଏଣୁ ଭୁବନେଶ୍ୱର ମହାନଗର ନିଗମ ସୀମା ମଧ୍ୟରେ ଥିବା ସମସ୍ତ ବାସିନ୍ଦା, ଗୃହମାଲିକ, ଆପାର୍ଟମେଣ୍ଟ, ବ୍ୟବସାୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ବ୍ୟକ୍ତିଗତ କିମ୍ବା ଅନୁଷ୍ଠାନରୁ ନିର୍ଗତ ମଳପଙ୍କ ଏବଂ ବର୍ଜ୍ୟ ଜଳକୁ ସଠିକ ଭାବରେ ନିଜସ୍ୱ ସେପଟିକ୍ ଟାଙ୍କିକୁ ଛାଡନ୍ତୁ କିମ୍ବା ନିକଟସ୍ଥ କାର୍ଯ୍ୟକାରୀ ସ୍ୱେରେଜ ଲାଇନ ସହିତ ଆଇନ ଅନୁଯାୟୀ ସଂଯୋଗ କରନ୍ତୁ । ମନେରଖନ୍ତୁ, ପାଇଖାନାର ସେପଟିକ୍ ଟାଙ୍କି ନିର୍ମାଣ IS:2470, 1985 ଅନୁଯାୟୀ ନିର୍ମିତ ହେବା ଆବଶ୍ୟକ । ୨-୩ ବର୍ଷ ମଧ୍ୟରେ ପାଇଖାନା ସେପଟିକ୍ ଟାଙ୍କିକୁ ଯାନ୍ତ୍ରିକ ପଦ୍ଧତିରେ ନିଶ୍ଚିତଭାବେ ସଫା କରାନ୍ତୁ । ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପଞ୍ଜିକୃତ ପାଇଖାନା ଟାଙ୍କି ସଫା ଗାଡି ହିଁ ବ୍ୟବହାର କରନ୍ତୁ । ବିନା ପଞ୍ଜିକୃତ ପାଇଖାନା ଟାଙ୍କି ସଫା ଗାଡି ବ୍ୟବହାର କରିବା ନଜରକୁ ଆସିଲେ ଆଇନର ପରିସରଭୁକ୍ତ ହେବେ ।
ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଉପରୋକ୍ତ ନିୟମ ଅନୁଯାୟୀ ଆପଣମାନେ ୧୫ରୁ ଏକ ମାସ ମଧ୍ୟରେ ନିଜ ଘର ବା ଅନୁଷ୍ଠାନରେ ମଳ ପରିଚାଳନା ନିମନ୍ତେ ଉପଯୁକ୍ତ ଭାବେ ସେପ୍ଟିକ ଟାଙ୍କି ତିଆରି କରି ପାଇଖାନାର ମଳ ପାଇପ ସଂଯୋଗ କରାନ୍ତୁ । ଯଦି ଆପଣଙ୍କ ଅଞ୍ଚଳରେ ସ୍ୱେରେଜ ଲାଇନ କାର୍ଯ୍ୟକ୍ଷମ ହୋଇଅଛି ତେବେ ଏହାର ସଂଯୋଗ ନିମନ୍ତେ ନିକଟସ୍ଥ ୱାଟକୋ (WATCO) ସେକ୍ସନ ଅଫିସରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଉଅଛି ।
ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଉପରୋକ୍ତ ନିୟମର ଉଲ୍ଲଙ୍ଘନ କରିବା କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସେ ତେବେ ସମ୍ପୃକ୍ତ ବ୍ୟକ୍ତି/ ଅନୁଷ୍ଠାନକୁ ସେପ୍ଟେଜ ମ୍ୟାନେଜମେଣ୍ଟ ରେଗୁଲେସନ ବା ମଳ ପରିଚାଳନା ଆଇନ ୨୦୧୮ (୩୧ ଜାନୁଆରୀ ୨୦୧୯ରେ ଓଡ଼ିଶା ରାଜପତ୍ର ବିଜ୍ଞପ୍ତି ସଂଖ୍ୟା ୨୩୬ରେ ପ୍ରକାଶିତ ) ଏବଂ ଓଡ଼ିଶା ସହରାଞ୍ଚଳ ସେପ୍ଟେଜ ମ୍ୟାନେଜମେଣ୍ଟ ୨୦୧୬ ନିୟମାବଳୀ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଟ.୫୦୦୦/- ଜୋରିମାନା ଆଦାୟ କରାଯିବ ।

ସ୍ୱା./-କମିଶନର
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0044/2425



ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ–ଚିରାଗ ଶେଟ୍ଟି

**ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ ୧୯୦୦ ମସିହାରୁ ଆରମ୍ଭ ହୋଇଛି । ତେବେ ୧୯୨୦ରୁ ଏପର୍ଯ୍ୟନ୍ତ ପ୍ରତିଟି ଅଲିମ୍ପିକ୍ସରେ ଭାରତର ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ଆସୁଛନ୍ତି । ପ୍ୟାରିସ ଅଲିମ୍ପିକ୍ସରେ ଭାରତର ୧୧୭ ପ୍ରତିଯୋଗୀ ୧୬ କ୍ରୀଡ଼ାରେ ଭାଗ୍ୟ ପରୀକ୍ଷା କରିବେ। ଆଥଲେଟିକ୍ସରେ ସର୍ବାଧିକ ୨୯ ଏବଂ ଇକ୍ୱେଷ୍ଟ୍ରେନ, ଜୁଡୋ, ରୋଇଂ ଓ ଭାରୋତ୍ତୋଳନରେ ସର୍ବନିମ୍ନ ଜଣେ ଲେଖାଏ ପ୍ରତିଯୋଗୀ ଭାଗନେବେ। ଟୋକିଓ ଅଲିମ୍ପିକ୍ସରେ ଭାରତ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏଥର ସେହି ସଫଳତା ବଜାୟ ରଖିବାକୁ କିମ୍ବା ଅତିକ୍ରମ କରିବାକୁ ପ୍ରତିଯୋଗୀମାନଙ୍କୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ପଦକ ପାଇଁ ଭାରତର ଦାବିଦାର ୫ ପ୍ରତିଯୋଗୀ ଏବଂ ସେମାନଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନେଇ ଉପସ୍ଥାପନା...**




ଅନ୍ତିମ ପଙ୍ଘାଲ

# ପ୍ୟାରିସ୍‌ରେ ଭାରତର ଆଶା

### ଅନ୍ତିମ ପଙ୍ଘାଲ

**(ମହିଳା ୫୩ କେଜି ରେସ୍‌ଲିଂ)**

ପ୍ୟାରିସରେ ଅନ୍ତିମ ପଙ୍ଘାଲଙ୍କଠାରୁ ଭାରତର ପଦକ ଆଶା ରହିଛି। ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ଅନ୍ତିମ ମହିଳା ୫୩ କେଜି ବର୍ଗରେ ୪ର୍ଥ ସିଡ୍‌ର ମାନ୍ୟତା ପାଇଛନ୍ତି। ୨୦ ବର୍ଷରୁ କମ୍ ବର୍ଗରେ ସେ ୨ ଥର ବିଶ୍ୱ ଚାମ୍ପିୟନ ମଧ୍ୟ ହୋଇ ସାରିଛନ୍ତି। ଗତବର୍ଷ ସିନିୟର ଏସିଆନ ଚାମ୍ପିୟନଶିପ୍‌ରେ ଡେବ୍ୟୁ କରି ସେ ରୌପ୍ୟ ପଦକ ଅର୍ଜନ କରିଥିଲେ। ଏହାପରେ ବେଲଗ୍ରେଡ୍‌ରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ସଫଳତା ତାଙ୍କୁ ପ୍ରଥମ ଭାରତୀୟ ରେସଲର ଭାବେ ଅଲିମ୍ପିକ୍ସ କୋଟା ଦେଇଥିଲା। ଏସିଆନ ଗେମ୍ସରେ ମଧ୍ୟ ସେ ବ୍ରୋଞ୍ଜ ପଦକ ପାଇଥିଲେ। ଅଲିମ୍ପିକ୍ସରେ ଅନ୍ତିମଙ୍କର ସବୁଠାରୁ କଷ୍ଟସାଧ୍ୟ ପ୍ରତିଦ୍ୱନ୍ଦ୍ୱୀ ହେବେ ଆକାରି ଫୁଜିନାମି। ଏହି ୨୧ ବର୍ଷୀୟା ଜାପାନୀ ରେସଲର ଏପର୍ଯ୍ୟନ୍ତ ସିନିୟର ସର୍କିଟରେ ଗୋଟିଏ ହେଲେ ଲଢ଼େଇ ହାରିନାହାନ୍ତି। ସେ ୨ ଥର ବିଶ୍ୱ ଚାମ୍ପିୟନ ଏବଂ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ। ସେ ଅନ୍ତିମଙ୍କୁ ୨ ଥର ହରାଇ ସାରିଛନ୍ତି। ଫୁଜିନାମିଙ୍କ ବିପକ୍ଷ ଗ୍ରୁପ୍‌ରେ ରହିଥିବାରୁ ଅନ୍ତିମ ଫାଇନାଲ ପର୍ଯ୍ୟନ୍ତ ପହଞ୍ଚି ପାରନ୍ତି। ମାତ୍ର ସ୍ୱର୍ଣ୍ଣ ପଦକ ଲଢ଼େଇରେ ତାଙ୍କୁ ସମ୍ଭବତଃ ଜାପାନୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବା ଅନେକ କଷ୍ଟସାଧ୍ୟ ହେବ।

### ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ/ଚିରାଗ ଶେଟ୍ଟି

**(ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସ)**

ଭାରତୀୟ ବ୍ୟାଡ୍‌ମିଣ୍ଟନରେ ଏବେ ସବୁଠାରୁ ଚର୍ଚ୍ଚିତ ନାମ ହେଲେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି। ୨୦୨୨ରେ ଭାରତର ଐତିହାସିକ ଥୋମାସ କପ୍ ବିଜୟରେ ଏହି ଯୋଡ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଭାରତର ଏହି ଯୋଡ଼ି କେବଳ ଯେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍‌ରେ ସ୍ଥିର ପ୍ରଦର୍ଶନ ବଜାୟ ରଖି ସୁପର ୧୦୦ରୁ ଆରମ୍ଭ କରି ସୁପର ୧୦୦୦ ସ୍ତରୀୟ ପ୍ରତିଯୋଗିତା ଜିତିଛନ୍ତି ତା ନୁହେଁ, ସେମାନେ ଏପରି ସ୍ଥାନରେ ପହଞ୍ଚିଛନ୍ତି ଯେଉଁଠି କି ପୂର୍ବରୁ କୌଣସି ଭାରତୀୟ ପୁରୁଷ ଯୋଡ଼ି ପହଞ୍ଚିପାରି ନ ଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ, ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ, ଏସିଆନ ଚାମ୍ପିୟନଶିପ୍ ଟାଇଟଲ ଏବଂ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ୍ ସ୍ଥାନ ହାସଲ କରିବା ତାଙ୍କ ସଫଳତାର ଗୋଟିଏ ଲେଖାଏ ସ୍ୱର୍ଣ୍ଣିମ ଫର୍ଦ୍ଦ। ପ୍ୟାରିସରେ ଭାରତୀୟ ଯୋଡ଼ିଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେବେ ଚାଇନାର ଲିଆଙ୍ଗ ୱେଇ କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍। ଭାରତ ଓ ଚାଇନା ଯୋଡ଼ିଙ୍କ ମଧ୍ୟରେ ମୋଟ ୬ ଥର ମୁକାବିଲା ହୋଇଛି। ଏଥିରୁ ଲିଆଙ୍ଗ–ୱାଙ୍ଗ୍ ୫ ଥର ବିଜେତା ହୋଇଛନ୍ତି। ଏଥିରୁ କୌଣସି ବି ଗୋଟିଏ ମୁକାବିଲା ସିଧାସଳଖ ଗେମ୍‌ରେ ଜିତି ନ ଥିଲେ ହେଁ ପ୍ରତିଯୋଗିତା ଫ୍ରାନ୍ସରେ ହେଉଥିବାରୁ ଚାଇନା ଯୋଡ଼ି ମନସ୍ତାତ୍ତ୍ୱିକ ଫାଇଦାରେ ରହିବେ।

### ନୀରଜ ଚୋପ୍ରା

**(ପୁରୁଷ ଜାଭେଲିନ୍ ଥ୍ରୋ)**

ପ୍ୟାରିସରେ ନୀରଜ ଚୋପ୍ରା ନିଜ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଡିଫେଣ୍ଡ କରିବାକୁ ଚେଷ୍ଟା କରିବେ। ଟୋକିଓ ୨୦୨୦ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଜାପାନ ରାଜଧାନୀରେ ସେ ୮୭.୫୮ ମିଟର ଥ୍ରୋ କରି ଇତିହାସ ସୃଷ୍ଟି କରିଥିଲେ। କାରଣ ସେ ପ୍ରଥମ ଭାରତୀୟ ଭାବେ କୌଣସି ଅଲିମ୍ପିକ୍ସର ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଓଭରଅଲ୍ ତାରକା ଶୁଟର ଅଭିନବ ବିନ୍ଦ୍ରାଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ଏହାପରେ ନୀରଜ ବିଶ୍ୱ ଓ ଡାଇମଣ୍ଡ ଲିଗ୍ ଚାମ୍ପିୟନ ହେବା ସହ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲେ। ପ୍ୟାରିସରେ ନୀରଜ ଚେକ୍ ରିପବ୍ଲିକର ଜାକୁବ ଭାଡଲେଚ୍‌ଙ୍କଠାରୁ କଡ଼ା ଚ୍ୟାଲେଞ୍ଜ ପାଇବା ସମ୍ଭାବନା ରହିଛି। ୩୩ ବର୍ଷୀୟ ଭାଡଲେଚ୍ ୮୮.୩୮ ମିଟର ଜାଭେଲିନ୍ ଥ୍ରୋ କରି ଦୋହା ଡାଇମଣ୍ଡ ଲିଗ୍‌ରେ ନୀରଜଙ୍କୁ ପଛରେ ପକାଇ ଦେଇଥିଲେ। ଏହା ବ୍ୟତୀତ ସେ ୟୁରୋପିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ୮୮.୬୫ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାଡଲେଚ୍‌ଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୯୦.୮୮ ମିଟର। ନୀରଜଙ୍କର ଶ୍ରେଷ୍ଠ ପ୍ରଦର୍ଶନ ୮୯.୯୪ ମିଟର। ମାତ୍ର ଟୋକିଓରେ ନୀରଜଙ୍କ ପଛରେ ରହି ଯାଇଥିଲେ ଭାଡଲେଚ୍। ନିକଟ ଅତୀତରେ ସେ ସ୍ଥିର ପ୍ରଦର୍ଶନ ଦେଇଥିବାରୁ ପ୍ୟାରିସରେ କଡ଼ା ମୁକାବିଲା ହେବା ସମ୍ଭାବନା ରହିଛି।




ଲଭଲିନା ବୋର୍ଗୋହେନ

ମୀରାବାଈ ଚାନୁ

ନୀରଜ ଚୋପ୍ରା

### ମୀରାବାଈ ଚାନୁ

**(ମହିଳା ୪୯ କେଜି ଭାରୋତ୍ତୋଳନ)**

୨୦୨୦ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜୟୀ ମୀରାବାଈ ଚାନୁ ପ୍ୟାରିସରେ ମହିଳା ୪୯ କେଜି ଭାରୋତ୍ତୋଳନରେ ଭାରତର ଅନ୍ୟତମ ପଦକ ଦାବିଦାର। ଏକ ବର୍ଷରୁ କମ୍ ସମୟର ଘଟଣା ଯେତେବେଳକୁ ମୀରାବାଈ ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଆହତ ହୋଇ ହୁଇଲ ଚେୟାରରେ ଭାରତ ଫେରିଥିଲେ। ସ୍ପୋର୍ଟ୍ସ ଇଞ୍ଜୁରି ବିଶେଷଜ୍ଞ ଅର୍ଥୋପେଡିକ୍ ସର୍ଜନ ଡକ୍ଟର ଦିନ୍‌ଶ ପର୍ଦ୍ଦିୱାଲା ଏବଂ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ ବିଶେଷଜ୍ଞ ଆରୋନ ହୋର୍ସିଗ୍‌ଙ୍କ ଚିକିତ୍ସା ସହାୟତାରେ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଏବେ ପ୍ୟାରିସରେ ନିର୍ଭୟରେ ଟ୍ରେନିଂ କରୁଛନ୍ତି। ଟୋକିଓ ଅଲିମ୍ପିକ୍ସ ଭଳି ଫ୍ରେଞ୍ଚ୍ ରାଜଧାନୀରେ ମୀରାବାଈଙ୍କ କଡ଼ା ପ୍ରତିଦ୍ୱନ୍ଦ୍ୱୀ ହେବେ ଚାଇନାର ହୋଉ ଝିହୁଇ। ହୋଉ ହେଉଛନ୍ତି ବର୍ତ୍ତମାନର ଅଲିମ୍ପିକ୍, ବିଶ୍ୱ ଏବଂ ୨ ଥର ଏସିଆନ ଗେମ୍ସ ଚାମ୍ପିୟନ। ସେ ସ୍ନାଚ୍‌ରେ ୯୭ କେଜି ଉତ୍ତୋଳନ କରି ବିଶ୍ୱ ରେକର୍ଡର ମଧ୍ୟ ଅଧିକାରୀ ଅଛନ୍ତି। ଚଳିତ ବର୍ଷ ଫୁକେଟରେ ଅନୁଷ୍ଠିତ ବିଶ୍ୱକପରେ ସେ ଏହି ରେକର୍ଡ କରିଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ହେଲା ୧୧୭ କେଜି। ଅନ୍ୟପକ୍ଷରେ ମୀରାବାଈଙ୍କର ସ୍ନାଚ୍‌ରେ ବ୍ୟକ୍ତିଗତ ଶ୍ରେଷ୍ଠ ହେଲା ୮୮ କେଜି। ତେବେ ସେ କ୍ଲିନ୍ ଆଣ୍ଡ ଜର୍କରେ ହୋଉଙ୍କଠାରୁ ଅଧିକ ଅର୍ଥାତ୍ ୧୧୯ କେଜି ଭାରୋତ୍ତୋଳନର ରେକର୍ଡ ରଖିଛନ୍ତି।

### ଲଭଲିନା ବୋର୍ଗୋହେନ

**(ମହିଳା ୭୫ କେଜି ବକ୍ସିଂ)**

ପ୍ୟାରିସରେ ଭାରତର ଅନ୍ୟତମ ପଦକ ଆଶା ହେଉଛନ୍ତି ମହିଳା ୭୫ କେଜି ବକ୍ସିଂ ତାରକା ଲଭଲିନା ବୋର୍ଗୋହେନ। ତିନିବର୍ଷ ପୂର୍ବରୁ ଟୋକିଓ ଅଲିମ୍ପିକ୍ସରେ ସେ ପ୍ରଥମ ପଦାର୍ପଣରେ ବ୍ରୋଞ୍ଜ ପଦକ ଜିତି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ସେତେବେଳେ ସେ ୬୪–୬୯ କେଜି ବର୍ଗରେ ଅଂଶଗ୍ରହଣ କରିଥିଲେ। ବିଜେନ୍ଦର ସିଂ ଓ ଏମ୍.ସି. ମେରି କମ୍‌ଙ୍କ ପରେ ତୃତୀୟ ଭାରତୀୟ ଭାବେ ସେ ଅଲିମ୍ପିକ୍ସରେ ପଦକ ହାସଲ କରିଥିଲେ। ଏହାପରେ ସେ ମିଡିଲୱେଟ ବର୍ଗରେ ଫାଇଟ୍ କରି ସଫଳତା ପାଇ ଆସୁଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ୨୦୨୩ ଆଇବିଏ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ସେ ଚାମ୍ପିୟନ ହୋଇଥିଲେ। ଟାଇଟଲ ହାସଲ ପଥରେ ସେ ସେମିଫାଇନାଲରେ ଚାଇନାର ଲି କ୍ୱାନ୍‌ଙ୍କୁ ୪–୧ରେ ପରାସ୍ତ କରିଥିଲେ। ଏସିଆନ ଗେମ୍ସ ଫାଇନାଲରେ ପହଞ୍ଚି ଲଭଲିନା ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିଲେ। ତେବେ ସେଠାରେ ଫାଇନାଲରେ ସେ ଲି'ଙ୍କଠାରୁ ହାରିଯାଇଥିଲେ। ପ୍ୟାରିସରେ ମଧ୍ୟ ଲଭଲିନାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଲି ହୋଇପାରନ୍ତି। ଏ ଦୁଇ ଜଣଙ୍କ ମଧ୍ୟରେ ସ୍ୱର୍ଣ୍ଣ ପାଇଁ ଲଢ଼େଇ ହୋଇପାରେ।

ସେହିପରି ସମ୍ଭବତଃ କ୍ୟାରିୟରର ଶେଷ ଅଲିମ୍ପିକ୍ସ ଖେଳିବାକୁ ଯାଉଥିବା ୨ ଥର ଅଲିମ୍ପିକ୍ସ ମେଡାଲିଷ୍ଟ ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ, ଟେନିସ ଖେଳାଳି ରୋହନ ବୋପାନ୍ନା, ଟେବୁଲ ଟେନିସ ଷ୍ଟାର ଅଚନ୍ତ ଶରଥ କମଲ ଏବଂ ହକି ଗୋଲକିପର ପି.ଆର. ଶ୍ରୀଜେଶଙ୍କ ପାଇଁ ମଧ୍ୟ ପ୍ୟାରିସ ସ୍ମରଣୀୟ ରହିବା ଆଶା ରହିଛି। ଟୋକିଓରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତିଥିବାରୁ ଏଥର ଏହାଠାରୁ ଅଧିକ କିଛି ଆଶା ରଖାଯାଇଛି। ଶୁଟିଂରେ ମନୁ ଭାକର ଓ ସୌରଭ ଚୌଧାରୀ ନିକଟ ଅତୀତରେ ଭଲ ପ୍ରଦର୍ଶନ କରିଥିବାରୁ ଆଶା ସଞ୍ଚାର କରିଛନ୍ତି। ଭାରତ ଏପର୍ଯ୍ୟନ୍ତ ଅଲିମ୍ପିକ୍ସରେ ମୋଟ ୩୫ ପଦକ ହାସଲ କରିଛି। ଏବେ ଏହି ସଂଖ୍ୟାକୁ ବଢ଼ାଇବା ସମୟ ଆସିଛି।



ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ଅନୁଷ୍ଠିତ ମଶାଲ ଦୌଡ କାର୍ଯ୍ୟକ୍ରମ ଅବସରରେ ଭାରତୀୟ ଅଲିମ୍ପିକ୍ସ ଶୁଟର ଅଭିନବ ବିନ୍ଦ୍ରା(ଡାହାଣ)।

## ବୋପାନ୍ନା-ବାଲାଜୀ ଫ୍ରେଞ୍ଚ ଯୋଡ଼ିଙ୍କୁ ଭେଟିବେ

**ପ୍ୟାରିସ, ୨୫।୭ (ପି.ଟି.)**

ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ପ୍ୟାରିସ ଅଲିମ୍ପିକ୍ସରେ ପ୍ରଥମେ ଫ୍ରେଞ୍ଚ ଖେଳାଳି ମୋଟେଟ୍ କୋରେଟିନ୍‌ଙ୍କୁ ଭେଟି ତାଙ୍କ ଅଭିଯାନ ଆରମ୍ଭ କରିବେ। ଏହି ଖେଳାଳିଙ୍କୁ ସେ ଏପ୍ରିଲରେ ହରାଇ ଦେଇଥିଲେ। ସେ ଯଦି ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ଲାଭ କରନ୍ତି ତେବେ ଦ୍ୱିତୀୟ ରାଉଣ୍ଡରେ ଅଷ୍ଟ୍ରେଲିଆର ତଥା ବିଶ୍ୱର ୬ ନମ୍ବର ଖେଳାଳି ଆଲେକ୍ସ ଡି' ମିନାଉରଙ୍କ ସହ ମୁକାବିଲା କରିପାରନ୍ତି। ବିଶ୍ୱର ୮୦ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ନାଗାଲଙ୍କର ମୋଟେଟ୍‌ଙ୍କ ସହ ବିଜୟ ପରାଜୟ ରେକର୍ଡ ୨–୨ ରହିଛି, ଯିଏକି ଏଟିପି ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗରେ ତାଙ୍କଠାରୁ ୧୨ ସ୍ଥାନ ଉପରେ ରହିଛନ୍ତି। ସୂଚନାଯୋଗ୍ୟ, ହିପ୍ ଇଞ୍ଜୁରୀ ଯୋଗୁ ଡି. ମିନାଉର ଗତ ୱିମ୍ବଲଡନ ଓପନ କ୍ୱାର୍ଟରଫାଇନାଲରେ ନୋଭାକ୍ ଜୋକୋଭିଚ୍ ବିପକ୍ଷ ମ୍ୟାଚରୁ ଓହରିଯାଇଥିଲେ। ଅନ୍ୟପକ୍ଷରେ ପୁରୁଷ ଡବଲ୍ସରେ ରୋହନ ବୋପାନ୍ନା ଓ ଏନ୍. ଶ୍ରୀରାମ ବାଲାଜୀ ସେମାନଙ୍କ ପ୍ରଥମ ରାଉଣ୍ଡରେ ଫ୍ରେଞ୍ଚ ଟିମ୍ ଫାବିଏନ ରିବୋଲ ଓ ଏଡୋଆର୍ଡ ରୋଜର ଭେସ୍‌ଲିନ୍‌ଙ୍କ ସହ ମୁକାବିଲା କରିବେ। ବୋପାନ୍ନା ଅତୀତରେ ଏଟିପି ଟୁର୍‌ରେ ରୋଜର–ଭେସ୍‌ଲିନଙ୍କୁ ତାଙ୍କ ପାର୍ଟନର କରି ଖେଳିଛନ୍ତି। ଅଲିମ୍ପିକ୍ସରେ ଏକ ପଦକ ଜିତିବା ଲାଗି ବୋପାନ୍ନାଙ୍କ ପାଇଁ ଏହା ହେଉଛି ଶେଷ ସୁଯୋଗ। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ସାନିଆ ମିର୍ଜାଙ୍କ ସହ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ।



ରୋହନ ବୋପାନ୍ନା



ପ୍ୟାରିସ୍ ଅଲିମ୍ପିକ୍ସ ଉଦ୍ଘାଟନୀ ସମାରୋହ ପାଇଁ ସିନ୍ ନଦୀରେ ରିହର୍ସାଲ।



ଅଲିମ୍ପିକ୍ସ କ୍ରୀଡ଼ା ଗ୍ରାମରେ ଭାରତୀୟ ଦଳର ଓଡ଼ିଆ ହକି ତାରକା ଅମିତ ରୋହି ଦାସ।

# ଆକର୍ଷଣରେ ଲେଡି ଗାଗା, ସେଲିନ୍ ଡିଅନ, ଆୟା

ପ୍ୟାରିସ୍,୨୫।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଆୟୋଜିତ ହେବାକୁ ଯାଉଥିବା ବେଳେ ଏହାର ଉଦ୍ଘାଟନୀ ସମାରୋହ ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଥମ ଥର ପାଇଁ ମୁକ୍ତାକାଶରେ ଏକ ନଦୀ ଉପରେ ୬ କି.ମି. ଯାଏ ଏହି ଉଦ୍ଘାଟନୀ ସମାରୋହ ଅନୁଷ୍ଠିତ ହେବ। ସ୍ଥାନୀୟ ସମୟ ସନ୍ଧ୍ୟା ୭.୩୦ ତଥା ଭାରତୀୟ ସମୟ ରାତି ୧୧.୦୦ରେ ଉଦ୍ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରସିଦ୍ଧ ଥିଏଟର ନିର୍ଦ୍ଦେଶକ ଥୋମାସ ଜଲି ଏହି ମୁକ୍ତାକାଶ କାର୍ଯ୍ୟକ୍ରମରେ ସିନ୍ ନଦୀକୁ ମଞ୍ଚ ଭାବରେ ବ୍ୟବହାର କରିବେ। ସୂର୍ଯ୍ୟାସ୍ତ ସମୟରେ ଉଦ୍ଘାଟନୀ ସମାରୋହ କରାଯିବା ସହ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଫ୍ରାନ୍ସବାସୀଙ୍କୁ ସେମାନଙ୍କ ଇତିହାସ ସମ୍ପର୍କରେ ସୂଚିତ କରାଯିବ। ଉଦ୍ଘାଟନୀ ସମାରୋହରେ ଆମେରିକୀୟ ଗାୟିକା ଲେଡି ଗାଗା, କାନାଡିଆନ୍ ଗାୟିକା ସେଲିନ୍ ଡିଅନ୍ ଓ ଫ୍ରେଞ୍ଚ ମାଲିଆନ୍ ଗାୟିକା ଆୟା ନାକାମୁରା ସଙ୍ଗୀତ ପରିବେଷଣ କରିବେ ବୋଲି ଜଣାପଡିଛି।

ଖେଳାଳିଙ୍କ ପାଇଁ ଅନୁଷ୍ଠିତ ପରେଡ୍‌ରେ ଭାରତୀୟ ଖେଳାଳିଙ୍କ ନେତୃତ୍ୱ ନେବେ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ସଟଲର ପି.ଭି. ସିନ୍ଧୁ ଓ ଭେଟେରାନ୍ ଟେବୁଲ ଟେନିସ୍ ଖେଳାଳି ଅଚନ୍ତା ଶରଥ କମଲ। ଉଭୟ ନିଜ କ୍ରୀଡ଼ା ବର୍ଗର ପ୍ରଥମ ଆଥଲେଟ୍ ଭାବରେ ଧ୍ୱଜାବାହକ ହେବାର ଗୌରବ ଅର୍ଜନ କରିଛନ୍ତି। ଚଳିତ ଅଲିମ୍ପିକ୍ସ ପାଇଁ ଭାରତ ୧୧୭ ଜଣିଆ ଆଥଲେଟିକ୍ସ ଦଳ ପଠାଇଥିବା ବେଳେ ୧୬ କ୍ରୀଡ଼ା ଇଭେଣ୍ଟର ୬୯ ପଦକ ପାଇଁ ଖେଳାଳି ମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ସୁରକ୍ଷାକୁ ନେଇ ଚିନ୍ତା

ଅତୀତରେ ଫ୍ରାନ୍ସରେ ଭୟାବହ ଆକ୍ରମଣ ଘଟିଯାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ନେଇ ସାମାନ୍ୟ ଚିନ୍ତା ରହିଛି। ୨୦୧୫ରେ ଇସଲାମିକ୍ ଷ୍ଟେଟର ଆତଙ୍କବାଦୀଙ୍କ ଆକ୍ରମଣ କାରଣରୁ ୧୩୦ରୁ ଅଧିକ ଲୋକଙ୍କ ପ୍ରାଣହାନି ହୋଇଥିବା ବେଳେ ୧୦,୫୦୦ ଆଥଲେଟ ଓ ଭ୍ରମଣକାରୀ ଦର୍ଶକଙ୍କ ସୁରକ୍ଷା ବ୍ୟବସ୍ଥା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁକ୍ତାକାଶରେ ଇଭେଣ୍ଟ ଆୟୋଜନ ହେଉଥିବା ବେଳେ ସମସ୍ତଙ୍କୁ ପୂର୍ଣ୍ଣ ସୁରକ୍ଷା ଦେବା ପାଇଁ ପ୍ୟାରିସ୍ ସେନା ଛାଉଣିରେ ପରିଣତ ହୋଇଯାଇଛି। ୪୫ ହଜାର ପୋଲିସ କର୍ମୀଙ୍କ ସହିତ ୧୦ ହଜାର ମିଲିଟାରୀ ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ସାଧାରଣତଃ ଅଲିମ୍ପିକ୍ସରେ କ୍ରୀଡ଼ାଗ୍ରାମରେ ସମସ୍ତ ଇଭେଣ୍ଟ ହୋଇଥାଏ। ତେବେ ପ୍ୟାରିସ୍‌ରେ ଏହାର ବିଭିନ୍ନ ଐତିହାସିକ ସ୍ଥଳକୁ ଅସ୍ଥାୟୀ ଷ୍ଟାଡିୟମରେ ପରିଣତ କରାଯାଇଛି। ଏଭଳି ସ୍ଥାନରେ ଲୋକଙ୍କ ଭିଡ଼ ସୁରକ୍ଷା ଜନିତ ସମସ୍ୟା ସୃଷ୍ଟି କରିପାରେ। ସେହିପରି ସୁରକ୍ଷାରେ ଏଆଇର ବ୍ୟବହାର ହୋଇଥିବାରୁ ଏହାକୁ ନେଇ ମଧ୍ୟ ସାମାନ୍ୟ ଚିନ୍ତା ଜାହିର କରିଛନ୍ତି କ୍ରୀଡ଼ାପ୍ରେମୀ।

## ପ୍ରଥମ ଥର ସମାନ ସଂଖ୍ୟାରେ ମହିଳା

ଅତୀତରେ ଅଲିମ୍ପିକ୍ସକୁ ପୁରୁଷ ପ୍ରାଧାନ୍ୟ କ୍ରୀଡ଼ା ଇଭେଣ୍ଟ ଭାବରେ ବିବେଚନା କରାଯାଉଥିଲା। ୧୯୦୦ ମସିହାରେ ପ୍ୟାରିସ୍‌ରେ ଖେଳା ଯାଇଥିବା ଅଲିମ୍ପିକ୍ସରେ ୨୨ ଜଣ ମହିଳା ଆଥଲେଟ ଭାଗ ନେଇଥିଲେ। ତେବେ ଚଳିତ ବର୍ଷରେ ପ୍ରଥମ ଥର ପାଇଁ ପୁରୁଷ ଓ ମହିଳା ଖେଳାଳିଙ୍କ ସଂଖ୍ୟା ସମାନ ରହିଛି। ୫୨୫୦ ଜଣ ଲେଖାଏ ପୁରୁଷ ଓ ମହିଳା ଖେଳାଳି ଏଥର ଭାଗ ନେଉଛନ୍ତି।



ସେଲିନ୍ ଡିଅନ୍ ଓ ଲେଡି ଗାଗା

## ସିନ୍ଧୁ, ଶରଥ ତ୍ରିରଙ୍ଗା ବାହକ



ଅଚନ୍ତ ଶରଥ କମଲ ଓ ପି.ଭି. ସିନ୍ଧୁ।

# ବଳାତ୍କାରୀଙ୍କୁ ଶୁଭେଚ୍ଛା ଜଣାଇ ଅଡୁଆରେ ପଉଲା



ପ୍ୟାରିସ୍,୨୫।୭(ପି.ଟି.)

ପୂର୍ବତନ ମାରାଥନ ବିଶ୍ୱ ଚାମ୍ପିୟନ ପଉଲା ରେଡକ୍ଲିଫ୍ ଜଣେ ବଳାତ୍କାରୀ ଅଭିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ ଅଡୁଆରେ ପଡିଛନ୍ତି। ନେଦରଲାଣ୍ଡର ବିଚ୍ ଭଲିବଲ ଖେଳାଳି ଷ୍ଟିଭେନ୍ ଭାନ୍ ଡି ଭେଲ୍‌ଡେଙ୍କୁ ଶୁଭେଚ୍ଛା ଜଣାଇ ବିବିସିରେ ଆଙ୍କର ଭାବରେ କାମ କରୁଥିବା ପଉଲାଙ୍କୁ ସମାଲୋଚନାର ଶିକାର ହୋକୁ ପଡିଛି। ୨୦୧୬ ମସିହାରେ ଜଣେ ବ୍ରିଟିଶ ନାବାଳିକାକୁ ବଳାତ୍କାର କରିଥିଲେ ଷ୍ଟିଭେନ୍ ଭାନ୍ ଡି ଭେଲ୍‌ଡେ। ଫେସ୍‌ବୁକ୍‌ରେ ପରିଚୟ ପରେ ଷ୍ଟିଭେନ୍ ବାଳିକା ଜଣଙ୍କୁ ଭେଟିବାକୁ ୟୁକେ ଯାଇଥିଲେ। ସେଠାରେ ନାବାଳିକା ଜଣଙ୍କୁ ବଳାତ୍କାର କରିବା ପରେ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଷ୍ଟିଭେନ୍ ନିଜର ଦୋଷ ସ୍ୱୀକାର କରିବା ପରେ ତାଙ୍କୁ ୪ ବର୍ଷର କାରାଦଣ୍ଡ ମିଳିଥିଲା। ତେବେ ମାତ୍ର ବର୍ଷେ ଜେଲ୍‌ରେ ବିତାଇବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା। ଜୁନ୍ ମାସରେ ୨୯ ବର୍ଷୀୟ ଷ୍ଟିଭେନ୍‌ଙ୍କୁ ଡଚ୍ ବିଚ୍ ଭଲିବଲ ଦଳରେ ସ୍ଥାନ ମିଳିଥିଲା। ବିବିସିର ଏକ କାର୍ଯ୍ୟକ୍ରମରେ ପଉଲା ରେଡକ୍ଲିଫ୍ କହିଥିଲେ ଷ୍ଟିଭେନ୍‌ଙ୍କୁ ଦୁଇ ଥର ଦଣ୍ଡିତ କରାଯିବା ଭୁଲ ଜିନିଷ। ସେ ପରିଶ୍ରମ କରି ଅଲିମ୍ପିକ୍ସ ଦଳରେ ସ୍ଥାନ ପାଇଛନ୍ତି। କ୍ରୀଡାର ଶୀର୍ଷତମ ସୋପନରେ ପହଞ୍ଚିଥିବା କାରଣରୁ ମୁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି କହିଥିଲେ ପଉଲା। ଏହି ଘଟଣା ପରେ ସୋସିଆଲ ମିଡିଆରେ ପଉଲାଙ୍କୁ ସମାଲୋଚନା କରାଯାଇଥିଲା। ଜଣେ ବଳାତ୍କାରୀକୁ କିଭଳି ଡିଫେଣ୍ଡ କରୁଛନ୍ତି ବୋଲି ପ୍ରଶ୍ନ ହୋଇଥିଲା। ପରେ ପଉଲା ପୋଷ୍ଟ କରି କ୍ଷମା ପ୍ରାର୍ଥନା କରିଛନ୍ତି।

# କୋରିଆ ଖେଳାଳିଙ୍କୁ ଟ୍ରେନିଂ ଦେଇ ବିବାଦରେ ଅଷ୍ଟ୍ରେଲିଆ କୋଚ୍

ପ୍ୟାରିସ୍,୨୫।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ଅଷ୍ଟ୍ରେଲିଆର ଜଣେ ସୁଇମିଂ କୋଚ୍ ସମାଲୋଚନାର ଶିକାର ହୋଇଛନ୍ତି। ନିଜ ଦଳର ଖେଳାଳିଙ୍କୁ ପ୍ରଶିକ୍ଷଣ ନ ଦେଇ କୋରିଆ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଇ ବିବାଦ ଘେରକୁ ଆସିଛନ୍ତି କୋଚ୍ ମାଇକେଲ୍ ପାଲଫ୍ରେ। ଏହି ଘଟଣାକୁ ଅଷ୍ଟ୍ରେଲିଆ ମୁଖ୍ୟ କୋଚ୍ ରୋହନ ଟେଲର ନିନ୍ଦା କରିଛନ୍ତି। ଏପରିକି ମାଇକେଲଙ୍କ ଏଭଳି ମନୋଭାବ ପାଇଁ ତାଙ୍କୁ ଅଷ୍ଟ୍ରେଲିଅ ପଠାଯିବ ବୋଲି ମଧ୍ୟ କହିଛନ୍ତି। ଶନିବାର ଲା ଡିଫେନ୍ସ ଆରେନାରେ ସନ୍ତରଣ ପ୍ରତିଯୋଗିତା ଆରମ୍ଭ ହେବ। ଏହା ପୂର୍ବରୁ ମାଇକେଲଙ୍କୁ ଦେଶକୁ ପଠାଇ ଦିଆଯାଇପାରେ। ଆମ ଦେଶର କୋଚ୍ ହୋଇ ଅନ୍ୟ ଦେଶର ଆଥଲେଟଙ୍କୁ ପ୍ରାଥମିକତା ଦେବା ଅତ୍ୟନ୍ତ ଅଣ ପ୍ରଫେଶନାଲ ବୋଲି ସେ କହିଛନ୍ତି। ୪୦୦ ମିଟରରେ ବିଶ୍ୱ ଚାମ୍ପିୟନ କୋରିଆର କିମ୍ ଉ ମିନ୍‌ଙ୍କୁ ମାଇକେଲ ପୂର୍ବରୁ ପ୍ରଶିକ୍ଷଣ ଦେଉଥିଲେ। ଏକ କୋରିଆନ୍ ଚ୍ୟାନେଲକୁ ସାକ୍ଷାତକାର ଦେବା ସମୟରେ ସେ କହିଥିଲେ ଟୁର୍ନାମେଣ୍ଟର ପ୍ରଥମ ଦିନରେ କିମ୍ ସ୍ୱର୍ଣ୍ଣ ପଦକ ଜିତନ୍ତୁ ବୋଲି ସେ ଆଶା କରନ୍ତି ବୋଲି କହିଥିଲେ। ଏହା ସହିତ ହେଲ୍ କୋରିଆ ବୋଲି ମଧ୍ୟ କହିଥିଲେ। ଏହି ଘଟଣା ପରେ ମାଇକେଲ କ୍ଷମା ପ୍ରାର୍ଥନା ମଧ୍ୟ କରିଛନ୍ତି। ତେବେ ସେ ଦଳ ସହିତ ରହିବେ କି ନାହିଁ ଖେଳାଳିମାନଙ୍କ ସହ ଆଲୋଚନା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ରୋହନ୍।

# ମହିଳା, ପୁରୁଷ ରିକର୍ଭ ଦଳ କ୍ୱାର୍ଟରରେ

ପ୍ୟାରିସ, ୨୫।୭ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ତୀରନ୍ଦାଜ ଦଳ ଚମତ୍କାର ଆରମ୍ଭ କରିଛି। ଗୁରୁବାର ଉଭୟ ମହିଳା ଓ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ଥର ଅଲିମ୍ପିକ୍ସରେ ଭାଗ ନେଇଥିବା ଅଙ୍କିତା ଭକତ ବ୍ୟକ୍ତିଗତ ମହିଳା ରିକର୍ଭ ପ୍ରତିଯୋଗିତାରେ ଭାରତୀୟଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ ସହ ୧୧ଶ ସ୍ଥାନ ଅଧିକାର କରିଥିବା ବେଳେ ଟିମ୍ ଇଭେଣ୍ଟରେ ୪ର୍ଥ ସ୍ଥାନ ସହ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ୨୬ବର୍ଷୀୟା ଅଙ୍କିତା ୬୬୬ ପଏଣ୍ଟ ସହ ଭାରାତୀୟ ମହିଳାଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ତାଙ୍କ ପଛକୁ ଭଜନ କୌର (୬୫୯ ପଏଣ୍ଟ ସହ ୨୨ତମ ସ୍ଥାନ) ଏବଂ ଦୀପିକା କୁମାରୀ (୬୫୮ ପଏଣ୍ଟ ସହ ୨୩ତମ ସ୍ଥାନ) ରହିଥିଲେ। ଟିମ୍ ଇଭେଣ୍ଟରେ ଭାରତ ୧୯୮୩ ପଏଣ୍ଟ ସ୍କୋର କରି ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଦକ୍ଷିଣ କୋରିଆ ୨୦୪୬ ପଏଣ୍ଟ ସହ ଷ୍ଟାଣ୍ଡିଂର ଶୀର୍ଷରେ ରହିଥିବା ବେଳେ ଚାଇନା ଦ୍ୱିତୀୟ ଓ ମେକ୍ସିକୋ ତୃତୀୟ ସ୍ଥାନ ଅଧିକାର କରିଥିଲା। ଷ୍ଟାଣ୍ଡିଂ ଶ୍ରେଷ୍ଠ ୪ ଦଳ ସିଧାସଳଖ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୫ମରୁ ୧୨ତମ ସ୍ଥାନରେ ରହିଥିବା ଦଳଗୁଡ଼ିକ ମଧ୍ୟରେ ପ୍ରି-କ୍ୱାର୍ଟର ଅନୁଷ୍ଠିତ ହେବ। ଭାରତ କ୍ୱାର୍ଟରଫାଇନାଲରେ ଫ୍ରାନ୍ସ ଓ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବାକୁଥିବା ମ୍ୟାଚର ବିଜେତା ସହ ଖେଳିବ। ଭାରତ କ୍ୱାର୍ଟରଫାଇନାଲ ଜିତିଲେ ସେମିଫାଇନାଲରେ ହେଭିୱେଟ୍ କୋରିଆ ସହିତ ମୁକାବିଲା କରିବ। ୩ବର୍ଷ ପୂର୍ବେ କୋରିଆ ମହିଳା ଦଳ ଅଲିମ୍ପିକ୍ସରେ କ୍ରମାଗତ ୯ମ ଥର ପଦକ ଜିତି ଅବିସ୍ମରଣୀୟ ରହିଛି। ବ୍ୟକ୍ତିଗତ ବିଭାଗରେ କୋରିଆର ଲିମ୍ ଶିୟନ ୬୯୪ ସ୍କୋର କରି ବିଶ୍ୱ ରେକର୍ଡ ସହ ଷ୍ଟାଣ୍ଡିଂର ଶୀର୍ଷ ସ୍ଥାନରେ ରହିଥିବା ବେଳେ ତାଙ୍କ ଦେଶର ସୁୟନ ନାମ୍ (୬୮୮) ଦ୍ୱିତୀୟ ଏବଂ ଚାଇନାର ୟାଙ୍ଗ ଜିଆଓଲେଇ (୬୭୩) ତୃତୀୟ ହୋଇଥିଲେ। ସପ୍ଲାନେଡ୍ ଡେସ୍ ଇନ୍‌ଭାଲିଡେସ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଦଳ ଟପ୍-୪ ମଧ୍ୟରେ ଫିନିଶ କରିଛି। ଧୀରଜ ବୋମ୍ମାଦେବରା, ତରୁରଦୀପ ରାୟ ଓ ପ୍ରବୀଣ ଜାଦବଙ୍କ ଦଳ ଚମତ୍କାର ପ୍ରଦର୍ଶନ କରି ୨୦୧୩ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲା। ଦକ୍ଷିଣ କୋରିଆ ୨୦୪୯ ପଏଣ୍ଟ ସହ ପ୍ରଥମ ସ୍ଥାନରେ ଥିବା ବେଳେ ଫ୍ରାନ୍ସ ୨୦୨୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିଲା। ଅନ୍ୟ ପକ୍ଷରେ ଚାଇନା ୧୯୯୮ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ସେହିପରି ବ୍ୟକ୍ତିଗତ ପ୍ରଦର୍ଶନକୁ ଦୃଷ୍ଟିରେ ରଖିଲେ ଧୀରଜ ବୋମ୍ମାଦେବରା ୬୮୧ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ତରୁଣଦୀପ ରାୟ ୬୭୪ ପଏଣ୍ଟ ସହ ୧୪ ତମ ସ୍ଥାନ ହାସଲ କରିଥିବା ବେଳେ ଅନ୍ୟତମ ଭାରତୀୟ ପ୍ରବୀଣ ଯାଦବ ୬୫୮ ପଏଣ୍ଟ ସହ ୩୯ନମ୍ବର ସ୍ଥାନରେ ରହିଛନ୍ତି।

ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଚାଇନିଜ୍ ତାଇପେ, ଗ୍ରେଟ୍ ବ୍ରିଟେନ୍, ତୁର୍କୀ, କଲମ୍ବିଆ, ଇଟାଲୀ, କାଜାଖସ୍ତାନ, ଜାପାନ ଓ ମେକ୍ସିକୋ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ତୁର୍କୀ ଓ କଲମ୍ବିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ବିଜେତାକୁ ଭାରତ କ୍ୱାର୍ଟର ଫାଇନାଲରେ ଭେଟିବ। ପୁରୁଷ ଖେଳାଳିଙ୍କ ମଧ୍ୟରେ ଧୀରଜ ସର୍ବାଧିକ ୬୮୧ ପଏଣ୍ଟ ସ୍କୋର କରିଥିବା ବେଳେ ମହିଳା ଖେଳାଳିଙ୍କ ମଧ୍ୟରେ ଅଙ୍କିତା ଭକତ ୬୬୬ ପଏଣ୍ଟ ସ୍କୋର କରିଛନ୍ତି। ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତୀୟ ଦଳ ୧୩୪୭ ପଏଣ୍ଟ ଅର୍ଜନ କରି ପଞ୍ଚମ ସ୍ଥାନରେ ରହିଛି।







ଗୁରୁବାର ଆର୍ଚେରୀ ପ୍ରତିଯୋଗିତା ଅବସରରେ ଭାରତର ଦୀପିକା କୁମାରୀ, ଭଜନ କୌର ଏବଂ ପୁରୁଷ ଦଳର ସଦସ୍ୟମାନେ।

# ଉପହାର ଦେଇ ପାଲେଷ୍ଟାଇନ ଦଳକୁ ସ୍ୱାଗତ

ପ୍ୟାରିସ, ୨୫।୭ (ଏପି)

ଅଲିମ୍ପିକ୍ସରେ ଭାଗ ନେବାଲାଗି ପାଲେଷ୍ଟାନର ଆଥଲେଟମାନେ ଗୁରୁବାର ପ୍ୟାରିସରେ ପହଞ୍ଚିଛନ୍ତି। ବିମାନ ବନ୍ଦରରେ ସେମାନଙ୍କୁ ଉପହାର ଓ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଛି। ଯୁଦ୍ଧଗ୍ରସ୍ତ ଗାଜାରୁ ପ୍ରତିନିଧିତ୍ୱ କରିବା ଲାଗି ସେମାନେ ପ୍ରସ୍ତୁତ ହୋଇ ଆସିଛନ୍ତି। ଇସ୍ରାଏଲ-ହମାସ ଯୁଦ୍ଧରେ ୩୯,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟେନୀୟଙ୍କ ପ୍ରାଣହାନୀ ଘଟିଥିବା କୁହାଯାଉଛି। ଆଥଲେଟମାନଙ୍କୁ ସ୍ୱାଗତ କରିବା ଲାଗି ପ୍ୟାରିସର ମୁଖ୍ୟ ବିମାନ ବନ୍ଦରରଠାରେ ବହୁ ସଂଖ୍ୟାରେ ପାଲେଷ୍ଟେନୀୟ ଉପସ୍ଥିତ ଥିଲେ। ସମଗ୍ର ଅଞ୍ଚଳ ପାଲେଷ୍ଟାଇନ ପତାକାମୟ ହୋଇଉଠିଥିଲା। ଭିଡ଼ରେ ଉପସ୍ଥିତ ଥିବା ଆଥଲେଟଗଣ, ଫ୍ରେଞ୍ଚ ସମର୍ଥକ ଓ ରାଜନେତାଗଣ ପାଲେଷ୍ଟାଇନ ରାଷ୍ଟ୍ରକୁ ସ୍ୱୀକୃତି ଦେବା ଲାଗି ୟୁରୋପୀୟ ରାଷ୍ଟ୍ର ସମୂହଙ୍କୁ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟ କେତେକ ମାନବିକତା ଓ ଯୁଦ୍ଧ ଅପରାଧ ପାଇଁ ଇସ୍ରାଏଲକୁ ଦାୟୀ କରିଥିଲେ। ଅଲିମ୍ପିକ୍ସରେ ଏହି ଦେଶ ଉପସ୍ଥିତିକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସାଉଦି ଆରବରେ ଜନ୍ମ ଗ୍ରହଣ କରିଥିବା ୟାଜାନ ଅଲ୍ ବାୱାବ ନାମକ ଜଣେ ୨୪ ବର୍ଷୀୟ ପାଲେଷ୍ଟାନିଆନ ସନ୍ତରଣକାରୀ କହିଥିଲେ, ଫ୍ରାନ୍ସ ପାଲେଷ୍ଟାଇନୁ ସ୍ୱୀକୃତି ଦେଉନାହିଁ। ସେ ପତାକା ଦେଖାଇବା ଲାଗି ଏଠାକୁ ଆସିଛନ୍ତି। ଆମକୁ ମଣିଷ ଭଳି ଦେଖୁ ନାହାନ୍ତି। ଏଠାରେ ଖେଳିବାକୁ ଆସିବା ଦ୍ୱାରା ଆମେ ସେମାନଙ୍କ ଭଳି ବୋଲି ଲୋକେ ଅନୁଭବ କରିବେ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୬/୨୦୨୪ Bhubaneswar, Friday, July 26/ 2024

# ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୨୫।୭ (ତପନ ସ୍ୱାଇଁ)**

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ୧୩ଶ ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍ ଗୁରୁବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ବ୍ୟକ୍ତିଗତ ୫୦ ମିଟର ରାଇଫଲ ପ୍ରୋନ୍ ଚାମ୍ପିୟନଶିପ୍‌ରେ କଣିକା ପ୍ରଧାନ ପ୍ରଥମ, ସ୍ୱେତା ସାହୁ ଦ୍ୱିତୀୟ ଓ ଅନ୍ୱେଷା ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୫୦ ମିଟର ରାଇଫଲ ପ୍ରୋନ୍ ପୁରୁଷ ଓପନ ସାଇଟ୍‌ରେ ବିନୟ କୁମାର ଆଚାର୍ଯ୍ୟ, ଧର୍ମେନ୍ଦ୍ର ସାହୁ ଓ ଅରବିନ୍ଦ ସାହୁ ଯଥାକ୍ରମେ ପ୍ରଥମରୁ ୩ୟ ହୋଇଛନ୍ତି। ସେହିପରି ୫୦ ମିଟର ରାଇଫଲ ୩ପି ପ୍ରୋନ୍ ପୁରୁଷ ଓପନ ସାଇଟ୍‌ରେ ଧର୍ମେନ୍ଦ୍ର ସାହୁ ଓ ଅରବିନ୍ଦ ସାହୁ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ଶୁକ୍ରବାର ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ପ୍ରତିଯୋଗିତା ହେବ। ୨୭ ଓ ୨୮ ତାରିଖରେ ଉତ୍କଳ କରାଟେ ସ୍କୁଲରେ ଏୟାର ରାଇଫଲ ଓ ଏୟାର ପିସ୍ତଲ ଇଭେଣ୍ଟ ଅନୁଷ୍ଠିତ ହେବ।



ଶୁଟିଂ ଚାମ୍ପିୟନଶିପ୍ ଅବସରରେ ପ୍ରତିଯୋଗୀମାନେ।

# ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ସମ୍ମାନ ପ୍ରଦାନ




ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ସମ୍ମାନ ପ୍ରଦାନ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୫।୭ (ବିଜୟ ରଣା)**

ପୁରୀର ପ୍ରଥମ କୁସ୍ତିଗୁରୁ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଉଦୀୟମାନ କ୍ରୀଡ଼ାବିତ୍ ଓ କ୍ରୀଡ଼ା ଗୁରୁଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମୁକୁନ୍ଦ ବରାଳ ସ୍ମାରକୀ ପକ୍ଷରୁ ନବମ ଏମ୍.ବି. ମେମୋରିଆଲ କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ବିଧୁଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପୁରସ୍କାର କ୍ରୀଡ଼ାବିତ୍‌ଙ୍କୁ ଆଗକୁ ବଢିବା ଲାଗି ପ୍ରୋତ୍ସାହିତ କରିଥାଏ। ରାଜ୍ୟ ସରକାର କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଚଳିତ ବଜେଟରେ ୧୩୦୦କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଉପସଭାପତି ପଙ୍କଜଲୋଚନ ମହାନ୍ତି, ଭାଜପା ନେତା ସମୀର ମହାନ୍ତି, ଜଗନ୍ନାଥ ପ୍ରଧାନ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ପୁତ୍ର ନବକିଶୋର ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ଉଦୀୟମାନ ଆଥଲେଟ ସୁଶ୍ରୀ ସୁନିତା ସାନ୍ତା,ମିନିଗଲ୍ଫ କ୍ରୀଡାରେ ଆଶାତୀତ ସଫଳତା ପାଇଁ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଶଟପୁଟ୍‌ରେ ଅଂଶିକା ରାଉତରାୟ, କରାଟେରେ ଶୁଭକାନ୍ତ ବିଶ୍ୱାଳ ଓ ଫୁଟବଲ ପାଇଁ ଆଲୋକ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ାବିତ୍ ସୃଷ୍ଟି କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି କ୍ରୀଡ଼ାଗୁରୁ ସମ୍ମାନ ପ୍ରଦାନ କରାଯାଇଥିଲା। କୁସ୍ତି ଗୁରୁ ଭାବେ ଶ୍ୟାମସୁନ୍ଦର ମହାପାତ୍ର, ଜୁଡ଼ୋ କୋଚ୍ ପ୍ରଦ୍ୟୁମ୍ନ ବେହେରା, ମହିଳା ଫୁଟ୍‌ବଲ କୋଚ୍ ଅବଦୁଲ କରିମ ଖାନ୍, ରଗ୍‌ବୀ କୋଚ୍ ଉପେନ୍ଦ୍ର କୁମାର ମହାନ୍ତି ଓ ଭଲିବଲ କୋଚ୍ ଦିବ୍ୟରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ସଦସ୍ୟ ନିର୍ମାଲ୍ୟ ବରାଳ, କୈବଲ୍ୟ ବରାଳ, ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଦିଲୀପ ଦାସ ଓ ଅଜିତ କୁମାର ଉପସ୍ଥିତ ଥିଲେ। ଶେଷରେ ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଭର୍ସ କ୍ଲବ, ମଙ୍ଗଳା କ୍ଲବ ବିଜୟୀ

**ଭୁବନେଶ୍ୱର, ୨୫।୭ (ସରୋଜ ଜେନା):** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏମ୍‌ଜିଏମ୍ ଫାଓ ଲିଗରେ ଗୁରୁବାର ରୋଭର୍ସ କ୍ଲବ୍ ଓ ମଙ୍ଗଳା କ୍ଲବ ବିଜୟୀ ହୋଇଛନ୍ତି। ବାରବାଟୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ରୋଭର୍ସ କ୍ଲବ୍ ୬-୦ ଗୋଲରେ ରାଧାରମଣକୁ ପରାସ୍ତ କରିଥିଲା। ରୋଭର୍ସ ପକ୍ଷରୁ ରାହୁଲ ମୁଖୀ(୪୯, ୬୬), ମହେଶ ହାଂସଦା(୬), ପଙ୍କଜ ସୋନା(୫୭), ରୋଶନ୍ ପାନ୍ନା(୪୦) ଓ ସୁରେଶ ଖାଡିଆ(୬୦) ମିନିଟରେ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ୩-୦ ଗୋଲରେ ଓଡ଼ିଶା ପୋଲିସକୁ ହରାଇଛି। ମଙ୍ଗଳା କ୍ଲବ ପକ୍ଷରୁ ରାମଜାନ ମୁଣ୍ଡା(୧୫), ପପୁ ମାଝୀ(୪୨) ଓ ଅବିନାଶ ମୁଦୁଲି(୯୦+୪) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

## ଥୁସାରାଙ୍କ ସ୍ଥାନରେ ମଦୁସାନକା

**ପାଲିକେଲ, ୨୫।୭ (ପି.ଟି.):** ଶନିବାରଠାରୁ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ଆଗାମୀ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜରୁ ଶ୍ରୀଲଙ୍କା ପେସ୍ ବୋଲର ନୁୱାନ ଥୁସାରା ବାଦ୍ ପଡ଼ିଛନ୍ତି। ବୁଧବାର ଟ୍ରେନିଂ ବେଳେ ତାଙ୍କର ଗୋଟିଏ ଆଙ୍ଗୁଠିରେ ଆଘାତ ଲାଗିଛି। ଯଦିଓ ତାଙ୍କର ଅଣ ବୋଲିଂ ହାତରେ ଆଘାତ ଲାଗିଛି।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ